୫୬
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୭/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 7/2019 | ★★★★
୪୬ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

■ହାଇଦ୍ରାବାଦ ମାମଲାରେ ପୋଲିସର ଅପ୍ରତ୍ୟାଶିତ କାର୍ଯ୍ୟାନୁଷ୍ଠାନ

# ଯେଉଁଠି ବଳାତ୍କାର, ସେଇଠି ଏନ୍‌କାଉଣ୍ଟର



ଏନ୍‌କାଉଣ୍ଟର ସ୍ଥଳରେ ଦେଖଣାହାରୀ। (ଇନ୍‌ସେଟ୍‌ରେ) ମୃତ ଅଭିଯୁକ୍ତମାନେ।

- ■ ପୋଲିସ ଗୁଳିରେ ୪ ଅଭିଯୁକ୍ତ ମୃତ
- ■ ଏନ୍‌କାଉଣ୍ଟରକୁ ନେଇ ଉଠିଲା ପ୍ରଶ୍ନ
- ■ ଏନ୍‌ଏଚ୍‌ଆର୍‌ସି ଦେଲେ ତଦନ୍ତ ନିର୍ଦ୍ଦେଶ

**ହାଇଦ୍ରାବାଦ/ନୂଆଦିଲ୍ଲୀ, ୬।୧୨(ପି.ଟି./ଆଇଏଏନ୍‌ଏସ୍)**

ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା କରି ମୃତଦେହକୁ ଜାଳିଦେବା ଘଟଣାକୁ ୧୦ ଦିନ ପୂରିନାହିଁ। ଏହି ମାମଲାରେ ଗିରଫ ହୋଇଥିବା ସମସ୍ତ ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ଭୋର ସମୟରେ ସାଇବରାବାଦ ପୋଲିସ ଏନ୍‌କାଉଣ୍ଟର କରିଛି। ଯେଉଁଠି ଗଣବଳାତ୍କାର କରାଯାଇଥିଲା, ସେଇଠି ଏନ୍‌କାଉଣ୍ଟର କରାଯିବା ଖବର ☞ପୃଷ୍ଠା-୪

ପୋଲିସ କମିଶନର ଭି. ସି. ସଜ୍ଜନାର କହିଲେ

## ଆତ୍ମରକ୍ଷା ପାଇଁ କାର୍ଯ୍ୟାନୁଷ୍ଠାନ

**ହାଇଦ୍ରାବାଦ, ୬।୧୨(ପି.ଟି.)**

ହାଇଦ୍ରାବାଦ ଏନ୍‌କାଉଣ୍ଟରକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିବାବେଳେ ଏହାର ନେତୃତ୍ୱ ନେଇଥିବା ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନାର ଏ ସମ୍ପର୍କରେ ଗଣମାଧ୍ୟମରେ ନିଜ ବକ୍ତବ୍ୟ ରଖିଛନ୍ତି। ଏନ୍‌କାଉଣ୍ଟର ସମ୍ପର୍କରେ ସଜ୍ଜନାର କହିଛନ୍ତି, ପୋଲିସ ଆତ୍ମରକ୍ଷା ପାଇଁ ଏନ୍‌କାଉଣ୍ଟର କରିଛି। ୧୦ ଜଣିଆ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କରୁଥିଲା। ୨ ଜଣ ଅଭିଯୁକ୍ତ ପୋଲିସର ବନ୍ଧୁକ ଛଡ଼ାଇନେଇ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ମୁଖ୍ୟ ଅଭିଯୁକ୍ତ ମହମ୍ମଦ ଆରିଫ ପ୍ରଥମେ ଗୁଳି କରିଥିଲେ। ଅନ୍ୟମାନେ ଟେକା ଓ ବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ସବ୍‌ଇନ୍‌ସ୍ପେକ୍ଟର ଓ ଜଣେ କନଷ୍ଟେବଳଙ୍କ ମୁଣ୍ଡରେ ଆଘାତ ଲାଗିଛି। ପୋଲିସ ପ୍ରଥମେ ସଂଯମ ରହିଥିଲା ଏବଂ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲା। ହେଲେ ସେମାନେ ଶୁଣି ନ ଥିଲେ। ଅଭିଯୁକ୍ତମାନଙ୍କ ହାତରେ ହ୍ୟାଣ୍ଡକଫ୍ ନ ଥିବାରୁ ସେମାନେ ପୋଲିସର ଅସ୍ତ୍ର ଛଡ଼ାଇନେବାରେ ସକ୍ଷମ ହୋଇଥିଲେ। ଆକ୍ରମଣର ଜବାବ ଦେବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୪ ଅଭିଯୁକ୍ତ ଟଳିପଡ଼ିଥିଲେ ବୋଲି ସଜ୍ଜନାର କହିଛନ୍ତି।

# ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାରଠାରୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ୨ଟି ସାଧାରଣ ସଭାରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖୋର୍ଦ୍ଧାରେ ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ କରିବେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେବେ। ଶନିବାର ସନ୍ଧ୍ୟା ୭ଟା ୩୦ରେ ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସିଧାସଳଖ ରାଜଭବନ ଯାଇ ରାତ୍ରିଯାପନ କରିବେ। ରବିବାର ପୂର୍ବାହ୍ନ ୯ଟା ୩୦ରେ ଖୋର୍ଦ୍ଧା ଗସ୍ତ କରିବେ। ବରୁଣେଇ ପାହାଡ଼ସ୍ଥଳରେ ପୂର୍ବାହ୍ନ ୧୦ଟା ୩୦ରେ ରାଷ୍ଟ୍ରପତି ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସେଠାରୁ କାର୍ଯ୍ୟକ୍ରମ ସାରି ଅପରାହ୍ନ ୧୨ଟା ୪୦ରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମ ସାରିବା ପରେ ରାଜଭବନକୁ ଆସି ଅପରାହ୍ନ ୫ଟାରେ ରାଷ୍ଟ୍ରପତି କୋବିନ୍ଦ ନୂଆଦିଲ୍ଲୀ ଅଭିମୁଖେ ବିମାନଯାତ୍ରା କରିବେ। ☞ପୃଷ୍ଠା-୪



ରାମନାଥ କୋବିନ୍ଦ

**ଆଜିର ସମ୍ପାଦକୀୟ**

## ଦୁଇଟି ଦୋଷ

Vencobb Fresh Chicken
06.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 78 | 129 | 139 |
| BHM | 74 | 124 | 134 |

*Conditions Apply
Issued in the Interest of Consumers




# ହଲ୍‌ମାର୍କକୁ ବାଧ୍ୟତାମୂଳକ କରାଯାଉ : ଲାଲ୍‌ଚାନ୍ଦ









ସୁନା ଅଳଙ୍କାରର ହଲ୍‌ମାର୍କିଂକୁ ଆସନ୍ତା ଜାନୁଆରୀରୁ ବାଧ୍ୟତାମୂଳକ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ତରଫରୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାର୍‌ମ୍ୟାନ୍ ଶ୍ରୀ ସଂଜୟ ହଂସ କହିଲେ - "ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ହଲ୍‌ମାର୍କ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇନାହିଁ। ଯାହାଫଳରେ ବେଳେବେଳେ ଅଳଙ୍କାରର ଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠୁଛି। ତେଣୁ ଏହି ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଗଲେ, ଆଉ ଗ୍ରାହକମାନଙ୍କ ମନରେ ଏ ନେଇ ସନ୍ଦେହ ସୃଷ୍ଟି ହେବ ନାହିଁ। ଆମେ ଓଡ଼ିଶାରେ ପ୍ରଥମେ ହଲ୍‌ମାର୍କ ଅଳଙ୍କାର ବିକ୍ରୟ ଆରମ୍ଭ କରିଥିଲୁ। ଏବଂ ଲୋକଙ୍କୁ ମଧ୍ୟ ସଚେତନ କରାଇଥିଲୁ କେବଳ ହଲ୍‌ମାର୍କ ଚିହ୍ନ ଦେଖି ଅଳଙ୍କାର କିଣିବାକୁ। କାରଣ ସେତେବେଳେ ଲୋକଙ୍କ ମଧ୍ୟରେ ଅଳଙ୍କାରର ଶୁଦ୍ଧତା ଉପରେ ଏତେ ସଚେତନତା ନଥିଲା। ଏପରିକି ସେତେବେଳେ ଭୁବନେଶ୍ୱରରେ ସରକାରଙ୍କର ହଲ୍‌ମାର୍କିଂ ସେଣ୍ଟର ମଧ୍ୟ ନଥିଲା। ଆମେ ଅଳଙ୍କାର ନେଇ ଦିଲ୍ଲୀ, ବମ୍ବେ, କଲିକତା ଯାଉଥିଲୁ ଓ ସେଠାରୁ ସରକାରୀ ପରୀକ୍ଷାଗାରରେ ପରୀକ୍ଷା କରି ହଲ୍‌ମାର୍କିଂ କରି ନେଇ ଆସୁଥିଲୁ। ଏମିତି ଅନେକ ବର୍ଷ ବାହାରୁ ହଲ୍‌ମାର୍କିଂ କରି ଆଣିବା ପରେ ଭୁବନେଶ୍ୱରରେ ହଲ୍‌ମାର୍କିଂ ସେଣ୍ଟର ଖୋଲିଲା ୨୦୦୮ରେ। ତା' ପରଠୁ ଭୁବନେଶ୍ୱର ହଲ୍‌ମାର୍କିଂ ସେଣ୍ଟର ନିୟମିତ ଭାବେ ଆମ ସୋରୁମ୍‌ର ଅଳଙ୍କାର ପରୀକ୍ଷା କରି ହଲ୍‌ମାର୍କିଂ କରୁଛନ୍ତି। ଲାଲ୍‌ଚାନ୍ଦ୍ ସବୁବେଳେ ଅଳଙ୍କାରର କ୍ୱାଲିଟି ଉପରେ ଗୁରୁତ୍ୱ ଦିଏ। ଯଦି ଅଳଙ୍କାରର ଶୁଦ୍ଧତା ବା ପିଓରିଟି କଥା କୁହାଯାଏ, ତେବେ ଲାଲ୍‌ଚାନ୍ଦ୍ ୧ ନମ୍ବରରେ ରହିବ। ଲାଲ୍‌ଚାନ୍ଦ୍ ଜୁଏଲର୍ସର ସୋରୁମ୍ ଗୁଡ଼ିକରେ ସମସ୍ତ ଅଳଙ୍କାର ହଲ୍‌ମାର୍କ୍ ଯୁକ୍ତ। ଲାଲ୍‌ଚାନ୍ଦ୍ ଜୁଏଲର୍ସର ଅଳଙ୍କାରକୁ ନେଇ ଯେ କୌଣସି ଠାରେ ବିକ୍ରି ବା ବଦଳାଇ ପାରିବେ। କାରଣ ଏଠାରେ ୨୨ କ୍ୟାରେଟ୍ ମାନେ ୨୨ କ୍ୟାରେଟ୍।"

କାରିଗରୀରେ ନୂତନତ୍ୱ, ଉଚ୍ଚମାନର ଅଳଙ୍କାର ଓ ଡିଜାଇନ୍‌ରେ ବିବିଧତା ପାଇଁ ଲାଲ୍‌ଚନ୍ଦ୍ ସୁପରିଚିତ। ଏଠି ଯେଉଁସବୁ ଡିଜାଇନ୍ ମିଳେ ସେଗୁଡ଼ିକ ବିଭିନ୍ନ ରାଜ୍ୟ ତଥା ଦେଶ ବାହାରୁ ମଧ୍ୟ ଅଣାଯାଇଥାଏ। ସେଥିପାଇଁ ଲାଲ୍‌ଚାନ୍ଦ୍ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛି।

ଧିରେ ଧିରେ ଅଧିକରୁ ଅଧିକ ଲୋକେ ହୀରା ଅଳଙ୍କାର ପ୍ରତି ଆକର୍ଷିତ ହେଉଛନ୍ତି। ସେଥିପାଇଁ ଲାଲ୍‌ଚାନ୍ଦ୍‌ର ରଘୁନାଥପୁର, ନନ୍ଦନକାନନ ରୋଡ୍ ସ୍ଥିତ ଫ୍ଲାଗସିପ୍ ଷ୍ଟୋର୍‌ରେ ରହିଛି ହୀରା ଅଳଙ୍କାରର ବିଶାଳ ସମ୍ଭାର। ସବୁଠୁ ବଡ଼ କଥା ହେଲା ଆପଣ ଲାଲ୍‌ଚାନ୍ଦ୍‌ରେ ଯେଭଳି ଡିଜାଇନ୍ ପାଇବେ ସେଭଳି ଡିଜାଇନ୍ ଆଉ କେଉଁଠି ମିଳିବ ନାହିଁ।

ହଲ୍‌ମାର୍କ୍‌ଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାର ଓ ପ୍ରମାଣିତ ହୀରା ଅଳଙ୍କାର ସହ ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ଓ କଟକ ସ୍ଥିତ ସୋରୁମ୍‌ରେ ରହିଛି ରୌପ୍ୟ ଅଳଙ୍କାରର ବିଶାଳ ସମ୍ଭାର। ସେଠାରେ ରୂପାର ବିରଳ ଡିଜାଇନ୍‌ସବୁ ରହିଛି। ପ୍ରାଚୀନ ତାରକସୀ କାରିଗରୀକୁ ପୁନରୁଦ୍ଧାର କରିବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ବଛା ବଛା କରୀଗରମାନଙ୍କ ଦ୍ୱାରା ଅତ୍ୟାଧୁନିକ ତଥା ଷ୍ଟାଇଲିସ୍ ଅଳଙ୍କାର ପ୍ରସ୍ତୁତ କରୁଛନ୍ତି, ଯାହା ଆଜିର ନାରୀମାନଙ୍କ ନିକଟରେ ବେଶ୍ ଆଦୃତ ହୋଇପାରିଛି। ତାରକସୀ କାରିଗରୀ ଉପରେ ପ୍ଲାଟିନମ୍ ପ୍ରଲେପ ଦିଆଯାଇ ଆକର୍ଷଣୀୟ ଅଳଙ୍କାରମାନ ପ୍ରସ୍ତୁତ କରାଯାଉଛି। ତା' ସହିତ ରଘୁନାଥପୁର ସୋରୁମ୍‌ରେ ରହିଛି ନାମୀଦାମୀ ବ୍ରାଣ୍ଡର ହାତଘଣ୍ଟା ଯାହା ଆପଣଙ୍କୁ ଚମତ୍କୃତ କରିବ।

ଶ୍ରୀ ହଂସ ଆହୁରି କହିଲେ ଯେ - "ନବୀନ ସରକାର ସ୍ୱଚ୍ଛ ସରକାର। ସରକାରଙ୍କ ଉପରେ ମୋର ଆସ୍ଥା ଅଛି। ଯେକୌଣସି ପ୍ରକାର ଅସାଧୁ କାରବାର ଉପରେ ସରକାର କଠିନ ପଦକ୍ଷେପ ନେଉଛନ୍ତି। ଏବେ ଅସାଧୁ ବ୍ୟବସାୟକୁ ରୋକିବା ଦିଗରେ ସରକାର ନେଇଥିବା ପଦକ୍ଷେପ ଖୁବ୍ ସ୍ୱାଗତ ଯୋଗ୍ୟ। ସରକାରଙ୍କ ମାପ ଓ ଓଜନ ବିଭାଗ ଏ ଦିଗରେ ତତ୍ପର ହୋଇ କାର୍ଯ୍ୟ କରୁଛନ୍ତି। ସେମାନେ କୌଣସି ପ୍ରକାର ପକ୍ଷପାତ ବିଚାର ନକରି ବଡ଼ ହେଉ କି ଛୋଟ ବ୍ୟବସାୟ ପ୍ରତିଷ୍ଠାନ ସମସ୍ତଙ୍କୁ ଯାଞ୍ଚ କରୁଛନ୍ତି। ନିକଟରେ ଆମ ଷ୍ଟୋର୍‌କୁ ମଧ୍ୟ ଯାଞ୍ଚ କରିଥିଲେ। ସେମାନେ ନିୟମିତ ଭାବେ ବର୍ଷକୁ ୨/୩ଥର ଯାଞ୍ଚ କରନ୍ତି। ଆମର ଓଜନ ଯନ୍ତ୍ରଗୁଡ଼ିକରେ ଆଜି ପର୍ଯ୍ୟନ୍ତ କେବେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନାହିଁ।"

କେବଳ ଶୁଦ୍ଧତା ନୁହେଁ, ସୁଲଭ ମୂଲ୍ୟରେ ଅଳଙ୍କାର ଯୋଗାଇଦେବାରେ ଲାଲ୍‌ଚାନ୍ଦ୍ ସବୁଠୁ ଆଗରେ। ଏବେ ବିବାହ ଋତୁ ଅବସରରେ ଲାଲ୍‌ଚାନ୍ଦ୍ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ସ୍ୱର୍ଣ୍ଣ ଓ ହୀରା ଅଳଙ୍କାରରେ ରିହାତି ଅଫର। ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରୀ ଫ୍ଲାଟ୍ ୩୯୫ ଟଙ୍କା ପ୍ରତି ଗ୍ରାମ୍ ଥିବା ବେଳେ ଏହି ଅଫରଟି କେବଳ ନନ୍ଦନକାନନ ରୋଡ୍, ରଘୁନାଥପୁର ସ୍ଥିତ ଫ୍ଲାଗସିପ୍ ଷ୍ଟୋର୍‌ରେ ଉପଲବ୍ଧ। ହୀରା ଅଳଙ୍କାରରେ ଗଢ଼ା ମଜୁରୀ ଆଦୌ ନାହିଁ। ଏହି ଅଫରଟି ଲାଲ୍‌ଚାନ୍ଦ୍‌ର ସମସ୍ତ ସୋରୁମ୍‌ରେ ଉପଲବ୍ଧ। ତା' ସହିତ ଲକି ଡ୍ର ମାଧ୍ୟମରେ ଗ୍ରାହକମାନେ ଜିତିପାରିବେ ୩ଟି ମାରୁତି ସୁଜୁକୀ ଏସ୍‌ପ୍ରେସୋ କାର୍ ଓ ୬ଟି ହୋଣ୍ଡା ହର୍ଣ୍ଣେଟ୍ ମୋଟର ସାଇକେଲ୍। ଏତଦ୍ ବ୍ୟତୀତ ୩୬ ଜଣ ଗ୍ରାହକ ହେବେ ଲକ୍ଷପତି ଓ ୩୦ ଜଣ ଗ୍ରାହକ ଜିତିବେ ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର।

LALCHND
Odisha's Most Trusted Jeweller



ବହୁକୋଟି ଟଙ୍କାର ବିଦର୍ଭ ଜଳସେଚନ ପ୍ରକଳ୍ପ ଦୁର୍ନୀତି ମାମଲାରେ ଏନ୍‌ସିପି ନେତା ଅଜିତ୍ ପାୱାରଙ୍କୁ ମହାରାଷ୍ଟ୍ର ଦୁର୍ନୀତି ବିରୋଧୀ ବିଭାଗ ପକ୍ଷରୁ ଶୁକ୍ରବାର କ୍ଲିନ୍‌ଚିଟ ପ୍ରଦାନ କରାଯାଇଛି। ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଏନେଇ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଏଥିରେ ଅଜିତଙ୍କ ବିରୋଧରେ ଅଣାଯାଇଥିବା ବହୁକୋଟି ଟଙ୍କାର ଜଳସେଚନ ଦୁର୍ନୀତି ମାମଲାରେ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇଛି।

# ଏନ୍‌କାଉଣ୍ଟରକୁ ନେଇ ପ୍ରଶ୍ନ

**୨୦୧୨ ଡିସେମ୍ବର ୧୬ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାକୁ ୭ ବର୍ଷ ପୂରିବାକୁ ଯାଉଛି। ଦୋଷୀମାନଙ୍କୁ ଫାଶୀଖୁଣ୍ଟ ଅପେକ୍ଷା କରିଛି। ଏଭଳି ସମୟରେ ଗତ ୨୭ରେ ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ ପୋଡ଼ିଦିଆଯାଇଛି। ୨୮ରେ ପୀଡ଼ିତାଙ୍କ ମୃତଦେହ ମିଳିଥିବାବେଳେ ୨୯ ତାରିଖରେ ୪ ଜଣଙ୍କୁ ଗିରଫ କରି ଅଭିଯୁକ୍ତ ଦର୍ଶାଯାଇଥିଲା। ଡିସେମ୍ବର ୬ରେ ସେମାନଙ୍କୁ ଅପରାଧସ୍ଥଳକୁ ନେଇ ଛାନଭିନ କରୁଥିଲା ପୋଲିସ। ଅଭିଯୁକ୍ତମାନେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଏନ୍‌କାଉଣ୍ଟରରେ ଟଳିପଡ଼ିଥିବା ପୋଲିସ କହିଛି। ଏଭଳି କାର୍ଯ୍ୟାନୁଷ୍ଠାନକୁ 'ନ୍ୟାୟ ବହିର୍ଭୂତ ହତ୍ୟା' ବୋଲି ଅନେକେ କହିବା ଆରମ୍ଭ କଲେଣି। ଅଭିଯୁକ୍ତମାନେ କ'ଣ ପ୍ରକୃତ ଦୋଷୀ, ସେମାନଙ୍କ ଦୋଷ ପ୍ରମାଣିତ ହୋଇଛି କି ଏବଂ ଏହା ଏକ ପ୍ରାୟୋଜିତ ହତ୍ୟାକାଣ୍ଡ ନୁହେଁ ତ? ଏଭଳି ପ୍ରଶ୍ନ ଓ ସନ୍ଦେହର କାଠଗଡ଼ାରେ ଛିଡ଼ାହୋଇଛି ପୋଲିସ। ପଦକ୍ଷେପକୁ କେତେକ ମହଲରେ ସ୍ୱାଗତ କରାଯାଉଥିବାବେଳେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ମାନବାଧିକାର କର୍ମୀ ଓ ଅନେକ ରାଜନେତା ମଧ୍ୟ ଏନ୍‌କାଉଣ୍ଟରର ବୈଧତାକୁ ନେଇ ଉଠାଉଛନ୍ତି ପ୍ରଶ୍ନ, ଯାହାର ଉତ୍ତର ଉଭୟ ତେଲଙ୍ଗାନା ସରକାର ଓ ସାଇବରାବାଦ ପୋଲିସଠାରୁ ଦେଶ ଚାହୁଁଛି। କାରଣ ୨୦୧୭ ସେପ୍ଟେମ୍ବର ୮ରେ ଗୁରୁଗ୍ରାମର ର୍‍ୟାନ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ପ୍ରଦ୍ୟୁମ୍ନ ଠାକୁରଙ୍କ ମୃତଦେହ ମିଳିବା ପରେ ବସ୍ କଣ୍ଡକ୍ଟରଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା ପୋଲିସ। ନଭେମ୍ବର ୮ରେ ସିବିଆଇ ଧରିଥିଲା ପ୍ରକୃତ ଦୋଷୀଙ୍କୁ। ପରୀକ୍ଷା ଘୁଞ୍ଚାଇଦେବା ପାଇଁ ଚାହୁଁଥିବା ଉକ୍ତ ସ୍କୁଲର ଜଣେ ଏକାଦଶ ଶ୍ରେଣୀ ଛାତ୍ର ଭିଆଇଥିଲେ ଏହି କାଣ୍ଡ। ହାଇଦ୍ରାବାଦ ମାମଲାରେ ନିଜ ପକ୍ଷ ରଖିବା ପାଇଁ ଅଭିଯୁକ୍ତମାନେ ଜୀବିତ ନ ଥିବାରୁ ଏହି ବହୁଚର୍ଚ୍ଚିତ ତଥା ବିବାଦୀୟ ଏନ୍‌କାଉଣ୍ଟର ଦେଶର ଆଇନ ବ୍ୟବସ୍ଥା ପାଇଁ ଏକ ନକାରାତ୍ମକ ଦୃଷ୍ଟାନ୍ତ ହୋଇ ରହିବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି।**



## ତେଲଙ୍ଗାନାରେ ୭ ବିବାଦୀୟ ଏନ୍‌କାଉଣ୍ଟର

# ପୋଲିସ ଲେଖିଥିଲା ହତ୍ୟା କାହାଣୀ



ଭି.ସି. ସଜ୍ଜନାର

**ନୂଆଦିଲ୍ଲୀ,୬।୧୨:** ଶୁକ୍ରବାର ସକାଳେ ଲୋକଙ୍କ ନିଦ ଭାଙ୍ଗି ନ ଥିବାବେଳେ ହାଇଦ୍ରାବାଦ ପୋଲିସ ଗୁଳିରେ ମରିସାରିଥିଲେ ୪ ଜଣ ଅଭିଯୁକ୍ତ। ମହିଳା ଡାକ୍ତରଙ୍କୁ କିପରି ବଳାତ୍କାର ପରେ ହତ୍ୟା କରି ଜାଳି ଦେଇଥିଲେ ତାହାର ରହର୍ସାଲ ପାଇଁ ମହମ୍ମଦ ଆରିଫ, ଜୋଲୁ ଶିବା, ଜୋଲୁ ନବୀନ ଓ ଚିନ୍ତାକୁଣ୍ଟା ଚେନ୍ନାକେଶବୁଲୁଙ୍କୁ ଅପରାଧସ୍ଥଳକୁ ନିଆଯାଇଥିବାବେଳେ ସେମାନେ ପୋଲିସକୁ ଆକ୍ରମଣ କରିଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଅଭିଯୁକ୍ତମାନେ ଟଳିପଡ଼ିଥିଲେ ବୋଲି ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନାର ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ତେଲଙ୍ଗାନା ପୋଲିସର ୭ଟି ଏନ୍‌କାଉଣ୍ଟରକୁ ନେଇ ବିବାଦ ଉଠିଥିଲା। ଉକ୍ତ ମାମଲାଗୁଡ଼ିକରେ ପୋଲିସ ନିଜେ ହତ୍ୟାର କାହାଣୀ ଲେଖିଥିଲା।

୨୦୧୫ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା ତେଲଙ୍ଗାନା। ଏଠାରେ ଏହା ପୂର୍ବର କେତେକ ଏନ୍‌କାଉଣ୍ଟରର ଅବତାରଣା କରାଯାଉଛି।

### ଏନ୍‌କାଉଣ୍ଟର ୧

୨୦୦୮ ଡିସେମ୍ବରରେ ଆନ୍ଧ୍ର ପୋଲିସ ୩ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲା। ୱାରଙ୍ଗଲରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ଉପରେ ଏସିଡ୍ ଫିଙ୍ଗିଥିବା ସେମାନଙ୍କ ବିରୋଧରେ ଅଭିଯୋଗ ରହିଥିଲା। ଜନ ଆକ୍ରୋଶକୁ ଶାନ୍ତ କରିବା ପାଇଁ ପୋଲିସ ଜାଣିଶୁଣି ସେମାନଙ୍କୁ ଏନ୍‌କାଉଣ୍ଟରରେ ମାରିଦେଇଥିବା ଅଭିଯୋଗ ହୋଇଥିଲା। ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲା ତଦନ୍ତର ନେତୃତ୍ୱ ନେଉଥିବା ସାଇବରାବାଦ ପୋଲିସ ମୁଖ୍ୟ ଭି.ସି. ସଜ୍ଜନାର ସେତେବେଳେ ୱାରଙ୍ଗଲ ଏସ୍‌ପି ଥିଲେ। ସେତେବେଳେ ବି ପୋଲିସ ଅଭିଯୁକ୍ତମାନଙ୍କୁ ଅପରାଧ ସ୍ଥଳକୁ ନେଇଥିବାବେଳେ ଆକ୍ରମଣର ଶିକାର ହୋଇ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିବା କହିଥିଲା।

### ଏନ୍‌କାଉଣ୍ଟର ୨

ଏହାର ୭ ବର୍ଷ ପରେ ତେଲଙ୍ଗାନା ରାଜ୍ୟ ପୋଲିସ ଗଠନ ହୋଇଥିଲା। ସେତେବେଳେ ନାଲଗୋଣ୍ଡା ଜିଲାରେ ତେହରିକ୍ ଗାଲିବା-ଇ-ଇସ୍‌ଲାମ (ଜିଟିଆଇ) ସଦସ୍ୟ ଭିକାରୁଦ୍ଦିନ ଅହମ୍ମଦଙ୍କ ସମେତ ୫ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲା ପୋଲିସ। ୱାରଙ୍ଗଲ ଜେଲରେ ବିଚାରାଧୀନ କଏଦୀ ଥିବା ଏହି ଅଭିଯୁକ୍ତମାନଙ୍କୁ ହାଇଦ୍ରାବାଦ କୋର୍ଟକୁ ହାଜିରା ପାଇଁ ନିଆଯାଉଥିବାବେଳେ ସେମାନେ ବନ୍ଧୁକ ଛଡ଼ାଇ ଫେରାର ହେବାକୁ ଉଦ୍ୟମ କରିଥିବା ପୋଲିସ କହିଥିଲା। ଆତଙ୍କବାଦୀ କାର୍ଯ୍ୟକଳାପ ଓ ପୋଲିସ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ ଥିବା ଭିକାରୁଦ୍ଦିନ ଓ ଅନ୍ୟମାନଙ୍କ ହାତରେ ହ୍ୟାଣ୍ଡକଫ୍ ଥିବାବେଳେ ସେମାନେ କିପରି ଅସ୍ତ୍ରଶସ୍ତ୍ର ଛଡ଼ାଇଥିଲେ ବୋଲି ପ୍ରଶ୍ନ ଉଠିଥିଲା। ଲେଖକ ବରବରା ରାଓ ମଧ୍ୟ ଏହାକୁ ପୋଲିସର ସୁନିୟୋଜିତ ହତ୍ୟାକାଣ୍ଡ ବୋଲି ଦର୍ଶାଇଥିଲେ।



### ଏନ୍‌କାଉଣ୍ଟର ୩

ତେଲଙ୍ଗାନା ରାଜ୍ୟ ଗଠନ ହେବାର ବର୍ଷକ ପରେ ପୋଲିସ ମାଓବାଦୀ ଦର୍ଶାଇ ଆଉ ଏକ ଏନ୍‌କାଉଣ୍ଟର କରିଥିଲା। ୨୦୧୫ ଜୁନରେ ୧୯ ବର୍ଷୀୟ ବିବେକ କୋଡାମାଗୁଣ୍ଡଲା ଓ ଅନ୍ୟ ଦୁଇ ମହିଳା ମାଓବାଦୀଙ୍କୁ ତେଲଙ୍ଗାନା-ଛତିଶଗଡ଼ ସୀମାରେ ଗୁଳିକରି ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ହାଜତରେ ପୋଲିସ ଅକଥନୀୟ ଅତ୍ୟାଚାର କରିବା ପରେ ମାରିଦେଇଥିବା ଅଭିଯୋଗ ହୋଇଥିଲା। ଏପରି କି ସେମାନେ ମାଓବାଦୀ ନ ଥିଲେ ବୋଲି କୁହାଯାଇଥିଲା।



### ଏନ୍‌କାଉଣ୍ଟର ୪

ଏହାର କିଛିମାସ ପରେ ୨୦୧୫ ସେପ୍ଟେମ୍ବରରେ ଦୁଇଜଣ ସନ୍ଦିଗ୍ଧ ମାଓବାଦୀ ଶ୍ରୁତି ଓରଫ ମାହିଆ(୨୩) ଓ ବିଦ୍ୟାସାଗର ରେଡ୍ଡୀ ଓରଫ ସାଗର (୩୨)ଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ମଧ୍ୟ ବରବରା ରାଓ ଫେକ୍ ଏନ୍‌କାଉଣ୍ଟର ଦର୍ଶାଇ ନିନ୍ଦା କରିଥିଲେ।

### ଏନ୍‌କାଉଣ୍ଟର ୫

୨୦୧୭ ଡିସେମ୍ବରରେ ତେଲଙ୍ଗାନାର ଭଦ୍ରାଦ୍ରି କୋଠଗୁଡେମ୍ ଜିଲାରେ ୮ ସନ୍ଦିଗ୍ଧ ମାଓବାଦୀ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ସେମାନେ ସମସ୍ତେ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ବର୍ଗର ଥିଲେ। ମାଓବାଦୀମାନେ ଗୁଳି ଚଳାଇବା ପରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ପୋଲିସ କହିଥିଲା। କିନ୍ତୁ ପରିବାର ଲୋକେ କହିଥିଲେ, ସେମାନେ ମାଓବାଦୀ ନୁହନ୍ତି କି ପୋଲିସକୁ ଗୁଳି ଚଳାଇନାହାନ୍ତି।

### ଏନ୍‌କାଉଣ୍ଟର ୬

ଗତ ଜୁଲାଇରେ ତେଲଙ୍ଗାନା ପୋଲିସ ସମାନ ଶୈଳୀରେ ଏନ୍‌କାଉଣ୍ଟର କାହାଣୀ ଲେଖିଥିଲା। ଆଦିବାସୀ ଲିଙ୍ଗାନ୍ନାଙ୍କୁ ସିପିଆଇ (ଏମ୍‌ଏଲ୍) ନ୍ୟୁ ଡେମୋକ୍ରାସିର ଏରିଆ କମାଣ୍ଡର ଦର୍ଶାଇ ଗୁଳି କରିଥିଲା। କିନ୍ତୁ ଲିଙ୍ଗାନ୍ନା ଜଣେ ସାମାଜିକ କର୍ମୀ ଥିଲେ ଓ ଲୋକଙ୍କ ପାଇଁ ଆନ୍ଦୋଳନ କରୁଥିଲେ ବୋଲି ତାଙ୍କ ପୁଅ ହରି ଅଭିଯୋଗ ଆଣିଥିଲେ।

### ଏନ୍‌କାଉଣ୍ଟର ୭

ସବୁଠୁ ବଡ଼ ଚାଞ୍ଚଲ୍ୟକର ଏନ୍‌କାଉଣ୍ଟର ୨୦୧୬ ଅଗଷ୍ଟରେ କରିଥିଲା ତେଲଙ୍ଗାନା ପୋଲିସ। ୧୯୯୩ରେ ଆଇପିଏସ୍ ଅଧିକାରୀ କେ.ଏସ୍. ବ୍ୟାସଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ସେହିବର୍ଷ ମହମ୍ମଦ ନଇମୁଦ୍ଦିନ ଗିରଫ ହୋଇଥିଲେ। ସେ ୨୦୦୦ରେ ଜାମିନରେ ଆସିବା ପରେ ପୋଲିସ ଇନ୍‌ଫର୍ମର ସାଜିଥିଲେ। ନଇମୁଦ୍ଦିନ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ତାଙ୍କୁ ଗୁଳିକରି ହତ୍ୟା କରିଥିଲା।

## ସ୍ୱାଗତ କଲେ ପୀଡ଼ିତାଙ୍କ ପରିବାର

ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟରରେ ମାରିଦିଆଯାଇଥିବାବେଳେ ଏହାକୁ ପୀଡ଼ିତାଙ୍କ ପରିବାର ସ୍ୱାଗତ କରିଛି। ପୀଡିତାଙ୍କ ବାପା ଖୁସିବ୍ୟକ୍ତ କରିବା ସହ ପୋଲିସ ଓ ତେଲଙ୍ଗାନା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ତାଙ୍କ ଝିଅଙ୍କ ଆତ୍ମାକୁ ଶାନ୍ତି ଦେବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କ ମାଆ କହିଛନ୍ତି, ଯାହା କଲେ ବି ତାଙ୍କ ଝିଅ ଆଉ ଫେରିବ ନାହିଁ। ତେବେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର ତାଙ୍କ ପରିବାର ପାଇଁ କିଛିଟା ସାନ୍ତ୍ୱନା ହୋଇପାରିଛି। ଏନ୍‌କାଉଣ୍ଟର ହତ୍ୟା ବଳାତ୍କାରୀଙ୍କ ମଧ୍ୟରେ ଏଭଳି ଅପରାଧ କରିବା ପାଇଁ ଭୟ ସୃଷ୍ଟି କରିବ ବୋଲି ପୀଡ଼ିତାଙ୍କ ଭଉଣୀ ଆଶାବ୍ୟକ୍ତ କରିଛନ୍ତି।

## ସମାଜ ପାଇଁ କଠୋର ବାର୍ତ୍ତା



ହାଇଦ୍ରାବାଦ ଘଟଣା ସମାଜକୁ ଏକ କଠୋର ବାର୍ତ୍ତା ଦେବ ବୋଲି ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତି ମାଲିୱାଲ କହିଛନ୍ତି। ତେବେ ହଜାର ହଜାର ପୀଡ଼ିତା ନ୍ୟାୟ ଅପେକ୍ଷାରେ ରହିଛନ୍ତି। ହାଇଦ୍ରାବାଦ ଘଟଣାରେ ନ୍ୟାୟ ମିଳିଲା ବୋଲି ଲୋକେ ଅନୁଭବ କରିବେ। କିନ୍ତୁ ଦେଶ ବ୍ୟବସ୍ଥା ମଧ୍ୟରେ ଚାଲିବା ଆବଶ୍ୟକ ବୋଲି ସେ କହିଛନ୍ତି।

## କ୍ଷତରେ ମଲମ ସଦୃଶ: ନିର୍ଭୟାଙ୍କ ମା'



ହାଇଦ୍ରାବାଦର ଗଣବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କୁ ଯେପରି ଏନ୍‌କାଉଣ୍ଟର କରାଗଲା ତାହା ତାଙ୍କ କ୍ଷତରେ ମଲମ ସଦୃଶ ବୋଲି ଦିଲ୍ଲୀ ଗଣବଳାତ୍କାର ପୀଡିତା ନିର୍ଭୟାଙ୍କ ମାଆ ଆଶାଦେବୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ତତଃ ଜଣେ ଝିଅ ନ୍ୟାୟ ପାଇଲା ବୋଲି ସେ କହିବା ସହ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଝିଅଙ୍କ କ୍ଷେତ୍ରରେ ଏଭଳି ହୋଇଥିଲେ ସମାଜରେ ପରିବର୍ତ୍ତନ ଆସିଥାନ୍ତା ବୋଲି ଆଶାଦେବୀ କହିଛନ୍ତି।

## ବିଚାର ପୂର୍ବରୁ ହତ୍ୟା ଭୟାନକ: ମାନେକା



ତେଲଙ୍ଗାନା ଗଣବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟରରେ ହତ୍ୟାକରିବା ବିପଜ୍ଜନକ ଉଦାହରଣ ବୋଲି ଭାଜପା ଏମ୍‌ପି ମାନେକା ଗାନ୍ଧୀ କହିଛନ୍ତି। ପୋଲିସ ଆଇନକୁ ହାତକୁ ନେଇପାରିବ ନାହିଁ। ବିଚାର ପୂର୍ବରୁ ଯଦି ଗୁଳିକରି ହତ୍ୟା କରାଯାଏ ତେବେ ଅଦାଲତ ଓ ଆଇନ ବ୍ୟବସ୍ଥାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ବେଇମାନି କାର୍ଯ୍ୟ: ଅଭିଯୁକ୍ତଙ୍କ ପରିବାର

୪ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କ ପରିବାର ସ୍ତବ୍ଧ ହୋଇଛନ୍ତି। ଏହା ପୋଲିସର ବେଇମାନି କାର୍ଯ୍ୟ ବୋଲି ସେମାନେ ପ୍ରତିକ୍ରିୟାରେ କହିଛନ୍ତି। ଅଭିଯୁକ୍ତ ଚେନ୍ନାକେଶବୁଲୁଙ୍କ ସ୍ତ୍ରୀ ରେଣୁକା କହିଛନ୍ତି, ସେ ସ୍ୱାମୀଙ୍କ ବିନା ବଞ୍ଚିପାରିବେ ନାହିଁ। ତାଙ୍କୁ ମଧ୍ୟ ଅପରାଧ ସ୍ଥଳକୁ ନେଇ ହତ୍ୟା କରାଯାଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ପୋଲିସ ଜେରା ପରେ ଫେରାଇଦେବ କହି ଚେନ୍ନାକେଶବୁଲୁଙ୍କୁ ନେଇଥିଲା। ତେବେ ଅତି ନିଷ୍ଠୁର ଭାବେ ସେମାନେ ତାଙ୍କୁ ହତ୍ୟା କଲେ। ପୋଲିସ ମୋ ସ୍ୱାମୀଙ୍କୁ ଫେରାଉ ନଚେତ୍ ମୋତେ ହତ୍ୟା କରୁ ବୋଲି ରେଣୁକା କହିଛନ୍ତି। ଅନ୍ୟତମ ଅଭିଯୁକ୍ତ ଜୋଲୁ ଶିବାଙ୍କ ବାପା ରାଜାପ୍ପା କହିଛନ୍ତି, ତାଙ୍କ ପୁଅ ବଳାତ୍କାର ଓ ହତ୍ୟା କରିଥିବା ସ୍ୱୀକାର କରିସାରିଛି। ତେଣୁ ତାଙ୍କୁ ହତ୍ୟା କରିବାରେ ପୋଲିସର କୌଣସି ଭୁଲ୍ ଥିବା ସେ ଦେଖୁନାହାନ୍ତି ବୋଲି କହିଛନ୍ତି। ତେବେ ପୂର୍ବରୁ ଯେତେସବୁ ବଳାତ୍କାର ଓ ହତ୍ୟାକାଣ୍ଡ ଘଟିଛି, ସେସବୁ ମାମଲାରେ ଅପରାଧୀଙ୍କୁ ପୋଲିସ ଏଭଳି ଦଣ୍ଡ ଦେଇଥିଲା କି ବୋଲି ଅଭିଯୁକ୍ତଙ୍କ ବାପା ପ୍ରଶ୍ନ କରିଛନ୍ତି। ପୋଲିସ ଯୋଜନାବଦ୍ଧ ଭାବେ ହତ୍ୟାକରିଥିବା ଅଭିଯୁକ୍ତ ଚୋଲୁ ନବୀନଙ୍କ ବାପା ୟେଲ୍ଲାପ୍ପା କହିଛନ୍ତି। ତାଙ୍କ ପୁଅକୁ ଭେଟିବାକୁ



ଜୋଲୁ ନବୀନ, ଚିନ୍ତାକୁଣ୍ଟା ଚେନ୍ନାକେଶବୁଲୁ, ଜୋଲୁ ଶିବା ଓ ମହମ୍ମଦ ଆରିଫ୍।

ପୋଲିସ ସୁଯୋଗ ଦେଇ ନ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଚାର ନ ହେଉଣୁ କ'ଣ ପାଇଁ ଅଭିଯୁକ୍ତମାନଙ୍କୁ ଦଣ୍ଡ ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ମହମ୍ମଦ ଅରିଫଙ୍କ ମାଆ ପୁଅର ମୃତ୍ୟୁ ଖବର ଶୁଣି ଚେତାଶୂନ୍ୟ ହୋଇଯାଇଥିଲେ ଓ ଖବରଦାତାଙ୍କୁ କିଛି କହିବାକୁ ମନା କରିଦେଇଥିଲେ।

## ସଂକ୍ଷେପରେ

### ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଚିଠା ପ୍ରସ୍ତୁତ ଲାଗି ନିର୍ଦ୍ଦେଶ



**ୱାଶିଂଟନ, ୬।୧୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଆସିଥିବାବେଳେ ଏନେଇ ଚିଠା ପ୍ରସ୍ତୁତ କରିବା ଲାଗି ତାଙ୍କ ଡେମୋକ୍ରାଟିକ ପାର୍ଟିର ବରିଷ୍ଠ ନେତାମାନଙ୍କୁ ହାଉସ୍ ଅଫ୍ କମନ୍ସର ବାଚସ୍ପତି ନାନ୍‌ସି ପେଲୋସି ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପଙ୍କ ବିରୋଧରେ ବଳାତ୍କାର ଓ ବଡ଼ ଅପରାଧ କରିବା ଭଳି ଅଭିଯୋଗ ଥିବାରୁ ତାଙ୍କୁ ଗାଦିଚ୍ୟୁତ କରିବାକୁ ଜୋର୍‌ଦାର ପ୍ରୟାସ ଆରମ୍ଭ ହୋଇଛି। ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ରାଷ୍ଟ୍ରପତି ନିଜ କ୍ଷମତାର ଅପବ୍ୟବହାର କରିବା ନିଶ୍ଚିତ ଭାବେ ନିନ୍ଦନୀୟ ବୋଲି ପେଲୋସି ପ୍ରକାଶ କରିଛନ୍ତି। ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍ ଓ ତାଙ୍କ ପୁଅ ହଣ୍ଟର ବିଡେନ୍‌ଙ୍କ ବିରୋଧରେ ତଦନ୍ତ କରିବା ଲାଗି ଟ୍ରମ୍ପ ଚାପ ପ୍ରୟୋଗ କରିବା ଭଳି ଅପରାଧ ନେଇ ଅଭିଯୋଗ ହୋଇଛି। ଏନେଇ ଚିଠା ପ୍ରସ୍ତୁତ କରାଯିବା ସହ ଖ୍ରୀଷ୍ଟମାସ ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ମହାଭିଯୋଗ ନେଇ ଭୋଟଗ୍ରହଣ କରାଯିବାକୁ ଯୋଜନା ରହିଥିବା ପେଲୋସି କହିଛନ୍ତି।

### ଅଯୋଧ୍ୟା ରାୟ

## ସୁପ୍ରିମକୋର୍ଟରେ ୪ ରିଭ୍ୟୁ ପିଟିଶନ



**ନୂଆଦିଲ୍ଲୀ, ୬।୧୨(ପି.ଟି.):** ନଭେମ୍ବର ୯ରେ ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ବହୁ ପ୍ରତୀକ୍ଷିତ ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ଦେଇ ରାମମନ୍ଦିର ନିର୍ମାଣ ପଥ ପରିଷ୍କାର କରିଥିବାବେଳେ ଏହା ବିରୋଧରେ ଶୁକ୍ରବାର ଭିନ୍ନ ଭିନ୍ନ ଭାବେ ୪ଟି ରିଭ୍ୟୁ ପିଟିଶନ ଦାଖଲ କରାଯାଇଛି। ପୂର୍ବରୁ ଏହି ମାମଲାର ପକ୍ଷ ଥିବା ମୌଲାନା ମୁଫ୍‌ତି ହସ୍‌ବୁଲ୍ଲା, ମହମ୍ମଦ ଉମର, ମୌଲାନା ମହଫୁଜୁର ରହମନ ଓ ମିଶ୍‌ବାହୁଦ୍ଦିନ ଏହି ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି। ଗତ ଡିସେମ୍ବର ୨ରେ ମୌଲାନା ସୟଦ ଅଶାଦ୍ ରଶିଦି ଏନେଇ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ବାବ୍ରୀ ମସ୍‌ଜିଦ ନିର୍ମାଣ ଲାଗି ନିର୍ଦ୍ଦେଶ ଦିଆଗଲା ତାହା ପୂର୍ଣ୍ଣ ନ୍ୟାୟର ମାନ୍ୟତା ପାଇପାରିବ ବୋଲି ଏଥିରେ ଦର୍ଶାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ୯ରେ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ଖଣ୍ଡପୀଠ ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମି ରାମ ଲାଲାଙ୍କ ସପକ୍ଷରେ ଅର୍ଥାତ୍ ରାମମନ୍ଦିର ନିର୍ମାଣ ଲାଗି ରାୟ ଦେବା ସହ ମସ୍‌ଜିଦ ନିର୍ମାଣ ଲାଗି ସ୍ୱତନ୍ତ୍ର ୫ ଏକର ଜାଗା ଯୋଗାଇଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

### ଇତିହାସର ଆଇନାରେ

## ଡିସେମ୍ବର ୭ର ପ୍ରମୁଖ ଘଟଣା

୧୯୪୬ ଡିସେମ୍ବର ୭ରେ ଆମେରିକାର ଆଟଲାଣ୍ଟାସ୍ଥିତ ୱିନେକଫ୍ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ହେବାରୁ ଏଥିରେ ହୋଟେଲ ମାଲିକଙ୍କ ସମେତ ୧୧୯ ଜଣ ପ୍ରାଣ ହରାଇଥିଲେ। ପ୍ରାୟ ୬୫ ଜଣ ଅର୍ଦ୍ଧଦଗ୍ଧ ହୋଇଥିଲେ। ନିଆଁ ଲାଗିବାର କାରଣ କିଛି ଜଣାପଡ଼ି ନ ଥିଲା।

୨୦୧୬ ଡିସେମ୍ବର ୭ରେ ପାକିସ୍ତାନର ଏକ ଘରୋଇ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୪୭ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଚିତ୍ରାଲରୁ ଇସ୍‌ଲାମାବାଦ ଅଭିମୁଖେ ଯାଉଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

# ଫାଶୀ ପାଇବେ ନିର୍ଭୟା ବଳାତ୍କାରୀ

**ନୂଆଦିଲ୍ଲୀ,୬।୧୨(ପି.ଟି.)**

୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଫାଶୀ ମିଳିବାକୁ ଯାଉଛି। ସେମାନଙ୍କ ମଧ୍ୟରୁ ଜଣେ ବଳାତ୍କାରୀ କ୍ଷମା ଆବେଦନ କରିଥିବାବେଳେ ଏହାକୁ ଖାରଜ କରିଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସୁପାରିସ କରିଛି। ଦୁଇଦିନ ପୂର୍ବରୁ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ କ୍ଷମା ଆବେଦନ ଖାରଜ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଇଦେଇଥିଲେ। ଏବେ ଚୂଡାନ୍ତ ନିଷ୍ପତ୍ତି ପାଇଁ କ୍ଷମା ଆବେଦନ ଫାଇଲ୍ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଛି। ୨୦୧୨ ଡିସେମ୍ବର ୧୬ରେ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର କରିବା ସହ ଆକ୍ରମଣ କରି ଫିଙ୍ଗିଦେଇଥିଲା। ଗୁରୁତର ଆହତ ନିର୍ଭୟାଙ୍କର ୧୫ ଦିନ ପରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା ଓ ଦେଶବ୍ୟାପୀ ଆନ୍ଦୋଳନ ହୋଇଥିଲା। ୬ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବାବେଳେ ଅନ୍ୟ ଜଣେ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିଲେ। ଅନ୍ୟ ୪ ଜଣଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ। ସେମାନଙ୍କ ମଧ୍ୟରୁ କେବଳ ବିନୟ କୁମାର ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଆବେଦନ କରିଥିଲେ। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଉଥିବାବେଳେ ନିର୍ଭୟା ବଳାତ୍କାରୀଙ୍କ କ୍ଷମା ଆବେଦନ ଖାରଜ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁପାରିସ କରିଛି। ନିର୍ଭୟାଙ୍କ ମାଆ ଆଶାଦେବୀ କ୍ଷମା ମଧ୍ୟ ଆବେଦନ ଖାରଜ କରିବା ଲାଗି ଶୁକ୍ରବାର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି। ଆଶାଦେବୀ ରାଷ୍ଟ୍ରପତିଙ୍କୁ ପତ୍ର ଲେଖି ଜଣାଇଛନ୍ତି, ୭ ବର୍ଷ ହେଲା ସେ ଯେଉଁ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି ତାହା ଅସହ୍ୟ ହେଲାଣି। ନ୍ୟାୟ ପାଇଁ ପ୍ରତୀକ୍ଷା ବଢ଼ି ବଢ଼ି ଯାଉଛି। ୪ ଅପରାଧୀଙ୍କୁ ୧୩ ତାରିଖରେ କୋର୍ଟରେ ହାଜର କରାଇବା ପାଇଁ ଦିଲ୍ଲୀର ଏକ ଅଦାଲତ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### କ୍ଷମା ଆବେଦନ ଖାରଜ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ






# ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ



ଲାପ୍‌ଟପ୍ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ।

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଏହି ସମସ୍ତ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର କହିଥିଲେ ଯେ, ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୫,୦୦୦ରୁ ଅଧିକ ଲାପ୍‌ଟପ୍ ବଣ୍ଟନ କରାଯିବ। ତନ୍ମଧ୍ୟରୁ ୫୫୦୯ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗର ହୋଇଥିବା ବେଳେ ୯୪୯୧ ଜଣ ସାଧାରଣ ବର୍ଗର ରହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଜୁ ସଶକ୍ତୀକରଣ ଯୋଜନାରେ ଯୁକ୍ତ୨ର ମେଧାବୀ ଛାତ୍ରୀଛାତ୍ରଙ୍କୁ ୨୦୧୩ ମସିହାଠାରୁ ମାଗଣାରେ ଲାପ୍‌ଟପ୍ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୯୦,୨୦୩ ଛାତ୍ରୀଛାତ୍ରଙ୍କୁ ଏହା ବଣ୍ଟନ କରାଯାଇଛି। ଚଳିତ ବର୍ଷ ଚୟନ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ କରାଯାଇ ରାଜ୍ୟସ୍ତରୀୟ ମେଧା ତାଲିକା ପରିବର୍ତ୍ତେ ଜିଲାସ୍ତରୀୟ ମେଧା ତାଲିକା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ୩୦ ଜିଲାର ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି। ଚଳିତ ବର୍ଷ ଓକାକ୍ ମାଧ୍ୟମରେ ଲାପ୍‌ଟପ୍ ସଂଗ୍ରହ କରାଯାଇ ୩୦ ନୋଡାଲ ସେଣ୍ଟରକୁ ବଣ୍ଟନ ପାଇଁ ପଠାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ଉପଦେଷ୍ଟା ଆର୍. ବାଲକ୍ରିଷ୍ଣନ ଏବଂ ଉଚ୍ଚଶିକ୍ଷା ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

**୨୦୧୯-୨୦ ଶିକ୍ଷାବର୍ଷ**

# ସତ୍ୟ ଜାଣିବାର ଶକ୍ତି ରାଧାନାଥଙ୍କର ଥିଲା: ତଥାଗତ

**କଟକ ଅଫିସ, ୬।୧୨**

କେଉଁଟା ସତ କେଉଁଟା ମିଛ ତାହା ଜାଣିବାର ଶକ୍ତି ରାଧାନାଥ ରଥଙ୍କ ପାଖରେ ଥିଲା। ସେ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ସମାଜର ଚିନ୍ତାଧାରା ରାଧାନାଥଙ୍କଠାରୁ ହିଁ ଆରମ୍ଭ ହୋଇଥିଲା। ଏ ଜାତିର ମାନସିକତା ସମାଜ ସହିତ ରହିଛି। ସମାଜକୁ ସେ ନିଜର ସମ୍ପତ୍ତି ଭାବେ କେବେ ଦେଖି ନ ଥିଲେ। ସେ ଏହାକୁ ଅନୁଷ୍ଠାନ ବୋଲି କହୁଥିଲେ। ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୩ତମ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଏହି କଥା କହିଛନ୍ତି। ଶୁକ୍ରବାର ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା।

ଉଦ୍‌ବୋଧନ ଦେବାବେଳେ ତଥାଗତ କହିଥିଲେ ଯେ, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚିନ୍ତାଧାରା ଏ ଦେଶକୁ ଆସିଛି। ଚିନ୍ତାଧାରାକୁ ଗଢ଼ିଥିବା ଲୋକଙ୍କୁ ସମାଲୋଚନା ମଧ୍ୟ କରାଯାଉଛି। କିନ୍ତୁ ରାଧାନାଥ ସମସ୍ତ ସମାଲୋଚନାର ଊର୍ଦ୍ଧ୍ୱରେ। ତଥାଗତ ଦେଶପ୍ରେମ ଓ ଦେଶଭକ୍ତିକୁ ସୁନ୍ଦର ଭାବେ ବିଶ୍ଳେଷଣ କରିଥିଲେ। ଦେଶପ୍ରେମର କୌଣସି ଭୌଗୋଳିକ ସୀମା ନାହିଁ। ଏହା କୌଣସି ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଯାହା ରାଧାନାଥଙ୍କ ବ୍ୟକ୍ତିତ୍ୱରୁ ଜଣାପଡ଼େ। ସେ ଥିଲେ ସମାଜ (ସୋସାଇଟି)ର ମୁରବି। ରାଜନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ପଦପଦବୀଧାରୀ ରାଧାନାଥଙ୍କଠାରୁ ଆଶୀର୍ବାଦ ନେବାକୁ ଆସୁଥିଲେ। କାରଣ ରାଧାନାଥ ସେମାନଙ୍କୁ ଉଚିତ ମାର୍ଗରେ ଯିବାକୁ ଦିଗ୍‌ଦର୍ଶନ ଦେବେ ବୋଲି ସେମାନଙ୍କ ମଧ୍ୟରେ ଦୃଢ଼ ଆଶା ଓ ଭରସା ଥିଲା। ଗଣତନ୍ତ୍ର ଉପରେ ମତଦେଇ ତଥାଗତ କହିଥିଲେ, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ହିଁ ସବୁଠୁ ବଡ଼। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଇତ୍ୟାଦି ପାଣି ସ୍ରୋତର ଅସ୍ଥାୟୀ ଫୋଟକା ଭଳି। କିନ୍ତୁ ନାଗରିକ ହେଉଛନ୍ତି ସ୍ଥାୟୀ। ଆମେ ଆଜି ଯାହା କରୁଛେ ତା'ର ବିଚାର ଆସନ୍ତାକାଲିର ଯୁବପିଢି କରିବେ। ବର୍ତ୍ତମାନ ଭବିଷ୍ୟତଠାରୁ ଧାର ଆଣୁଛି। ତେଣୁ ବର୍ତ୍ତମାନର ଯୁବପିଢି ରାଧାନାଥଙ୍କ ଭଳି ହେବାକୁ ଚେଷ୍ଟା କରିବା ଉଚିତ ବୋଲି ତଥାଗତ କହିଥିଲେ। ଏହି ଅବସରରେ ରାଧାନାଥଙ୍କ ସହିତ ପ୍ରଥମ ଭେଟ ସମୟର କଥାକୁ ତଥାଗତ ସ୍ମରଣ କରିଥିଲେ।



ସମାରୋହରେ ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚରେ ଉପସ୍ଥିତ ଅଛନ୍ତି ଲୋକସେବକ ମଣ୍ଡଳର ସଂଯୋଜକ ସୁରେଶ ମନ୍ତ୍ରୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ସମାଜ ସମ୍ପାଦକ ବାମାପଦ ତ୍ରିପାଠୀ ଏବଂ ସମାଜ ରିଲିଫ୍ କମିଟିର ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ।



ସମାରୋହରେ ଉପସ୍ଥିତ ଜନସାଧାରଣ ଓ ଅତିଥିମାନେ।

ସଭାରେ ମୁଖ୍ୟବକ୍ତା ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ରାଧାନାଥଙ୍କ ସ୍ମୃତିଚାରଣ କରିବା ସହିତ ନିଜ ଅନୁଭୂତିକୁ ବାଖ୍ୟା କରିଥିଲେ। ସେ ନିଜ ବକ୍ତବ୍ୟରେ ବିବେକାନନ୍ଦ-ରାମକୃଷ୍ଣ ପରମହଂସଙ୍କ ଭଳି ରାଧାନାଥ-ଗୋପବନ୍ଧୁଙ୍କୁ ତୁଳନା କରିଥିଲେ। ଶତପଥୀ କହିଥିଲେ ଯେ, ରାଧାନାଥ ଥିଲେ ସାଧୁତା, ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ। ଶିକ୍ଷା, ସଂସ୍କୃତି ଓ ବ୍ୟକ୍ତି ଚରିତ୍ରରେ ପରିବର୍ତ୍ତନ ଆଣିବା ସହିତ ଚରିତ୍ର ନିର୍ମାଣ ପାଇଁ ରାଧାନାଥ ଉଦ୍ୟମ କରୁଥିଲେ ବୋଲି ସେ କହିଥିଲେ। ସମାଜର ପ୍ରକାଶକ ଓ ମୁଦ୍ରାକର ନିରଞ୍ଜନ ରଥ ସଭାରେ ଅଧ୍ୟକ୍ଷତା କରି ରାଧାନାଥଙ୍କୁ ଯୁଗସ୍ରଷ୍ଟା ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ରାଧାନାଥଙ୍କ ନିକଟରେ ନିର୍ଭୀକତା ଓ ଉଦାରତା ଭରି ରହିଥିଲା। ସମୟ ବଦଳିବା ସହିତ ସମାଜ ମଧ୍ୟ ବଦଳିଛି। ସମାଜ ପୂର୍ବରୁ ବେତ ଥିଲା। ମାତ୍ର ଏବେ ଛତା ପାଲଟିଛି ବୋଲି ରଥ କହିଥିଲେ। ସମାଜ ସମ୍ପାଦକ ବାମାପଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ ଓ ସମ୍ପାଦକ ଭିକାରି ଦାସଙ୍କୁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସମ୍ମାନିତ କରିଥିଲେ। ସେହିପରି ସମାଜ ପକ୍ଷରୁ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ରିଲିଫ୍ କମିଟିର ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲୋକସେବକ ମଣ୍ଡଳର ସଂଯୋଜକ ସୁରେଶ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବକ୍ସିବଜାର ଛକରେ ଥିବା ରାଧାନାଥଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗୋପବନ୍ଧୁ ଭବନ ପରିସରରେ ଥିବା ରାଧାନାଥ ଓ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

MARUTI SUZUKI ARENA

5 GREAT REASONS
TO BUY YOUR FAVOURITE MARUTI SUZUKI CAR, THIS DECEMBER.

- BEAT THE PRICE HIKE
- BEST YEAR-END OFFERS^
- 100% ON ROAD FINANCE#
- BEST YEAR-END EXCHANGE BONUS^
- BEST EXCHANGE PRICE






LIMITED PERIOD ONLY
OFFER VALID TILL STOCKS LAST

Scratch & WIN! GOLD COIN OFFER ^WIN UP TO 10 GM GOLD COIN

| | ALTO (P) | VITARA BREZZA (D) | DZIRE (P) | DZIRE (D) | SWIFT (P) | SWIFT (D) | CELERIO (P) | EECO (5/7 SEATER) |
|---|---|---|---|---|---|---|---|---|
| CONSUMER OFFER* | ₹42,500 | ₹40,000 + 5 Yr. Warranty | ₹30,000 | ₹30,000 + 5 Yr. Warranty | ₹35,000 | ₹25,000 + 5 Yr. Warranty | ₹30,000 | ₹25,000 |
| EXCHANGE OFFER* | ₹15,000 | ₹20,000 | ₹20,000 | ₹20,000 | ₹20,000 | ₹20,000 | ₹15,000 | ₹20,000 |
| CORPORATE OFFER* | ₹5,000 | ₹10,000 | ₹5,000 | ₹10,000 | ₹5,000 | ₹10,000 | ₹2,500 | ₹2,500 |
| TOTAL SAVINGS (UP TO)* | ₹62,500 | ₹89,500 | ₹55,0000 | ₹77,000 | ₹60,000 | ₹70,750 | ₹47,500 | ₹47,500 |

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Karthik.M@maruti.co.in

**NARAYANI MOTORS**
BHUBANESHWAR: CALL: 7381094890/ 0674-2588474, 0674-2588475, 0674-2588473.
PURI: CALL: 9583022035. PARADEEP: CALL: 9583022034/ 06722-228044.

**ODYSSEY MOTORS**
ANGUL: CALL: 7752076136, 9776901481.
PALLAHARA: CALL: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: CALL: 9776615020, 9776615035, 9776615032
NAYAPALLI: CALL: 7381355999, 7381366999
KEONJHAR: CALL: 8599019854, 7064493469
BARIPADA: CALL: 9437102597. BHADRAK: CALL: 7381064240
NAYAGARH: CALL: 7381028515. BALASORE: CALL: 7064499108

**SKY AUTOMOBILES**
BHUBANESWAR: CALL: 9776645711. CUTTACK: CALL: 9776677771, 7381873818.
DHENKANAL: CALL: 9776900005. JAJPUR: CALL: 9776900777.

*Offer includes consumer offer, corporate offer and exchange bonus (Wherever Applicable). Terms and conditions apply. The terms and conditions are subject to change without any prior notice. ^2 years standard + 3 years extended warranty is free on Dzire Diesel (all variants), Swift Diesel (all variants) and Vitara Brezza Diesel (all variants) only. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. ^Offer applicable on all Models except New Ertiga Petrol. Offer valid from 2nd to 31st December, 2019. The value of 1gm gold coin is ₹3,500/-. The scratch card is not transferable. ^Best year-end offers and Best year-end exchange bonus would not be applicable on Vitara Brezza and Celerio. Offer is not applicable on S-Presso & Ertiga. #Applicable at the sole discretion of the financer. Parts and accessories shown may not be a part of standard equipment. Colors shown may vary from actual body color due to printing on paper. Images used are for illustration purposes only. #Only applicable for Dzire, Swift and Vitara Brezza. Offers valid till 31st December 2019.

**ଆଜିର ମନ୍ତବ୍ୟ**

ଶିଶୁ ବଳାତ୍କାରୀଙ୍କ ରାଜକ୍ଷମା ଅଧିକାର ନାହିଁ
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା (ପିଏମ୍-କିଷାନ) ଯୋଜନାରେ ସରକାର କୃଷକଙ୍କୁ ୩୬,୦୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। –କୃଷି ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଯେଉଁଠି ବଳାତ୍କାର, ...

ସକାଳେ ପ୍ରଚାରିତ ହେବା ପରେ ଭାରତରେ ଚହଳ ପଡ଼ିଛି। ପୋଲିସ ଗୁଳିରେ ଘଟଣାସ୍ଥଳରେ ଅଭିଯୁକ୍ତମାନଙ୍କ ମୃତ୍ୟୁ ଘଟିବାକୁ ନେଇ ଦେଶରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକେ ପୋଲିସକୁ ସାବାସି ଦେଉଥିବାବେଳେ ଆଉ କେତେଜଣ ଏଭଳି ପଦକ୍ଷେପକୁ 'ନ୍ୟାୟ ବହିର୍ଭୂତ ହତ୍ୟା' ଭାବେ ଅଭିହିତ କରି ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟ ମଧ୍ୟ ସରଗରମ ହୋଇଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏନ୍‌କାଉଣ୍ଟରର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ନଭେମ୍ବର ୨୭ ତାରିଖର ଘଟଣା। ହାଇଦ୍ରାବାଦର ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକ ତାଙ୍କ ସ୍କୁଟିକୁ ସନ୍ଧ୍ୟା ୬ଟା ୧୫ରେ ଶମ୍‌ଶାବାଦ ଟୋଲ୍ ପ୍ଲାଜାରେ ରଖିବା ପରେ କ୍ୟାବ୍ ଭଡ଼ା କରି ଗାଚିବୋଲି ଯାଇଥିଲେ। ସେ ରାତି ୯ଟାରେ ଫେରି ଟୋଲ୍ ଗେଟ୍‌କୁ ବାଇକ୍ ଆଣିବାକୁ ଯାଇଥିଲେ। ସ୍କୁଟିର ଟାୟାର ପଙ୍କଚର ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେଠାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ୪ ଯୁବକ ଆଗେଇ ଆସିଥିଲେ। ଭୟରେ ପୀଡ଼ିତା ନିଜ ସାନଭଉଣୀଙ୍କୁ ଫୋନ୍ କରି ତାଙ୍କ ସହ କଥା ଜାରି ରଖିବାକୁ କହିଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ପୀଡ଼ିତାଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକେ ନିଖୋଜ ଏତଲା ଦେଇଥିଲେ। ହେଲେ ପରଦିନ ଟୋଲ୍ ପ୍ଲାଜା ନିକଟ ଏକ ନିର୍ମାଣାଧୀନ ବ୍ରିଜ୍ ତଳେ ପୀଡ଼ିତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଥିଲା। ୨୯ ତାରିଖରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତ (ଚେରାପଲ୍ଲୀ ସେଣ୍ଟ୍ରାଲ ଜେଲ୍)କୁ ପଠାଇଦିଆଗଲା। ଏହି ଘଟଣାକୁ ନେଇ ଗଣମାଧ୍ୟମରେ ତୁହାକୁ ତୁହା ରିପୋର୍ଟ ପ୍ରକାଶ ପାଇବା ସହ ଜନ ଆକ୍ରୋଶ ବଢ଼ିବାରେ ଲାଗିଥିଲା। ୨୦୧୨ ଡିସେମ୍ବର ୧୬ ନିର୍ଭୟା ମାମଲାର ସ୍ମୃତିକୁ ଉଜ୍ଜୀବିତ କରିଥିବା ଏହି ଘଟଣାର ଅଭିଯୁକ୍ତଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ବିଭିନ୍ନ ମହଲରେ ଦାବି ଉଠିଥିଲା। ପୋଲିସ ୪ ଅଭିଯୁକ୍ତଙ୍କୁ ଜେରା ପାଇଁ ୭ ଦିନିଆ ରିମାଣ୍ଡରେ ଆଣିଥିଲା। ସେମାନେ ହେଲେ ଟ୍ରକ୍ ଡ୍ରାଇଭର ମହମ୍ମଦ ଆରିଫ, ଜୋଲୁ ଶିବା, ଜୋଲୁ ନବୀନ ଓ ଚିନ୍ତାକୁଣ୍ଟା ଚେନ୍ନାକେଶବୁଲୁ। ମୁଖ୍ୟ ଅଭିଯୁକ୍ତ ଆରିଫ୍‌ଙ୍କ ବୟସ ୨୫ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କ ବୟସ ୨୦ରୁ ୨୪ ମଧ୍ୟରେ।

ଶୁକ୍ରବାର ଭୋର ସମୟ ୩ଟା ୩୦ରେ ପୋଲିସ ୪ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନରୁ ନିର୍ମାଣାଧୀନ ବ୍ରିଜ୍ ତଳକୁ ନେଇ ଅପରାଧ ସମ୍ପର୍କରେ ଛାନ୍‌ଭିନ୍ କରୁଥିଲା। ଅଭିଯୁକ୍ତମାନଙ୍କ ହାତରେ ହ୍ୟାଣ୍ଡକଫ୍ ନ ଥିବାରୁ ୫ଟା ୪୫ରୁ ୬ଟା ୧୫ ମିନିଟ ଭିତରେ ସେମାନେ ପୋଲିସ କବ୍‌ଜାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ଏପରି କି ଅଭିଯୁକ୍ତମାନେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ସେମାନଙ୍କ ଉପରକୁ ଗୁଳିକରିବା ପାଇଁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲା। ପୋଲିସ ଅଧିକାରୀଙ୍କ ଗୁଳିମାଡ଼ରେ ଘଟଣାସ୍ଥଳରେ ୪ ଅଭିଯୁକ୍ତ ଟଳିପଡ଼ିଥିବା ହାଇଦ୍ରାବାଦ ପୋଲିସ କମିଶନର ଭି. ସି. ସଜ୍ଜନାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ରାଜଶ୍ରୀ ମନସା ମହାନ୍ତି



ସୁଶ୍ରୀ ରିମା ଜେନା

### ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଆଜି ଓଡ଼ିଶା ...

ସେପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନେଇ ଶୁକ୍ରବାର ଉଭୟ ଭୁବନେଶ୍ୱର ଓ ବରୁଣେଇରେ କାର୍‌କେଡ୍ ରିହର୍ସାଲ କରାଯାଇଛି। ଏୟାରପୋର୍ଟ-ରାଜଭବନ, ରାଜଭବନ-ଖୋର୍ଦ୍ଧା, ଖୋର୍ଦ୍ଧା-ବାଣୀବିହାର ପର୍ଯ୍ୟନ୍ତ ମକ୍-ଡ୍ରିଲ୍ କରାଯାଇଥିଲା। ଅନ୍ୟପକ୍ଷରେ ଅନ୍ତରୀଣ ପୋଲିସ ଡିଜି ସତ୍ୟଜିତ ମହାନ୍ତି ଶୁକ୍ରବାର ବାଣୀବିହାର ଏବଂ ବରୁଣେଇ ଯାଇ ସେଠାରେ ଗୋଶାଳା ପଡ଼ିଆ ଓ ବରୁଣେଇ ସଭାସ୍ଥଳ ବୁଲି ଦେଖିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସମୁଦାୟ ୫୦ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

### ୫୦ ଟନ୍ ଚୋରା କୋଇଲା ଜବତ

ତାଳଚେର, ୬।୧୨(ନି.ପ୍ର.)

ରାଜ୍ୟ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ତାଳଚେର ପୁରୁଣା ଯୁବରାଜ ହାଇସ୍କୁଲ ପଛପାଖରୁ ୫୦ ଟନ୍ ଚୋରା କୋଇଲା ଜବତ କରାଯାଇଛି। ସେଠାରେ ଚୋରାରେ କୋଇଲା ଗଚ୍ଛିତ ଥିବା ଖବରପାଇ ଡିଡିଏମ ବିଷ୍ଣୁପଦ ରାଉତ ଓ ଅନ୍ୟ ଅଧିକାରୀମାନେ ଚଢ଼ାଉ କରିଥିଲେ। ସେହିପରି ସରାଙ୍ଗ ଚେକ ଗେଟ ନିକଟରୁ ଏକ ମିନିଟ୍ରକ୍ (ନଂ.ଓଆର୦୦୫ଏକ୍ସ ୪୭୪୪)କୁ ମଧ୍ୟ ଜବତ କରାଯାଇଛି। ସେଥିରେ ୨ଟନ ଚୋରା କୋଇଲା ଥିବା ଜଣାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବିଶେଷ କିଛି ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସମସ୍ତ କାମ ଠିକ୍ ଭାବରେ ଚାଲିବ, କିନ୍ତୁ ଝିନ୍‌ଝଟ୍ ମଧ୍ୟରେ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିବେ।

**ବୃଷ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। ଉଚ୍ଚ ଚିନ୍ତା କରିବେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାର୍ଯ୍ୟ ହାସଲ କରିନେବେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟି ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବ ହେଲେ ମଧ ପାଇବେ।

**କର୍କଟ** ପ୍ରତ୍ୟେକ ପରିସ୍ଥିତିରେ ଦୃଢ଼ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ହାତରୁ ଖାଇ ପର ପାଇଁ ଖଟି ସାମାନ୍ୟ ବାହାବା ବ୍ୟତୀତ ଆଉ କିଛି ପାଇବେ ନାହିଁ। ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ, ମାତ୍ର କିଛି ଅନିଷ୍ଟ କରିପାରିବେ ନାହିଁ।

**ସିଂହ** ମନର କଥାକୁ ଲୁଚାଇରଖି ପ୍ରତ୍ୟକ୍ଷରେ ହସଖୁସିରେ କଥାବାର୍ତ୍ତା କରିବାକୁ ବାଧ୍ୟ ହେବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଯଥା ସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପୁନଶ୍ଚ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ତୁଳା** ଆଜି ଯାହା କଲେ ମଧ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଭଲ। ଦାମ୍ପତ୍ୟ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ। ଛୋଟ ଛୋଟ କଥାକୁ ଧରିବସିଲେ ଅସୁବିଧାର ସମ୍ମୁଖୀନ ହେବେ।

**ବିଛା** ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, କିନ୍ତୁ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଦୀର୍ଘଦିନର ଆଶା ଫଳବତୀ ହେବ ଓ ନୂତନ ସମ୍ପର୍କ ସ୍ଥାପିତ ହୋଇପାରେ। ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ଧନୁ** ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡ଼ିପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ । ସନ୍ଧ୍ୟାରେ ପରିବାରରେ ସାଧାରଣ କଥାକୁ ନେଇ କଳହ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଅନୁରୋଧରେ ଭ୍ରମଣ ସୁଯୋଗ ଜୁଟିପାରେ। ଯାହା ମନରେ ଭାବୁଛନ୍ତି, ତାହା ନିଶ୍ଚିତ ପାଇପାରିବେ।

**ମକର** ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଯେତେ ପାଇଲେ ମଧ ମନରେ ସନ୍ତୋଷ ଆସିବ ନାହିଁ।

**କୁମ୍ଭ** ବିଭିନ୍ନ ପ୍ରକାର ଅସୁବିଧା ଓ ପ୍ରତି ବନ୍ଧକ ଭିତରେ ଚଳିବାକୁ ପଡ଼ିବ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରି ରଖିବ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ସଫଳତା ହାସଲ କରିବେ। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିରତା ଅନୁଭବ କରିପାରନ୍ତି। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ମୀନ** ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ କୂଟନୈତିକ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେକରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ।

ଆଜି ମାର୍ଗଶିର ଶୁକ୍ଳପକ୍ଷ ଦଶମୀଯୁକ୍ତ ଏକାଦଶୀ ଶନିବାର, ଡିସେମ୍ବର ୭ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୬ମି. ଗତେ ଘ୮।୫୬ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୫୪ମି. ଗତେ ଘ୧୦।୧୬ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**automobile SALE**

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

**real estate SALE**

Gharabari boundary plot Infocity-2 near 200ft. road side. Direct owner-8144391451. D-68429

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148. D-68420

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 9337505891, 8328855822. D-68438

2000 sqft., cost- 24lakhs at Sisupalgarh 1KM from Lingaraj Temple. Please contact- 9437033691. D-68318

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

Infocity-2 200ft ପିଚୁରୋଡ୍ ପାଖରେ ଘରବାରି ପାଚେରି ଥାଇ plot ନିଅନ୍ତୁ। 9438859527. D-68446

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320. D-68444

Single storey residential building 30'x60' sqft. Gundicha Bihar, near Gundicha Temple for sale 70 lakhs. 9776644044, 9337118484. D-15597

Develope SC plot near NH-5 Pahala 1150/-, General plot near Hanspal Balianta 900/-. Loan facility available- 7008351926. D-68624

4/5 BHK Duplex with Gated Community at Balianta (Land-1400 & Construction-2200 @ 600000 / 2600 @ 700000) and Residential Land at Jaanla- 750/-, Balianta- 900/-, Nakhara- 1100/-, Andilo- 1200/-, Pahala- 1500/-, Rudrapur- 1750/-. Mplanets: 9938219397, 9861022055. D-15596

2800 sqft. gharabari plot immediately sale at Bomikhal, Bhubaneswar, only buyer directly contact Deepak- 9937329999. D-68035

Book 2BHK flat at GGP Colony, Rasulgarh near Canal Road 7978584549. D-68914

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312. D-68623

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

**construction**

Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**to-let**

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Full body herbal massage with refreshment expert therapist. 7381239385, 06742540855. D-68200

Ayurvedic full body massage ladies/ gents smart experts therapist- 8480939300. D-68712

Sai herbal spa refresh your body with smart, expert therapist. 7608062524. D-68905

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Summer special mesmerizing offer expert therapeutic refreshing massage appointment. 9668374480. D-68903

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

**education**

Medical courses ପାଇଁ Registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912

**business**

Start Gold, Silver Jewellery Business in 6000/-, only. Call- 7438997323. D-68907

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ୨୦ ଖଣି ପାଇଁ ସାନି ଟେଣ୍ଡର ବିଜ୍ଞପ୍ତି ଜାରି କଲେ ସରକାର

■ ଗୋଟିଏ ଖଣି ପାଇଁ ଜଣେ ଆବେଦନକାରୀଙ୍କୁ ଅନୁମତି
■ ଆବେଦନର ଶେଷ ତାରିଖ ଜାନୁୟାରୀ ୩

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ରାଜ୍ୟ ସରକାର ୨୦ଟି ଖଣି ନିଲାମ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ନେଇ ଶୁକ୍ରବାର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୧୨ ଲୁହାପଥର, ୨ ମାଙ୍ଗାନିଜ୍ ଓ ୬ ଲୁହାପଥର ଏବଂ ମାଙ୍ଗାନିଜ୍ ଖଣିର ନିଲାମ କରାଯିବ। ସେହି ଖଣିଗୁଡ଼ିକ ହେଲା ନୂଆଗାଁ ଲୁହାପଥର ଖଣି, ଠାକୁରାଣୀ ଲୁହାପଥର ଖଣି, ସିଲଜୋରା-କାଳିମାଟି ଲୁହାପଥର ଓ ମାଙ୍ଗାନିଜ୍, ଜିଲିଂ-ଲଙ୍ଗଲୋଟା ଲୁହାପଥର, ଜରିବାହାଲ ଲୁହାପଥର, ରୋଇଡା-୨, ଜୁରୁଡି ଲୁହାପଥର, ନାରାୟଣପୋଷି ଲୁହାପଥର ଓ ମାଙ୍ଗାନିଜ୍, ମହୁଲସୁଖା ଲୁହାପଥର ଓ ମାଙ୍ଗାନିଜ୍, ଗାନୁଆ, ଗୋରୁମହିଷାଣି, ବାଦାମପାହାଡ଼, ଯଯାଙ୍ଗ ଲୁହାପଥର, ନଦୀଡିହ ଲୁହାପଥର (ବିଆଇସିଓ), ବଲଦା ଲୁହାପଥର, କଟାସାହି ମାଙ୍ଗାନିଜ୍, କାଣ୍ଢେର-କୋଇଡା ମାଙ୍ଗାନିଜ୍, ନଦୀଡିହ ଲୁହାପଥର ଓ ମାଙ୍ଗାନିଜ୍, ତେହେରାଇ ଲୁହାପଥର ଓ ମାଙ୍ଗାନିଜ୍, କୋଲମଙ୍ଗ ଲୁହାପଥର ଓ ମାଙ୍ଗାନିଜ୍ ଖଣି ଇତ୍ୟାଦି।

ତେବେ ରାଜ୍ୟ ସରକାର ଠାକୁରାଣୀ, ରୋଇଡା-୨, ଗାନୁଆ ଲୁହାପଥର, ନାରାୟଣପୋଷି ଲୁହାପଥର ଓ ମାଙ୍ଗାନିଜ୍ ଖଣିକୁ ସ୍ପଞ୍ଜ୍ ଆଇରନ ଉତ୍ପାଦନ, ପିଗ୍ ଆଇରନ ଷ୍ଟିଲ୍ ଓ ପିଲେଟ ଉତ୍ପାଦନ କରୁଥିବା ଶିଳ୍ପଗୁଡ଼ିକ ପାଇଁ ସଂରକ୍ଷିତ ରଖିଛନ୍ତି। ଏହି ଖଣିଗୁଡ଼ିକ ଇ-ନିଲାମ ଜରିଆରେ କରାଯିବ। ଖଣିଗୁଡ଼ିକ ପାଇଁ ଫାଇନାନ୍ସିଆଲ ବିଡ୍ କେବଳ ଅନ୍‌ଲାଇନ କିମ୍ବା ଡିଜିଟାଲ ଫର୍ମାଟ୍‌ରେ ଆବେଦନ କରାଯିବ। ଯୋଗ୍ୟ ବିବେଚିତ ଆବେଦନକାରୀଙ୍କଠାରୁ ବୈଷୟିକ ବିଡ୍ ଉଭୟ ଡିଜିଟାଲ ଏବଂ ଫିଜିକାଲ ଫର୍ମାଟ୍‌ରେ ଗ୍ରହଣ କରାଯିବ। ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ (https:www.mstccommerce.com/auctionhome/mlcl/index.jsp) ୱେବ୍‌ସାଇଟରେ ପଞ୍ଜୀକୃତ ହେବାକୁ ପଡ଼ିବ। ଯେଉଁମାନେ ଏହି ପ୍ରକ୍ରିୟାରେ ସଫଳ ହେବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଲଗ୍‌ଇନ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଦାନ କରାଯିବ। ୨୦୧୯ ଡିସେମ୍ବର ୩୦ ସୁଦ୍ଧା ନିଲାମ ସମ୍ପର୍କିତ କାଗଜପତ୍ର କିଣିବାକୁ ଶେଷତାରିଖ ଧାର୍ଯ୍ୟ କରାଯାଇଛି। ସେହିପରି ୨୦୨୦ ଜାନୁୟାରୀ ୩ ମଧ୍ୟାହ୍ନ ୧୨ଟା ସୁଦ୍ଧା ଟେଣ୍ଡର ପାଇଁ ଆବେଦନ କରିବାକୁ ସ୍ଥିର କରାଯାଇଛି। ଯେଉଁ ଆବେଦନକାରୀ ୨୦୧୯ ଅକ୍ଟୋବର ୪ ଓ ୧୪ରେ ଏକ ନିର୍ଦ୍ଦିଷ୍ଟ ଖଣି ପାଇଁ ନିଲାମ ପ୍ରକ୍ରିୟାରେ ଭାଗନେବାକୁ ଟେଣ୍ଡର କାଗଜପତ୍ର କିଣିଥିଲେ ସେମାନଙ୍କୁ ଆଉ ଟେଣ୍ଡର ଫି ଦେବାକୁ ପଡ଼ିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ସୂଚନାଯୋଗ୍ୟ, ଉକ୍ତ ୨୦ ଖଣିର ନିଲାମ ପାଇଁ ୨୦୧୯ ଅକ୍ଟୋବର ୪ ଓ ୧୪ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ୧୭୬ ଜଣ ବିଡର ଭାଗନେଇଥିଲେ। ରୋଇଡା-୨ ପାଇଁ ୨୧ ଜଣ ବିଡର ଆବେଦନ କରିଥିବା ବେଳେ ନୂଆଗାଁ ଖଣି ପାଇଁ ୧୫, ଠାକୁରାଣୀ ପାଇଁ ୧୫, ଜିଲିଂ-ଲଙ୍ଗଲୋଟା ପାଇଁ ୨୪, ଜୁରୁଡି ପାଇଁ ୨୨, ଗାନୁଆ ପାଇଁ ୧୨, ଜରିବାହାଲ ପାଇଁ ୨୫, ମହୁଲସୁଖା ପାଇଁ ୧୮, ନାରାୟଣପୋଷି ପାଇଁ ୧୨, ସିଲଜୋରା-କାଳିମାଟି ଖଣି ପାଇଁ ୧୨ ଜଣ ବିଡର ଆବେଦନ କରିଥିଲେ। ୨୦୧୯ ନଭେମ୍ବର ୧୮ରେ ଏହିସବୁ ଖଣି ପାଇଁ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ଏହି ବିଡ୍ ଖୋଲିବା ପରେ ଜଣାପଡ଼ିଲା ଯେ, ଗୋଟିଏ ଖଣି ପାଇଁ ଜଣେ ବିଡର ବିଭିନ୍ନ ନାମରେ ୫ରୁ ୬ଟି ଟେଣ୍ଡର ପକାଇଛନ୍ତି। ଫଳରେ ଖଣି ନିଲାମରେ ସ୍ୱଚ୍ଛତା ରହି ନ ଥାଆନ୍ତା। ଖଣି ପାଇବାକୁ ପ୍ରତିଯୋଗିତା ସୀମିତ ରହିଯାଇଥାଆନ୍ତା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ ମଧ୍ୟ ହରାଇବାକୁ ପଡ଼ିଥାଆନ୍ତା। ଏହି ଘଟଣା ଜଣାପଡ଼ିବା ପରେ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଦୁଇଟି ଉଚ୍ଚସ୍ତରୀୟ ବୈଠକ ଡାକି ଆଲୋଚନା କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଖଣି ବିଭାଗ ଉକ୍ତ ନିଲାମ ପ୍ରକ୍ରିୟାକୁ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲୋଡ଼ିଥିଲା। ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ ଦେବା ପରେ ୨୦୧୯ ଡିସେମ୍ବର ୨ରେ ଟେଣ୍ଡରକୁ ଇସ୍ପାତ ଓ ଖଣି ବିଭାଗ ବାତିଲ କରିଦେଇଥିଲା। ତେବେ ଯେଉଁ ବିଡରମାନେ ଖଣି ପାଇଁ ଅମାନତ ରାଶି ବାବଦରେ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇଥିଲେ, ସେମାନଙ୍କୁ ତାହା ଫେରାଇ ଦିଆଯାଇଛି।




ମାଉଣ୍ଟ ଏଲବ୍ରସ୍ ଶିଖରରେ ଚମକିଲେ ଲିପିକା
ଦେଖନ୍ତୁ ଭିଡିଓ
YouTube /dharitrilive

## ଲଢ଼େଇରେ ଅଣ୍ଡିରା ମାଖୁନା ହାତୀର ମୃତ୍ୟୁ

ଭଞ୍ଜନଗର,୬।୧୨(ଡି.ଏନ୍.ଏ)



ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ କଳିଙ୍ଗପଦର ପଶାରୁଣୀ ନାଳରେ ଏକ ହାତୀର ମୃତଦେହ ପଡିଥିବା ଶୁକ୍ରବାର ସକାଳେ ବନବିଭାଗ ପାଖରେ ଖବର ପହଞ୍ଚିଥିଲା। ଡିଏଫ୍‌ଓ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହାତୀର କାନ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଏହା ଏକ ଅଣ୍ଡିରା ମାଖୁନା ହାତୀ ବୋଲି ଜଣାପଡିଛି। ଦୁଇଟି ହାତୀପଲ ମଧ୍ୟରେ ସଂଘର୍ଷ ଯୋଗୁ ଏହି ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ତାରସିଂ ପ୍ରାଣୀ ବିଶେଷଜ୍ଞ ଡା. ବିଜୟନୀ ପଣ୍ଡା ହାତୀର ବ୍ୟବଚ୍ଛେଦ କରିଛନ୍ତି। ଦନ୍ତା ହାତୀର ଆକ୍ରମଣରେ ହିଁ ଏହି ହାତୀର ମୃତ୍ୟୁ ଘଟିଥିବା ବନ ସୂଚନା ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଥିଲା।

ଘଟଣା ସମ୍ପର୍କରେ କେତେଜଣ ଗ୍ରାମବାସୀ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ, ଗୁରୁବାର ରାତିରେ ହାତୀପଲଙ୍କ ଗର୍ଜନ ଶୁଣିଥିଲୁ। ଶୁକ୍ରବାର ସକାଳୁ କେତେକ ଲୋକଙ୍କ କ୍ଷେତରେ ପଶି ଫସଲ ନଷ୍ଟ କରିଥିବା ଦେଖିବାକୁ ମିଳିଥିଲା। ଏହାସହ ଗୋଟିଏ ହାତୀର ମୃତଦେହ ନାଳ ଭିତରେ ପଡ଼ିଥିବା ଦେଖିଥିଲୁ ବୋଲି କହିଥିଲେ।

## ଥାନାରେ ‘ମୋ ସରକାର’ କାର୍ଯ୍ୟକ୍ରମ ତଦାରଖ କଲେ ରାଜ୍ୟ ଗୃହମନ୍ତ୍ରୀ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ରାଜ୍ୟ ଗୃହ, ଶକ୍ତି, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର ଥାନାରେ ‘ମୋ ସରକାର’ କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଥାନାରେ ଅଭିଯୋଗ କରିଥିବା ୧୯ ଜଣଙ୍କ ସହିତ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ମନ୍ତ୍ରୀ ମିଶ୍ର ଯାଜପୁର ଜିଲା ଯାଜପୁର ଓ କୁଆଖିଆ ଥାନା, ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଓ କୁଜଙ୍ଗ ଥାନା, ରାୟଗଡ଼ା ଜିଲା ବିଷମକଟକ ଓ ପଦ୍ମପୁର ଥାନା, ଗଞ୍ଜାମର ଆସ୍କା, ସୋରଡ଼ା ଓ ଦିଗପହଣ୍ଡି ଥାନା, ଭୁବନେଶ୍ୱର କ୍ୟାପିଟାଲ ଥାନା, ସୁନ୍ଦରଗଡ଼ ଟାଉନ ଥାନା, ମୟୂରଭଞ୍ଜ ଜିଲାର ବାରିପଦା ଟାଉନ ଥାନା, ଅନୁଗୋଳର ଏନ୍‌ଟିପିସି ଥାନା, ଭଦ୍ରକର ଚାନ୍ଦବାଲି ଥାନା, ବାଲେଶ୍ୱରର ସୋର ଥାନା, ପୁରୀର ବ୍ରହ୍ମଗିରି ଥାନା, ଢେଙ୍କାନାଳର ମୋଟାଙ୍ଗ ଥାନା, କେନ୍ଦୁଝରର ଘସିପୁରା ଥାନା ଏବଂ କେନ୍ଦ୍ରାପଡ଼ାର ମହାକାଳପଡ଼ା ଥାନାରେ ‘୫-ଟି’ର ସ୍ଥିତି ସଂକ୍ରାନ୍ତରେ ଅଭିଯୋଗକାରୀଙ୍କଠାରୁ ପଚାରିବୁଝିଥିଲେ। ଥାନାରେ ପହଞ୍ଚିବା ପରେ ସେମାନଙ୍କୁ କିଭଳି ବ୍ୟବହାର ପ୍ରଦର୍ଶନ କରାଗଲା, ଅଭିଯୋଗ ଦାଖଲ ସମୟରେ ପୋଲିସ କେତେ ସହଯୋଗ କରିଥିଲା, ଥାନା କର୍ମଚାରୀ ଲାଞ୍ଚ ମାଗିଥିଲେ କି, ଥାନାରୁ ଫେରିବା ପରେ ପୋଲିସର ତଦନ୍ତ ଓ ସହଯୋଗ ନେଇ କେତେ ସନ୍ତୁଷ୍ଟ ସେ ବିଷୟରେ ମନ୍ତ୍ରୀ ମତାମତ ଚାହିଁଥିଲେ। ପୂର୍ବାପେକ୍ଷା ଉତ୍ତମ ବ୍ୟବହାର ମିଳୁଥିବା ଅଭିଯୋଗକାରୀମାନେ ମନ୍ତ୍ରୀଙ୍କୁ କହିଛନ୍ତି।

## ଭୁଲ୍‌ରେ ଚାଲାଣ କଟିଥିଲେ ଟଙ୍କା ଫେରସ୍ତ: ମନ୍ତ୍ରୀ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଟ୍ରାଫିକ ଉଲ୍ଲଘଂନକାରୀଙ୍କ ବିରୋଧରେ ପୋଲିସ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ନିୟମ ଭାଙ୍ଗିଲା ମାତ୍ରେ ମୋଟା ଅଙ୍କର ଜରିମାନା ଭରିବାକୁ ପଡୁଛି। ପ୍ରଥମେ ପୋଲିସ ଏବଂ ନିୟମ ଉଲଘଂନକାରୀଙ୍କ ମଧ୍ୟରେ ବାରମ୍ବାର ଖଣ୍ଡଯୁଦ୍ଧ ଦେଖିବାକୁ ମିଳୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ ହେଲା। ଶେଷରେ ଏଥିରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିବାପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ନିକଟରେ ଜଣେ କାର୍ ଚାଳକଙ୍କ ନିକଟକୁ ହେଲ୍‌ମେଟ ପିନ୍ଧି ନ ଥିବା ଅଭିଯୋଗରେ ଚାଲାଣ ପହଞ୍ଚିଥିଲା। କଟକରେ ଥିବା କାର୍ ଚାଳକଙ୍କ ନିକଟକୁ ଭୁବନେଶ୍ୱରରୁ ଚାଲାଣ ପଠାଯାଉଛି। ଏହାକୁ ନେଇ ପୋଲିସ୍‌ର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିବାପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ଯେଉଁମାନେ ଗାଡି ଚଳାଇବା ବେଳେ ନିୟମ ଭଙ୍ଗ କରୁଥିବେ ଓ ଧରାପଡିଯିବାପରେ ଜରିମାନା ନ ଦେଇ ଚାଲିଯାଉଥିବେ ସେମାନଙ୍କୁ ଚିହ୍ନଟ କରାଯାଇ ଚାଲାଣ ପଠାଯାଉଛି। ଭୁଲ୍‌ରେ ଚାଲାଣ ଯାଉଥିବା ପ୍ରସଙ୍ଗରେ ଏପରି କିପରି ହୋଇପାରିବ ବୋଲି କହିବା ସହିତ ମନ୍ତ୍ରୀ ବେହେରା ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମୁଖ୍ୟତଃ ଯଦି ନମ୍ବର ପ୍ଲେଟ ଭୁଲ୍‌ଭାବେ ଲେଖା ଯାଇଥିବ ସେହି ଆଧାରରେ ଅନ୍ୟ ସବୁ ତଥ୍ୟ ବାହାର କରାଯାଇ ଚାଲାଣ ପଠାଯିବ। ଯଦି ଭୁଲ୍‌ରେ ଚାଲଣ କଟାଯାଇଥିବ ତେବେ ନିହାତି ଭାବେ ଟଙ୍କା ଫେରସ୍ତ ମିଳିବ ବେଲି ମନ୍ତ୍ରୀ ବେହେରା କହିଛନ୍ତି।

### ହାଇଦ୍ରାବାଦ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

## ସମର୍ଥନ କଲେ ଆଇନ ମନ୍ତ୍ରୀ ପ୍ରତାପ ଜେନା

**ଭୁବନେଶ୍ୱର, ୬।୧୨ (ବ୍ୟୁରୋ):** ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇ ନ ଥିଲେ। ଘଟଣାର ତଦନ୍ତ ଜାରି ରହିଥିଲା। ତଦନ୍ତର ଏକ ପ୍ରକ୍ରିୟା ମଧ୍ୟ ଦେଇ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନିଆଯାଇଥିଲା। ହେଲେ ସେଠାରୁ ସେମାନେ ପଳାଇବାକୁ ଚେଷ୍ଟା କରିଥିଲେ, ଫଳରେ ପୋଲିସ ସେମାନଙ୍କୁ ଗୁଳି କରିଥିଲା। ଏହି ଏନ୍‌କାଉଣ୍ଟର ପୋଲିସ ନିଜର ଆତ୍ମରକ୍ଷା ପାଇଁ କରିଥିଲା। ଏହା ଦ୍ୱାରା କୌଣସି ବ୍ୟବସ୍ଥାଗତ ପ୍ରକ୍ରିୟା ସାଧିତ ହୋଇ ନ ଥିଲା। ଅପରପକ୍ଷରେ ଏହି ଘଟଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି କ୍ରମରେ ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ସାମ୍ବିଧାନିକ ପଦବୀରେ ଥାଇ ଘଟଣାକୁ ତୁରନ୍ତ ସମର୍ଥନ କରି ସେ ଏଭଳି ମତ ଦେଇଛନ୍ତି।

ପ୍ରତାପ କହିଛନ୍ତି ଯେ, ଅଭିଯୁକ୍ତମାନେ ଏବଂ ବହୁତ ବଡ଼ ଅପରାଧି। ସେଥିପାଇଁ ସେମାନଙ୍କୁ ଦଣ୍ଡ ମିଳିବା ଉଚିତ ଥିଲା। ଅଧିକରୁ ଅଧିକ, କଠୋରରୁ କଠୋର ଦଣ୍ଡ ମିଳିବାର ଦରକାର ଥିଲା। ହାଇଦ୍ରାବାଦ ପୋଲିସ ହାତରୁ ସେମାନେ ଖସିବାକୁ ଚାହୁଁଥିବା ସମୟରେ ପୋଲିସ ସେମାନଙ୍କୁ ଏନ୍‌କାଉଣ୍ଟର କରି ହତ୍ୟା କରିଛି। ମାନବାଧିକାର କମିଶନ କ'ଣ କହିବ, କେଉଁ ସଙ୍ଗଠନ କ'ଣ କହିବେ, ସେ କଥା ସେ ଜାଣିନାହାନ୍ତି। ଏପରି ଅନେକ ଦେଶ ଅଛି, ଯେଉଁଠି ଏଭଳି ଅପରାଧ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦିଆଯାଉଛି। ଆମ ଦେଶରେ ମଧ୍ୟ କଠୋର ଆଇନ ହେବା ଆବଶ୍ୟକ। ଆମେ କେବଳ କୋର୍ଟ ଏବଂ ଅନ୍ୟାନ୍ୟ ଉପରେ ନିର୍ଭର କରି ଘଟଣାକୁ ବଢ଼ାଇବା(ଲିଙ୍ଗରିଙ୍ଗ୍) ଦରକାର ନାହିଁ। ସେ ଭାବୁଛନ୍ତି ହାଇଦ୍ରାବାଦରେ ଯାହା ହୋଇଛି ଠିକ୍ ହୋଇଛି, ସେମାନଙ୍କୁ ଉଚିତ ଦଣ୍ଡ ମିଳିଛି ବୋଲି ପ୍ରତାପ କହିଛନ୍ତି।



ଜିଲା ଟିପି
ଗଞ୍ଜାମ

## ଭୂତକୁ ଅପେକ୍ଷା

ଗଞ୍ଜାମ ଗ୍ରାମାଞ୍ଚଳରେ ଭୂତପ୍ରେତ, ଗୁଣିଗାରେଡ଼ି ଏବଂ ଡାହାଣୀ ଭଳି ଅନ୍ଧବିଶ୍ୱାସର ପ୍ରଭାବ ପ୍ରବଳ ଭାବେ ଦେଖିବାକୁ ମିଳୁଛି। ଗୁଣିଆ ସନ୍ଦେହରେ ହତ୍ୟା, ଡାହାଣୀ ବୋଲି ସନ୍ଦେହ କରାଯାଉଥିବା ବ୍ୟକ୍ତିଙ୍କୁ ଗାଁରୁ ବାସନ୍ଦ, ଭୂତ ଭୟରେ ସ୍କୁଲ ବନ୍ଦ ଭଳି ଶିରୋନାମା ଥିବା ଖବର ନିୟମିତ ବ୍ୟବଧାନରେ ଗଣମାଧ୍ୟମରେ ପ୍ରକାଶ ପାଉଛି। ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟର ଏକ ନମ୍ବର ମାନ୍ୟତା ପାଇଥିବା ଏହି ଜିଲାରେ ତଥାକଥିତ ଗୁଣିଆ ଏବଂ ତାନ୍ତ୍ରିକମାନଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ସେମାନେ ଜିଲାର ପ୍ରାୟତଃ ସବୁ କୋଣରେ କାୟା ବିସ୍ତାର କରି ଚାଲିଛନ୍ତି। ଜିଲାରେ ଘଟୁଥିବା ମୋଟ ଅପରାଧର ଏକ ବଡ଼ ଭାଗ ଗୁଣିଗାରେଡ଼ି ଏବଂ ଡାହାଣୀ ସନ୍ଦେହରେ ଘଟୁଛି। ଏଭଳି ଘଟଣା ଯୋଗୁ କେବଳ ରାଜ୍ୟ ନୁହେଁ, ଦେଶରେ ମଧ୍ୟ ଗଞ୍ଜାମ ଜିଲା ଚର୍ଚ୍ଚାରେ ରହିଆସିଛି। ଏହି ଅପବାଦରୁ ବର୍ତ୍ତିବା ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅକ୍ଟୋବର ୨୩ରେ ଏକ ଘୋଷଣା କରିଥିଲେ। ଭୂତପ୍ରେତ, ଡାହାଣୀ ପ୍ରମାଣ ଯିଏ ଦେଇପାରିବେ, ତାଙ୍କୁ ୫୦ହଜାର ଟଙ୍କାର ପୁରସ୍କାର ଦିଆଯିବ। ଗୁଣିଗାରେଡ଼ି ଦ୍ୱାରା ଯଦି କେହି ଗୁଣିଆ ତାଙ୍କୁ କୌଣସି ପ୍ରକାରେ ପ୍ରଭାବିତ କରିପାରିବେ, ତେବେ ତାଙ୍କୁ ମଧ୍ୟ ୫୦ହଜାର ଟଙ୍କାର ଦିଆଯିବ। ଏହି ଘୋଷଣାକୁ ପ୍ରାୟ ଦେଢ଼ମାସ ବିତିଗଲାଣି। କିନ୍ତୁ ଭୂତପ୍ରେତକୁ ପ୍ରମାଣିତ କରିପାରିଥିବା ଭଳି ବ୍ୟକ୍ତି କିମ୍ବା ଗୁଣିଆ ଏଯାଏ ଜିଲାପାଳଙ୍କଠାରୁ ପୁରସ୍କାର ରାଶି ନେବା ପାଇଁ ଆଗ୍ରହ ପ୍ରକାଶ କରିନାହାନ୍ତି। କାରଣ ଏହି ପରୀକ୍ଷାରେ ଭାଗନେବାକୁ କେହି ଆଗକୁ ଆସିନାହାନ୍ତି। ଜିଲାପାଳଙ୍କ ବହୁ ପୂର୍ବରୁ ଓଡ଼ିଶାର ବିଭିନ୍ନ ମାନବବାଦୀ ହେତୁବାଦୀ ସଙ୍ଗଠନଗୁଡ଼ିକ ମଧ୍ୟ ଭୂତପ୍ରେତର ପ୍ରମାଣ ଦେଲେ ପୁରସ୍କାର ଦେବାକୁ ଗୁଣିଆମାନଙ୍କୁ ଆହ୍ୱାନ କରିଛନ୍ତି। ସେହି ଆହ୍ୱାନକୁ ମଧ୍ୟ କେହି ଆଜି ପର୍ଯ୍ୟନ୍ତ ଚ୍ୟାଲେଞ୍ଜ କରିନାହାନ୍ତି। ତଥାପି ସାପ କାମୁଡ଼ା ହେଉ ଅବା ସାଧାରଣ ଜ୍ୱର, ସାମାନ୍ୟ ଦେହ ଖରାପ ହେଲେ ମଧ୍ୟ ଲୋକମାନେ ଗୁଣିଆଙ୍କ ପାଖକୁ ଯାଉଛନ୍ତି। ଏ ପ୍ରକାର ଦୁର୍ବଳ ମାନସିକତାର ସୁଯୋଗ ନେଉଛନ୍ତି ଆତ୍ମଘୋଷିତ ଗୁଣିଆମାନେ। ମନଗଢ଼ା କାହାଣୀ ଶୁଣାଇ ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ଅଧିକାଂଶ ସମୟରେ ବଡ଼ ବଡ଼ ଅପରାଧର ସୂତ୍ରଧର ସାଜିଛି ଗୁଣିଗାରେଡ଼ି ସନ୍ଦେହ। ଚୋର ଧରିବାକୁ ଖଟ ବୁଲାଯାଉଛି। ମୃତଦେହରେ ଜୀବନ ଭରିଦେବା ପାଇଁ ଝଡ଼ାଫୁଙ୍କା ହେଉଛି। ନିରୀହ ବୃଦ୍ଧାମାନଙ୍କୁ ଡାହାଣୀ ଦର୍ଶାଇ ହତ୍ୟା କରାଯାଉଛି। ନିଆଁପାଣି ବାସନ୍ଦ କରାଯାଉଛି। ନଣ୍ଡା କରି ଗାଁ ଦାଣ୍ଡରେ ବୁଲାଇବାଠାରୁ ଆରମ୍ଭ କରି ବିଷ୍ଠା ଖୁଆଇବା ଭଳି ଘୃଣ୍ୟ ଅପରାଧ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ କେବଳ ପୁରସ୍କାର ଘୋଷଣାରେ ଗଞ୍ଜାମ ଜିଲା ପ୍ରଶାସନ ନିଜକୁ ସୀମିତ ରଖିନାହିଁ। ‘ମୁଁ ସଚେତନ’ ନାମକ ଏକ ଅଭିଯାନ ଆରମ୍ଭ କରାଯାଇଛି। ଭୂତପ୍ରେତ ଏବଂ ଗୁଣିଗାରେଡ଼ି ଉପରେ ବିଶ୍ୱାସ ନ କରିବା ପାଇଁ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ପୋଲିସ ସହଯୋଗରେ ଗାଁ ଗାଁରେ ବୈଠକ ଡକାଯାଉଛି। ଅନ୍ଧବିଶ୍ୱାସର ଅନ୍ଧଗଳିରୁ ବାହାରକରି ଜ୍ଞାନର ଆଲୋକ ଦେଖାଇବା ଦିଗରେ ଏଭଳି ଅଭିଯାନ ସଫଳ ହେବ ବୋଲି ଆଶା କରାଯାଉଛି।

– ଆଶୀର୍ବାଦ ରାଉତ



ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସମ୍ପଦ। ଯେ କେହି ମିଥ୍ୟା ଭିତରେ ବଞ୍ଚୁଥାଏ– ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। –ଶ୍ରୀମା



# ଦୁଇଟି ଦୋଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ୨୦୧୪ରୁ ଯେଉଁସବୁ ସଂସ୍କାର ଆରମ୍ଭ କରିଛନ୍ତି, ତାହା ସରକାରଙ୍କ ଶାସନ ପରିଚାଳନାରୁ ଜଣାପଡ଼ିଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ ପରିଚାଳନାରେ ନେତାଙ୍କ ଅପେକ୍ଷା ବାବୁଙ୍କ ଉପରେ ଯେ ଅଧିକ ନିର୍ଭର କରନ୍ତି, ତାହା ବେଶ୍ ଜଣାଶୁଣା। ଶାସନରେ ଉନ୍ନତି ତଥା ଅମଲାତନ୍ତ୍ରରେ ସଂସ୍କାର ଆଣିବା ପାଇଁ ସେ ମଧ୍ୟ ଅନେକ ନୀତି ପ୍ରବର୍ତ୍ତନ କରିଛନ୍ତି। ତେବେ ଅମଲାତନ୍ତ୍ରରେ ଜାତି ଓ ଲିଙ୍ଗଗତ ଅସନ୍ତୁଳନ ଦୂରକରିବା ପାଇଁ ସେ କୌଣସି ପଦକ୍ଷେପ ନେଇନାହାନ୍ତି। ନିକଟରେ ପାର୍ଲାମେଣ୍ଟରେ ପ୍ରଦତ୍ତ ତଥ୍ୟ ଅନୁସାରେ, ସରକାରଙ୍କ ୮୨ ଜଣ ସଚିବଙ୍କ ମଧ୍ୟରୁ ମାତ୍ର ୪ ଜଣ ହେଉଛନ୍ତି ଅନୁସୂଚିତ ଜାତି ବା ଉପଜାତି ବର୍ଗର। ସେମାନେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଭୂସମ୍ପଦ ବିଭାଗ, ଫାର୍ମାସ୍ୟୁଟିକାଲ ବିଭାଗ ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟରେ ନିଯୁକ୍ତ ଅଛନ୍ତି। ସେହିପରି ୮୨ ଜଣ ସଚିବଙ୍କ ମଧ୍ୟରୁ ମାତ୍ର ୧୨ ଜଣ ହେଉଛନ୍ତି ମହିଳା। ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦାନ ଓ ସଚିବ (ପୂର୍ବ) ବିଜୟ ଠାକୁର ସିଂ ପ୍ରମୁଖ ଅଳ୍ପ କେତେଜଣ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ ହୋଇଥିବା ବେଳେ ଅଧିକାଂଶ ମତ୍ସ୍ୟ, ସରକାରୀ ଭାଷା, ଭିନ୍ନକ୍ଷମ ବା ଯୁବ ବ୍ୟାପାର ପ୍ରଭୃତି ମାମୁଲି ବିଭାଗ ବା ମନ୍ତ୍ରଣାଳୟରେ ନିଯୁକ୍ତି ପାଇଛନ୍ତି। ନିକଟରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟରୁ ବିଦା ହୋଇଥିବା ବିଦ୍ୟାଳୟ ଶିକ୍ଷା ସଚିବ ରୀନା ରାୟ ଏବେ ବି ମହିଳା ବାବୁମାନଙ୍କ ମନରେ ତାଜା ହୋଇ ରହିଛନ୍ତି। ପୁଣି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, କେନ୍ଦ୍ରରେ ଯୁଗ୍ମ ସଚିବ ସ୍ତରରେ ଚାକିରି କରୁଥିବା ୭୦୦ ବାବୁଙ୍କ ମଧ୍ୟରୁ ମାତ୍ର ୧୩୪ ଜଣ ହେଉଛନ୍ତି ମହିଳା। ତେବେ ଏ ଅସନ୍ତୁଳନ ଦୂରକରିବା ଦିଗରେ ମୋଦି ସରକାର ପଦକ୍ଷେପ ନେବା ଦରକାର।

### ନର୍ଥଇଷ୍ଟକୁ ଅଣଦେଖା

ମୋଦି ସରକାରରେ ନର୍ଥଇଷ୍ଟକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ମଧ୍ୟ ଚେଷ୍ଟା କରାଯାଉଛି। କିନ୍ତୁ ରାଜଧାନୀର ଅମଲାତନ୍ତ୍ରରେ ଏହି ନର୍ଥଇଷ୍ଟ ସପକ୍ଷବାଦୀ ଚିନ୍ତାଧାରା ପ୍ରତିଫଳିତ ହେବାର ଦେଖାଯାଉ ନାହିଁ। ବର୍ତ୍ତମାନ ଦିଲ୍ଲୀ ପୋଲିସରେ ୧୦ ଜଣ ବରିଷ୍ଠ ୟୁଟି କ୍ୟାଡର ବାବୁ ସେବାରତ ଥିବାବେଳେ ସେମାନଙ୍କୁ ତାଲିମ, ଭିଆଇପି ସୁରକ୍ଷା ବା ଦିଲ୍ଲୀ ସଶସ୍ତ୍ର ବାହିନୀରେ ନିଯୁକ୍ତି ଦିଆଯାଇଛି, ଯାହା ଅପେକ୍ଷାକୃତ ନ୍ୟୂନ ଦାୟିତ୍ୱସମ୍ପନ୍ନ ପଦବୀଭାବେ ଜଣାଶୁଣା। ଦିଲ୍ଲୀ ପୋଲିସରେ ଅପରାଧ, ଆଇନଶୃଙ୍ଖଳା, ଅର୍ଥନୈତିକ ଅପରାଧ ଶାଖା, ଲାଇସେନ୍ସିଂ ଓ ଟ୍ରାଫିକ ଆଦି ବିଭାଗରେ ନିଯୁକ୍ତିକୁ ଅଧିକ ସମ୍ମାନଜନକ ବିବେଚନା କରାଯାଏ। କିନ୍ତୁ ସୂଚନା ଅନୁସାରେ, ନର୍ଥଇଷ୍ଟର କ୍ୱଚିତ୍ ବାବୁଙ୍କୁ ଏହିସବୁ ବିଭାଗରେ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରୁ କତିପୟ ଉଦାହରଣ ହେଉଛନ୍ତି, ଦିଲ୍ଲୀ ସଶସ୍ତ୍ର ବାହିନୀରେ ଡିଆଇଜି ଭାବେ ନିଯୁକ୍ତି ପାଇଥିବା ୨୦୦୪ ବ୍ୟାଚ୍ ୟୁଟି କ୍ୟାଡରର ପି.ଏନ୍. ଖ୍ରିମି, ପୋଲିସ ଟ୍ରେନିଂ କଲେଜରେ ଡିଆଇଜି ଭାବେ ନିଯୁକ୍ତି ପାଇଥିବା ସେହି ବ୍ୟାଚ୍‌ର ମିଚି ପାକୁ ଏବଂ ଡିଆଇଜି, ଟ୍ରେନିଂ ଅପୂର୍ବ ବୀଥିନ୍। ପର୍ଯ୍ୟବେକ୍ଷକମାନଙ୍କ ମତରେ ସରକାର ରାଜଧାନୀରେ ନର୍ଥଇଷ୍ଟ ବାବୁମାନଙ୍କୁ ଉପଯୁକ୍ତ ଗୁରୁତ୍ୱ ଦେବା ଆବଶ୍ୟକ।

### ଗୁଜରାଟରେ ସବୁ ଠିକ୍‌ଠାକ୍ ନାହିଁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟ ତଥା ଭାଜପା ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ଦ୍ୱାରା ଶାସିତ ହେଉଥିଲେ ମଧ୍ୟ ଗୁଜରାଟ ବାହାରକୁ ଯେମିତି ଦେଖାଯାଉଛି ସେମିତି ଚାଲି ନାହିଁ। ସେଠାକାର ପରିସ୍ଥିତି ଏଭଳି ହୋଇଛି ଯେ, ମୋଦିଙ୍କ ବିଶ୍ୱସ୍ତ ବାବୁ ଅନିଲ ମୁକିମଙ୍କୁ କେନ୍ଦ୍ରରୁ ରାଜ୍ୟକୁ ନୂତନ ମୁଖ୍ୟ ଶାସନ ସଚିବ ଭାବେ ଫେରାଇଦେବାର ଆବଶ୍ୟକତା ପଡ଼ିଲା। ମୋଦିଙ୍କ ଏପରି ଆକସ୍ମିକ ପଦକ୍ଷେପକୁ ନେଇ ଅଧିକାଂଶ ପର୍ଯ୍ୟବେକ୍ଷକ ସେଇଆ ମନେକରୁଛନ୍ତି। ମୁକିମଙ୍କ ନିଯୁକ୍ତି ଯୋଗୁ ଜେ.ଏନ୍. ସିଂଙ୍କ ପରେ ମୁଖ୍ୟ ଶାସନ ସଚିବ ପଦ ପାଇଁ ଦୌଡ଼ରେ ସବା ଆଗରେ ଥିବା ବରିଷ୍ଠତମ ବାବୁ ଅରବିନ୍ଦ ଅଗ୍ରୱାଲଙ୍କ ଆଶା ମଉଳିଯାଇଛି। ଜନରବ ଶୁଣିବାକୁ ମିଳୁଛି ଯେ, ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ରୁପାନିଙ୍କର ପାଖଲୋକ ଥିଲେ ଏବଂ ରୁପାନି ତାଙ୍କ ନାମ ବରିଷ୍ଠତା ଓ ଯୋଗ୍ୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିସ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ସୁପାରିସକୁ ଗ୍ରହଣ କଲା ନାହିଁ। ରୁପାନିଙ୍କ ସୁପାରିସକୁ ଆଡ଼େଇଦେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚାଇଦେଇଛି ଯେ, ଗୁଜରାଟରେ ଯେପରି ଭାବେ ଶାସନ ଚାଲିଛି, ସେଥିରେ ଏହା ସନ୍ତୁଷ୍ଟ ନୁହେଁ। ରୁପାନି ଓ ତାଙ୍କ ଅନୁଗତ ବାବୁମାନେ ଗୁଜରାଟକୁ ନିଜ ଇଚ୍ଛା ଅନୁସାରେ ଚଳାଉଥିବା ନେଇ ଯାହା ଶୁଣିବାକୁ ମିଳୁଛି, ସେଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅସନ୍ତୁଷ୍ଟ ଥିବା ଅନୁମାନ କରାଯାଉଛି। ମୁକିମ ହିଁ ଗୁଜରାଟର ସବୁ ଅସଜଡ଼ା ଜିନିଷକୁ ସଜାଡ଼ିଦେଇ ପାରିବେ, ଯାହା ପିଏମ୍‌ଓ ଦ୍ୱାରା ଗ୍ରହଣୀୟ ହେବ ବୋଲି ବିଶ୍ୱାସ କରାଯାଉଛି। ତେବେ ସେ କ'ଣ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | | | A | 5 | 6 | 1 | | E | | | B | 0 |
| | | | | | | 0 | 8 | | | | | | 1 | 9 |
| 7 | A | | | C | | | | | 4 | 5 | | | | |
| | 9 | | | E | 3 | 7 | | | 0 | | | | | |
| | | | | | D | | | | | | 9 | E | | |
| 5 | | | 1 | 9 | | | 3 | D | | 4 | 6 | | 2 | |
| E | | | 6 | | C | | | | 9 | | 8 | | | |
| | | | | | | 2 | B | 0 | | | D | | | |
| | 4 | A | | D | | | 9 | | | 1 | | | | |
| 6 | | | 0 | | 8 | | | 7 | E | | | | | B |
| D | | 9 | | | | | 1 | 3 | | C | | 6 | | |
| | | | | | | B | | | | | 7 | | | |
| 2 | 0 | | 5 | 7 | | | C | E | A | | | | | 8 |
| | | | | | | | | A | | B | 5 | 0 | 7 | C |
| | | | 4 | | | 9 | | 8 | 1 | 2 | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 8 | 0 | A | 1 | 7 | C | E | 5 | 4 | 2 | D | 6 | 3 | 9 |
| 5 | 4 | 2 | E | C | 6 | 7 | 0 | 3 | B | 1 | 9 | D | 8 | A |
| 3 | 6 | A | 2 | 4 | 9 | B | 1 | D | C | 0 | 8 | E | 5 | 7 |
| C | 7 | D | B | 8 | 5 | 4 | A | 9 | 6 | E | 3 | 2 | 0 | 1 |
| 1 | E | 9 | 0 | D | 3 | 2 | 8 | 6 | A | 7 | 5 | C | 4 | B |
| 7 | 9 | B | 1 | 3 | 0 | A | C | 4 | D | 8 | E | 5 | 6 | 2 |
| 8 | D | 5 | 9 | B | A | 3 | 7 | 1 | 2 | 6 | 4 | 0 | E | C |
| 6 | C | 1 | 8 | 7 | E | 5 | 2 | 0 | 3 | B | A | 9 | D | 4 |
| E | 0 | 3 | 4 | 2 | D | 6 | 9 | B | 5 | C | 1 | 7 | A | 8 |
| 2 | A | 4 | 6 | 5 | C | 8 | D | E | 7 | 9 | 0 | B | 1 | 3 |
| A | 1 | C | D | E | 4 | 9 | 5 | 7 | 0 | 3 | 2 | 8 | B | 6 |
| D | B | 7 | 5 | 0 | 2 | 1 | 3 | C | 8 | 4 | 6 | A | 9 | E |
| 4 | 5 | E | 3 | 6 | 8 | D | B | 2 | 9 | A | C | 1 | 7 | 0 |
| 0 | 3 | 8 | C | 9 | B | E | 6 | A | 1 | D | 7 | 4 | 2 | 5 |
| 9 | 2 | 6 | 7 | A | 1 | 0 | 4 | 8 | E | 5 | B | 3 | C | D |

ଗତକାଲିର ଉତ୍ତର

# ଅବହେଳିତଙ୍କ ସ୍ୱର ଆଜି ନିଷ୍ପ୍ରଭ



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ବିଶ୍ୱରେ ଉଭୟ ରାଜନୈତିକ, ଅର୍ଥନୈତିକ ଦୃଶ୍ୟପଟରେ ଯେଉଁ ବଡ଼ ପରିବର୍ତ୍ତନ ଘଟୁଛି ସେଥିରେ ଧନୀ ଅଧିକ ଧନୀ, କ୍ଷମତାଶାଳୀ ଅଧିକ କ୍ଷମତାଶାଳୀ ହେଲାବେଳେ ଗରିବ, ଅବହେଳିତଙ୍କ ସ୍ୱର କ୍ରମଶଃ ଦୁର୍ବଳ ହୋଇଯାଉଛି। ଶୋଷଣ, ଲୁଣ୍ଠନ ଓ ଆର୍ଥିକ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧିପାଉଛି। ମୁକ୍ତ ଅର୍ଥନୀତି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ପ୍ରଚଳନ ହେବା ସହିତ ରାଷ୍ଟ୍ର ତାହାର ଜନହିତକର କାର୍ଯ୍ୟରୁ କ୍ରମଶଃ ଅପସରିଯିବା ଯୋଗୁ କ୍ଷମତାଶାଳୀ, ପୁଞ୍ଜିପତି, ଶିଳ୍ପପତି ତଥା ଧନିକ ଶ୍ରେଣୀଙ୍କ ଆଧିପତ୍ୟ ବୃଦ୍ଧିପାଇଛି। ଅଭିବୃଦ୍ଧି ସୁଫଳର ମୁଖ୍ୟଭାଗ ତାଙ୍କ ନିକଟକୁ ଯାଉଛି। ମୁକ୍ତ ବଜାର ଅର୍ଥନୀତି ଆଜି କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ ଦ୍ୱାରା କବଳିତ। ମୁକ୍ତ ବଜାର ଅର୍ଥନୀତିର ତତ୍ତ୍ୱ ଅନୁଯାୟୀ ଯାହାର ଦକ୍ଷତା ଅଛି ସେ ଅଗ୍ରଗତି କରିବ। ରାଷ୍ଟ୍ର କୌଣସି ହସ୍ତକ୍ଷେପ କରିବ ନାହିଁ। କିନ୍ତୁ ବର୍ତ୍ତମାନ କ୍ରୋନି କ୍ୟାପିଟାଲିଜମ୍‌ର ଆଧିପତ୍ୟ ଯୋଗୁ ରାଷ୍ଟ୍ର ନିରପେକ୍ଷ ନ ରହି ବୃହତ୍ କମ୍ପାନୀ, ବିତ୍ତୀୟ ଓଲିଗାର୍ଚ୍ଚି ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛି। ବୃହତ୍ କମ୍ପାନୀଗୁଡ଼ିକ ସରକାରଙ୍କ ବିଭିନ୍ନ ସିଦ୍ଧାନ୍ତରେ ହସ୍ତକ୍ଷେପ କରି ଅଧିକ ରିହାତି, ସୁବିଧା ସୁଯୋଗ ଲାଭ କରୁଛନ୍ତି। ଫଳରେ ଗରିବ, ସାଧାରଣ ଜନତା ବଞ୍ଚିତ ହେଉଛନ୍ତି ଏବଂ ଆର୍ଥିକ ବୈଷମ୍ୟ ବୃଦ୍ଧି ପାଉଛି।

ଯଦି କୌଣସି ସରକାର ବୃହତ୍ ଦେଶୀ ବିଦେଶୀ କମ୍ପାନୀ, ବିଶ୍ୱବିତ୍ତ ପୁଞ୍ଜି କଥାକୁ ଗୁରୁତ୍ୱ ନ ଦିଏ ତେବେ ସେମାନେ ସେ ଦେଶର ପୁଞ୍ଜି ପ୍ରତ୍ୟାହାର କରି ଷ୍ଟକ୍ ମାର୍କେଟର ପତନ ଘଟାଇ ଅର୍ଥନୀତିକୁ ବିପର୍ଯ୍ୟୟ ମୁଖକୁ ଠେଲି ଦେଇଥାନ୍ତି। ଫଳରେ ଯିଏ ଦେଶର ଶାସକ ତାଙ୍କ ହାତରେ ପ୍ରକୃତ କ୍ଷମତା ନ ରହି ତାହା ବଡ଼ ବଡ଼ କମ୍ପାନୀଙ୍କ ନିୟନ୍ତ୍ରଣକୁ ଚାଲିଯାଉଛି। ବର୍ତ୍ତମାନ ଭାରତ ସମେତ ବିଶ୍ୱବ୍ୟାପୀ ଯେଉଁ କର୍ପୋରେଟ ଟିକସ ହ୍ରାସ, ସୁଧ ହାର ହ୍ରାସର ପ୍ରତିଯୋଗିତା ଚାଲିଛି ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ। ଅଶୀ ଦଶକରେ ବିଶ୍ୱରେ ହାରାହାରି କର୍ପୋରେଟ ଟିକସ ୩୮. ୮୪% ଥିଲା ବେଳେ ବର୍ତ୍ତମାନ ଏହା ୨୩.୦୩%କୁ ହ୍ରାସ ପାଇଛି। ଆମେରିକାରେ ଟ୍ରମ୍ପ ସରକାର ଡିସେମ୍ବର ୨୦୧୭ରେ କର୍ପୋରେଟ ଟିକସ ହାର ୩୫%ରୁ ୨୧%କୁ ହ୍ରାସ କରିଛନ୍ତି। ଭାରତ ସରକାର ନିକଟରେ ୩୦%ରୁ ୨୨%କୁ ହ୍ରାସ କରିଛନ୍ତି। ସବୁ ଦେଶ ମଧ୍ୟରେ ଏପରି ପ୍ରତିଯୋଗିତା ହେବା ଯୋଗୁ ବଡ଼ ବଡ଼ କମ୍ପାନୀଗୁଡ଼ିକର ଲାଭ ବୃଦ୍ଧି ପାଉଛି। କିନ୍ତୁ ଅପରପକ୍ଷରେ ସରକାର ରାଜସ୍ୱ ହରାଇବା ଯୋଗୁ ଋଣ ବୃଦ୍ଧି ପାଉଛି। ଆବଶ୍ୟକ ସମ୍ବଳ ଅଭାବରୁ ସରକାର ବିଭିନ୍ନ ଜନହିତକର ତଥା ସାମାଜିକ କ୍ଷେତ୍ରରେ ବ୍ୟୟ ହ୍ରାସ କରୁଛନ୍ତି। ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି। ଏହି ପ୍ରକ୍ରିୟା ଆମ ଦେଶରେ ବର୍ତ୍ତମାନ ବ୍ୟାପକ। ଏହାଦ୍ୱାରା ରାଷ୍ଟ୍ରର ସମ୍ପଦ କିଛି ଘରୋଇ ବ୍ୟକ୍ତି ହାତକୁ ଚାଲିଯାଉଛି। ଉଦାରୀକରଣ ପ୍ରକ୍ରିୟାରେ ପ୍ରତିଯୋଗିତାର ବାତାବରଣ ସୃଷ୍ଟିକରି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଏକଚାଟିଆ କାରବାର ରୋକି ଦକ୍ଷତା ବୃଦ୍ଧି ଏବଂ ଜନସାଧାରଣଙ୍କୁ ଭଲ ସେବା ଦିଆଯିବ ବୋଲି କୁହାଯାଉଥିଲା। କିନ୍ତୁ ବର୍ତ୍ତମାନ ଘରୋଇ ଉଦ୍ୟୋଗର ଏକଚାଟିଆ କାରବାର ବୃଦ୍ଧି ପାଇଛି, ଯାହା ସାଧାରଣ ଜନତାଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ଲାଭକୁ ପ୍ରାଧାନ୍ୟ ଦେଉଛି। ନିଯୁକ୍ତି ସୃଷ୍ଟି କରିବାକୁ ଗୁରୁତ୍ୱ ଦେଉନାହିଁ। ସେହିପରି ସୁଧହାର ହ୍ରାସ ପ୍ରତିଯୋଗିତାରେ ସଞ୍ଚୟକାରୀ କ୍ଷତିଗ୍ରସ୍ତ ହେଲାବେଳେ କମ୍ପାନୀଗୁଡ଼ିକର ସୁଧ ପ୍ରଦାନ ଜନିତ ପରିବ୍ୟୟ ହ୍ରାସ ପାଇ ଲାଭ ବୃଦ୍ଧିପାଉଛି। ଏହାର ସୁପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁନାହିଁ।

ଅନେକ ସମୟରେ ବିଭିନ୍ନ ସରକାର, ରାଜନେତା ଦୁର୍ନୀତି, କଳାଟଙ୍କା ବିରୋଧରେ ସ୍ଲୋଗାନ ଦେବା ସହିତ ତାହା ବିରୋଧରେ ଲଢ଼େଇ କରୁଛନ୍ତି ବୋଲି କହିଥାନ୍ତି। ଲୋକମାନେ ମଧ୍ୟ ସେ କଥାକୁ ବିଶ୍ୱାସ କରିଥାନ୍ତି। କିନ୍ତୁ ଦୁର୍ନୀତିର ମୂଳ ଉତ୍ସ ହେଉଛି ନିର୍ବାଚନ ପ୍ରକ୍ରିୟା। ସବୁ ଦଳ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରନ୍ତି। ବିନା କଳାଟଙ୍କା ଓ ଦୁର୍ନୀତିରେ କ'ଣ ଏହା ସମ୍ଭବ। ପୁନଶ୍ଚ ବିଶ୍ୱରେ ୮୨ଟି ପାଖାପାଖି ଟ୍ୟାକ୍ସ ହାଭେନ ରହିଛି; ଯେଉଠି କଳାଟଙ୍କା ରଖାଯାଇଥାଏ। ସେଠି ଟଙ୍କା ରଖିଲେ ଟିକସ ପଡ଼େ ନାହିଁ ବା କମ୍ ପଡ଼େ। ଟଙ୍କା ରଖିଥିବା ଲୋକଙ୍କ ନାମ ଗୋପନ ରଖାଯାଏ। ବଡ଼ ବଡ଼ ରାଷ୍ଟ୍ରର ମୁଖ୍ୟମାନେ ଦୁର୍ନୀତି ବିରୋଧରେ କହିଲା ବେଳେ ସେହି ଟ୍ୟାକ୍ସ ହାଭେନର ବିଲୋପ ପାଇଁ କାହିଁକି ଚେଷ୍ଟା କରୁନାହାନ୍ତି। ବାସ୍ତବରେ ଧନିକଶ୍ରେଣୀ, ଶିଳ୍ପପତି, ବଡ଼ ବଡ଼ ନେତାଙ୍କ କଳାଟଙ୍କା ରଖିବା ପାଇଁ ସେସବୁର ସୃଷ୍ଟି; ଯାହା ସାଧାରଣ ଲୋକ ଜାଣନ୍ତି ନାହିଁ। ଏହି ପ୍ରକ୍ରିୟା ଦ୍ୱାରା ଭାରତ ପରି ବିଭିନ୍ନ ରାଷ୍ଟ୍ରରୁ ଅର୍ଥ ସେସବୁ ସ୍ଥାନକୁ ଚାଲିଯାଉଛି ଏବଂ ସମ୍ବଳ ଅଭାବ ଯୋଗୁ ସରକାର ଖର୍ଚ୍ଚ କାଟ କରୁଛନ୍ତି। ପୁନଶ୍ଚ ସମ୍ପ୍ରତି ଅପରାଧରେ ସମ୍ପୃକ୍ତ ବା ଧନିକ ଶ୍ରେଣୀର ବ୍ୟକ୍ତି ପ୍ରତି ନିର୍ବାଚନରେ ଅଧିକ ମାତ୍ରାରେ ବିଧାନସଭା ବା ସଂସଦକୁ ନିର୍ବାଚିତ ହୋଇଯାଉଛନ୍ତି। ମନ୍ତ୍ରିମଣ୍ଡଳରେ ମଧ୍ୟ ସେମାନଙ୍କ ସଂଖ୍ୟା ବୃଦ୍ଧିପାଉଛି। ଫଳରେ ସେମାନେ ଯେଉଁ ସିଦ୍ଧାନ୍ତ ନେଉଛନ୍ତି ସାଧାରଣ ଜନତା ବା ଗରିବମାନଙ୍କ ସପକ୍ଷବାଦୀ ନ ହୋଇ ଧନିକ ଶ୍ରେଣୀଙ୍କୁ ସୁହାଇଲା ପରି ହେଉଛି। ବିଶ୍ୱରେ ମଧ୍ୟ ବିଭିନ୍ନ ଦେଶରେ ଏହି ପ୍ରକ୍ରିୟା ଦେଖାଦେଇଛି।

ସାଧାରଣତଃ ଅବହେଳିତ ଜନତାଙ୍କ ସମସ୍ୟା କଥା ଗଣମାଧ୍ୟମ କହିଥାଏ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଦର୍ଶାଇଥାଏ। ଯେଉଁ ଦେଶର ଗଣମାଧ୍ୟମ ଯେତିକି ନିରପେକ୍ଷ, ସ୍ୱଚ୍ଛ ସେ ଦେଶର ଗଣତନ୍ତ୍ର ସେତିକି ସୁଦୃଢ଼ ଓ ସାଧାରଣ ଜନତାଙ୍କ ସ୍ୱର ସେପରି ସରକାର ନିକଟରେ ପହଞ୍ଚିଥାଏ। କିନ୍ତୁ ବିଶ୍ୱବ୍ୟାପୀ ଗଣମାଧ୍ୟମର ସ୍ୱାଧୀନତା ଆଜି ନିମ୍ନମୁଖୀ। କ୍ଷମତାଶାଳୀ, ପ୍ରଭାବଶାଳୀ ତାଙ୍କ ସ୍ୱାର୍ଥ ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି। ଫ୍ରିଡମ୍ ହାଉସର ଫ୍ରିଡମ୍ ଇନ୍ ଦି ୱାର୍ଲଡର ତଥ୍ୟ ଅନୁସାରେ ଗତ ଦଶନ୍ଧିରେ ବିଶ୍ୱବ୍ୟାପୀ ଗଣମାଧ୍ୟମର ସ୍ୱାଧୀନତା ହ୍ରାସ ପାଇଛି। ବିଭିନ୍ନ ବୃହତ୍ ଗଣତାନ୍ତ୍ରିକ ଦେଶରେ ଦେଶବାସୀ ନିରପେକ୍ଷ ଖବର ପାଇବାରେ ସମ୍ପୂର୍ଣ୍ଣ ବିଫଳ ହେଉଛନ୍ତି। ଏହି ପ୍ରକ୍ରିୟା ବିଶେଷ ଭାବେ ବିଭିନ୍ନ ଦେଶରେ ଦକ୍ଷିଣପନ୍ଥୀ ସରକାରଙ୍କ ଅଭ୍ୟୁଦୟ ଯୋଗୁ ଘଟୁଛି। 'ରିପୋର୍ଟର ୱିଦାଉଟ୍ ବୋର୍ଡସ' ଦ୍ୱାରା ପ୍ରକାଶିତ ବିଶ୍ୱ ପ୍ରେସ ସ୍ୱାଧୀନତା ସୂଚକାଙ୍କରେ ଉଭୟ ଭାରତ ଓ ଆମେରିକାର ସ୍ଥିତି ଗତ କିଛିବର୍ଷ ହେବ ନିମ୍ନଗାମୀ ହୋଇଛି। ବର୍ତ୍ତମାନ ବିଶ୍ୱରେ ବିତର୍କ ଲଢ଼େଇ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ମଧ୍ୟରେ ସୀମିତ ନ ରହି ଗଣତନ୍ତ୍ର ବନାମ ଓଲିଗାର୍ଚ୍ଚି ସ୍ତରକୁ ଆସିଛି। ଓଲିଗାର୍ଚ୍ଚି ଅର୍ଥ ଏକ ଦେଶର କିଛି ହାତଗଣତି ଲୋକଙ୍କ ହାତରେ କ୍ଷମତା ରହିବା। ଡେମୋକ୍ରାସି ପର୍‌ସିପଶନ ଇଣ୍ଡେକ୍ସ ୨୦୧୮ ଅନୁସାରେ ଭାରତ, ଆମେରିକା ସହିତ ୨୪ଟି ରାଷ୍ଟ୍ରର ୨୫୦ କୋଟି ଜନତା ବିପନ୍ନ ଗଣତନ୍ତ୍ରର ସମ୍ମୁଖୀନ ହୋଇଛନ୍ତି। ଗଣତନ୍ତ୍ର ନିମ୍ନମୁଖୀ ହେବା ଅର୍ଥ ସାଧାରଣ ଜନତାଙ୍କ ସ୍ୱର ବିଲୀନ ହୋଇଯିବା।

ପୁଣି ପ୍ରଥମଥର ପାଇଁ ବିଶ୍ୱରେ ଭୋକିଲାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ମିଳିତ ଜାତିସଂଘର ଚିରନ୍ତନ ଉନ୍ନୟନ ଲକ୍ଷ୍ୟ (ଏସ୍‌ଡିଜି) ୨୦୧୮ ରିପୋର୍ଟ ଅନୁସାରେ ଭୋକିଲାଙ୍କ ସଂଖ୍ୟା ଯାହା ବିଶ୍ୱରେ ୨୦୧୫ରେ ୭୭.୭ କୋଟି ଥିଲା ତାହା ୨୦୧୬ରେ ୮୧.୫ କୋଟିକୁ ବୃଦ୍ଧିପାଇଛି। ଭାରତରେ ସେହି ସମୟରେ ୧୯.୦୭ କୋଟି ଭୋକିଲା ଅଛନ୍ତି। ଅପରପକ୍ଷରେ ହିଂସା, ଅଶାନ୍ତି ବ୍ୟାପକ ଭାବେ ବିଶ୍ୱରେ ବୃଦ୍ଧିପାଇଛି, ଯାହାର ଶିକାର ଗରିବମାନେ ବେଶି ହେଉଛନ୍ତି। ଏବେ ବିଶ୍ୱରେ ୪ କୋଟିରୁ ଊର୍ଦ୍ଧ୍ୱ ଜନତା ଆଧୁନିକ କ୍ରୀତଦାସ ଭାବେ ଦୟନୀୟ ଜୀବନ ବିତାଉଛନ୍ତି। ଭାରତରେ ଏମାନଙ୍କ ସଂଖ୍ୟା ୧.୮୩ କୋଟି। ସେହିପରି ଦିନକୁ ଦିନ ନାରୀ ନିର୍ଯାତନା ବୃଦ୍ଧିପାଉଛି। ବାର୍ଦ୍ଧକ୍ୟ ଅବସ୍ଥାରେ ଲୋକମାନେ ପ୍ରଚୁର ସମ୍ପଦ ଥାଇ ଅସହାୟ ମନେକରୁଛନ୍ତି।

ବର୍ତ୍ତମାନ ଗୋଟିଏ ନୀତି ହେଉଛି ପ୍ରଚୁର ସମ୍ପଦ ଅର୍ଜନ କରି ସୁଖୀ ଜୀବନ ବିତାଅ। କିନ୍ତୁ ସମ୍ପଦ ସୃଷ୍ଟି କରିବାର କୌଣସି ସୀମା ନାହିଁ। ସମ୍ପଦ ସୃଷ୍ଟିକରି ବିଳାସମୟ ଜୀବନ ବିତାଇବା, ଚିନ୍ତାଧାରା ପ୍ରାଧାନ୍ୟ ପାଇବା ଯୋଗୁ ଅଧିକାଂଶ ଅନ୍ୟାୟ, ଅନୀତି ଉପାୟରେ ଅର୍ଥ ରୋଜଗାର କରୁଛନ୍ତି। ଯେ ସଚ୍ଚୋଟ ଉପାୟରେ ଜୀବନ ବିତାଇବା ପାଇଁ ଚାହୁଁଛନ୍ତି ସେ ବହୁତ ହଇରାଣହରକତ ହେଉଛି। ଉପଭୋଗ ପ୍ରାଧାନ୍ୟ ପାଇବା ଯୋଗୁ ତ୍ୟାଗ ସେବାର ମୂଲ୍ୟ ରହୁନାହିଁ। ଫଳରେ ଆଜି ସାମାଜିକ ଅସ୍ଥିରତା ବୃଦ୍ଧିପାଇଛି; ଯାହାର ବେଶି କୁପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁଛି। ସରକାର କେବଳ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଯୋଗୁ ପରିବେଶ ବେଶି ଦୂଷିତ ହେଉଛି। ଏହାର କୁପ୍ରଭାବ ମଧ୍ୟ ସାଧାରଣ ଜନତାଙ୍କ ଉପରେ ପଡୁଛି। ଆଜି ଦୁନିଆ ଏତେ ପ୍ରଚାରସର୍ବସ୍ୱ ହୋଇଛି ଯେ ପ୍ରକୃତ ତ୍ୟାଗୀ ଲୋକଲୋଚନକୁ ଆସିପାରୁନାହାନ୍ତି। ଅବହେଳିତଙ୍କ ସ୍ୱର ନିଷ୍ପ୍ରଭ ହୋଇଛି।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ, ମୋ– ୯୪୩୭୨୦୮୭୬୨, skmohapatra@gmail.com

# ଦୁଃଖବ୍ୟାଧିର ମହୌଷଧି



ଡ. ଶରତ ଚନ୍ଦ୍ର ରଥ

ଏ ପୃଥିବୀରେ ଯେତେ ପ୍ରାଣୀ ଅଛନ୍ତି ସେମାନଙ୍କ ମଧ୍ୟରେ ମଣିଷ ହେଉଛି ଅଧିକ ଦୁଃଖୀ। ଅନ୍ୟାନ୍ୟ ପ୍ରାଣୀ ଏତେ ଦୁଃଖରେ ନାହାନ୍ତି କାରଣ ସେମାନଙ୍କର ଦୁଶ୍ଚିନ୍ତା ନାହିଁ। ଦୁଃଖର କାରଣ ଅନେକ। ଗୋଟିଏ କାରଣ ହେଉଛି ମଣିଷ ଯାହା ପାଏ ତାହା ଚାହେଁନା ଏବଂ ଯାହା ଚାହେଁ ତାହା ପାଏନା। ତା' ଚାହିଁବାଟା କେତେଦୂର ଠିକ୍ ଅଥବା ଭୁଲ୍ ତାହା ସେ ଜାଣେନାହିଁ। ଜାଣେନାହିଁ ବୋଲି ମଧ୍ୟ ଜାଣେନାହିଁ। ପ୍ରତିଦିନ ସେ ନ ପାଇବା କଥାଗୁଡ଼ିକର ତାଲିକା କରୁଥାଏ, ଦୁଃଖ କରୁଥାଏ, ଚିରୁଥାଏ ପୁଣି ତାଲିକା କରୁଥାଏ। ପାଇଥିବା କଥାକୁ ତାଲିକା କରେ ନାହିଁ। ଆଉ ଏକ କାରଣ ସେ ଦ୍ୱନ୍ଦ୍ୱ ଭିତରେ ଥାଏ। କ'ଣ କରିବି, କ'ଣ ହେବର ଦ୍ୱନ୍ଦ୍ୱ ତାକୁ ଘାରିଥାଏ। ସଂଗ୍ରାମ ଭୂମିରେ ଠିଆହୋଇ ମଧ୍ୟ ସ୍ଥିର କରିପାରେ ନାହିଁ ସଂଗ୍ରାମ କରିବ କି ନାହିଁ। ଆଗକୁ ଯେତିକି ଯାଉଥାଏ, ପଛକୁ ସେତିକି ଆସୁଥାଏ। ପାଦ ଦୁଇଟିକୁ ଠିକ୍ କେଉଁ ଜାଗାରେ ରଖିବ ଥୟ କରିପାରେ ନାହିଁ। ଅର୍ଜୁନ ଆଉ କେହି ନୁହେଁ, ସେ ହେଉଛନ୍ତି ସମଗ୍ର ମାନବ ସମାଜର ପ୍ରତିନିଧି, ସମଗ୍ର ଜୀବନ ହିଁ କୁରୁକ୍ଷେତ୍ର ବା ମଣିଷର କର୍ମକ୍ଷେତ୍ର।

ଅନ୍ୟ ସହ ତୁଳନା କରିବାରୁ ଦୁଃଖ ଆସେ। ଅନ୍ୟ ସମ୍ପର୍କରେ ସବୁ କଥା ନ ଜାଣି ଉପରୁ ଉପରୁ ଦେଖି ଅନ୍ୟ ସହିତ ନିଜକୁ ତୁଳନା କରି ଦୁଃଖକୁ ଟାଣିଆଣେ ମଣିଷ। ତୁଳନା କଲେ ହୀନମନ୍ୟତା ଆସେ, ମାନସିକ ଯନ୍ତ୍ରଣା ବଢ଼େ, ଦୁଃଖ ସହିତ ବିଦ୍ରୋହ ଓ କ୍ରୋଧ ଇତ୍ୟାଦିର ପ୍ରକୋପ ବଢ଼େ। କେବଳ ନିଜକୁ ହୀନ ଭାବିଲେ ଯେ ଦୁଃଖ ଆସେ ତାହା ନୁହେଁ, ନିଜକୁ ବଡ଼ ଭାବିଲେ ମଧ୍ୟ ଅହଂ ବଢ଼େ, ଔଦ୍ଧତ୍ୟ ବଢ଼େ, ଦୁଃଖ ଆସେ। ତେଣୁ ନିଜେ ଯାହା ନିଜକୁ ତାହା ବୋଲି ବିଚାରିବା ହେଉଛି ଏ ପ୍ରକାର ବ୍ୟାଧିର ଔଷଧି।

ବୁଦ୍ଧଦେବ କହିଥିଲେ କାମନା ହିଁ ଦୁଃଖର କାରଣ ଏବଂ କାମନାର ବିନାଶରେ ଦୁଃଖର ବିନାଶ। ମଣିଷ କାମନାକୁ ଆବଶ୍ୟକତା ବୋଲି ବୁଝିଥାଏ, ତେଣୁ ତଜ୍ଜନିତ ଦୁଃଖ ପାଇବାକୁ ବାଧ୍ୟ ହୁଏ। ଆବଶ୍ୟକତାର ଲକ୍ଷ୍ମଣରେଖା ଭିତରେ ରହିବା ହିଁ ଏଇ ବ୍ୟାଧିର ମହୌଷଧି।

ସତ୍ତ୍ୱ, ରଜ ଓ ତମ ଗୁଣରେ ମଣିଷର ପ୍ରକୃତି ଗଢ଼ା ହୋଇଛି। ତେଣୁ କୁହାଯାଇଛି ପ୍ରକୃତି ହେଉଛି ତ୍ରିଗୁଣାତ୍ମିକା। ଏଥିମଧ୍ୟରୁ ତମ ଗୁଣ ହିଁ ଦୁଃଖର ଗନ୍ତାଘର। ଲୋଭ, କ୍ରୋଧ, ଈର୍ଷା, ହିଂସା, କଳହ, ଘୃଣା, ବିରକ୍ତି, ଛଳନା, ମିଥ୍ୟା, କପଟାଚାର ସମେତ ଅନେକ ବଦଗୁଣ ଏହି ତମ ଭାବର ଅନ୍ତର୍ଭୁକ୍ତ। ଏମାନେ ଗୋଟିଏ ଗୋଟିଏ ରାକ୍ଷସ ସଦୃଶ। ମଣିଷର ଚିନ୍ତା, ଚେତନା, ଦିବ୍ୟତ୍ୱ ସର୍ବୋପରି ମାନବିକତାକୁ ତିଳ ତିଳ କରି ଧ୍ୱଂସ କରିଦିଅନ୍ତି। ବିନିମୟରେ ଦାରୁଣ ଦୁଃଖ ଆଣିଦିଅନ୍ତି ମଣିଷକୁ। ଦୁଃଖ ଯେ ଏଇ ବିରୋଧୀ ଶକ୍ତିଙ୍କର ଆକ୍ରମଣରୁ ଆସୁଛି ମଣିଷ ଜାଣିପାରେ ନାହିଁ।

ସର୍ବୋପରି କର୍ମଫଳ ହେଉଛି ଦୁଃଖର କାରଣ। ଏହାକୁ ଆମେ ଭାଗ୍ୟବାଦ ବୋଲି କହିପାରୁ। ପୂର୍ବଜନ୍ମ ଏବଂ ପୂର୍ବଜନ୍ମର କର୍ମକୁ ବିଶ୍ୱାସ କଲେ ତାହାର ଫଳକୁ ମଧ୍ୟ ବିଶ୍ୱାସ କରିବାକୁ ହେବ। ଭାଗବତରେ କୁହାଯାଇଛି, "କର୍ମକଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ।"

ଦୁଃଖ ଯେଉଁ ଦିଗରୁ ଆସୁ ପଛକେ, ଦୁଃଖ ହିଁ ଦୁଃଖ। ତାକୁ ସହିବାକୁ ପଡ଼ିବ। ସହିବା ଅର୍ଥ କାନ୍ଦି କାନ୍ଦି ସହିବା ନୁହେଁ ବରଂ ସ୍ଥିରଚିତ୍ତରେ ସହିବା। ସହିବା ଶକ୍ତି ମଣିଷ ଭିତରେ ଅଛି, ଏହା ତା'ର ଜନ୍ମଗତ। ସେ ତାହାର ସଦ୍‌ବ୍ୟବହାର ଜାଣେ ନାହିଁ। ତେଣୁ ସେ ଅସ୍ଥିର ଓ ବିବ୍ରତ ହୁଏ, ବିଚଳିତ ହୋଇପଡ଼େ, ନିଜ ଜୀବନ ହାରିଦେବା ପର୍ଯ୍ୟନ୍ତ କଥାଯାଏ। ଏହା ଅସ୍ଥିରତାର ଲକ୍ଷଣ ଓ ପରିଣାମ। ଆଜିକାଲି ସମାଜରେ ଏହି ଅସ୍ଥିରତା ଅଧିକ ଦେଖାଯାଉଛି।

ଏଥର ଆସିବା ସମାଧାନ ଆଡ଼କୁ। ଏ କଥା ସତ୍ୟ ଯେ, ପ୍ରତ୍ୟେକଙ୍କ ପାଇଁ ଦୁଃଖର କାରଣ ଭିନ୍ନ ଏବଂ ଦୁଃଖର ପ୍ରକାର ଓ ପ୍ରକୋପ ଭିନ୍ନ। କାହାର ଅଭାବ, କାହାର ଅସୁସ୍ଥତା, କାହାର ଅସନ୍ତୋଷ, କାହାର ଅଶାନ୍ତି ତା' ଦୁଃଖର କାରଣ। ପ୍ରତ୍ୟେକଙ୍କର ଦୁଃଖର ପରିମାଣ ଯେପରି ଭିନ୍ନ ଭିନ୍ନ ପ୍ରତ୍ୟେକଙ୍କର ଦୁଃଖ ସହିବାର ଶକ୍ତି ମଧ୍ୟ ଭିନ୍ନ ଭିନ୍ନ। ସହିବା ଶକ୍ତି ଅନୁସାରେ ଦୁଃଖ ଆସେ। ଯାହାର ଦୁଃଖ ବେଶି ନିଶ୍ଚୟ ବୁଝିବାକୁ ହେବ ଯେ ତାହା ଭିତରେ ତହିଁରୁ ଅଧିକ ସହିବା ଶକ୍ତି ରହିଛି। ସେ ତାହା ଜାଣି ନ ପାରିବାରୁ ଦୁଃଖ ଭୋଗୁଛି।

ମଣିଷର ବଡ଼ ଭୁଲ ସେ ନିଜ ଦୁଃଖକୁ ସବୁଠାରୁ ବଡ଼ ଦୁଃଖ ବୋଲି ବିଚାର କରୁଛି ଓ ବ୍ୟତିବ୍ୟସ୍ତ ହେଉଛି। ସେ ବୁଝିପାରୁ ନାହିଁ ଯେ ତା'ଠାରୁ ଆହୁରି ଦୁଃଖରେ ମଣିଷ ଅଛନ୍ତି ବୋଲି। ତା'ର କାନ ଅଛି ମାତ୍ର କାନଫୁଲ ନାହିଁ ବୋଲି ସେ ବ୍ୟସ୍ତ ହେଉଛି। ଆଉ କାହାର କାନଫୁଲ ଅଛି ତ କାନ ନାହିଁ। ପୁଣି ଆଉ କାହାର କାନ ନାହିଁ କି କାନଫୁଲ ନାହିଁ।

ଦୁଃଖର ସର୍ବଶ୍ରେଷ୍ଠ ମହୌଷଧି ହେଉଛି ଭଗବତ୍ ଶରଣ। କବିଙ୍କ ଭାଷାରେ, ଈଶ୍ୱର ଦୟା ଆହା କିବା ଉଦାର, ଲଘୁ କରଇ ଦୁଃଖୀ ହୃଦୟଭାର। ପାଶ୍ଚାତ୍ୟଜଗତ ଏ କଥାର ମହତ୍ତ୍ୱ ବୁଝିପାରିବ ନାହିଁ। ଆମେ ଭାରତୀୟମାନେ ଏ କଥାକୁ ବୁଝିବା ପାଇଁ ପୂର୍ଣ୍ଣ ଅଧିକାରୀ। ଆମେ ଏହାର ସଦୁପଯୋଗ କରିବା ନାହିଁ କାହିଁକି?

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର, ମୋ– ୯୪୩୭୭୫୬୨୪୦

## ଏଇ ଭାରତରେ

ଜଣେ ବିଚାରାଧୀନ ଅପରାଧୀ ଗଛ ଲଗାଇବେ ଓ ତାହାକୁ ବର୍ଷେ ଯାଏ ଜଗିବା ଲାଗି ଗ୍ୱାଲିୟର ହାଇକୋର୍ଟ ପ୍ରଦାନ କରିଥିବା ସସର୍ତ୍ତ ଜାମିନକୁ ନେଇ ଏବେ ଚର୍ଚ୍ଚା ହେଉଛି। ଅଭିଯୁକ୍ତର ନାମ ଜିତୁ କୁଚବନ୍ଦିୟା। ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ହାଇକୋର୍ଟ ତାଙ୍କୁ ଜାମିନ ଦେଇ ସାର୍ବଜନୀନ ସ୍ଥାନରେ ୨୫ଟି ଗଛ ଲଗାଇବା ସହ ସେଗୁଡ଼ିକର ଯତ୍ନ ନେବା ଲାଗି ସର୍ତ୍ତ ରଖିଛନ୍ତି। ଜିତୁ ଗଛ ଲଗାଇବା ପରେ ବର୍ଷେ ଯାଏ ଗଛଗୁଡ଼ିକର ଜଗାରଖା କରିବେ ବୋଲି କୋର୍ଟ କହିଛନ୍ତି। କେବଳ ଏତିକି ନୁହେଁ, ସେ ଯେଉଁସବୁ ଗଛ ଲଗାଇବେ ସେଗୁଡ଼ିକର ଫଟୋ ପ୍ରତିମାସରେ ଉଠାଇ କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଯଦି ଗଛ ମରିଯାଏ ତେବେ ତାଙ୍କ ଜାମିନ ରଦ୍ଦ ହେବ। ଗଛ ଲଗାଇବା ପାଇଁ ଜାଗା ଲାଗି ସେ ବନ ବିଭାଗ ନିକଟରେ ପହଞ୍ଚିଛନ୍ତି। ବନ ବିଭାଗ ପକ୍ଷରୁ ଗ୍ୱାଲିୟରର ରାମଲୀଳା ଛକ ନିକଟସ୍ଥ କବରସ୍ଥାନରେ ଗଛ ଲଗାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି।

### ଚିରନ୍ତନୀ

ମରଣର ପଥ ଚାହିଁ ବସି ରହେ ଯେତେ ଅସହାୟ
ଉଠୁ ସେ ସାହସଭରେ ପାଇବାକୁ ଫେରି ନିଜ ନ୍ୟାୟ
ଶ୍ରେଷ୍ଠତମ ମର୍ଯ୍ୟାଦା ହେ ଭାରତର ଗର୍ବ ଅଭିମାନ
ସକଳ ସମସ୍ୟା ଲାଗି ଦିଅ ଆଣି ନବ ସମାଧାନ।
(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୯୪

- ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସିର ୩ ଦିନିଆ କମିଟି ବୈଠକ ଆବୁଧାବିରେ ଆରମ୍ଭ।
- ଶ୍ରୀଲଙ୍କା ସରକାର ଏଲଟିଟିଇ ସହ ଏକ ପର୍ଯ୍ୟାୟ ଯୁଦ୍ଧବିରତି ଘୋଷଣା କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଏନ୍‌କାଉଣ୍ଟର ନା ଅପାରଗତା

ମହାଶୟ,

ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ଘଟଣାରେ ସଂପୃକ୍ତ ଚାରିଜଣ ଅଭିଯୁକ୍ତଙ୍କୁ ପୋଲିସ ଏନକାଉଣ୍ଟର କରି ହତ୍ୟା କରିଛି। ଏହା ଏନ୍‌କାଉଣ୍ଟର ନା ପୋଲିସର ଅପାରଗତା ନା ଅନ୍ୟ କିଛି ତାହା ଏବେ ପ୍ରଶ୍ନବାଚୀ। ଏଥିପାଇଁ ପୁଲିସକୁ ଜିନ୍ଦାବାଦ କରିବା ସହ ବିଭିନ୍ନ ସ୍ତରରୁ ସାବାସି ମିଳୁଛି। ହେଲେ ମନରେ ପ୍ରଶ୍ନ ଉଠୁଛି ଯେ ଅପରାଧୀମାନେ ପୋଲିସର କଡ଼ା ବଳୟରେ ଘଟଣାସ୍ଥଳକୁ ଯାଇଥିଲେ। ଏମିତିକି ଡେମୋ ଦେଖାଇବା ସମୟରେ ପୋଲିସ ସେମାନଙ୍କ ଚାରିପାଖରେ ଘେରି ରହିଥିଲେ। ଏଭଳି ସ୍ଥିତିରେ ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କଲେ କେମିତି? ଯଦିବା ଖସି ପଳାଉଥିଲେ ତେବେ ତାଙ୍କ ଗୋଡ଼କୁ ଗୁଳି କରାଯିବା କଥା। ତା' ନ କରି ତାଙ୍କୁ ହତ୍ୟା କରିବାର ରହସ୍ୟ କ'ଣ? ଉକ୍ତ ବଳାତ୍କାର ଓ ହତ୍ୟା ଘଟଣା ସହିତ କିଛି ବଡ଼ବଡ଼ିଆଙ୍କ ସଂପୃକ୍ତି ଥାଇପାରେ ଏବଂ ସେମାନଙ୍କ ଦୁଷ୍କର୍ମକୁ ଲୋକଲୋଚନରୁ ସବୁଦିନ ପାଇଁ ଲୁଚେଇ ରଖିବା ଉଦ୍ଦେଶ୍ୟରେ ଏ ଏନ୍‌କାଉଣ୍ଟର କରାଯାଇ ନାହିଁ ତ? ଏହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ।

ସରିତା ଜେନା, ନୀଳଗିରି, ବାଲେଶ୍ୱର

### ଫାଙ୍କା ସ୍ଲୋଗାନ

ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସୁଖ, ସୁବିଧା ଓ ସାହାଯ୍ୟ ଯୋଗାଇ ଦେବା ପାଇଁ ସରକାର ପ୍ରତିବଦ୍ଧ ବୋଲି କୁହାଯାଉଛି। କିନ୍ତୁ ବାସ୍ତବରେ ସେମାନଙ୍କୁ ବିଶେଷ କିଛି ସାହାଯ୍ୟ କରାଯାଉନାହିଁ। ଧରନ୍ତୁ ଜଣେ ବରିଷ୍ଠ ନାଗରିକ କୌଣସି ବ୍ୟାଙ୍କ୍‌କୁ ଯାଇ ସିନିଅର ସିଟିଜେନ ସେଭିଙ୍ଗ୍ ସ୍କିମ୍‌ରେ କିଛି ଟଙ୍କା ରଖିବାକୁ କିମ୍ବା କୌଣସି ନୂଆ ଆକାଉଣ୍ଟ ଖୋଲିବାକୁ ଇଚ୍ଛା କଲେ। ସେ କ୍ଷେତ୍ରରେ ତାଙ୍କୁ ଦୀର୍ଘ ଫର୍ମ ପୂରଣ କରିବାକୁ ପଡିବ ଓ ଅନେକ ବ୍ୟାଙ୍କ୍ କର୍ମଚାରୀଙ୍କ ଟେବୁଲ ପାଖରେ ଛିଡା ହେବାକୁ ପଡିବ। କାମ ସରିବା ପାଇଁ ପ୍ରାୟ ଦୁଇରୁ ତିନି ଘଣ୍ଟା ଲାଗିଯାଇପାରେ। ଏଥିରେ ବୟସ୍କ ନାଗରିକମାନେ ହଇରାଣ ହେଉଛନ୍ତି। ଏହିସବୁ କାର୍ଯ୍ୟ ସିଙ୍ଗଲ ଉଇଣ୍ଡୋରେ କାହିଁକି ହୋଇପାରିବ ନାହିଁ? ତେଣୁ ସରକାରଙ୍କ Service at door steps ଗୋଟିଏ ଫାଙ୍କା ସ୍ଲୋଗାନ ଛଡା ଆଉ କିଛି ନୁହେଁ।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

### ନାରୀ ନିର୍ଯାତନା ବଢ଼ୁଛି

ନାରୀ ସୁରକ୍ଷା ସପକ୍ଷରେ ସରକାରୀ ବା ବେସରକାରୀ ସ୍ତରରେ କେବଳ ଡିଣ୍ଡିମ ପିଟା ଚାଲିଛି। ନାରୀ ପୁରୁଷର ସମକକ୍ଷ, ନାରୀ ବିନା ସମାଜର ଉନ୍ନତି ଅସମ୍ଭବ– ଏଭଳି ସ୍ଲୋଗାନ ଦିଆଚାଲିଛି। କିନ୍ତୁ ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି। ନିର୍ଯାତନା ପାଇଁ ବୟସର ବାଛବିଚାର ନାହିଁ। ସେ ଅପ୍ରାପ୍ତବୟସ୍କା ହେଉ ବା ବିଧବା ବା ବିବାହିତା ପ୍ରତ୍ୟେକ ସମୟରେ ଓ ପ୍ରତ୍ୟେକ ସ୍ଥଳରେ କାମାନ୍ଧର ଶିକାର ହେଉଛନ୍ତି। ନାରୀମାନଙ୍କ ଇଜ୍ଜତକୁ ନେଇ ସମସ୍ତେ ଖେଳ ଖେଳିବାରେ ମଜା ନେଉଛନ୍ତି। କେତେ ଅବାଞ୍ଛିତ ମୁହୂର୍ତ୍ତକୁ ଫଟୋ ମାଧ୍ୟମରେ ଭାଇରାଲ କରାଯାଉଛି। ଏହାର କ'ଣ ଅନ୍ତ ଘଟିବ ନାହିଁ? ଏଥିପାଇଁ କ'ଣ ସରକାର ଦାୟୀ ନୁହନ୍ତି?

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଇଙ୍କୁ ମାରି ଦେଇଥିବା ୩ ଭଉଣୀଙ୍କ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୬।୧୨:** ସଦର ଥାନା ଅନ୍ତର୍ଗତ ଚକରପୁର ଗ୍ରାମର ସୁର ନାଥଙ୍କ ଗତ ୨ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ସୁରଙ୍କ ମୃତଦେହ ତାଙ୍କ ବଡବାପାଙ୍କ ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା । ତେବେ ସେ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କର ୩ ଭଉଣୀ ଅହଲ୍ୟା ନାଥ, ରାଜଲକ୍ଷ୍ମୀ ଓ ସୀତା କେନ୍ଦ୍ରାପଡା ଏସଡିପିଓଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି । ଏନେଇ ତଦନ୍ତ କରାଯାଉ ବୋଲି ସେମାନେ ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କୁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଅହଲ୍ୟା କହିଛନ୍ତିଯେ, ଭଉଣୀମାନେ ସମସ୍ତେ ବିବାହ କରି ଶାଶୁଘରେ ରୁହନ୍ତି । ଭାଇ ଟ୍ରାକ୍ଟର ଚାଳକ । ଘରେ ରହୁଥିଲେ ମଧ୍ୟ ତାଙ୍କର ଉପାର୍ଜନ ବଡବାପାଙ୍କ ନିକଟରେ ରଖୁଥିଲେ । ବଡବାପାଙ୍କ ପରିବାର ସଦସ୍ୟମାନେ କୌଣସି କାରଣରୁ ତାଙ୍କୁ ମାରି ଟଙ୍ଗାଇ ଦେଇଥିବା ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି । । ଏସଡିପିଓ ପଣ୍ଡା କହିଛନ୍ତି ଯେ, ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ।

### ■ ପରୀକ୍ଷାର୍ଥୀଙ୍କୁ ସ୍କୁଲ ଯିବା ବାଟରେ ଅଶ୍ଳୀଳ ଇଙ୍ଗିତ

# ମଦ ଯାଚିଲେ, ସିଗାରେଟ ଧୂଆଁ ଛାଡିଲେ

**ରାଜନଗରରେ ଅଭାବନୀୟ ଘଟଣା**

**ରାଜନଗର, ୬।୧୨(ଡି.ଏନ.ଏ.)**

ଗତ କିଛି ଦିନ ଧରି ମହିଳାମାନଙ୍କ ପ୍ରତି ଅମାନବୀୟ କାଣ୍ଡ ଘଟିବାରେ ଲାଗିଛି। ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି । ନାରୀଙ୍କ ପ୍ରତି ହେଉଥିବା ଅସଦାଚରଣ ଓ ବଳାତ୍କାର ଘଟଣା ନେଇ ପ୍ରତିବାଦର ସ୍ୱର ଉଠୁଛି। ଅନେକ ବଳାତ୍କାର ପୀଡିତାଙ୍କ ଜୀବନ ଦୀପ ଅକାଳରେ ଲିଭି ଯାଉଥିବା ବେଳେ ସେମାନଙ୍କ ପରିବାର ନ୍ୟାୟ ପାଇଁ ଅପେକ୍ଷାରେ ଅଛନ୍ତି। କେନ୍ଦ୍ରାପଡା ଜିଲା ରାଜନଗର ଅଞ୍ଚଳରେ ଶୁକ୍ରବାର ପରୀକ୍ଷା ଦେବାକୁ ବିଦ୍ୟାଳୟ ଆସୁଥିବା କେତେକ ଛାତ୍ରୀଙ୍କୁ ଯୁବକମାନେ ଅଶ୍ଳୀଳ ଇଙ୍ଗିତ କରିବା, ମୁହଁକୁ ସିଗାରେଟ ଧୂଆଁ ଛାଡିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ଛାତ୍ରୀ, ଅଭିଭାବକ, ଛାତ୍ରୀଙ୍କ ସହପାଠୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କୁ ଲିଖିତ ଭାବରେ ଜଣାଇବା ସହିତ ଅସାମାଜିକ ଯୁବକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ରାଜନଗର ବ୍ଳକ ତାଳଚୁଆ ସାମୁଦ୍ରିକ ଥାନା ଅଧୀନରେ ଥିବା ଡାଙ୍ଗମାଳ ନାଗାନାରାୟଣ ଉଚ୍ଚ ବିଦ୍ୟାଳୟରେ ଏବେ ନବମ ଓ ଦଶମ ଶ୍ରେଣୀ ଷଣ୍ମାସିକ ପରୀକ୍ଷା ଚାଲିଛି। ନବମ ଶ୍ରେଣୀର ୮ଜଣ ଛାତ୍ରୀ ପରୀକ୍ଷା ଦେବା ପାଇଁ ଅପରାହ୍ନ ଗୋଟାଏ ବେଳେ ଏହି ଥାନା ଅନ୍ତର୍ଗତ ରାଜେନ୍ଦ୍ର ନାରାୟଣପୁର ଗ୍ରାମରୁ ବାହାରି ସାଇକେଲ ଯୋଗେ ୪ କିଲୋମିଟର ଦୂର ବିଦ୍ୟାଳୟକୁ ଆସୁଥିଲେ। ଛାତ୍ରୀମାନେ ଆସିବା ସମୟରେ ନଳିତାପାଟିଆ ନିକଟରେ ଏକ ଭ୍ୟାନରେ ଥିବା କେତେଜଣ ଯୁବକ ପିଛା କରିଥିଲେ। ସେମାନେ ଛାତ୍ରୀମାନଙ୍କ ସାଇକେଲକୁ ସାଇଡ୍ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରି ଦୁର୍ବ୍ୟବହାର କରିଥିଲେ। ଏପରି କି ସେମାନେ ଛାତ୍ରୀମାନଙ୍କୁ ମଦ ପିଇବାକୁ କହିବା ସହ ସିଗାରେଟ ଟାଣି ମୁହଁକୁ ଧୂଆଁ ଛାଡିଥିଲେ। ଫଳରେ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ କୌଣସି ମତେ ବିଦ୍ୟାଳୟ ଗେଟ ନିକଟରେ ପହଞ୍ଚି ପାଟି କରିଥିଲେ। ଏହାଦେଖି ସହପାଠୀ ଏବଂ ଶିକ୍ଷକ ଗେଟ ପାଖକୁ ଆସିଥିଲେ। ସେତେବେଳକୁ ଯୁବକମାନେ ସେ ସ୍ଥାନ ଛାଡି ପଳାଇ ଯାଇଥିଲେ। ପରୀକ୍ଷା ସମୟ ହୋଇ ଯାଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସେମାନଙ୍କୁ ପରୀକ୍ଷା ହଲକୁ ନେଇଥିଲେ। ପରୀକ୍ଷା ଶେଷ ହେବା ପରେ ୮ଜଣ ପରୀକ୍ଷାର୍ଥୀ ବାଟରେ ସେମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ସଂପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ସେମାନେ କେତେକ ଯୁବକଙ୍କ ନାମ ଲେଖି ବହୁ ସମୟରେ ଅଶ୍ଳୀଳ ଇଙ୍ଗିତ କରୁଥିବାର ଦର୍ଶାଇଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ରଙ୍କୁ ପଚାରିବାରେ କହିଛନ୍ତି, ଛାତ୍ରୀମାନେ ଅଭିଯୋଗପତ୍ର ଦେଇଛନ୍ତି । ତାଙ୍କ ଅଭିଯୋଗ ସମ୍ପର୍କରେ ରାଜନଗର ବ୍ଳକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବ୍ଳକ ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ଦରଖାସ୍ତ ପାଇଛୁ। ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ବେହେରା ଏହି ଖବର ପାଇବା ପରେ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରେ ଥାନାରେ ଅଭିଯୋଗ ହୋଇନାହିଁ । ଅଭିଯୋଗ ପାଇବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ■ହରିଅଙ୍କ ଜିଲାସ୍ତରୀୟ ଫୁଟବଲ୍

## ପଟ୍ଟାମୁଣ୍ଡାଇକୁ ହରାଇ ଯାଜପୁର ଫାଇନାଲ୍‌ରେ

**ଡେରାବିଶ, ୬।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଳକ ଅଧୀନ ହରିଅଙ୍କ ପଞ୍ଚାୟତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଜିଲାସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ସ୍ଥାନୀୟ ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ଯାଜପୁର ଓ ପଟ୍ଟାମୁଣ୍ଡାଇ ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ପଟ୍ଟାମୁଣ୍ଡାଇ ଦଳ ଯାଜପୁର ଦଳକୁ ଗୋଟିଏ ଗୋଲ୍ ଦେଇଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଯାଜପୁର ଟିମ୍ ଚିତ୍ତାକର୍ଷକ ପ୍ରଦର୍ଶନ କରି ପଟ୍ଟାମୁଣ୍ଡାଇ ଟିମ୍‌କୁ ୨ଟି ଗୋଲ ଦେଇ ମ୍ୟାଚ ଜିତିନେବା ସହ ଫାଇନାଲ୍‌କୁ ଉନ୍ନୀତ ହୋଇଥିଲା। ରବିବାର ଯାଜପୁର ଫୁଟବଲ୍ ଟିମ୍ ଓ କୃଷ୍ଣାନନ୍ଦପୁର ଫୁଟବଲ୍ ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଶୁକ୍ରବାର ଖେଳକୁ ରେଫରି ଜିତେନ୍ଦ୍ର ପ୍ରସାଦ ବାରିକ, ମାନସ କୁମାର ବିଶ୍ୱାଳ ଓ ରାମଚନ୍ଦ୍ର ବେଶ୍ରା ପରିଚାଳନା କରିଥିଲେ। ସେମାନଙ୍କୁ ଜୟଦୁର୍ଗା ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, ରାମଚନ୍ଦ୍ର ସେଠୀ, ଅଞ୍ଜନ ମହାନ୍ତି, ସନାତନ ମହାନ୍ତି, ଦୀପ୍ତିରଞ୍ଜନ ସ୍ୱାଇଁ, ଅଭୟ ମଲିକ ପ୍ରମୁଖ ସହାୟତା କରିଥିଲେ ।

## ଚତୁର୍ଥ ଦିନରେ ପହଞ୍ଚିଲା ନହଙ୍ଗ ପଞ୍ଚାୟତବାସୀଙ୍କ ଆନ୍ଦୋଳନ

**ଡେରାବିଶ,୬।୧୨(ସ୍ୱ.ପ୍ର.)**

ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ଗତବର୍ଷ ଠାରୁ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଚାଷୀଙ୍କୁ ସରକାର ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨ୟ କିସ୍ତି ସହ ପ୍ରଥମ ପର୍ଯ୍ୟାୟରେ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଚାଷୀମାନଙ୍କୁ ମଧ୍ୟ ଟଙ୍କା ପ୍ରଦାନ କାର୍ଯ୍ୟ ଚାଲୁ ରହିଛି। ହେଲେ ଏହି ଯୋଜନା ପାଇଁ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବାରୁ ବହୁ ଗରିବ ଚାଷୀ ଏହି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଗତ ୩ ତାରିଖ ଠାରୁ ଡେରାବିଶ ବ୍ଳକ ନହଙ୍ଗ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପଞ୍ଚାୟତରେ ଥିବା ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ କାଳିଆ ଟଙ୍କା ପାଇବା ପାଇଁ ବହୁ ଯୋଗ୍ୟ ଚାଷୀ ଧାରଣା ଦେଇଛନ୍ତି । ସେମାନଙ୍କ ଆନ୍ଦୋଳନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରକୃତ ହିତାଧିକାରୀ ଚୟନ ଦାବି ନେଇ ଶୁକ୍ରବାର ଠାରୁ ଆମରଣ ଅନଶନ ଚାଲୁ ରହିଛି । ଚାଷୀ ନରୋତ୍ତମ ନାୟକ, ବଳରାମ ପରିଡା, ଗୋପୀନାଥ ତ୍ରିପାଠୀ, ଶୁକଦେବ ସାହୁ, ବାବାଜୀ ବେହେରା, ଛବି ପାତ୍ର, ବିକ୍ରମ କେଶରୀ ସେଠୀଙ୍କ ସମେତ ଯୋଜନାରୁ ବଞ୍ଚିତ ଅନ୍ୟ ଚାଷୀମାନେ ଏହି ଆମରଣ ଅନଶନରେ ବସି ରହିଛନ୍ତି ।

## ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ ପାଇଁ ସଜବାଜ

**ରାଜନଗର,୬।୧୨(ଡି.ଏନ.ଏ.)**

ବୁଲ୍‌ବୁଲ୍‌ରେ ଫସଲ ଉଜୁଡି ଯିବା ପରେ ମ୍ରିୟମାଣ ହୋଇ ରାଜନଗର ବ୍ଳକ ନୁରୁଗାଁର ଯୁବଚାଷୀ ରାମଚନ୍ଦ୍ର ବାରିକ ନିକଟରେ ବିଷପିଇ ଆତ୍ମହତ୍ୟା କରିଥିଲେ । ଏହି ଘଟଣାରେ ସରକାରଙ୍କୁ ଘେରିଛି ନବ ନର୍ମାଣ କୃଷକ ସଂଗଠନ। ତୁରନ୍ତ ସରକାର ନୁରୁଗାଁର ମୃତ ଚାଷୀ ରାମଚନ୍ଦ୍ରଙ୍କ ପରିବାରକୁ ସରକାରୀ ସହାୟତା ଯୋଗଇ ଦେବାକୁ ନବନିର୍ମାଣ କୃଷକ ସଂଗଠନର ରାଜନଗର ବ୍ଳକ ସଂଯୋଜକ ଶତ୍ରୁଘ୍ନ ସେଠୀ ପ୍ରେସ ବିବୃତିରେ ଜଣାଇଛନ୍ତି । ଫାଇଲିନ, ତିତିଲି ଓ ବୁଲ୍‌ବୁଲ୍‌ରେ ଚାଷୀକୂଳ କ୍ଷତିଗ୍ରସ୍ତ ହେବା ପରେ ଋଣଭାର ବଢୁଥିବାରୁ ଗରିବ ଚାଷୀ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଏହି ପରିପ୍ରେକ୍ଷୀରେ ସରକାର ଚାଷୀ ଆତ୍ମହତ୍ୟାକୁ ସ୍ୱୀକାର ନ କଲେ, ନବ ନିର୍ମାଣ କୃଷକ ସଂଗଠନ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରିଆସତ୍ ଖାଁ ମେମୋରିଆଲ ଫୁଟବଲ: ନେତାଜୀ କ୍ଲବ ବିଜୟୀ



ମ୍ୟାଚ ପୂର୍ବରୁ ଦୁଇଦଳର ଖେଳାଳି ଓ ଅନ୍ୟମାନେ।

**ଆଳି, ୬।୧୨**

ଆଳି ହାଇସ୍କୁଲ ମିନିଷ୍ଟାଡିୟମ ପରିସରରେ ଚାଲିଥିବା ରିଆସତ୍ ଖାଁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ନେତାଜୀ କ୍ଲବ ତରାସ ଓ ନେହେରୁ କ୍ଲବ ନହୁଣୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେତାଜୀ କ୍ଲବ ତରାସ ୨-୧ଗୋଲରେ ନେହେରୁ କ୍ଲବ ନହୁଣୀକୁ ହରାଇଦେଇଛି। ଶୁକ୍ରବାର ମୁଖ୍ୟ ଅତିଥିଭାବେ ଆଳି ଥାନା ଆଇଆଇସି ସଲିଳ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅଟାଳ ସରପଞ୍ଚ ଅଚ୍ୟୁତାନନ୍ଦ ବଳ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଓଝା, ଶରତ କୁମାର ଜେନା, ଅମର ଜେନା ଓ ସଞ୍ଜୟ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସେକ୍ ଚମନ, ସେକ୍ ଭାନୁ, ଅବୁଦ ମତିନ, ସେକ୍ ମୁନା, କଲିମ ଖାଁ,ସେକ ସୋନୁ, ସାଦିକ ଖାଁ, ନୟିମ ଖାଁ ପ୍ରମୁଖ ସେମାନଙ୍କୁ ସହାୟତା କରିଥିଲେ ।

## ଯୁବ ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**ମାର୍ଶାଘାଇ,୬।୧୨ (ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଗାଁ ମାର୍ଶାଘାଇ ଗ୍ରାମର ସାମାଜିକ କର୍ମୀ ଅଂଶୁମାନ ପ୍ରଧାନ ଓରଫ୍ ବାବୁ (୩୨)ଙ୍କର ଗୁରୁବାର ରାତିରେ ପରଲୋକ ଘଟିଛି । ସ୍ୱର୍ଗତ ପ୍ରଧାନ କିଛି ଦିନ ହେବ ଅସୁସ୍ଥ ଥାଇ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ । ଶୁକ୍ରବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ସ୍ୱର୍ଗତ ପ୍ରଧାନ ମାର୍ଶାଘାଇର ଓରିଏଣ୍ଟାଲ କ୍ଲବ,କୃଷକ କ୍ଲବ,ଦୁର୍ଗା ପୂଜା କମିଟି, ମାର୍ଶାଘାଇ ଯଜ୍ଞ କମିଟି, ମାର୍ଶଘାଇ ସତ୍ୟସାଇ ସେବା ଅନୁଷ୍ଠାନ ସମେତ ବହୁ ଅନୁଷ୍ଠାନ ସହିତ ଦୀର୍ଘଦିନ ହେବ ଜଡ଼ିତ ଥିଲେ । ତାଙ୍କ ବିୟୋଗରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ,ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା,ପ୍ରଦୀପ୍ତ ଗାହାଣ,ରନେନ୍ଦ୍ର କୁମାର ସ୍ୱାଇଁ, ସରିତା ପ୍ରଧାନ,ସ୍ନେହଲତା ବେହେରା,ଉପେନ୍ଦ୍ର ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦ୍‌ଗତି କାମନା କରି ରାଜ କୁମାର ବେହେରାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା ।

## ବାତ୍ୟା ଆଶ୍ରୟସ୍ଥଳରେ ପାଠପଢ଼ା, ଶ୍ରେଣୀଗୃହ ନିର୍ମାଣ ଦାବି

**କେନ୍ଦ୍ରାପଡା ଅଫିସ, ୬।୧୨**

କେନ୍ଦ୍ରାପଡା ବ୍ଲକର ଚାରିଗାଁସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାଥମିକ ବିଦ୍ୟାଳୟ ଚାଲିଛି । ତେବେ ଅସୁରକ୍ଷିତ ଘୋଷଣା ପରେ ଏହାକୁ ଭଙ୍ଗା ଯାଇଛି । ସ୍ୱତନ୍ତ୍ର ବିଦ୍ୟାଳୟ ଗୃହ ସ୍ଥାପନ ପାଇଁ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କୁ ଭେଟିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ ସହ ଏନେଇ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଗ୍ରାମର ସୁଦାମ ମଲ୍ଲିକ କହିଛନ୍ତି ଯେ, ଏହି ଗ୍ରାମର ହରିଜନ ସାହିର ଲୋକସଂଖ୍ୟା ୧୦୦୦ରୁ ଅଧିକ । ବହୁ ଶିଶୁ ଏହି ବିଦ୍ୟାଳୟରେ ପାଠ ପଢ଼ନ୍ତି । ବାତ୍ୟା ଆଶ୍ରୟସ୍ଥଳୀ ଭଙ୍ଗା ଯିବା ପରେ ନିକଟସ୍ଥ ଏକ ସ୍ଥାନରେ ପାଠପଢ଼ା ଚାଲିଛି। ତେବେ ଶ୍ରେଣୀ ଗୃହ ନ ଥିବାରୁ ପିଲାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ଏହି ଆଲୋଚନାରେ ଗ୍ରାମର କଳାକାର ମଲ୍ଲିକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ ।


**ପୂର୍ବ ତଟ ରେଳପଥ**
ରେଲୱେ ରିକ୍ରୁଟମେଣ୍ଟ ସେଲ୍
ସାଙ୍କେତିକ ବିଜ୍ଞାପନ
ଆପ୍ରେଣ୍ଟିସ୍ ନିୟମ, 1961 ଅନୁଯାୟୀ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି
ଅଧିସୂଚନା ସଂ.ECoR/RRC/Act Appr/2019

ଜାରି ହେବା ତାରିଖ:07.12.2019 ଅନ୍‌ଲାଇନ୍ ଦରଖାସ୍ତ ନିମନ୍ତେ ବନ୍ଦ ହେବା ତାରିଖ: 06.01.2020
ପୂର୍ବ ତଟ ରେଳପଥରେ କାରଖାନା/ୟୁନିଟ୍‌ଗୁଡ଼ିକଠାରେ ନାମିତ ଟ୍ରେଡ୍‌ରେ ଆପ୍ରେଣ୍ଟିସ୍ ଆକ୍ଟ ୧୯୬୧ ଅନୁଯାୟୀ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ରେଳବାଇ ବୋର୍ଡ ଦ୍ୱାରା ଜାରି ପ୍ରଚଳିତ ନିୟମ ଏବଂ ନିର୍ଦ୍ଦେଶାନୁସାର ପ୍ରଶିକ୍ଷଣ ଅବଧି ଏବଂ ପ୍ରଦାନଯୋଗ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । www.rrcbbs.org.in ଅବଲୋକନ କରି ବିଧିବଦ୍ଧ ଭାବେ ତା.06.01.2020ରିଖ 2359 ଘଟିକା ପର୍ଯ୍ୟନ୍ତ କେବଳ ଅନ୍‌ଲାଇନ୍‌ରେ ଦାଖଲ କରାଯିବା ଆବଶ୍ୟକ ।
ପ୍ରଶିକ୍ଷଣ ସ୍ଲଟ୍ ନିମ୍ନରେ ପ୍ରଦାନ କରାଗଲା :

| କ୍ରମ ସଂ. | ୟୁନିଟ୍ ଏବଂ ଟ୍ରେଡ୍ | ଖାଲି ସ୍ଥାନ |
|---|---|---|
| I. | ପୂର୍ବ ତଟ ରେଳପଥ ମୁଖ୍ୟାଳୟ : କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଙ୍ଗ୍ ଆସିଷ୍ଟାଣ୍ଟ | 10 |
| | ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର : ଫିଟର, ସିଟ୍ ମେଟାଲ ୱାର୍କର, ୱେଲ୍ଡର, ମେସିନିଷ୍ଟ, ମେକାନିକ (ଏମ୍.ଭି.), କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ୱାୟରମେନ୍ ଏବଂ ପେଣ୍ଟର । | 250 |
| II. | ଖୋର୍ଦ୍ଧା ରୋଡ୍ ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ମେସିନିଷ୍ଟ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡିଜେଲ ମେକାନିକ୍, ଡ୍ରାଫ୍ଟମ୍ୟାନ୍ (ସିଭିଲ୍),ଇଲେକ୍ଟ୍ରୋନିକ୍ସ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 317 |
| III. | ୱାଲ୍ଟିୟର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ),ମେସିନିଷ୍ଟ, ବଢ଼େଇ, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡିଜେଲ ମେକାନିକ୍, ଡ୍ରାଫ୍ଟମ୍ୟାନ୍ (ସିଭିଲ୍), ଇଲେକ୍ଟ୍ରୋନିକ୍ସ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 553 |
| IV. | ସମ୍ବଲପୁର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ବଢ଼େଇ, ଇଲେକ୍ଟ୍ରିସିଆନ୍, ଡ୍ରାଫ୍ଟମ୍ୟାନ୍ (ସିଭିଲ୍), ଇଲେକ୍ଟ୍ରୋନିକ୍ସ ମେକ୍, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 86 |
| | Total | 1216 |

ଦରଖାସ୍ତ ପଞ୍ଜୀକରଣ ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ଚୟନ ପ୍ରକ୍ରିୟା, ଦରଖାସ୍ତ ଶୁଳ୍କ,ମେଡିକାଲ ଫିଟ୍‌ନେସ୍ ଇତ୍ୟାଦି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଅଧିସୂଚନା ନିମନ୍ତେ ରେଲୱେ ରିକ୍ରୁଟମେଣ୍ଟ ସେଲ(RRC), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ୱେବ୍‌ସାଇଟ୍ www.rrcbbs.org.in ଲଗ୍ ଅନ୍ କରନ୍ତୁ ।
PR-566/K/19-20 ଅଧ୍ୟକ୍ଷ, ରେଲୱେ ରିକ୍ରୁଟମେଣ୍ଟ ସେଲ/ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.eTender-optg-kur-05-2019
କାର୍ଯ୍ୟର ନାମ: ପ୍ରକାଶ୍ୟ ଟେଣ୍ଡର ଭିତ୍ତିରେ ପରିଚାଳନା ବିଭାଗର ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର (ମୋଟ 03 ଗୋଟି ସ୍ଥାନ) ଠାରେ ତିନି ବର୍ଷ ସମୟାବଧି ନିମନ୍ତେ ଦୈନିକ ଭିତ୍ତିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିଭିଜନାଲ କଶନ ଅର୍ଡର(DCO)ର କମ୍ପ୍ୟୁଟରୀକରଣ ଏବଂ ଫଟୋକପି (Xerox) ନିମନ୍ତେ ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 21,82,554/-, EMD (ଟଙ୍କାରେ): 43,700/-,ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 ମାସ ।
ବିଡ୍ର ଆରମ୍ଭ ହେବା ତାରିଖ : ତା.10.12.2019 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.12.2019 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-567/K/19-20



**पंजाब नैशनल बैंक ...भरोसे का प्रतीक !** **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !**
ଆର୍‌ପିଆର୍‌ସି ଶାଖା, ଏକାମ୍ର କାନନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ, ଆର୍‌ପିଆର୍‌ସି ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ମାଧ୍ୟମରେ ସେମାନଙ୍କର ବକେୟା ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ଯାଏ ସେବାବଦ ଖର୍ଚ୍ଚ ଓ ଦେୟ ନୋଟିସ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ସେମାନଙ୍କର ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ** ନିକଟରେ ନିମ୍ନ ଦର୍ଶିତ ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଶ୍ୟାମ ପ୍ଲାଏ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସମୀର କୁମାର ସାମନ୍ତରାୟ,** ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, **ଠିକଣା-୧:** ଫ୍ଲାଟ୍ ନଂ.: ଏନ୍‌୪-୨୪୨, ଗଜାନନ କମ୍ପ୍ଲେକ୍ସ, ଇନ୍ଦ୍ରଧନୁ ମାର୍କେଟ, ନୟାପଲ୍ଲୀ, ଭୁବନେଶ୍ୱର-୭୫୪୦୧୫, **ଠିକଣା-୨:** ଫ୍ଲାଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁବାଷ ସାମନ୍ତରାୟ,** ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, **୨) ଶ୍ରୀମତୀ ସୁଚିସ୍ମିତା ସାମନ୍ତରାୟ,** ସ୍ୱାମୀ: ଶ୍ରୀ ସୁବାଷ ସାମନ୍ତରାୟ, ଉଭୟଙ୍କ **ଠିକଣା-୧:** ସା.: କୋରକରା, ପୋ.: ବ୍ରହ୍ମାଣ୍ଡ, ଭାୟା: ଗୋବିନ୍ଦପୁର, ଜିଲ୍ଲା: କଟକ, ପିନ୍-୭୫୪୦୦୩, **ଠିକଣା-୨:** ଫ୍ଲାଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, **ଠିକଣା-୩:** ଫ୍ଲାଟ୍ ନଂ.: ଏମ୍‌ଆଇଜି-୬୦, କପିଳ ପ୍ରସାଦ, ଫେଜ୍-୨, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୨, **ଠିକଣା-୪:** ଫ୍ଲାଟ୍ ନଂ.: ୧୬୦୨, ଚିନ୍ତାମଣୀଶ୍ୱର, ପୋ.: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ୦୧.୦୩.୨୦୧୯ / ୦୩.୧୨.୨୦୧୯ | ୦୧.୦୩.୨୦୧୯ ସୁଦ୍ଧା ଟ.୫୨,୮୩,୭୨୨/- ସେବାବଦ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀମତୀ ସୁଚିସ୍ମିତା ମହାନ୍ତି (ସାମନ୍ତରାୟ)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବଡଗଡ, ଥାନା: ବଡଗଡ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୨୩୦୨, ପ୍ଲଟ୍ ନଂ.: ୧୪୬୪/ ୭୭୯୧, କ୍ଷେତ୍ର: ଏକର୦.୦୫୪ ଡିସିମିଲି |

ତାରିଖ: ୦୬.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ



DADLS-64



**MESSAGE**

On the occasion of Armed Forces Flag Day-2019, I extend my warm felicitations and good wishes to all ranks of the Armed Forces as well as our Ex-servicemen and their families.

Our Armed Forces have exhibited exemplary courage and patriotism in preserving the sovereignty and territorial integrity of the country. The Armed Forces personnel not only resolutely defend the nation's borders but also render valuable service during national calamities and combating the internal insurgencies. Armed Forces Flag Day is an occasion to remember with gratitude the sacrifices made by our gallant soldiers and to pay tribute to their courage and dedication in serving our great nation. It provides us an opportunity to express solidarity and support through generous contribution to the Armed Forces Flag Day Fund so that rehabilitation and welfare of Ex-servicemen and their families could be undertaken in a big way.

I appeal to all the citizens to come forward and contribute spontaneously to the Armed Forces Flag Day Fund.

Jai Hind !

(Prof. Ganeshi Lal)
Governor, Odisha



**MESSAGE**

The 'Armed Forces Flag Day' on 7th December provides an opportunity to all the citizens of India to reaffirm our gratitude and appreciation towards the men in uniform for their valiant services and supreme sacrifices and pledge our sincerity in taking care of those who are left behind.

The contributions would help in wiping out tears and show our solidarity with them. On this occasion, I appeal to all citizens of Odisha to donate generously to the 'Armed Forces Flag Day'as a mark of our regards and respect for their unflinching loyalty and unstinting service to the Nation and make the Armed Forces Flag Day 2019 a great success.

(Naveen Patnaik)
Chief Minister, Odisha

27008/13/0002/1920

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ବୃଦ୍ଧ ଅଟକ

ପାରାଦୀପ, ୬।୧୨ (ସ୍ୱ.ପ୍ର.): ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ବୃଦ୍ଧଙ୍କୁ ଅଟକ ରଖିଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ସମ୍ପୃକ୍ତ ବୃଦ୍ଧଙ୍କ ଦୋକାନକୁ ସଉଦା ଆଣିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଭୟ ଦେଖାଇ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୋଲିସ ୯୯/୧୯ ନଂ.ରେ ଏକ ମାମଲା ରୁଜୁ କରିଛି। ଘଟଣା ସମ୍ବେଦନଶୀଳ ହୋଇଥିବା ବେଳେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଥାନାଧିକାରୀ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

### ୨ ବଖରା ଜଳିଗଲା

ବାଲିକୁଦା, ୬।୧୨ (ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ତିତିରା ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଧ୍ରୁବଚରଣ ରାଉତଙ୍କ ୨ ବଖରା ଜଳିଯାଇଛି। ରୋଷେଇ ଚୁଲିରୁ ନିଆଁ ଲାଗି ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ଗାଁ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ବି ସମ୍ଭବ ହୋଇ ନ ଥିଲା। ଖବରପାଇ ବାଲିକୁଦା ଦମକଳ କେନ୍ଦ୍ରର ଭାରପ୍ରାପ୍ତ କେନ୍ଦ୍ରାଧିକାରୀ ନବଘନ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଛି।

# ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ଅସଜଡ଼ା

ଜଗତସିଂହପୁର ଅଫିସ, ୬।୧୨

### ଜଗତ୍‌ସିଂହପୁର ଜିଲା

- ପରିତ୍ୟକ୍ତ ଅବସ୍ଥାରେ ଶାରଳା ମନ୍ଦିରର ଚନ୍ଦନ ପୋଖରୀ
- ଧଳତଙ୍ଗଗଡ଼ ଜଙ୍ଗଲକୁ ଯାତାୟାତ ପାଇଁ ଭଲ ରାସ୍ତା ନାହିଁ
- ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳର ଆବଶ୍ୟକ ଭିତ୍ତିଭୂମି ସଜାଡ଼ିବାକୁ ଦାବି



ମଠ, ମନ୍ଦିର, କଳା, ସଂସ୍କୃତି ତଥା ପର୍ଯ୍ୟଟନ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲା ଅନେକ ସୁନାମ ଅର୍ଜନ କରିଛି। ଅଧିଷ୍ଠାତ୍ରୀ ମା'ଶାରଳାଙ୍କ ଦର୍ଶନ କଲେ ସବୁ କାର୍ଯ୍ୟରେ ସଫଳତା ମିଳୁଥିବା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଥିବା ବିଶ୍ୱାସ ଯୋଗୁ ଜିଲା ଓ ଜିଲା ବାହାରୁ ପ୍ରତିବର୍ଷ ସହସ୍ରାଧିକ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। ସେହିପରି ଧଳତଙ୍ଗଗଡ଼ ବନାଞ୍ଚଳ, ସିଆଳି ବିଚ୍, କୁଞ୍ଜବିହାରୀ ମଠ, ରଘୁନାଥଜୀଉ ମନ୍ଦିର, ଗାରୋଇ ମଠ, ଧାନକୁଦ ଜଗନ୍ନାଥ ମନ୍ଦିର ଆଦି ପର୍ଯ୍ୟଟନ ସ୍ଥଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ବର୍ଷତମାମ ଏହିସବୁ ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକଙ୍କ ଯା'ଆସ ଲାଗି ରହୁଥିବା ବେଳେ ଶୀତଦିନେ ଅଧିକ ଗହଳଚହଳ ଦେଖିବାକୁ ମିଳେ। ଚଳିତବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଅନେକ ସ୍ଥାନର ଭିତ୍ତିଭୂମି ଅସଜଡ଼ା ହୋଇ ପଡ଼ିରହିଛି। ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ଆଶାନୁରୂପ ବିକାଶ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ସାଧାରଣରେ ଦାବି ହେଉଛି

ବିଶେଷକରି କେହି ପାଲା, ସଙ୍ଗୀତ, ନୃତ୍ୟ ଆଦି ଶିକ୍ଷା ଆରମ୍ଭ କରୁଥିଲେ ପ୍ରଥମେ ଝଙ୍କଡ଼ବାସିନୀ ମା'ଶାରଳାଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଯାତ୍ରା ପାର୍ଟିଗୁଡ଼ିକ ପ୍ରତିବର୍ଷ ଯାତ୍ରା କରିବାକୁ ବାହାରିବା ପୂର୍ବରୁ ପ୍ରଥମେ ମା'ଙ୍କ ଆଶୀର୍ବାଦ ନେଇଥାନ୍ତି। ଏଥିସହ ଜିଲା ରାଜ୍ୟ ବାହାରର ଶ୍ରଦ୍ଧାଳୁଙ୍କ ଆଗମନରେ ସବୁବେଳେ ଗହଳଚହଳ ଲାଗିରୁହେ। ହେଲେ ମା'ଙ୍କ ମନ୍ଦିର ପରିସରରେ ଥିବା ଚନ୍ଦନ ପୋଖରୀ ଓ ଅନ୍ୟାନ୍ୟ ଭିତ୍ତିଭୂମିକୁ ସଜଡ଼ାଯିବା ବା ଅଧିକ ଆକର୍ଷଣୀୟ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ନ୍ତା ବୋଲି ମତ ପ୍ରକାଶ ପାଇଛି। ସେହିପରି ଗୋରେଖନାଥ ପୀଠ ଜିଲାର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଛି। ଏଠାକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଯାତାୟାତ କରୁଛନ୍ତି। ସେହିପରି ଜିଲା ମୁଖ୍ୟାଳୟରୁ ୧୫ କିଲୋମିଟର ଦୂରରେ ରହିଛି ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ। ଏହି ଜଙ୍ଗଲରେ ହରିଣ ଦେଖାଯାଉଥିବାରୁ ଏହା ସ୍ୱତନ୍ତ୍ର ପରିଚୟ ପାଇଛି। ଏହି ଜଙ୍ଗଲରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଏଠାକାର ଧ୍ରୁବ ତପସ୍ୟାସ୍ଥଳ ଧଉଳୀକୁଦ ଆଉ ଏକ ଆକର୍ଷଣ। ସେଠାରେ ଦିବାରାତ୍ର ଅଖଣ୍ଡ ଧୂନି ଦେଖିବାକୁ ମିଳେ। ଜଙ୍ଗଲ ପରିସରରେ ଏକ ଇକୋ ଟୁରିଜମ୍ କେନ୍ଦ୍ର ରହିଛି। ପ୍ରତିବର୍ଷ ଶୀତ ଦିନେ ସ୍କୁଲ, କଲେଜ ବା ବିଭିନ୍ନ ଅନୁଷ୍ଠାନର ପିଲାମାନେ ଏଠାକୁ ବଣଭୋଜି କରିବାକୁ ଆସନ୍ତି। ତେବେ ଏହି ପର୍ଯ୍ୟଟନସ୍ଥଳକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବାରୁ ପର୍ଯ୍ୟଟକମାନଙ୍କୁ ଅସୁବିଧା ଭୋଗିବାକୁ ପଡ଼େ।

ସେହିପରି ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମଠ, ସିଆଳି ସି ବିଚ୍, ଚାନ୍ଦପୁର ରଘୁନାଥଜୀଉ ମନ୍ଦିର ଆଦିକୁ ପର୍ଯ୍ୟଟନ କ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ କୁଞ୍ଜବିହାରୀ ମଠ ପରିସରରେ ଥିବା ବିରାଟ ଜଗନ୍ନାଥ ମନ୍ଦିର ଅନ୍ୟ ଏକ ଆକର୍ଷଣ ସ୍ଥଳ ଭାବେ ବେଶ୍ ପ୍ରସିଦ୍ଧ। ସେହିପରି ସିଆଳି ସି ବିଚ୍‌କୁ ବର୍ଷ ତମାମ ପର୍ଯ୍ୟଟକଙ୍କ ଯାତାୟାତ ଲାଗି ରହୁଛି। ରଘୁନାଥଜୀଉ ମନ୍ଦିରର ଅନୁପମ କାରୁକାର୍ଯ୍ୟ ଲୋକଙ୍କୁ ଆକର୍ଷିତ କରିଥାଏ। ସେହିପରି ଜଗତ୍‌ସିଂହପୁର ସଦର ମହକୁମାଠାରୁ ପାଖାପାଖି ୩ କିଲୋମିଟର ଦୂରରେ ଥିବା ସୋମନାଥ ମନ୍ଦିର ଆଦି ପର୍ଯ୍ୟଟନ ସ୍ଥଳ ରହିଛି। ମାଛଗାଁର ଗାରେଇ, ପଞ୍ଚସଖା ଧାନକୁଦ, ମରିଚିପୁର ବନ୍ଦର, ବନ୍ଦରାଇ ଠାକୁରାଣୀ ମନ୍ଦିର, ବାଲିଆ ଗୋପୀନାଥ ମନ୍ଦିର, ବାଇଶିମଉଜାର ଜଗନ୍ନାଥ ମନ୍ଦିର, ଶାଳିଜଙ୍ଗା ମଠ, ପଞ୍ଚୁପଲ୍ଲୀ, ଯଶୋବନ୍ତ ପୀଠ ଆଦିରେ ପର୍ଯ୍ୟଟକଙ୍କ ଗହଳି ଦେଖାଯାଏ। ତେବେ ଏତେସବୁ ପର୍ଯ୍ୟଟନ କ୍ଷେତ୍ର ଥିବା ବେଳେ ସମସ୍ତ ସ୍ଥାନର ଆବଶ୍ୟକ ଭିତ୍ତିଭୂମି ସଜଡ଼ା ଯାଇ ପାରିଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଆନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକଙ୍କୁ ପଚାରିବାରେ ପାଖାପାଖି ୧ ମାସ ହେବ ଜଗତ୍‌ସିଂହପୁର ପର୍ଯ୍ୟଟନ ବିଭାଗର ଅତିରିକ୍ତ ଦାୟିତ୍ୱ ପାଇଛି। ଏତେ କମ୍ ସମୟ ଭିତରେ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ ନ ଥିବା ସେ କହିଛନ୍ତି। ଏଥିସହ ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଭିତ୍ତିଭୂମି ବିକାଶରେ ଆବଶ୍ୟକତା ରହିଥିବା ସେ ସ୍ୱୀକାର କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ମଣି ଗୁଣ ସାଗର**
**ଗୁଣ ରଖିଗଲ ଅଖା ଭିତର**
**ଅଖା ଧୋଉଥିବ ଗୁଣ ଗାଉଥିବ ।**

ଯାହାକୁ ଗୁଣସମ୍ପନ୍ନ ଭାବି ବସ, ସିଏ ଯେ ଭିତରେ ଭିତରେ ଏମିତି ବିପରୀତ କାମ କରି ବସେ ଯାହାକି ମୁଣ୍ଡବ୍ୟଥାର କାରଣ ହୋଇଥାଏ। ଅଖା ଯେତେ ଧୋଇଲେ ବି ସଫା ହୁଏ ନାହିଁ ; ସେହିପରି ଦୁଷ୍ଟ ବ୍ୟକ୍ତିଙ୍କର ଦୁର୍ଗୁଣ ବର୍ଣ୍ଣନା କଲେ ସରେ ନାହିଁ। ଦୁଷ୍ଟ ଓ ଅନିଷ୍ଟକାରୀ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗ୍ରାହକ ଅନ୍ଧ**
**ଦେଖନ୍ତି ଭଲ**
**ନିଅନ୍ତି ମନ୍ଦ ।**

ଭଲ ମନ୍ଦ ପରଖିବାରେ ଗ୍ରାହକ ସେତେ ଦୃଷ୍ଟି ଦେଇ ନ ଥାନ୍ତି। ବିଚାରଶକ୍ତି ଅଭାବରୁ ଜିନିଷ ବାଛିବାରେ ଭୁଲ୍ କରି ବସିଥାନ୍ତି। ଏହାର ଫାଇଦା ଉଠାଇ ବେପାରୀ ଗ୍ରାହକଙ୍କୁ ମିଛ ସତ କହି ଠକି ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।


ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### କଳରାପତରିଆ ବାଘକୁ ନେଇ ଚର୍ଚ୍ଚା

ପାରାଦୀପ,୬।୧୨(ସ୍ୱ.ପ୍ର.)

ପାରାଦୀପ ବାଉରିଆ ପାଳନ୍ଦାରେ ଥିବା ଏଲପିଜି ଟର୍ମିନାଲ ପରିସରରେ ଗୁରୁବାର ରାତି ୧୧ଟାରେ ଏକ କଳରାପତରିଆ ବାଘ ବୁଲୁଥିବା ନେଇ ଶୁକ୍ରବାର ଦିନତମାମ୍ ଚର୍ଚ୍ଚା ହୋଇଛି। ବାଘକୁ କିଏ ଦେଖିଲା ଓ କିପରି ଏହି ଖବର ପ୍ରଘଟ ହେଲା ତାକୁ ନେଇ ବନବିଭାଗ ନାକେଦମ୍ ହୋଇଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପରଞ୍ଜନ ମହାନ୍ତି କୁହନ୍ତି, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଆଦୌ ବାଘ ନାହାନ୍ତି। କଟାସ କିଛି ଅଛନ୍ତି। ସେଗୁଡ଼ିକ ବଡ଼ ଓ ବାଘ ଭଳି ଦେଖାଯାଉଥିବାରୁ କେହି ବାଘ ଭାବିଥାଇ ପାରନ୍ତି। କିନ୍ତୁ ତାହା ବାଘ ନୁହେଁ। ୨ ବର୍ଷ ତଳେ ଏହିଭଳି ଏକ କଟାସ ଗଲ୍ଫପଡ଼ିଆଠାରେ ଗାଡ଼ି ଦୁର୍ଘଟଣାରେ ମରିପଡ଼ିଥିଲା।

## ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା



ଉତ୍ସବରେ ଉପସ୍ଥିତ ଅତିଥି।

ଜଗତ୍‌ସିଂହପୁର ଅଫିସ୍, ୬।୧୨

ଜଗତ୍‌ସିଂହପୁର ପୌରାଞ୍ଚଳ ଅଧୀନ ବଡବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଉତ୍ସବରେ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ୍ ଉପସଭାପତି ତଥା ଆଇନଜୀବୀ ସାରଦା ପ୍ରସନ୍ନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଏଥିସହ ସେ କହିଥିଲେ, ଖେଳିବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ପରିପ୍ରକାଶ ଘଟେ। ତେଣୁ କ୍ରୀଡ଼ାରେ ହାରିବା ଜିତିବା ଉପରେ ଧ୍ୟାନ ଦିଆଯିବା ଉଚିତ ନୁହେଁ ବୋଲି ପିଲାମାନଙ୍କୁ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଅଧ୍ୟାପକ ଭଗବାନ ଦାଶଙ୍କ ମାର୍ଗଦର୍ଶନରେ ଆୟୋଜିତ ଉତ୍ସବରେ ସମ୍ପାଦକ ମଳୟ କୁମାର ଲେଙ୍କା ଓ କୋଷାଧ୍ୟକ୍ଷ ରମାକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ମଦନମୋହନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ପୃଥକ ଭାବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା, ବରିଷ୍ଠ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ଗୁରୁମା, ଗୁରୁଜୀ ଓ ଅନ୍ୟମାନେ ବିଭିନ୍ନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସମନ୍ୱୟ କର୍ମଶାଳା

## ଋଣ ପ୍ରଦାନ, ସୁଧ ଛାଡ଼ ସମ୍ପର୍କିତ ଆଲୋଚନା

ବାଲିକୁଦା, ୬।୧୨ (ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସମନ୍ୱୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ସଦ୍‌ଭାବନା ଗୃହରେ ଏବିଡିଓ ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ସିଡିପିଓ ସରଳା ଦେଈ ସଭାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏଲଡି ବ୍ୟାଙ୍କ ପରିଚାଳକ ସତୀଶ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କିଭଳି ଅଧିକରୁ ଅଧିକ ସହାୟତା ପ୍ରଦାନ କରିହେବ ତାହା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରିବା ସହ ଖାତାପତ୍ର ଲିଖନ ଓ ମହାସଂଘରେ ଯୋଗଦାନ କରାଯିବା ସହ ସେମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଦିଗରେ ବୁଝାଇଥିଲେ। ଅଧ୍ୟକ୍ଷ ବେହେରା ମିଶନ ଶକ୍ତି ଓ ଜୀବିକା ମିଶନ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରାଗଲେ ଯୋଜନାର ସଫଳତା ମିଳିପାରିବ ବୋଲି କହିଥିଲେ। ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରତାପରୁଦ୍ର ନନ୍ଦ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଆଞ୍ଚଳିକ ମଞ୍ଚରେ ମିଶ୍ରଣ ଓ ପରେ ମହାସଂଘରେ ମିଶ୍ରଣ କରାଯାଇ ସେମାନଙ୍କ ରୋଜଗାର ବୃଦ୍ଧି କରିବା ପାଇଁ କହିଥିଲେ। ବ୍ଲକ ପ୍ରୋଗ୍ରାମ ସଂଯୋଜକ ସତ୍ୟାର୍ଥ ପ୍ରକାଶ ପରିଡ଼ା ଯୋଗଦେଇ ନୂତନ ଏସ୍‌ଏଚ୍‌ଜି ଗଠନ ଉପରେ ଗୁରୁତ୍ୱ ଦେବା ସହିତ ଋଣ ପ୍ରଦାନ ଓ ସୁଧ ଛାଡ଼ ଉପରେ ଆଲୋଚନା କରିଥିଲେ। ସହକାରୀ ପ୍ରାଣୀ ଚିକିତ୍ସକ ଡା. ସୌମ୍ୟଜିତ ରାଉତ, ବାଲିକୁଦା ସହକାରୀ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ଏଏଫ୍‌ଓ ଦିଲୀପ କୁମାର ରାଉତରାୟ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଆଶିଷ ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ୫୦ଜଣ ମହିଳା ଅଂଶ ଗ୍ରହଣ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

SUCCESS
DHARITRI Career appointment Every Wednesday and Saturday

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରେମରେ ପଡ଼ିବା ଅପରାଧ ନୁହେଁ। ସୈଫ୍‌ଙ୍କୁ ବିବାହ କରିବା ମୋ ଜୀବନର ସବୁଠାରୁ ଭଲ ନିଷ୍ପତ୍ତି ଥିଲା।

-କରୀନା କପୁର, ବଲିଉଡ୍ ଅଭିନେତ୍ରୀ


## କାଠଗଡ଼ାକୁ ଟଣାହେବେ ଅଭିଭାବକ

### ଛୁଆଙ୍କୁ ଆକଟ କଲେ ଦଣ୍ଡ

**ଟୋକିଓ:** ଅନୁଶାସନ ପାଇଁ ଜନ୍ମକଲା ପିଲାଙ୍କୁ ଦଣ୍ଡ ଦେବା ଅତି ସାଧାରଣ କଥା। ପାଠପଢ଼ିବା ହେଉ ଅବା ସଂସ୍କାରବାଦୀ ଚିନ୍ତାଧାରା ପାଇଁ ପ୍ରତି ଘରେ ଶିଶୁଙ୍କ ଉପରେ ଛୋଟମୋଟ କଟକଣା ଲଗାଯାଇଥାଏ। ଭାରତରେ ଏହା ସାଧାରଣ କଥା। ହେଲେ ଜାପାନରେ ଯଦି ବି ଏପରି ଘଟଣା ସାମ୍ନାକୁ ଆସେ ତେବେ ଅଭିଭାବକ କାଠଗଡ଼ାକୁ ଟଣାହେବା ଥୟ।

ପୃଥିବୀର ଅନ୍ୟତମ ବିକଶିତ ଦେଶ ହେଉଛି ଜାପାନ। ଟେକ୍ନୋଲୋଜିକୁ ନେଇ ସବୁବେଳେ ଗୋଟିଏ ପାଦ ଆଗରେ ରହୁଥିବା ଏହି ଦ୍ୱୀପଦେଶରେ ପ୍ରଚଳିତ ନିୟମ ମଧ୍ୟ ଟିକେ ନିଆରା। ନିକଟରେ ପିଲାମାନଙ୍କୁ ଅଧିକ ସ୍ୱାଧୀନଚେତା କରିବାକୁ ସେଠାକାର କ୍ୟାବିନେଟରେ ଏଭଳି ଏକ ପ୍ରସ୍ତାବ ଦିଆଯାଇଛି। ଚଳିତ ସପ୍ତାହରେ ଏହା ଉପରେ ଆଲୋଚନା କରାଯିବ। ନିଷ୍କର୍ଷରୁ ବାହାରିଥିବା ନିଷ୍ପତ୍ତି ଅନୁଯାୟୀ ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବ।

କର୍ମଚାପରେ ସୃଷ୍ଟି ହେଉଥିବା ଚିଡ଼ଚିଡ଼ାପଣ ଯୋଗୁ ଅନେକ ସମୟରେ ମାତାପିତା ହିତାହିତ ଜ୍ଞାନ ହରାଇ ପିଲାମାନଙ୍କ ଉପରକୁ ହାତ ଉଠାଇଥାନ୍ତି। ଏପରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଶିଶୁ ଉତ୍ପୀଡ଼ନ ଅଧିନିୟମକୁ ଆଣିବା ସହ ଆଇନରେ ପରିବର୍ତ୍ତନ କରିବାକୁ ଯୋଜନା କରୁଛନ୍ତି ଜାପାନ ସରକାର। ନୂଆ ପ୍ରସ୍ତାବ ଅନୁଯାୟୀ, ଶିଶୁଙ୍କୁ ଆକଟ କରିବାକୁ ଦଣ୍ଡଦେବା ଏକ ବାହାନା ହୋଇପାରିବ ନାହିଁ। ଅର୍ଥାତ୍ ଛୁଆକୁ କୌଣସି ପ୍ରକାର ଶାରୀରିକ ନିର୍ଯାତନା ଦେବା ପୂର୍ବରୁ ଅଭିଭାବକଙ୍କୁ ଶହେ ଥର ଭାବିବାକୁ ପଡିବ। କେତେକ କ୍ଷେତ୍ରରେ ଏପରି ଅଭିଯୋଗ ଆସିବା ପରେ ମା'ବାପା ନିଜକୁ ବଞ୍ଚାଇବାକୁ ଅଜବ ଯୁକ୍ତି ଉପସ୍ଥାପନ କରିଥାନ୍ତି। ସ୍ଥଳ ବିଶେଷରେ ସେମାନେ କହିଥାନ୍ତି ଯେ, ଆକଟ କରିବା ସତ୍ତ୍ୱେ ନ ଶୁଣିବାରୁ ସେମାନେ ଶାରୀରିକ ଦଣ୍ଡ ଦେବାକୁ ବାଧ ହୋଇଥିଲେ। ହେଲେ ନୂଆ ଆଇନ ଆସିବା ପରେ ଏସବୁ ଯୁକ୍ତି ନିରର୍ଥକ ହୋଇଯିବ।



କେବଳ ଏତିକି ନୁହେଁ, ଦଣ୍ଡ ଦେବା ଉଦ୍ଦେଶ୍ୟରେ ପିଲାଙ୍କୁ କେହି ଭୋକରେ ରଖିପାରିବେ ନାହିଁ ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି।

ଆଲୋଚନା ପାଇଁ ପ୍ରସ୍ତୁତ ଏହି ଅଧିନିୟମରେ ପିଲାମାନଙ୍କୁ ଭାବନାତ୍ମକ ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଉଦ୍ୟମ କରାଯାଇଛି। ଏଥିରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି, ମା'ବାପା, ଅଭିଭାବକମାନେ ଯେତେ ସମସ୍ୟାରେ ଥିଲେ ମଧ୍ୟ ପିଲାମାନଙ୍କ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବେ। 'ଭଲ ହୋଇଥାନ୍ତା ତୁ (ଝିଅ/ପୁଅ) ଯଦି ଜନ୍ମ ନ ହୋଇଥାନ୍ତୁ' ଭଳି କଟୁ ଶବ୍ଦ ମଧ୍ୟ ବ୍ୟବହାର କରିପାରିବେ ନାହିଁ। ଏପରି ଶବ୍ଦ ଉଚ୍ଚାରଣ କରାଗଲେ ଏହାକୁ ଶିଶୁ ଅଧିକାର ଉଲ୍ଲଂଘନ ବୋଲି ବିଚାର କରାଯିବ। ଏତଦ୍‌ବ୍ୟତୀତ ପାଠପଢ଼ାରେ ଅନ୍ୟସହ ତୁଳନା କଲେ କିମ୍ବା ଅନ୍ୟମାନଙ୍କ ଆଗରେ ତଳୁଆ ଦେଖାଇବା ମନୋଭାବ ପ୍ରଦର୍ଶନ ପାଇଁ ମୋଟା ଅଙ୍କର ଜରିମାନା ଦେବାକୁ ପଡ଼ିବ। ଯଦି ସବୁ କିଛି ସରକାରଙ୍କ ଅନୁଯାୟୀ ଚାଲେ ତେବେ ଆସନ୍ତା ମାର୍ଚ୍ଚରୁ ଜାପାନରେ ଏହି ଆଇନ କାର୍ଯ୍ୟକାରୀ ହୋଇଯିବ।

ଏ ନେଇ ଦେଶର ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି, ପ୍ରସ୍ତାବ ଉପରେ ଆପତ୍ତି ଆସିବା ଆରମ୍ଭ ହେଲାଣି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ବିଚାରବିମର୍ଷ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ବିଶେଷଜ୍ଞମାନେ କହିଛନ୍ତି, ଏହାଦ୍ୱାରା ମା'ବାପାଙ୍କ ଅଧିକାର ସଙ୍କୁଚିତ ହେଉଥିବା କଥା ଭାବିବା ଭୁଲ। ଏହି ଆଇନର ପ୍ରମୁଖ ଉଦ୍ଦେଶ୍ୟ ପିଲାମାନଙ୍କୁ ମାନସିକ ଚାପରୁ ଦୂରେଇ ରଖିବା।

## ନିକ୍‌ଙ୍କୁ ଡେଟ୍ କରିବାକୁ ଚାହାନ୍ତି ଭୂମି



**ମୁମ୍ବାଇ:** ସୋସିଆଲ ମିଡିଆରେ ଆଉ କାହାର ପ୍ରୋଫାଇଲ୍ ଚେକ୍ କରିବା ଅଭ୍ୟାସ ଆମ ସମସ୍ତଙ୍କର ରହିଛି। ଆପଣଙ୍କୁ ମଧ୍ୟ କେହି ଜଣେ ଭଲ ଲାଗିଲେ, କାହାକୁ ନ ଜଣାଇ, ଚୁପ୍‌ଚାପ୍ ଫେସବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ ତଥା ଟୁଇଟରରେ ଆପଣ ତାଙ୍କୁ ସର୍ଚ୍ଚ କରିଥିବେ ନିଶ୍ଚୟ। ତେବେ ଆପଣ ଏକମାତ୍ର ବ୍ୟକ୍ତି ଯିଏ ଏଭଳି କରୁଛନ୍ତି ବୋଲି ଭାବୁଛନ୍ତି କି? ତା'ହେଲେ ଭୁଲ ବୁଝିଛନ୍ତି। ଏପରି କି ବି-ଟାଉନ୍ ହିରୋଇନ୍‌ମାନେ ମଧ୍ୟ ଏହିଭଳି କାମ କରିଥାନ୍ତି। ହଁ, ଆମେ କହୁଛୁ ବଲିଉଡ୍ ଭର୍ସାଟାଇଲ୍ ହିରୋଇନ୍ ଭୂମି ପାଡନେକର୍‌ଙ୍କ କଥା। ସୋସିଆଲ ମିଡିଆରେ ଭୂମି ମଧ୍ୟ ନିଜ ମନ ପସନ୍ଦର ବ୍ୟକ୍ତିତ୍ୱଙ୍କୁ ସର୍ଚ୍ଚ କରିଥାନ୍ତି। ତାଙ୍କ ପ୍ରୋଫାଇଲ୍ ଚେକ୍ କରିଥାନ୍ତି । ଆଉ ତାଙ୍କ ଅପ୍‌ଡେଟ୍ସ ଦେଖି ଖୁସି ମଧ୍ୟ ହୋଇଥାନ୍ତି। ଏବେ ଆପଣ ଭାବୁଥିବେ, ସୁନ୍ଦରୀ ଭୂମି ପୁଣି କାହାର ସୋସିଆଲ ମିଡିଆ ପ୍ରୋଫାଇଲ ଦେଖି ଖୁସି ହେଉଛନ୍ତି?

ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନସ୍‌ଙ୍କୁ ଭୂମି ସୋସିଆଲ୍ ମିଡିଆରେ ଫଲୋ କରନ୍ତି। ନିକଟରେ ସେ ଏନେଇ ଖୁଲାସା କରିଛନ୍ତି। ପୂର୍ବରୁ ମଧ୍ୟ ଏକ ଚାଟ୍-ଶୋ'ରେ ଭୂମି କହିଥିଲେ, ଯଦି ତାଙ୍କୁ ଆଉ କାହାର ସ୍ୱାମୀ ବା ବୟଫ୍ରେଣ୍ଡଙ୍କୁ ଡେଟ୍ କରିବାକୁ ହୁଏ, ତେବେ ସେ ନିକ୍‌ଙ୍କୁ ହିଁ ଡେଟ୍ କରିବେ। ନିକ୍ ଜଣେ ୟୁଥ୍-ସେନ୍‌ସେଶନ୍ ଏବଂ ଖୁବ୍ ଲୋକପ୍ରିୟ ବ୍ୟକ୍ତିତ୍ୱ ହୋଇଥିବାରୁ ମୋତେ ଭଲଲାଗନ୍ତି ବୋଲି ଭୂମି କହିଥିଲେ। ଭୂମିଙ୍କ ଏହି ପୁରୁଣା ଭିଡିଓକୁ ନେଇ ଆଜିକାଲି ସୋସିଆଲ ମିଡିଆରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ଫ୍ରାଇଡେ-ବକ୍ସରେ ଭୂମି ପାଡନେକର, କାର୍ତ୍ତିକ ଆର୍ୟନ ଏବଂ ଅନନ୍ୟା ପାଣ୍ଡେ ଅଭିନୀତ ବଲିଉଡ୍ ରୋମାଣ୍ଟିକ୍ କମେଡି ଫିଲ୍ମ 'ପତି, ପତ୍ନୀ ଔର୍ ୱ' ରିଲିଜ୍ ହୋଇଯାଇଛି। ସବୁଥର ଭଳି ଏହି ଫିଲ୍ମରେ ମଧ୍ୟ ଭୂମିଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରିଛନ୍ତି ଦର୍ଶକ।

## ପୁଣି ସମ୍ମାନିତ ହେଲେ ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରା

**ନୂଆଦିଲ୍ଲୀ:** ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଡିସେମ୍ବରରେ ପ୍ରଶଂସା ସାଉଁଟି ଚାଲିଛନ୍ତି। ୟୁନିସେଫ୍ ଦ୍ୱାରା ଗତ ମଙ୍ଗଳବାର ଡାନି କାୟେ ହ୍ୟୁମାନିଟାରିୟାନ ଆୱାର୍ଡ ପାଇଥିବା ପ୍ରିୟଙ୍କା ପୁଣିଥରେ ଗୁରୁବାର ୨୦୧୯ର ମାରାକେଚ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନିତ ହୋଇଛନ୍ତି। ଚଳଚ୍ଚିତ୍ରରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଗ୍ଲୋବାଲ ଆଇକନ ଟ୍ରଫି ଧରିଥିବାର ଏକ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ପରେ ଏହା ଜଣାପଡିଛି। ମସ୍କୋରେ ଆୟୋଜିତ ଉକ୍ତ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରିୟଙ୍କା ଏକ ଗୋଲ୍‌ଡେନ କଲର ଶାଢି ପିନ୍ଧି ଖୁବ୍ ସୁନ୍ଦର ଲାଗୁଥିଲେ। ଏହି ଖବର ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିବା ପରେ ଉଭୟ ବଲିଉଡ୍ ଓ ହଲିଉଡ୍‌ରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଦୀର୍ଘ ୨୦ ବର୍ଷର କ୍ୟାରିୟର ଭିତରେ ଏଭଳି ସମ୍ମାନ ପାଇ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଆସିଲା ବିଶ୍ୱର ପ୍ରଥମ ଫ୍ଲାଏ ଆଣ୍ଡ ଡ୍ରାଇଭ୍ କାର୍



**ୱାଶିଂଟନ:** ବିଶ୍ୱର ପ୍ରଥମ ଫ୍ଲାଏ ଆଣ୍ଡ ଡ୍ରାଇଭ୍ କାର୍ ପ୍ରଥମକରି ମାୟାମିରେ ଏକ ଇଭେଣ୍ଟ୍‌ରେ ଲଞ୍ଚ ହୋଇଛି। ଏହାକୁ ପାୟନିୟର ପର୍ସନାଲ ଏୟାର ଲ୍ୟାଣ୍ଡିଂ ଭେହିକିଲ ନାମ ଦିଆଯାଇଛି। ଏହାର ଦାମ୍ ପାଖାପାଖି ୪.୩୦ କୋଟି ବୋଲି ଜଣାପଡିଛି। ଏପର୍ଯ୍ୟନ୍ତ ଏହାର ୭୦ଟି ବୁକିଂ ସରିଛି। ଏହାର ପ୍ରଥମ ଡେଲିଭରି ୨୦୨୧ରେ ହେବ। କାର୍‌ର ବିକ୍ରି ପାଇଁ କମ୍ପାନୀ ଏକ ସର୍ତ୍ତ ରଖିଛି। ଯେଉଁମାନେ ଏହାକୁ କିଣିବେ ସେମାନଙ୍କ ପାଖେ ଡ୍ରାଇଭିଂ ଲାଇସେନ୍ସ ସହ ପାଇଲଟ ଲାଇସେନ୍ସ ବି ଥିବା ଆବଶ୍ୟକ। ଏହି ଉଡନ୍ତା କାର୍ ୧୨,୫୦୦ ଫୁଟ୍ ଉପରେ ଉଡି ପାରିବ। ଏହା ଆକାଶରେ ଘଣ୍ଟା ପ୍ରତି ୩୨୧ କିଲୋମିଟର ଗତିରେ ଉଡିପାରିବା ସହ ରାସ୍ତା ଉପରେ ଘଣ୍ଟା ପ୍ରତି ୧୬୦ କିଲୋମିଟର ବେଗରେ ଗତି କରିପାରିବ। ୨ ସିଟର୍ ଏହି କାର୍‌ର ଓଜନ ରହିଛି ୬୮୦ କିଲୋ। ଏଥିରେ ୨୩୦ ହର୍ଷ ପାୱାରର ୪ଟି ସିଲିଣ୍ଡର ଇଞ୍ଜିନ ଲାଗିଛି। ଏହା ୧୦ ମିନିଟ୍ ମଧ୍ୟରେ ଥ୍ରୀ ହ୍ୱିଲର କାର୍‌ରୁ ଜାୟରୋକପ୍ଟରରେ ପରିଣତ କରିଥାଏ।

**ଦାମ୍ ୪.୩୦ କୋଟି**
**ପ୍ରଥମ ଡେଲିଭରି ୨୦୨୧ରେ**

## ପିଲାଙ୍କୁ ଦିଅନ୍ତୁ ଅନୁଶାସନ ଶିକ୍ଷା



**ନୂଆଦିଲ୍ଲୀ:** ସବୁ ପରିବାରର କିଛି ନା କିଛି ନିୟମ ରହିଥାଏ, ଯାହାକୁ ଘରର ସମସ୍ତ ସଦସ୍ୟଙ୍କୁ ମାନିବାକୁ ପଡ଼େ। ଏହି ନିୟମ ହିଁ ପିଲାମାନଙ୍କୁ ଅନୁଶାସନରେ ବାନ୍ଧି ରଖିବାରେ ସହାୟକ ହୁଏ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପିଲାଙ୍କୁ ଛୋଟ ବେଳୁ ହିଁ ଛୋଟ ଛୋଟ ନିୟମ ପାଳନ କରିବା ପାଇଁ ଶିକ୍ଷାଦେବା ଆବଶ୍ୟକ। ପିଲାମାନେ ଘରେ ଓ ବାହାରେ କିଭଳି ଶୃଙ୍ଖଳିତ ବ୍ୟବହାର ଦେଖାଇବେ ସେ ଦିଗରେ ମା'ବାପା ସେମାନଙ୍କୁ ଅବଗତ କରାଇବା ଦରକାର। ଜାଣନ୍ତୁ ପିଲାଙ୍କୁ କେମିତି ଦେବେ ଅନୁଶାସନର ଶିକ୍ଷା। ଘରେ ଅନେକ ସମୟରେ ପିଲାମାନଙ୍କ ମଧ୍ୟରେ ଝଗଡ଼ା ହେବା ସମାନ୍ୟ କଥା। ହେଲେ ପିଲାମାନେ ଏହାକୁ ନେଇ ମାଡ଼ ମରାମରି ହେଲେ ସେମାନଙ୍କୁ ଏଥିରୁ ନିବୃତ୍ତ ରହିବାକୁ କୁହନ୍ତୁ। ଘରର ବଡ଼ମାନେ ପରସ୍ପରକୁ ଯେଭଳି ବ୍ୟବହାର କରନ୍ତି, ପିଲାମାନେ ମଧ୍ୟ ସେହିଭଳି ବ୍ୟବହାର ଦେଖାଇଥାନ୍ତି। ତେଣୁ ଘରର ବଡ଼ମାନେ ହିଁ ପରସ୍ପରକୁ ସମ୍ମାନ ଦେବା ଓ ଆଦର କରିବା ଭଳି ବ୍ୟବହାର ଦେଖାଇବା ଦରକାର। ସେହିପରି ପିଲାମାନେ ଅନେକ ସମୟରେ ବାହାରକୁ ଖେଳିବାକୁ ଯିବା ବେଳେ ବା ଟିଭି ଦେଖି ଅଭଦ୍ର ଭାଷା କହିବା ଶିଖି ଯାଇଥାନ୍ତି। ସେମାନଙ୍କୁ ଲାଗେ କି, ଏହି ଭାଷା ପ୍ରୟୋଗ କଲେ ତାଙ୍କ କଥାକୁ ଅଧିକ ଗୁରୁତ୍ୱର ସହିତ ନିଆଯିବ। ତେଣୁ ଏଭଳି ଭାଷାର ପ୍ରୟୋଗ ଫଳରେ ତାଙ୍କ ଛବିରେ ନକାରାତ୍ମକ ପ୍ରଭାବ ପଡ଼ିବ ବୋଲି ପିଲାଙ୍କୁ ଶିକ୍ଷା ଦେବା ଆବଶ୍ୟକ। ବେଳେବେଳେ ବଡ଼ମାନେ କିଛି ବୁଝାଇବା ବେଳେ ପିଲାମାନେ ଅନ୍ୟ ଆଡ଼େ ଚାହିଁବା ବା ରାଗରେ କବାଟ ବନ୍ଦ କରିଦେବା ଭଳି କାର୍ଯ୍ୟ କରିଥାନ୍ତି। ତେବେ ପିଲାମାନଙ୍କୁ ଏ ନେଇ ବୁଝାଇବା ସହ ବଡ଼ମାନଙ୍କ ଆଦର କରିବାକୁ ଶିକ୍ଷା ଦିଅନ୍ତୁ। ସେହିଭଳି ଛୋଟ ଭାଇ ଭଉଣୀଙ୍କ ସହ ଖେଳିବା ବା ସେମାନଙ୍କ ଦେଖରେଖ କରିବା ବଡ଼ ଭାଇଭଉଣୀଙ୍କ କାମ ବୋଲି ପିଲାମାନଙ୍କୁ ଶିଖାଇବା ଆବଶ୍ୟକ। ଏଥିସହ ନିଜ କାମ ନିଜେ କରିବା ପାଇଁ ପିଲାମାନଙ୍କୁ ସବୁବେଳେ ଶିକ୍ଷାଦେବା ଦରକାର, ଯାହାଫଳରେ ସେମାନେ ଦାୟିତ୍ୱବାନ ହେବେ।

## ସେନା କର୍ମଚାରୀଙ୍କ କଲ୍ୟାଣ ଲାଗି ଏକ ପ୍ରୟାସ

### ସଶସ୍ତ୍ର ସେନା ପତାକା ଦିବସ

ସେନା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ୧୯୪୯ରୁ ପ୍ରତିବର୍ଷ ୭ ଡିସେମ୍ବରରେ ସଶସ୍ତ୍ର ସେନା ପତାକା ଦିବସ ଭାରତରେ ପାଳନ କରାଯାଉଛି। ଦେଶର ଏକତା ଓ ଅଖଣ୍ଡତା ଲାଗି ଶହୀଦ ହୋଇଥିବା ଯବାନମାନଙ୍କୁ ବି ଏହି ଦିନ ସ୍ମରଣ କରାଯାଏ। ଭାରତୀୟ ସଶସ୍ତ୍ର ସେନା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ଏହି ଦିବସରେ ପାଣ୍ଠି ସଂଗ୍ରହ କରାଯାଇଥାଏ।

ଭାରତ ସ୍ୱାଧୀନ ହେବା ପରେ ସେନା କର୍ମଚାରୀଙ୍କ କଲ୍ୟାଣ ପାଇଁ ୨୮ ଅଗଷ୍ଟ, ୧୯୪୯ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ୭ ଡିସେମ୍ବରରେ ପତାକା ସଶସ୍ତ୍ର ସେନା ଦିବସ ପାଳନ କରିବା ଲାଗି ସ୍ଥିର କରିଥିଲେ। ଏହି ଦିବସ ଅବସରରେ ଲୋକମାନଙ୍କୁ ପତାକା ବଣ୍ଟନ କରାଯାଇ ତା'ବଦଳରେ ଦାନ ସଂଗ୍ରହ କରିବାର ଉଦ୍ଦେଶ୍ୟ ନିହିତ ଥିଲା। ଭାରତର ସାଧାରଣ ନାଗରିକମାନେ ସେନା ଯବାନମାନଙ୍କ ପରିବାର ପ୍ରତି ଯତ୍ନବାନ ହେବା ଦେଖାଯାଉଥିବାରୁ ଏହି ଦିବସର ଗୁରୁତ୍ୱ ରହିଆସିଛି। କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଯୁଦ୍ଧରେ ଶହିଦ କିମ୍ବା ଆହତଙ୍କ ପରିବାରର ପୁନର୍ବାସ ଓ କଲ୍ୟାଣ ଉକ୍ତ ଦିବସର ମୁଖ୍ୟ ଲକ୍ଷ୍ୟ। ଲୋକମାନଙ୍କୁ ପତାକା ବଣ୍ଟନ କରାଯାଇ ଫଣ୍ଡ୍ ସଂଗ୍ରହ କରାଯାଏ। ଏହା ଏକ ପ୍ରକୃଷ୍ଟ ଦିନ ଯେଉଁଥିରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବୟସ୍କ ଯବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯିବା ସହ ଶହୀଦମାନଙ୍କୁ ସ୍ମରଣ କରାଯାଏ।



ସଶସ୍ତ୍ର ସେନା ଦିବସରେ ଭାରତର ସ୍ଥଳସେନା, ବାୟୁସେନା ଓ ନୌସେନା ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥାଏ। ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନାଟକ ବି ପରିବେଷଣ ହୋଇଥାଏ। ଦେଶର ସୁରକ୍ଷା ନିଶ୍ଚିତ କରିବା ଲାଗି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଯାଏ। ଦେଶରେ ନାଲି, ଗାଢ଼ ନୀଳ ଓ ଫିକା ନୀଳ ରଙ୍ଗର ଛୋଟ ଛୋଟ ପତାକା ଏବଂ କାର୍ ପତାକା ବଣ୍ଟାଯାଇ ତା'ବଦଳରେ ଦାନ ସଂଗ୍ରହ କରାଯାଇଥାଏ। ପ୍ରଥମେ ପ୍ରତିରକ୍ଷା ମନ୍ତ୍ରଣାଳୟ କମିଟି ଦ୍ୱାରା ଫ୍ଲାଗ ଡେ' ଫଣ୍ଡ୍ ( ପତାକା ଦିବସ ପାଣ୍ଠି) ୧୯୪୯ରେ ଗଠନ କରାଯାଇଥିଲା। ୧୯୯୩ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆର୍ମଡ ଫୋର୍ସ ଫ୍ଲାଗ୍ ଡେ' ଫଣ୍ଡ୍ ପୁଣି ଗଠନ କରିଥିଲେ ଯାହା ଏବେ ରହିଛି।

## ଝିଅଙ୍କୁ ଶିକ୍ଷିତ କରିବାକୁ ଦୈନିକ ୧୨ କିମି ଯାତ୍ରା

**କାବୁଲ:** ଆଫଗାନିସ୍ତାନରେ ଏବେ ଝିଅ ଓ ମହିଳାଙ୍କ ପ୍ରତି ଥିବା ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଏହାର ଉଦାହରଣ ହେଉଛନ୍ତି ମିୟା ଖାଁ। ଏବେ ସମସ୍ତେ ତାଙ୍କୁ ଅସଲ ହିରୋ ବୋଲି କହୁଛନ୍ତି। କାରଣ ସେ ତାଙ୍କ ଝିଅମାନଙ୍କ ପାଠପଢା ପାଇଁ ପ୍ରତିଦିନ ୧୨ କିଲୋମିଟର ଯାତ୍ରା କରୁଛନ୍ତି। ଆଉ ସେଠାରେ ପିଲାମାନଙ୍କର କ୍ଲାସ ସରିବା ପର୍ଯ୍ୟନ୍ତ ଅପେକ୍ଷାକରି ରହିବା ପରେ ସେମାନଙ୍କୁ ପୁଣି ଘରକୁ ନେଇ ଫେରୁଛନ୍ତି। ସ୍ୱଦେଶୀ କମିଟି ଫର୍ ଆଫଗାନିସ୍ତାନ ନାମକ ଏକ ଏନ୍‌ଜିଓର ସୂଚନା ଅନୁଯାୟୀ, ମିୟା ପ୍ରତିଦିନ ବାଇକ୍‌ରେ ସେମାନଙ୍କ ୩ ଝିଅଙ୍କୁ ସ୍କୁଲ ନେଇ ଯାଇଥାଆନ୍ତି। ମିୟା ନିଜ ପରିବାର ସହ ଆଫଗାନିସ୍ତାନର ଶରାନାରେ ରୁହନ୍ତି। ତାଙ୍କର ଏହି କାହାଣୀକୁ ଉକ୍ତ ଏନ୍‌ଜିଓ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯିବା ପରେ ଘଟଣା ସାମ୍ନାକୁ ଆସିଛି। ମିୟା କୁହନ୍ତି ତାଙ୍କ ଅଞ୍ଚଳରେ କେହି ମହିଳା ବା ଝିଅ ଶିକ୍ଷିତ ନୁହେଁ। ଏଠାରେ କେହି ମହିଳା ଡାକ୍ତର ମଧ୍ୟ ନାହାନ୍ତି। ଫଳରେ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ତେଣୁ ସେ ତାଙ୍କ ଝିଅମାନଙ୍କୁ ଉଚ୍ଚ ଶିକ୍ଷିତା କରିବାକୁ ଚାହାନ୍ତି। ଏହା ବ୍ୟତୀତ ନିଜେ ଅପାଠୁଆ ହୋଇଥିବାରୁ ଝିଅମାନେ ଶିକ୍ଷିତ ହେବା ଜରୁରୀ ବୋଲି ସେ କହିଛନ୍ତି।



## ୭ ଘଣ୍ଟାରେ ଚଢ଼ିଲେ ୪୫୦ ଫୁଟ ଉଚ୍ଚର ପାହାଡ଼

**ଏଡିନ୍‌ବର୍ଗ:** ମନରେ ଦୃଢ଼ ଇଚ୍ଛାଶକ୍ତି ଆଉ ବିଶ୍ୱାସ ଥିଲେ ମଣିଷ ସବୁ ଅସମ୍ଭବ ସମ୍ଭବ କରିପାରେ। ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ବ୍ରିଟେନ୍‌ର ଜେସି ଡଫ୍ଟନ। ଯାହାଙ୍କ ଆଖିକୁ ଭଲ ଦିଶେ ନାହିଁ। କହିବାକୁ ଗଲେ ତାଙ୍କର ଆଖିକୁ ମାତ୍ର ୧ ପ୍ରତିଶତ ଦେଖାଯାଏ। ଏହା ସତ୍ତ୍ୱେ ସେ ସ୍କଟ୍‌ଲାଣ୍ଡ୍‌ର 'ଓଲ୍ଡ ମ୍ୟାନ୍ ଅଫ୍ ହାଇ'ପାହାଡ଼ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ୭ ଘଣ୍ଟାରେ ୪୫୦ ଫୁଟ ଉଚ୍ଚର ପାହାଡ଼ ଚଢ଼ିବା ପୂରା କରିଛନ୍ତି ଜେସି। ତାଙ୍କୁ ଆଖିକୁ ଭଲ ଦିଶୁ ନ ଥିବାରୁ ଏହି ପାହାଡ଼ ଚଢ଼ାରେ ତାଙ୍କ ଭାବି ସ୍ତ୍ରୀ ଥମ୍ପସନ୍ ହେଡ୍‌ସେଟ୍‌ରେ ଭଏସ୍ ଦେବାରେ ସାହାଯ୍ୟ କରିଛନ୍ତି। ଜେସି ଏବଂ ଥମ୍ପସନ୍ ୨୦୦୪ ମସିହାରୁ ସାଥୀ ହୋଇ ପାହାଡ଼ ଚଢୁଛନ୍ତି। ସ୍କଟ୍‌ଲାଣ୍ଡ୍‌ର ଏହି ପାହାଡ଼ ଉତ୍ତର ଦିଗରେ ରହିଛି। ଜେସି କୁହନ୍ତି, ଏହି ପାହାଡ଼ ରିମୋଟ୍ ଏରିଆ ମଧ୍ୟରେ ହୋଇଥିବାରୁ ଚଢ଼ିବାରେ ବହୁ ଅସୁବିଧା ଦେଖାଦେଇଥିଲା। ଏହା ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଏହି ସ୍ଥାନକୁ ସେ ବାଛିଥିବା କହିଛନ୍ତି। ସେ ଏତେ ଉଚ୍ଚର ପାହାଡ଼ ଦେଖି ଭାବୁଥିଲେ ଏହାକୁ କେମିତି ଚଢ଼ିବି ଆଉ କେତେ ସମୟରେ ପୂରା କରିବି। ଶେଷରେ ସେ ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିବାରୁ ବହୁ ଖୁସି ବ୍ୟକ୍ତ କରିଛନ୍ତି।





ଓଡ଼ିଶାର ସବୁଠାରୁ ବେଶି ଲୋକପ୍ରିୟ ଦୈନିକ ଖବର କାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।

**ଦେବେନ୍ଦ୍ର କୁମାର ଜେନା**

ଅଧକ୍ଷ, ବନ୍ତ ପଞ୍ଚାୟତ ସମିତି, ବନ୍ତ, ଭଦ୍ରକ



ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ବେଣ୍ଟପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଜଣାଉଛି। ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।

**ମୁରଲୀଧର ସାହୁ**

ସରପଞ୍ଚ, ବେଣ୍ଟପୁର ଗ୍ରାମ ପଞ୍ଚାୟତ, ବାଲିଅନ୍ତା ବ୍ଲକ



ଓଡ଼ିଶାର ସବୁଠୁ ଲୋକପ୍ରିୟ ଦୈନିକ ଖବର କାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।

**ସୁବ୍ରତ କୁମାର ଦାସ**

ପୂର୍ବତନ କଂଗ୍ରେସ ନେତା ତଥା ପିସିସି ସଭ୍ୟ
ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ



ବାଲିଅନ୍ତା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

**ବିଜୟ କୁମାର ସାହୁ**

ସରପଞ୍ଚ, ବଇଁଚୁଆ,
ବାଲିଅନ୍ତା ସରପଞ୍ଚ ମହାସଂଘ ସଭାପତି

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତ ପାଠକ ପାଠିକାମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।



**ମମତା ପଲାଇ**

ସରପଞ୍ଚ

କାଳିମେଘ ଗ୍ରା.ପଞ୍ଚାୟତ, ବେଗୁନିଆପଡ଼ା ବ୍ଲକ, (ଗଞ୍ଜାମ)



ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମର ୧୦ ନଂ ୱାର୍ଡର ସମସ୍ତ ଗୁରୁଜନ ଓ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

**ପ୍ରଣତି ନାୟକ**

ପୂର୍ବତନ କର୍ପୋରେଟର, ୱାର୍ଡ ନମ୍ବର -୧୦

*With best compliments from :-*



**ସରସ୍ୱତୀ ଶିକ୍ଷା ମନ୍ଦିର**

ନହରକଣ୍ଟା, ଭୁବନେଶ୍ୱର

ମୋ - ୯୦୯୦୪୫୧୯୯୦, ୯୯୩୮୮୫୦୭୬୬

ଶିଶୁ ପ୍ରାରମ୍ଭ (KG-1) ଠାରୁ ଦଶମ (Class-10)

ବିଶେଷ ସୁବିଧା - କମ୍ପ୍ୟୁଟର, ଓଡ଼ିଶୀ, ଯୋଗ, ଚିତ୍ରାଙ୍କନ, ଗୀତାଜ୍ଞାନ ଓ ସଙ୍ଗୀତ ଶିକ୍ଷା ଦିଆଯାଏ।

ଶତ ପ୍ରତିଶତ ଫଳାଫଳ
(୨୦୧୨-୧୩ ଠାରୁ ୨୦୧୭-୧୮)

ନାମଲେଖା ଆରମ୍ଭ - ୦୪.୦୧.୨୦୨୦ ରୁ

ହାଉସିଂ ବୋର୍ଡର ସଭ୍ୟମାନଙ୍କ ପକ୍ଷରୁ ଧରିତ୍ରୀର ଜନ୍ମଦିନରେ ଶୁଭ କାମନା ।



**TRIBIKRAM DASH, President**

Sub-Divisional Housing Building
Co-operative Society
Goutamnagar, Bhubaneswar

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା।



**ଦଶରଥ ପ୍ରଧାନ**

ସରପଞ୍ଚ, ଅଏଡ଼ା ଗ୍ରାମ ପଞ୍ଚାୟତ



ଓଡ଼ିଶାର ଲୋକପ୍ରିୟ ଦୈନିକ ଖବର କାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ସମସ୍ତ ସମବାୟ ସମିତି, ବ୍ୟାଙ୍କ ଶାଖାର କର୍ମଚାରୀ ଏବଂ ସମସ୍ତ ଗ୍ରାହକ, ଚାଷୀ ଭାଇ ମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।

**ରାମ ନାରାୟଣ ମହାନ୍ତି**

ଶାଖା ପରିଚାଳକ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବନ୍ତ ଶାଖା, ଭଦ୍ରକ



ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତର ସମସ୍ତ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ । ଏହାହିଁ ମୋର କାମନା ।

**ସତ୍ୟପ୍ରିୟା ଜେନା**

ସରପଞ୍ଚ, ବସନ୍ତିଆ ଗ୍ରାମ ପଞ୍ଚାୟତ,ବନ୍ତ, ଭଦ୍ରକ

ଆମ ଅନୁଷ୍ଠାନର ପରିବାର ସଭ୍ୟମାନଙ୍କ ପକ୍ଷରୁ ଧରିତ୍ରୀର ୪୬ତମ ଜନ୍ମଦିନରେ ସମସ୍ତଙ୍କୁ ବଧେଇ ।



**SURESH KUMAR PANDA**

'A' Class Contractor
Kunchupada, Banamalipur, Balipatna

*With best compliments from :-*



**M/s. S. D. LOGISTICS**

Prop. - PRAMOD KUMAR SAHOO
At/P.O. : Palaspanga
Dist.: Keonjhar

ଧରିତ୍ରୀର ଜନ୍ମବାର୍ଷିକ ଉତ୍ସବ ଅବସରରେ ଧରିତ୍ରୀର ସମସ୍ତ ସଦସ୍ୟ ଓ ଏକାଦଶ ଏନ୍.ଏ.ସି.ର ସମସ୍ତ ପାଠକଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।



**ଅଜିତ୍ କୁମାର ସାହୁ**

ନଗର କଂଗ୍ରେସ ସଭାପତି, କୋଦଳା ଏନ୍.ଏ.ସି. (ଗଞ୍ଜାମ)

ଆମ ସଂସ୍ଥା ପକ୍ଷରୁ ଧରିତ୍ରୀର ୪୬ତମ ଜନ୍ମ ଉତ୍ସବରେ ସମସ୍ତଙ୍କ ଶୁଭ ମନାସୁଛୁ ।



**SHANTILATA KHUNTIA**

Super Class Contractor
Tankapani Road, Bhubaneswar

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବରେ ମୋ ପଞ୍ଚାୟତର ଭୋଟରମାନଙ୍କୁ ଜନ୍ମ ଦିନର ଶୁଭେଚ୍ଛା ।



**SOUMYA RANJAN MOHANTY**

Sarapancha, Garedipanchana (G.P.)
Block - Balipatna

Your classified advertisement published in Dharitri will be listed free in Dharitri online edition :
**dharitriepaper.in**

୨୦୧୯ରେ ଆୟୋଜିତ ହୋଇଥିବା ଧରିତ୍ରୀର ବାର୍ଷିକ ଉତ୍ସବ ଅବସରରେ ଧରିତ୍ରୀ ପରିବାର ସଦସ୍ୟ, ଶୁଭେଚ୍ଛୁ, ଦିଗ୍‌ଦର୍ଶକମାନଙ୍କୁ ଶୁଭକାମନା। ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା ସହ



**ମା' ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ**

ଗଣ୍ଡପଦର, ମ. ରାମପୁର, କଳାହାଣ୍ଡି

See Career Appointment on every Wednesday & Saturday

ଲୋକପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ମୋର ପ୍ରିୟ ବ୍ରହ୍ମପୁରବାସୀଙ୍କୁ ଅନେକ ଶୁଭ କାମନା ଜଣାଉଛି।



**R. MURALI MOHAN**

Nagar Youth BJD President
Berhampur (GM)

ଧରିତ୍ରୀର ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ସଦସ୍ୟ/ ପ୍ରଗତିଶୀଳ ପଥର ବାର୍ତ୍ତାବହକାରୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।



**ବିଦୁସ୍ମିତା ସାହୁ**


ମ. ରାମପୁର, କଳାହାଣ୍ଡି

୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ 'ଧରିତ୍ରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।



**ଅନୁବ୍ରତ ବେହେରା**

୧୭ ନଂ. ଜିଲ୍ଲାପରିଷଦ ସଦସ୍ୟ,
ଝୁମ୍ପୁରା, କେନ୍ଦୁଝର


ଧରିତ୍ରୀର ୪୬ତମ
ସ୍ୱନକ୍ଷତ୍ର
ଦିବସ ଶୁଭେଚ୍ଛା ବାର୍ତ୍ତା।
ସମୀର ମିସ୍ତ୍ରୀ
ବିଜୁ ଜନ କଲ୍ୟାଣ ସମିତି,
ଖରିନାସୀ, ମହାକାଳପଡା


ଧରିତ୍ରୀର ୪୬ତମ ଜନ୍ମ ଦିବସରେ ସମସ୍ତ
ଉପଭୋକ୍ତାଙ୍କୁ ଅଭିନନ୍ଦନ।
"ଉପଭୋକ୍ତାଙ୍କ ସୁରକ୍ଷା, ଆମର ସଦିଚ୍ଛା"
Bharat Petroleum
ମା' ଭାରତ ଗ୍ୟାସ
ଓଡ଼ଗାଁ, (ନୟାଗଡ଼)
କାର୍ଯ୍ୟ ସମୟ - ସକାଳ ୮ଟାରୁ ସନ୍ଧ୍ୟା ୮ଟା
ଓ ଫୋନ୍ - ୦୬୭୫୩-୨୬୦୮୦୨-୮୦୩


ଧରିତ୍ରୀ ର ସ୍ୱନକ୍ଷତ୍ର ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ।
ମନୋଜ କୁମାର ରାଉତ
ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀଯୁକ୍ତ କୀର୍ତ୍ତନ ରାଉତ
ସରପଞ୍ଚ, ମୁକୁନ୍ଦପୁର ଗ୍ରାମପଞ୍ଚାୟତ
ତିହିଡ଼ି, ଜିଃ ଭଦ୍ରକ


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଜଣାଉଛି
ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସ
ଓ କଲ୍ୟାଣ ମଣ୍ଡପ
ତିହିଡ଼ି ବଜାର, ଭଦ୍ରକ
ପ୍ରୋ: ଶ୍ରୀଯୁକ୍ତ କୁଳମଣି ସାବତ
ମୋ: ୯୨୩୭୦୭୨୦୮୯, ୮୦୯୩୮୧୯୯୦୮


Hero
AYUSH HERO
ANKULA, JAJPUR
DEALS WITH TWO WHEELER
Prop: Bijay Kumar Behera
Mob: 9692991111 / 9437440240


JDCC
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ।
Prop : Prasanna Mahapatra
Kotabasantapur, Jajpur Town
Mob: 9338312498


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ
ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀଯୁକ୍ତ ପଞ୍ଚାନନ ନାୟକ
ଅଧ୍ୟକ୍ଷ
ଭାଜପା ରାଜ୍ୟ ସାଂସ୍କୃତିକ ସେଲ
ଭୁବନେଶ୍ୱର
ମୋ: ୭୦୦୮୮୪୨୦୯୫


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଜଣାଉଛି
ଆପଣଙ୍କର ବିଶ୍ୱସନୀୟ
ପାଣିଗ୍ରାହୀ ପରିଧାନ
ଠିକ୍ ଜିନିଷ, ଠିକ୍ ଦାମ୍
ମୋ: ୯୨୩୮୮୭୧୫୬୦
ପତି ସୁପର ବଜାର, ତିହିଡ଼ି, ଭଦ୍ରକ


ରିଜିଓନାଲ କଲେଜ, ରାମବାଗ, ଯାଜପୁର
ଶୃଙ୍ଖଳିତ ପରିଚାଳନା କମିଟି ଦ୍ୱାରା ପରିଚାଳିତ ।
+୨ ଓ +୩ ସ୍ତରର ସମସ୍ତ ବିଭାଗରେ ଆବଶ୍ୟକୀୟ ଅଧ୍ୟାପକ / ଅଧ୍ୟାପିକା ଥାଇ ଉତ୍ତମ ଶିକ୍ଷାଦାନ ।
ଇନଫରମେସନ୍ ଟେକ୍ନୋଲୋଜି ତାଲିମ କେନ୍ଦ୍ର ଲାଇବ୍ରେରୀ ସୁବିଧା ।
ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ଉଚ୍ଚକୋଟୀର ପରିମଳ ବ୍ୟବସ୍ଥା
ବିଶାଳ ଖେଳପଡ଼ିଆ ।
ସମଗ୍ର କ୍ୟାମ୍ପସ ସିସିଟିଭି ଅନ୍ତର୍ଭୁକ୍ତ
+୨ କଲେଜ
ଶ୍ରୀଯୁକ୍ତ କର୍ଣ୍ଣାଟ କେଶରୀ ଦାସ
(ସଭାପତି)
ଶ୍ରୀ ଅନିଲ କୁମାର ମହାନ୍ତି (ଅଧ୍ୟକ୍ଷ)
+୩ କଲେଜ
ଶ୍ରୀ କେଦାର ନାରାୟଣ ପରିଡା
(ସଭାପତି)
ଶ୍ରୀ ପ୍ରମୋଦ କୁମାର ମହାନ୍ତି (ଅଧ୍ୟକ୍ଷ)


Our Pride of - 2019
RESULT OF LYCEUM - 2019
ESTD : 1998
Cell : 7504782123
LYCEUM
(A Residential Coaching Centre For +2sc./JEE)
N.C. COLLEGE ROAD, JAJPUR TOWN JAJPUR
Branch : In front of V.N. College, Jajpur Road Mobile : 9437850176
Visit us at : www.lyceumodisha.com


ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି
ଆଖଣ୍ଡଳମଣି ଜୁଏଲର୍ସ
ବଡବଜାର, ଯାଜପୁର ଟାଉନ୍, ମୋ- ୯୯୩୭୨୧୯୪୦୦୬, ପ୍ରୋ- ବାବୁ


M/S.K.K JEWELLERS
JAJPUR TOWN
MOB-8249816963
K.K.
Medical Chhak, Jajpur Town
Prop : Sanjib Kumar Sahoo (Natia)



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ପ୍ରଦୀପ କୁମାର ସାହୁ**
କାଉନସିଲର, ତୁଷୁରା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ଅଜୟ ଜୟସ୍ୱାଲ**
ବିଜେଡି, ନଗର ସଭାପତି
ତୁଷୁରା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ଅରୁଣ କୁମାର ପ୍ରଧାନ**
ଗୁଡଭେଲା ବ୍ଲକ ସଭାପତି, ବିଜୁ ଜନତା ଦଳ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା।

**ବୀରେନ୍ଦ୍ର ବଡ଼ମାଳୀ**
ସରପଞ୍ଚ, ପୁରୁଣାମାଣଡ୍ରୀ ଗ୍ରାମ ପଞ୍ଚାୟତ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ଶାନ୍ତନୁ କୁମାର ସେଠୀ**
ଇଞ୍ଜିନିୟର, ତୁଷୁରା, NAC



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ମୁକୁଳିତ ଖାଖା**
ଆର୍.ଡବ୍ଲ୍ୟୁ ଏସ୍ ଏସ୍ କେଇ, ଗୁଡଭେଲା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ

**ଅମିତ କୁମାର ଜୈନ**
ଯୁବ ସମାଜସେବୀ, ତୁଷୁରା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ



**ଅଖିଳ ଦୀପ**
ବ୍ଲକ ଶିକ୍ଷା ଅଧିକାରୀ, ଗୁଡଭେଲା



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।

**ପ୍ରଫୁଲ୍ଲ କୁମାର ବେହେରା**
ସରପଞ୍ଚ, ଅଳାଇଲ ଗ୍ରାମ ପଞ୍ଚାୟତ
ମହାକାଳ ପଡା, କେନ୍ଦ୍ରାପଡା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ



**ବାସୁଦେବ ଟୁଡୁ (S.M.)**
ବାଲିମେଳା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।



**ଦେବବ୍ରତ ମାଇତି**
ସରପଞ୍ଚ, ବଡିଘର ଗ୍ରାମ ପଞ୍ଚାୟତ ସରପଞ୍ଚ
ମହାକାଳପଡା, କେନ୍ଦ୍ରାପଡା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଳ ବଞ୍ଚାନ୍ତୁ ପ୍ରକୃତି ବଞ୍ଚାନ୍ତୁ।



PJS
**ପ୍ରଗତି ଯୁବକ ସଂଘ**
ଚାନ୍ଦବାଲି, ଭଦ୍ରକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା ବାର୍ତ୍ତା।



**ଅରକ୍ଷିତ ବେହେରା**
ପୂର୍ବତନ ସରପଞ୍ଚ, ତେରଗାଁ ଗ୍ରାମ ପଞ୍ଚାୟତ
ମହାକାଳପଡା, କେନ୍ଦ୍ରାପଡା


See Career Appointment on every Wednesday & Saturday




ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

**ତୋଫାନ କୁମାର ପ୍ରଧାନ**
ସରପଞ୍ଚ, ଫତେଗଡ

ଧରିତ୍ରୀର ଜନ୍ମଦିନ ଅବସରରେ ଲକ୍ଷ୍ମୀସାଗର ଗ୍ରାମବାସୀଙ୍କ ପକ୍ଷରୁ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା। ପୂର୍ବଭଳି ସବୁବେଳେ ଧରିତ୍ରୀ ସତ୍ୟ ଓ ନିରପେକ୍ଷ ଖବର ପ୍ରସାରଣ କରୁ ଏହା ହିଁ କାମନା।



**ମାନସ ରାଉତ**



ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

**କିଶୋର କୁମାର ନାୟକ**
ସାଧାରଣ ସଂପାଦକ,
ଭୁବନେଶ୍ୱର ଟ୍ରକ ମାଲିକ ସଂଘ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ନୟାଗଡ ଜିଲ୍ଲା ଭାପୁର ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛୁ ।





**ବସନ୍ତ କୁମାର ମାଝି**
ସମିତି ସଭ୍ୟ, ଶାଳପଡା ପଞ୍ଚାୟତ



**ରୋଜାଲିନ୍ ପାଣିଗ୍ରାହୀ**
ସରପଞ୍ଚ, ଶାଳପଡା ପଞ୍ଚାୟତ

ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ନୟାଗଡ ଜିଲ୍ଲା ଭାପୁର ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।



**ଦମୟନ୍ତୀ ଖଟେଇ**
୧୯ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟା

ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।



**ରଶ୍ମିରଞ୍ଜନ ମହାପାତ୍ର**
ଭାଜପା ଭୁବନେଶ୍ୱର ଜିଲ୍ଲା ସଂପାଦକ



ଧରିତ୍ରୀର ୪୬ତମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

**ଲିଙ୍ଗରାଜ ସାହୁ**
ନାଇସ୍ ରେଷ୍ଟୁରାଣ୍ଟ,
ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର

## ଶୁଭେଚ୍ଛା

ଲୋକପ୍ରିୟ ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ମୋର ପ୍ରିୟ ବ୍ରହ୍ମପୁରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରଭୁ ବିଘ୍ନହର୍ତ୍ତା ଅଗ୍ରପୂଜ୍ୟ ଗଜାନନ ଗଣନାଥ ସଭିଙ୍କର ଜୀବନରେ ଆନନ୍ଦ ଓ ଐଶ୍ୱର୍ଯ୍ୟ ଭରି ଦିଅନ୍ତୁ ।



**ଇଂ. ଅଶୋକ କୁମାର ପାଳ**
ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ, ଜିଲ୍ଲା ସଭାପତି, ଗଞ୍ଜାମ

## ସୁରକ୍ଷା ପ୍ରକଳ୍ପ ସ୍ତରୀୟ ମହାସଂଘ
ବ୍ଲକ୍-ନିମାପଡା, ଜିଲ୍ଲା-ପୁରୀ

ନିମାପଡା ବ୍ଲକ ୩୨ଟି ଗ୍ରାମପଞ୍ଚାୟତର ୩୨ଟି ପଞ୍ଚାୟତସ୍ତରୀୟ ସଂଘକୁ ନେଇ ବ୍ଲକସ୍ତରୀୟ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ (ନିମାପଡା) ଗଠିତ ହୋଇଛି। ସରକାରଙ୍କ ପରିପୂରକ ପୁଷ୍ଟିକର ଖାଦ୍ୟ ୬ ମାସରୁ ୩ ବର୍ଷର ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ନିମନ୍ତେ ନିମାପଡା ବ୍ଲକର ୩୭୯ଟି ଅଙ୍ଗନୱାଡି କେନ୍ଦ୍ରକୁ ଉନ୍ନତମାନର ଛତୁଆ ପ୍ରସ୍ତୁତ କରାଯାଇ ମହାସଂଘ ପକ୍ଷରୁ ଯୋଗାଇ ଦିଆଯିବାର ସୁବ୍ୟବସ୍ଥା କରାଯାଇଛି। ମହାସଂଘର ଏହି କାର୍ଯ୍ୟରେ ୪୦ଜଣ ମହିଳା ନିୟୋଜିତ ହୋଇ ଏହି କାର୍ଯ୍ୟ କରିବା ସହ ଗୁଜୁରାଣ ମେଣ୍ଟାଉଛନ୍ତି।

**ସୌଦାମିନୀ ବେହେରା**
ସଭାନେତ୍ରୀ
ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ
(ନିମାପଡା)

**ମମତାରାଣୀ ପାଇକରାୟ**
ସଂପାଦକ
ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ
(ନିମାପଡା)

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।



**ଦାଶରଥି ସରାବୁ**
କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ

## ସଂକ୍ଷେପରେ

### ମା’ ଛୁଆଳିଆଙ୍କ ପୀଠରେ ଭାଜପାର ସମ୍ବର୍ଦ୍ଧନା ସଭା

**ପଟ୍ଟାମୁଣ୍ଡାଇ, ୬ା୧୨(ସ୍ୱ.ପ୍ର):** ରାଜନଗର ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ମା’ ଛୁଆଳିଆଙ୍କ ପୀଠରେ ଭାଜପା ପକ୍ଷରୁ ନବ ନିର୍ବାଚିତ ପ୍ରତିନିଧିମାନଙ୍କର ଏକ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଜିଲା ସମ୍ପାଦକ ସୁନାକର ବେହେରା, ଜିଲା ଉପ ସଭାପତି ଭକ୍ତବନ୍ଧୁ ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାପତି କାନନବାଳା ଦାସ, ଅଜୟ ସାମନ୍ତରାୟ, ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗ ଦେଇ ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଉପସ୍ଥିତ କର୍ମକର୍ତ୍ତା, ନେତା ଓ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ନବ ନିର୍ବାଚିତ ସଭାପତି ବିଶ୍ୱରଞ୍ଜନ ପାତ୍ର, ମହେନ୍ଦ୍ର କୁମାର ଦାସ, ପଟ୍ଟାମୁଣ୍ଡାଇ ସଦର ଜୋନ୍ ସଭାପତି ସୁବ୍ରତ ସ୍ୱାଇଁ, ନିରାକାର ନାୟକ, ବନମାଳୀ ମହାପାତ୍ର, ନୟନ କୁମାର ଗିରି, ନୃସିଂହ ଚରଣ ସାହୁ, ଅଭୟ କୁମାର ପରିଡା, ରାଜନଗର ସଦର ସଭାପତି ଧୀରେନ୍ଦ୍ର ବିଶ୍ୱାଳ, ଜିଲା ପ୍ରତିନିଧି କୈଳାଶ ଚନ୍ଦ୍ର ପଣ୍ଡା, ଜରିମୂଳ ଜୋନ୍ ସଭାପତି ଦିଲିପ କୁମାର ରାଉତ ଓ ଜିଲା ପ୍ରତିନିଧି ବିଜୟ କୁମାର ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମାଗୁଣି ନାୟକ, ପୂର୍ବତନ ସରପଞ୍ଚ ହେମନ୍ତ ଜେନା, ଶଙ୍କର୍ଷଣ ସେଠୀ, ଦୈତାରୀ ସେଠୀ, ବ୍ରହ୍ମାନନ୍ଦ ଦାସଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ । ଶେଷରେ ଉପେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ ।

### ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ଆସୋସିଏଶନର ନିର୍ବାଚନ

**କେନ୍ଦ୍ରାପଡା ଅଫିସ, ୬ା୧୨:** ଓଡିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ଆସୋସିଏଶନର କେନ୍ଦ୍ରାପଡା ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଜଣ୍ଟିଲୋ ଆଇବିରେ ଅନୁଷ୍ଠିତ ଏହି ନିର୍ବାଚନରେ ଇଂ. ରବିନାରାୟଣ ପଣ୍ଡାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି । ସେହିପରି ଉପସଭାପତି ଇଂ ଶରତ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଇଂ ଅର୍ଜ୍ଜୁନ କୁମାର ସାହୁ, ସହ ସମ୍ପାଦକ ଇଂ ନିର୍ମଳ ଚନ୍ଦ୍ର ଜେନା, ଇଂ ଅଶୋକ କୁମାର ଜେନା ଓ ସମୀକ୍ଷକ ଭାବେ ଇଂ ରମାକାନ୍ତ ବେହେରାଙ୍କୁ ମନୋନୟନ କରାଯାଇଛି । ଉପଦେଷ୍ଟା ଭାବେ ଇଂ ପ୍ରଶାନ୍ତ ଦାସଙ୍କୁ ଆସୋସିଏଶନରେ ନିଆ ଯାଇଥିବା ବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଇଂ. ପ୍ରସନ୍ନ ସାମଲ, ଇଂ ମୋହନ ମୁରାରୀ ଜେନା, ଇଂ ପ୍ରଭାତ କେଶରୀ ପରିଡା, ଇଂ ଶଶିକାନ୍ତ ବେହେରା, ଇଂ ନବକିଶୋର ଦାସ ଓ ଇଂ ମଧୁସୂଦନ ଦାସଙ୍କୁ ଚୟନ କରାଯାଇଛି । ଏହି ନିର୍ବାଚନରେ ରାଜ୍ୟ ସମ୍ପାଦକ ଇଂ ସଚିତ୍ର ମୋହନ ରାଉଳ ଯୋଗ ଦେଇଥିଲେ । ଏହି ଅବସରରେ ନବ ନିର୍ବାଚିତ ସଭାପତି ଇଂ ପଣ୍ଡା ଆସୋସିଏଶନକୁ ସୁଦୃଢ଼ କରିବା ସହିତ ସାମାଜିକ ସେବା ପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।

# ପ୍ରସ୍ତାବରେ ସୀମିତ ଆଦର୍ଶ କୃଷି ଉଦ୍ୟାନ

**କେନ୍ଦ୍ରାପଡା ଅଫିସ,୬ା୧୨**

କୃଷି ହିଁ କେନ୍ଦ୍ରାପଡା ଜିଲାବାସୀଙ୍କ ପାଇଁ ଆର୍ଥିକ ବିକାଶର ମାର୍ଗ । ଏହି ଜିଲାର ସମତଳ ଓ ଉର୍ବର ମାଟି, ପରିବେଶ, ନଦନଦୀ ବିଭିନ୍ନ ପ୍ରକାର ଫସଲ ପାଇଁ ଉପଯୁକ୍ତ । ତେବେ ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ଜିଲାର ମାନବ ସମ୍ବଳ କୃଷିକୁ ଅଣଦେଖା କରି ଜିଲା ବାହାରକୁ କର୍ମ ଅନ୍ୱେଷଣରେ ଯାଉଛନ୍ତି । ଅପରପକ୍ଷରେ କେତେକ ଚିଙ୍ଗୁଡି ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଉପରେ ପଡିଛି । ଚିଙ୍ଗୁଡି ଚାଷ କରି ଚାଷୀ ଓ ବ୍ୟବସାୟୀ ମୁନାଫା ପାଉଥିବା ବେଳେ ଜିଲାରେ ଥିବା ଜାତୀୟ ଉଦ୍ୟାନର ଜୈବ ବିବିଧତା ନଷ୍ଟ ହେଉଛି । ଏଥିରୁ ନିବୃତ୍ତ ରହି କୃଷିରେ ଅଧିକ ମନୋନିବେଶ ପାଇଁ ଏକ ଆଦର୍ଶ କୃଷି ଉଦ୍ୟାନ ଆବଶ୍ୟକ ଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି । କେନ୍ଦ୍ରାପଡା ନୂତନ ଜିଲା ହେବା ପରେ ଡେରାବିଶ ବ୍ଲକ ଅନ୍ତର୍ଗତ ନୋଳସାହି ଜଙ୍ଗଲର ୬୦ ଏକର ଜମିରେ ଏହି ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ପାଇଁ ୨୦୧୪-୧୫ ମସିହାରେ ରାଜ୍ୟ କୃଷି ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସେହି ଅର୍ଥରେ ଭିତ୍ତିଭୂମି ପ୍ରତିଷ୍ଠା ଓ ଚାରିପାଖରେ ପାଚେରି ନିର୍ମାଣ ପରେ ଉନ୍ନତ କିସମର ବିଭିନ୍ନ ଫଳ ଓ ଫୁଲ ଗଛ ଲଗାଇବା ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ତେବେ ଏହି ଜମି ବନବିଭାଗ ଅଧୀନରେ ଥିବା ହେତୁ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ହେବା ଯୋଜନା ବିଫଳ ହୋଇଛି । ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତି ଯେ, କେନ୍ଦ୍ରାପଡା ଜିଲାକୁ ବାଦ ଦେଇ ରାଜ୍ୟର ସବୁ ଜିଲାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଗୋଟିଏ ଲେଖାଁଏ ଆଦର୍ଶ କୃଷି ଉଦ୍ୟାନ ରହିଛି । ଉଦ୍ୟାନ କୃଷି ମିଶନ ଯୋଜନାରେ ଉନ୍ନତ ଧରଣର ଆମ୍ବ, ନଡିଆ, ପିଜୁଳି, ଅମୃତ ଭଣ୍ଡା, ସପୁରି ଆଦି ଫଳ ଓ ଫୁଲ ବଗିଚା ହୋଇଛି । ଫଳରେ ଜିଲାର ଚାଷୀ ଏହି ଉଦ୍ୟାନରୁ ସୁଲଭ ମୂଲ୍ୟରେ ବିଭିନ୍ନ ଚାରା ଆଣି ସଫଳ ହେଉଛନ୍ତି । ମାତ୍ର କେନ୍ଦ୍ରାପଡା ଜିଲାରେ ଉଦ୍ୟାନ କୃଷି ବିଭାଗର ଏ ନେଇ ଆନ୍ତରିକତା ନାହିଁ । ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଜିଲା ବିକାଶରେ ବାଧକ ସାଜିଛି । ଜିଲାରେ କାମଧନ୍ଦା ମିଳୁ ନ ଥିବାରୁ ଜିଲାର ଯୁବବର୍ଗ ବାହାର ଜିଲା କିମ୍ବା ଦେଶ ବିଦେଶକୁ ଯାଉଛନ୍ତି । ସେଠାରେ ଶୋଷଣ ଓ ଅତ୍ୟାଚାରର ଶିକାର ହେଉଛନ୍ତି । କୃଷି ଜିଲାର ଅର୍ଥନୈତିକ ବିକାଶର ମାର୍ଗ ହୋଇଥିଲେ ମଧ୍ୟ ଏଥିପାଇଁ ରାଜନେତାମାନେ ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେହିପରି ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି ଯେ, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବହୁ ଚାଷୀଙ୍କୁ ନଡିଆ ଗଛ ରୋପଣ ପାଇଁ ଅନୁଦାନ ଦିଆଯାଇଥିବା ସରକାରୀ ତଥ୍ୟରେ ଉଲ୍ଲେଖ ରହିଛି । ଗତ ୭ ବର୍ଷ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କା ଏହି ଯୋଜନାରେ ଖର୍ଚ୍ଚ ହୋଇଥିବା ଦର୍ଶା ଯାଇଥିଲେ ମଧ୍ୟ ବାସ୍ତବରେ ଏହି ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ । ଏପରି କାର୍ଯ୍ୟକଳାପକୁ ଲକ୍ଷ୍ୟ କରି ସମ୍ଭବତଃ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ଗୁରୁତ୍ୱ ଦେଉ ନାହାନ୍ତି । ଡେରାବିଶର ବୁଦ୍ଧିଜୀବୀ କରୁଣାକର କର କୁହନ୍ତି ଯେ, ଚିହ୍ନଟ ନୋଳସାହିର ଏହି ଜମି ଏବେ ପଡିଆ ପଡିଛି । ବନ ବିଭାଗ ପକ୍ଷରୁ କିଛି ଚାରା ରୋପଣ କରା ଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଗଛ ଉଧେଇ ପାରିନାହିଁ । ଜିଲାପାଳ ଓ ବନବିଭାଗର ଅନୁମତି ନେଇ ଆଦର୍ଶ କୃଷି ଉଦ୍ୟାନ ଏଠାରେ ପ୍ରତିଷ୍ଠା କରାଗଲେ ଜିଲାର ବହୁ ଚାଷୀ ଉପକୃତ ହୋଇପାରିବେ । ଏନେଇ ଜିଲା କୃଷି ଉପ ନିର୍ଦ୍ଦେଶକ ଶରତକୁମାର ସାହୁ କହିଛନ୍ତି ଯେ, ଆଦର୍ଶ କୃଷି ଉଦ୍ୟାନର ଜମିକୁ ନେଇ କିଛି ଆଇନଗତ ସମସ୍ୟା ରହିଛି । ତେବେ ଏ ସମ୍ପର୍କରେ ଆଲୋଚନା କରାଯାଇ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ହେବ ।

## ବାଲିପାଟଣାରେ ଗୃହଲକ୍ଷ୍ମୀ ପୂଜା



ଗ୍ରାମରେ ପୂଜା ପାଉଥିବା ମା’ ଗୃହଲକ୍ଷ୍ମୀ ।

**ପଟ୍ଟାମୁଣ୍ଡାଇ,୬ା୧୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତ ହାଇସ୍କୁଲ ପଡିଆଠାରେ ଗୃହଲକ୍ଷ୍ମୀ ପୂଜା ଗତ ଗୁରୁବାର ଠାରୁ ଆରମ୍ଭ ହୋଇଛି । ୯ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ । ଏହି ଅବସରରେ ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସମାରୋହ ହେବ ବୋଲି ଆୟୋଜକମାନେ କହିଛନ୍ତି । ଗୃହଲକ୍ଷ୍ମୀ ପୂଜା କମିଟିର ନଗେନ୍ଦ୍ର ନାୟକ, ସୌମେନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ଗିରିଶ ନାୟକ, ସଂଗ୍ରାମ ନାୟକ, ମୁରଲୀ ନାୟକ, ଅଶୋକ ନାୟକ ,ସୁବାସ ନାୟକ, ଚିରଞ୍ଜୀବ ବେହେରା, ସମୀର ନାୟକ, ବିନୋଦ ନାୟକ, ପ୍ରସନ୍ନ ଜେନା, ପ୍ରଦୀପ ମଲ୍ଲିକ, ଅନ୍ତର୍ଯ୍ୟାମୀ ନାୟକଙ୍କ ସମେତ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଗୃହଲକ୍ଷ୍ମୀ ପୂଜା ହେଉଛି । ଦୀର୍ଘ ୭୩ ବର୍ଷ ଧରି ଏହି ପୂଜା ଗ୍ରାମରେ ହୋଇ ଆସୁଛି । ଚଳିତବର୍ଷ ପୂଜା ଉତ୍ସବ ଦେଖିବା ପାଇଁ ବାଲିପାଟଣା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନଙ୍କ ଭିଡ ଜମୁଛି ।

### ■ ଗୃହରକ୍ଷୀଙ୍କ ୫୭ତମ ବାର୍ଷିକୋତ୍ସବ

## ହୋମ୍‌ଗାର୍ଡଙ୍କ ନିଷ୍ଠାପର କାର୍ଯ୍ୟ ପ୍ରଶଂସନୀୟ

**କେନ୍ଦ୍ରାପଡା ଅଫିସ, ୬ା୧୨**



ଗୃହରକ୍ଷୀଙ୍କ ବାର୍ଷିକ ଉତ୍ସବରେ ଏସ୍‌ପି ଓ ଅନ୍ୟମାନେ ।

କେନ୍ଦ୍ରାପଡା ଜଜାଙ୍ଗସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଗୃହରକ୍ଷୀଙ୍କ ୫୭ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲା ଗୃହରକ୍ଷୀ ବାହିନୀ ଓ ଅଗ୍ନିଶମ ବିଭାଗର କମାଣ୍ଡାଣ୍ଟ ତଥା ଏସପି ନୀତିଶେଖର ସକାଳ ସାଢେ ୮ଟାରେ ଗୃହରକ୍ଷୀ ବାହିନୀର ପତାକା ଉତ୍ତୋଳନ କରିଥିଲେ । ଏସପି ନୀତିଶେଖର ଗୃହରକ୍ଷୀ ବାହିନୀର ଅଭିବାଦନ ଗ୍ରହଣ ପରେ ନିଜର ଅଭିଭାଷଣ ରଖିଥିଲେ । ସେ ପ୍ରକାଶ କରିଥିଲେ ଯେ, ଜିଲାରେ ଥିବା ୫୦୦ରୁ ଉର୍ଦ୍ଧ୍ୱ ହୋମ୍‌ଗାର୍ଡ ସ୍ୱଳ୍ପ ଦରମାରେ ଖରା, ବର୍ଷା, ଶୀତ, କାକର, ଦଙ୍ଗା, ମାରପିଟ୍, ଉତ୍ତେଜନା ଏବଂ ବିପର୍ଯ୍ୟୟ ସମୟରେ ସ୍ୱଳ୍ପ ଦରମାକୁ ନ ଅନାଇ ସାମାଜିକ କାର୍ଯ୍ୟ କରୁଛନ୍ତି । ଏଥିସହିତ ତୃଣମୂଳସ୍ତରରେ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏହି ସହଯୋଗ ଆଗାମୀ ଦିନରେ ହୋମଗାର୍ଡ ବାହିନୀର ସୁନାମକୁ ଉର୍ଦ୍ଧ୍ୱକୁ ନେବ ବୋଲି ସେ କହିଥିଲେ । ଏହି ଅବସରରେ ଓଡିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ହୋମ୍‌ଗାର୍ଡ ଡିଜିଙ୍କର ବାର୍ତ୍ତା ପାଠ କରିଥିଲେ । ଉତ୍ସବରେ ଏଏସପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ଏଏସପି ଅମିତା ପଟ୍ଟନାୟକ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁ, ଆରଆଇ ହେମନ୍ତ କୁମାର ଦାସ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏସ. ଏନ. ନାୟକ ଓ ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ହୋମଗାର୍ଡଙ୍କ ପକ୍ଷରୁ ପରେଡ ଆୟୋଜିତ ହୋଇଥିଲା । ଏହି ପରେଡକୁ ପ୍ଲାଟୁନ କମାଣ୍ଡାଣ୍ଟ ନାରାୟଣ ଜେନା ଓ ସେକେଣ୍ଡ ପ୍ଲାଟୁନ କମାଣ୍ଡାଣ୍ଟ ନରେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ । ଏଥିରେ ଜିଲାର ୪୬ ହୋମଗାର୍ଡ ସାମିଲ ହୋଇଥିଲେ ।

## ସିପିଆଇ(ଏମ)ର କଳା ଦିବସ ପାଳନ

**କେନ୍ଦ୍ରାପଡା ଅଫିସ, ୬ା୧୨**

ଅଯୋଦ୍ଧାସ୍ଥିତ ବାବ୍ରୀ ମସ୍‌ଜିଦ ଭଙ୍ଗାର ୨୭ ବର୍ଷ ଅବସରରେ ସିପିଆଇ(ଏମ) କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ଗୁରୁବାର କଳାଦିବସ ପାଳନ କରାଯାଇଛି । ସହରର ଖଡିଅଙ୍ଗସ୍ଥ କାର୍ଯ୍ୟାଳୟଠାରେ ଏକ ପ୍ରତିବାଦ ସଭା କରାଯାଇ ଦେଶର ସମ୍ବିଧାନ, ଧର୍ମ ନିରପେକ୍ଷତା ଓ ଗଣତନ୍ତ୍ରର ସୁରକ୍ଷା ବଜାୟ ରଖିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ବରିଷ୍ଠ ସଦସ୍ୟ ବାବାଜୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଦସ୍ୟ ଗୟାଧର ଧଳ, ଉମେଶ ଚନ୍ଦ୍ର ସିଂହ, ଜଗତଜୀବନ ଦାସ, ମାଧବ ଦାସ, ଗଙ୍ଗାଧର ମଲିକ, ଦାମୋଦର ଧଳ, ଭୀମସେନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେମାନେ କହିଥିଲେ ଯେ, ଭାରତବର୍ଷର ସମ୍ବିଧାନ ବିଭିନ୍ନତାକୁ ଏକ କରିବା ପାଇଁ ଉର୍ଦ୍ଧ୍ୱଷ୍ଟ । ତେବେ ମୌଳିକ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି । ବିମୁଦ୍ରୀକରଣ ଦେଶର ଆର୍ଥିକ ଦୁଃସ୍ଥିତିକୁ ଆଣିଥିବା ବେଳେ ଉନ୍ନୟନ କାର୍ଯ୍ୟ ବ୍ୟାହତ ହୋଇଛି ବୋଲି କହିଥିଲେ ।

## ଡ. ଆମ୍ବେଡକରଙ୍କ ମହାନିର୍ବାଣ ଦିବସ



ସଭାରେ ଉପସ୍ଥିତ ଅତିଥିମାନେ ।

**କେନ୍ଦ୍ରାପଡା ଅଫିସ, ୬ା୧୨**

ସହରର କଜଳାସ୍ଥ କଂଗ୍ରେସ ଭବନ ଠାରେ ଭାରତର ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ୬୩ତମ ମହାନିର୍ବାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା କଂଗ୍ରେସର ଅନୁସୂଚିତ ବିଭାଗ ପକ୍ଷରୁ ଆୟୋଜିତ ସଭାରେ ସର୍ବେଶ୍ୱର ସେଠୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସୌମେନ୍ଦ୍ର ପୃଷ୍ଟି, ସମ୍ବିତ ଶ୍ରୀଚନ୍ଦନ, ସଞ୍ଜୟ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅତିଥିମାନେ ଡ. ଆମ୍ବେଡକରଙ୍କ ଭାରତ ପ୍ରତି ଅବଦାନ ନେଇ ଆଲୋଚନା କରିବା ସହିତ ସମ୍ବିଧାନ ପ୍ରଣୟନରେ ତାଙ୍କର ଭୂମିକା ସମ୍ପର୍କରେ କହିଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ, ଦଳିତଙ୍କ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ସେ ସର୍ବଦା କାମ କରି ଆସିଥିଲେ । ସେହିପରି ସହରର ଟାଉନ ହଲ ଠାରେ ଜିଲା ବିଜେଡି ଅନୁସୂଚିତ ଜାତି ସେଲ୍ ପକ୍ଷରୁ ଜିଲା ସଭାପତି ବାରେଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଭଜକୃଷ୍ଣ ରାଉତ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଦୁଷ୍ମନ୍ତ ମଲ୍ଲିକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସଭାକୁ ସମ୍ପାଦକ ନଗେନ୍ଦ୍ର ଜେନା, ନିର୍ମଳ ଚନ୍ଦ୍ର ମଲ୍ଲିକ, ଭୀମସେନ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

### ■ ଧୂମାତ ଆଶ୍ରମରେ ସାଧୁ ସମ୍ମିଳନୀ

## ଶୃଙ୍ଖଳା ଓ ସହନଶୀଳତା ଜୀବନର ସଫଳ ମନ୍ତ୍ର

**କେନ୍ଦ୍ରାପଡା ଅଫିସ, ୬ା୧୨**



କେନ୍ଦ୍ରାପଡା ବ୍ଲକ ଧୂମାତସ୍ଥିତ ଦିବ୍ୟ ଜୀବନ ସଂଘର ଆଶ୍ରମ ପରିସରରେ ସାଧୁ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗରାପୁରସ୍ଥ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶୃଙ୍ଖଳା ଓ ସହନଶୀଳତା ଜୀବନର ସଫଳ ମନ୍ତ୍ର ବୋଲି ଆଶୀର୍ବଚନରେ ସାଧୁମାନେ ମତ ଦେଇଛନ୍ତି । ଏଥିରେ ସ୍ୱାମୀ ପୁରୁଷୋତ୍ତମ ନନ୍ଦ, ସ୍ୱାମୀ ସାନ୍ତା ନନ୍ଦ, ସ୍ୱାମୀ ଗୁରୁଶରଣା ନନ୍ଦ, ସ୍ୱାମୀ ରାମଶରଣା ନନ୍ଦ, ସ୍ୱାମୀ ଗୁରୁକୃପା ନନ୍ଦ, ସ୍ୱାମୀ ବ୍ରହ୍ମନିଷ୍ଠା ନନ୍ଦ ଆଶୀର୍ବଚନ ପ୍ରଦାନ କରିଥିଲେ । ଆଜିର ବିଶ୍ୱ ହିଂସା, ଦ୍ୱେଷ, ବ୍ୟଭିଚାର, ଭ୍ରଷ୍ଟାଚାର ପରି ଅଭାବନୀୟ ଘଟଣାର ସାକ୍ଷୀ ହୋଇଛି । ଯାହା ବିଶ୍ୱର ଭ୍ରାତୃତ୍ୱ ଭାବକୁ ନଷ୍ଟ କରୁଛି । ଶୃଙ୍ଖଳା ଓ ସହନଶୀଳତା ଦ୍ୱାରା ଏହାର ସମାଧାନ ହୋଇ ପାରିବ ବୋଲି ସେମାନେ ଦିଗଦର୍ଶନ ଦେଇଥିଲେ । ଏଥିସହିତ ବିଶ୍ୱର ମଙ୍ଗଳ ପାଇଁ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳନ କରିବା ଲାଗି ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଆଶ୍ରମର ଶୁଭଲକ୍ଷ୍ମୀ ଦାସ, ମହେନ୍ଦ୍ର ସୁନ୍ଦର ରାଉତ, କାଳୀ ପ୍ରସନ୍ନ ଶତପଥୀ, ସୁଷମା ରାଉତଙ୍କ ସହ ଧୂମାତ ଗ୍ରାମବାସୀ ପରିଚାଳନା କରିଥିଲେ ।

## ବସ୍ ଚାଳକ କୋର୍ଟଚାଲାଣ

**ସାଲେପୁର,୬ା୧୨(ଡି.ଏନ.ଏ.)**

ସାଲେପୁର ପୋଲିସ ଶୁକ୍ରବାର ଜଣେ ବସ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ନିରଞ୍ଜନ ରାଉତ । ମଲ୍ଲିକ ନାମକ ଏକ ଘରୋଇ ବସ୍‌ର ଚାଳକ ନିରଞ୍ଜନ ବେପରୁଆ ଗାଡ଼ିଚାଳନା କରିବା ସହ ମଦ୍ୟପାନ କରି କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଜଣେ ବାଇକ୍ ଚାଳକଙ୍କୁ ଗୁରୁବାର ଧକ୍କା ଦେଇଥିଲେ । ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୩୪୧/୧୯ ରୁଜୁ କରିଥିଲା ।

### ■ ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ୬ ମାସ ହେବ ଡାକ୍ତର ନାହାନ୍ତି

**ପାଟକୁରା,୬ା୧୨ (ଡି.ଏନ୍.ଏ.)**

ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୬ ମାସ ହେବ ଡାକ୍ତର ନାହାନ୍ତି । ଫଳରେ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି । ଦାୟିତ୍ୱରେ ଥିବା ଏଲୋପାଥିକ ଡାକ୍ତର କୌଣସି କାରଣରୁ ଛୁଟିରେ ଥିବାରୁ ଏଠାରେ ଜଣେ ହୋମିଓପାଥିକ ଡାକ୍ତର ଚିକିତ୍ସା କରୁଛନ୍ତି । ଅନେକ ସମୟରେ ଫାର୍ମାସିଷ୍ଟ ରୋଗୀମାନଙ୍କୁ ଦେଖି ଔଷଧ ଚିଠା ଲେଖୁଥିବା ଦେଖିବାକୁ ମିଳୁଛି । ଫଳରେ ସ୍ଥାନୀୟ ଜନସାଧାରଣ ରୋଗ ହେଲେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ଅଧିକ ଉଚିତ ମନେ କରୁଛନ୍ତି । ଗରଦପୁର ବ୍ଲକ ସଦର ମହକୁମାରେ ଗତ ୨୦୧୬ ମସିହା ଡିସେମ୍ବର ୧୬ ତାରିଖରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତତ୍କାଳୀନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗରଦପୁର, ବ୍ରହ୍ମପୁର, କଳାବୁଦା, ପାଖଡ଼, ଚାଉଳିଆ,ବାମରା, ବଙ୍ଗାରି, ପାଟସୁରା ତଳକୁସୁମା, ଗୋବିନ୍ଦପୁର ପ୍ରଭୃତି ଗ୍ରାମର ଜନସାଧାରଣ ନିର୍ଭର କରିଥାଆନ୍ତି । ଏହାଛଡା ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରର ଅଫିସ୍, ସେସୁ, ୟୁକୋବ୍ୟାଙ୍କର କର୍ମଚାରୀମାନେ ମଧ୍ୟ ଚିକିତ୍ସା ପାଇଁ ନିର୍ଭରଶୀଳ । ତୁରନ୍ତ ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏଲୋପାଥିକ୍ ଡାକ୍ତର ନିଯୁକ୍ତି ଦେବା ପାଇଁ ସାଧାରଣରେ ଦାବି ହେଉଛି ।




ଗରଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

# ଘାଇ ଖନନ ପାଇଁ ଦାବି କଲେ କଣ୍ଡିଆ ଗ୍ରାମବାସୀ

**ରାଜକାନିକା, ୬ା୧୨,(ଡି.ଏନ.ଏ)**

ରାଜକନିକା ବ୍ଲକ ଅଧୀନ ଚରପଡା ପଞ୍ଚାୟତ କଣ୍ଡିଆ ଗ୍ରାମ ଦେଇ ଖରସ୍ରୋତା ନଦୀ ବହି ଯାଇଛି । ତେବେ ଦୀର୍ଘଦିନ ତଳେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ନିକଟରେ ଏକ ବିରାଟ ଘାଇ ସୃଷ୍ଟି ହୋଇଥିଲା । ସେହି ଘାଇକୁ ଖୋଳା ଯିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି । ହେଲେ ପ୍ରଶାସନ ଓ ରାଜନେତାମାନଙ୍କ ଇଚ୍ଛାଶକ୍ତି ଅଭାବରୁ ଆଜି ପର୍ଯ୍ୟନ୍ତ ଖୋଳା ଯାଇ ପାରୁନାହିଁ । ଫଳରେ ଚାଷ କରିବା ପାଇଁ ଚାଷୀମାନେ ହଇରାଣ ହରକତ ହେଉଛନ୍ତି । ଅପରପକ୍ଷରେ ଖରସ୍ରୋତାର ଜଳ ସମୁଦ୍ରକୁ ବହି ଯାଉଥିଲେ ମଧ୍ୟ କୃଷି କ୍ଷେତ୍ରକୁ ଜଳସେଚନ କରାଯାଇ ପାରୁନାହିଁ । ଏହି ଘାଇକୁ ଖୋଳାଗଲେ ଅଞ୍ଚଳର ୭ଟି ଗ୍ରାମର ପ୍ରାୟ ୨୦୦ ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ । ଏହାଛଡା ଅଞ୍ଚଳର ଚାଷୀମାନେ ଖରିଫ ଓ ଡାଲୁଅ ଧାନଚାଷ କରିପାରିବେ । ପନିପରିବା ଫସଲ ମଧ୍ୟ ଚାଷୀମାନେ ଉତ୍ପାଦନ କରିପାରିବେ ।



ଘାଇ ପାଖ ନାଳରେ ଦଳ ଭର୍ତ୍ତି ହୋଇଛି ।

ଅପରପକ୍ଷରେ ଏହି ଘାଇକୁ ସଂଯୋଗ କରୁଥିବା ନାଳଗୁଡିକରେ ବିଭିନ୍ନ ପ୍ରକାର ଦଳ ଭର୍ତ୍ତି ଯୋଗୁ ମଶା ପ୍ରାଦୁର୍ଭାବ ବଢି ଚାଲିଛି । ଏହି ଘାଇ ଖୋଳା ହେଲେ ଖରସ୍ରୋତାର ସ୍ରୋତରେ ଦଳଗୁଡିକ ବାହାରିଯିବା ସହିତ ଲୋକେ ମଶା ଦାଉରୁ ରକ୍ଷା ପାଇପାରିବେ । ଆଳି ତଟବନ୍ଧ ଡିଭିଜନ ପକ୍ଷରୁ ଏନେଇ ସର୍ଭେ କାର୍ଯ୍ୟ ୨୦୧୪ ମସିହାରେ ହୋଇଥିବା ବେଳେ ୨୦୧୯ ମସିହାରେ କାମ ଆରମ୍ଭ ହେବା କଥା । ହେଲେ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିନାହିଁ । ଏଥିନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଯଥାଶୀଘ୍ର ଘାଇ ଖୋଳାଯିବା ପାଇଁ କଣ୍ଡିଆ ଗ୍ରାମର ବ୍ରଜ କିଶୋର ପଲାଇ, ସୁଶାନ୍ତ କୁମାର ପଡିଆରୀ, ବସନ୍ତ ପାଣ୍ଡବ, ଶିବରାମ ବେହେରା, ଦିବାକର ବେହେରା ଓ ଦିଗାମ୍ବର ବେହେରା ପ୍ରମୁଖ ଆଳି ତଟବନ୍ଧ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## ସଂକ୍ଷେପରେ

### ଡିଜେ ବନ୍ଦ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି

**ଏରସମା,୬।୧୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଜୁଥିବା ଡିଜେ ବନ୍ଦ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଗ୍ରାମାଞ୍ଚଳରେ ବେଆଇନ ଭାବରେ ବିଭିନ୍ନ ବାଦ୍ୟ ବଜା ଯାଉଛି। ଏଥିସହିତ ଡାକବାଜି ଯନ୍ତ୍ରରେ ଅଧିକ ସାଉଣ୍ଡ ଦେଇ ବଜାଯାଇଛି। ଏହା ସାଧାରଣ ଜନଜୀବନକୁ ବ୍ୟହତ କରୁଛି। ସବୁଠାରୁ ବଡ କଥା, ଗ୍ରାମାଞ୍ଚଳରେ ଡିଜେ ମ୍ୟୁଜିକ ବାଜୁଛି। ବାହାଘର, ପୂଜା ଉତ୍ସବ, ଭସାଣି ସମୟରେ ଏପରି ବେଆଇନ କାର୍ଯ୍ୟ କରାଯାଉଛି। ଏହା ଶବ୍ଦ ପ୍ରଦୂଷଣ କରୁଛି। ଏପରି କି ଶିଶୁ, ବୃଦ୍ଧ, ହୃଦ୍‌ରୋଗୀଙ୍କ ପାଇଁ ଅସହ୍ୟ ବୋଧ ହେଉଛି। ତେଣୁ ଏପରି ଶବ୍ଦ ପ୍ରଦୂଷଣକୁ ବନ୍ଦ କରିବା ପାଇଁ ମଞ୍ଚ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ଦାସ, ଧୀରେନ୍ଦ୍ର ଚୌଧୁରୀ, କୈଳାସ ଚନ୍ଦ୍ର ପ୍ରଧାନ, ସୁଶୀଲ କୁମାର ମହାନ୍ତି, ନରେନ୍ଦ୍ର କୁମାର ସ୍ୱାଇଁ, ଦେବେନ୍ଦ୍ର ମହାରଣା ଓ ଅରୂପାନନ୍ଦ ସ୍ୱାଇଁ ପ୍ରମୁଖ ଫାକ୍ସ ଯୋଗେ ଜିଲାପାଳଙ୍କୁ ଜଣାଇଛନ୍ତି।

### ପଣ୍ଡିତ ମକର ନନ୍ଦଙ୍କ ବିୟୋଗ

**ତିର୍ତ୍ତୋଲ, ୬।୧୨ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଧମିଲୋ ଗ୍ରାମର ବର୍ଷୀୟାନ ସଂସ୍କୃତ ପଣ୍ଡିତ ମକର ନନ୍ଦ(୯୦)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ସାରଦା ଏକାଡେମୀରୁ ସଂସ୍କୃତ ଶିକ୍ଷକ ଭାବେ ଅବସର ଗ୍ରହଣ କରି ସାମାଜିକ କର୍ମରେ ନିୟୋଜିତ ଥିଲେ। ତାଙ୍କ ରଚିତ 'ସରଳ ସଂସ୍କୃତ ବ୍ୟାକରଣ' ବେଶ୍ ଆଦୃତ ହୋଇଥିଲା। ସେ ସଂସ୍କୃତ ଭାଷାସାହିତ୍ୟରେ ବ୍ୟାକରଣ ସମେତ ବହୁ ପୁସ୍ତକ ରଚନା କରିଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ନନ୍ଦଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ତାଙ୍କ ବିୟୋଗରେ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ଆଇନଜୀବୀ ଦେବସ୍ନାନ ଦାସ, ଗୋଲୋକ ବିହାରୀ ପଲାଇ, ରଞ୍ଜନ ପଣ୍ଡା, ନରେନ୍ଦ୍ର ନନ୍ଦ, ସୁଶୀଲ କୁଅଁର, ଭାସ୍କର ଚନ୍ଦ୍ର ଶତପଥୀ, ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ନରେନ୍ଦ୍ର ନନ୍ଦ, ଭକ୍ତରଞ୍ଜନ ମହାନ୍ତି, ଅଞ୍ଜନା ଦାସ, ମହେଶ ଚନ୍ଦ୍ର ମହାନ୍ତି, ଡ. ଅମରେନ୍ଦ୍ର ଦାସ, ହରିଶ ଚନ୍ଦ୍ର ବିଶ୍ୱାଳ, ମନୋଜ ଦାସ, ବରଦା ପ୍ରସାଦ ମହାନ୍ତି, ଚିତ୍ତରଞ୍ଜନ ପରିଜା, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ସାରଦା ଏକାଡେମୀ କନକପୁର ୧୯୮୨ ସ୍ମୃତି ଶଙ୍ଖାଳି ଓ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଝଙ୍କଡ଼ ସାହିତ୍ୟ ସଂସଦ, ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦ, ବାଲିଘର, ଲୋକନାଥ ସାହିତ୍ୟ ସଂସଦ, ଆଦିକବି ସାରଳାଦାସ ସାଂସ୍କୃତିକ ପରିଷଦ, ତୁରୁଖା ଜୁନିୟର ବେସିକ ସ୍କୁଲ ଓ ମୁନି ସାରଳା ଉଚ୍ଚ ବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନ ତରଫରୁ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



## ହଂସୁଆ ସଫେଇରେ ଅସୁରକ୍ଷିତ ଭାବେ ଯାଉଛନ୍ତି ସ୍କୁଲ ପିଲା

# ନିର୍ମାଣ ହୋଇ ପାରୁନି ପୋଲ

**ଏରସମା,୬।୧୨(ସ୍ୱ.ପ୍ର.)**

- ସ୍ଥାୟୀ ପ୍ରତିକାର ପାଇଁ ଜିଲାପାଳଙ୍କ ନିକଟରେ ଦାବି
- ଯେ କୌଣସି ସମୟରେ ଘଟିପାରେ ଅଘଟଣ

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଧୀନ ଜପା ପଞ୍ଚାୟତ ଦେଇ ଯାଇଥିବା ହଂସୁଆ ସଫେଇରେ ଦୈନିକ ସ୍କୁଲ ଛାତ୍ରୀଛାତ୍ର ଅସୁରକ୍ଷିତଭାବେ ଯାତ୍ରା କରୁଛନ୍ତି। ନିକଟରେ ସ୍କୁଲ ନ ଥିବାରୁ ପିଲାମାନେ ଏହି ଗଭୀର ଓ ପ୍ରଶସ୍ତ ସଫେଇ ପାରି ହୋଇ ଯାଉଛନ୍ତି। ମାତ୍ର ଦୀର୍ଘଦିନ ହେବ ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହାର କୌଣସି ସ୍ଥାୟୀ ପ୍ରତିକାର ହୋଇ ପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିକଟରେ ଏହି ବ୍ଲକରେ ହୋଇଥିବା ଜନଶୁଣାଣିରେ ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ବ୍ଲକର ଜପା ପଞ୍ଚାୟତ ସବୁଠାରୁ ଅବହେଳିତ ଭାବରେ ପରିଚିତ। ସମୁଦ୍ର ସଂଲଗ୍ନ ଏହି ପଞ୍ଚାୟତ ଅନ୍ତର୍ଗତ ଦହିବର, ଖୋଲପ ଓ ଝାଟିପାରୀ ଗ୍ରାମରେ ୪୦୦ ପରିବାର ବାସ କରନ୍ତି। ନିକଟରେ ହାଇସ୍କୁଲ ନ ଥିବାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ସଫେଇ ଅପର ପାର୍ଶ୍ୱର ପ୍ରାୟ ଗୋଟିଏ କିମି ଦୂରରେ ଥିବା ଆମ୍ବିକି ହାଇସ୍କୁଲକୁ ସେଥିରେ ପଡିଥିବା ଗୋଟିଏ ବେସରକାରୀ ଓ ଅଣପଞ୍ଜୀକୃତ ଡଙ୍ଗାରେ ଯାଇଥାନ୍ତି। ଏଥି ସହିତ ଏହି ୩ ଗ୍ରାମ ଦେଇ ହଂସୁଆ ସଫେଇ ପ୍ରଖର ସ୍ରୋତରେ ପ୍ରବାହିତ ହୋଇ ଜଟାଧାର ମୁହାଣରେ ମିଶିଛି। ୩ଶହ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସଫେଇରେ ବର୍ଷ ସାରା ଜଳପୂର୍ଣ୍ଣ ହୋଇ ରହିଥାଏ। ପ୍ରତିଦିନ ଆଖପାଖ ଗ୍ରାମରୁ ୧୨ଶହ ଲୋକ ମଧ୍ୟ ସଫେଇ ପାରି ହୋଇ ଯାଇଥାନ୍ତି।



ପିଲାମାନେ ଡଙ୍ଗାରେ ସଫେଇ ପାର ହୋଇ ସ୍କୁଲକୁ ଯାଉଛନ୍ତି।

ଅଧିକାଂଶ ସମୟରେ ଛାତ୍ରୀଛାତ୍ର ଶୀଘ୍ର ସ୍କୁଲକୁ ଯିବା ପାଇଁ ଚାହିଥାନ୍ତି। ସେଥିପାଇଁ ଥରକେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ପିଲା ଯାତ୍ରା କରିଥାନ୍ତି। ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଯାତ୍ରା କରୁଥିବାରୁ କେତେକବେଳେ ଯେ, ଅଘଟଣ ନ ଘଟିବ ସେକଥାକୁ କେହି ଏଡାଇ ଦେଇ ପାରିବେନି। ସେହିପରି ଅଧିକାଂଶ ସମୟରେ ସ୍ଥାନୀୟ ଲୋକେ ସାଇକେଲ ଓ ବାଇକ ଡଙ୍ଗାରେ ଲଦି ଆର ପାରିକୁ ଯାଇଥାନ୍ତି। ଫଳରେ ପିଲାଙ୍କ ଯାତାୟାତ ଆହୁରି ଅସୁରକ୍ଷିତ ହୋଇପଡୁଥିବା କେତେଜଣ ଲୋକ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ, ୧୯୯୯ ମହାବାତ୍ୟାରେ ଏକ ଘରୋଇ ସଂସ୍ଥା ପକ୍ଷରୁ ଏକ ଡଙ୍ଗା ଯୋଗାଇ ଦିଆଯାଇଥିଲା। ଏହି ଡଙ୍ଗାରେ ୨୦ ବର୍ଷ ହେଲା ଲୋକେ ଯାତାୟତ କରୁଛନ୍ତି। ଡଙ୍ଗାର ଅନେକ ସ୍ଥାନ କଣା ହୋଇଯାଇଥିବାରୁ ରାତିରେ ସେଥିରେ ପାଣି ପଶି ବୁଡିଯାଇଥାଏ। ସକାଳୁ ଲୋକେ ପାଣି ଖାଲି କରି ପୁଣି ପାରି ହୁଅନ୍ତି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଜନଶୁଣାଣିରେ ଦେବଦତ ଦାସ, ରାମଶଙ୍କର ଦାସ, ଶ୍ୟାମ ଶଙ୍କର ମାନ୍ନା, ବନୁ ମଣ୍ଡଳ, ଲକ୍ଷ୍ମଣ ଘଡାଇ, ଶକ୍ତିପଦ ଜେନା, ବିନୋଦ ଦାସ, ଅଞ୍ଜନ ମଣ୍ଡଳ ଓ ଅଶିଷ କରଣ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ଏଠାରେ ପୋଲ ନିର୍ମାଣ ନିମନ୍ତେ ଆମେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛୁ। ସରକାର ପାଣ୍ଠି ଯୋଗାଇ ଦେଲେ ଖୁବ୍‌ଶୀଘ୍ର ପୋଲ ନିର୍ମାଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏଠାରେ ପୋଲ ନିର୍ମାଣ କରାଯାଇ ସମସ୍ୟାର ସମାଧାନ କରାଯାଉଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ୍ୟୁ ଘଟଣା

### କ୍ଷତିପୂରଣ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

**ଏରସମା,୬।୧୨(ସ୍ୱ.ପ୍ର.)**

ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ଏରସମା ବ୍ଲକ ଅଧୀନ ପୋଖରିଆପଡ଼ା ଗ୍ରାମର ଚାଷୀ ନୀଳମଣି ସ୍ୱାଇଁଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଜାତୀୟ ମାନବାଧିକାର କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋଖରିଆପଡା ଗ୍ରାମ ନିକଟସ୍ଥ ଚାଷ ଜମିରେ ଫନୀ ବାତ୍ୟାରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିଯାଇ ତାର ଝୁଲି ରହିଥଲା। ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଗ୍ରାମର ନୀଳମଣି ଗତ ସେପ୍ଟେମ୍ବର ୧୪ ତାରିଖ ଦିନ ବିଲରୁ ଘାସ ଗୋଛା ମୁଣ୍ଡାଇ ଫେରୁଥିବା ବେଳେ ଝୁଲି ରହିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତା ଅବରୋଧ କରିଥିଲେ। ଏଥିସହିତ ଘଟଣାକୁ ବଚାର କରିବା ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାବି କରିଥିଲେ।

## ୧୬୦ କେଜିର କାଉମାଛ ଉଦ୍ଧାର

**ପାରାଦୀପ,୬।୧୨(ସ୍ୱ.ପ୍ର.)**

କିଛିବର୍ଷର ବ୍ୟବଧାନ ପରେ ଶୁକ୍ରବାର ଏକ ନୋଳିଆ ଟାପା ଡଙ୍ଗାରେ ୩ଟି କାଉ ମାଛ ଧରାଯାଇଛି। ସେଥିରୁ ଗୋଟିକର ଓଜନ ୧୬୦ କେଜି ରହିଛି। ଅନ୍ୟ ଦୁଇଟିର ଓଜନ ଯଥାକ୍ରମେ ୬୦ ଓ ୪୦ କେଜି ରହିଛି। ଏଭଳି ବଡ଼ମାଛ ଦେଖିବା ପାଇଁ ପାରାଦୀପ ଅଠରବାଙ୍କିସ୍ଥିତ ବାଲିଫ୍ଲଟ୍‌ରେ କିଛି ସମୟ ଭିଡ଼ ଜମିଥିଲା। କାଉ ଗଭୀର ସମୁଦ୍ରରେ ରହିଥାନ୍ତି। ଏହାକୁ ଡିପ୍ ସି ମାଛଧରା ଟ୍ରଲରଗୁଡିକ ସୂତୀ ଦ୍ୱାରା ଧରିଥାନ୍ତି।

୨୦୦୯ରେ ଏକ ଶ୍ରୀଲଙ୍କା ଟ୍ରଲରକୁ କୋଷ୍ଟଗାର୍ଡ ଜବତ କରି ମତ୍ସ୍ୟବିଭାଗକୁ ହସ୍ତାନ୍ତର କରିଥିଲା। ସେତେବଳେ ୧୨ କୁଇଣ୍ଟାଲ କାଉ ମାଛ ଓ ୮ କୁଇଣ୍ଟାଲ ଟୁନା ମାଛ ଧରାଯାଇଥିଲା ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କହିଛନ୍ତି। ଏମିତି ବେଳେବେଳେ ଛୋଟ କାଉ ମାଛ ଟ୍ରଲର ଜାଲରେ ପଡିଥାନ୍ତି। କିନ୍ତୁ ଏକାବେଳେ ୩ଟି ବଡ଼ କାଉମାଛ ଛୋଟ ଡଙ୍ଗାରେ ଧରାପଡିବା ପ୍ରଥମ ବୋଲି କୁହାଯାଉଛି। ଏହି ମାଛକୁ କାଟି ସେଥିରେ ଥିବା ପର, ଅଣ୍ଟି, ମୁଣ୍ଡ ଓ ପୁଟି ବାହାର କରି ଦିଲ୍ଲୀକୁ ସପ୍ଲାଇ କରାଯାଇଛି ବୋଲି କୁହନ୍ତି ମାଛ କିଣିଥିବା ବ୍ୟବସାୟୀ ଟି.ବି.ରାମଣା। ଏହା କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି। ଏହି ମାଛକୁ ଇଂଲିଶରେ ବିଲ୍‌ଫିଶାରୀ କୁହାଯାଏ ବୋଲି ମତ୍ସ୍ୟ ଅଧିକାରୀ ସାମଲ ପ୍ରକାଶ କରିଛନ୍ତି।



କାଉ ମାଛ।

## ଜମି ଦେବା ନାଁରେ ଠକେଇ

### ଗ୍ରାହକ ସାଜି ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**କଟକ ଅଫିସ, ୬।୧୨**

ଜମି ଯୋଗାଇ ଦେବାକୁ କହି ୩ ଲକ୍ଷ ଠକି ନେବା ଅଭିଯୋଗରେ ବାଦାମବାଡି ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ରାଜେଶ କୁମାର ସ୍ୱାଇଁ(୪୧)। ଅଭିଯୋଗ ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ବ୍ରିଟିଶ୍‌ଗଡାର କେ. ଲକ୍ଷ୍ମୀ ନାରାୟଣ ଛତ୍ରବଜାରରେ କଦଳୀ ବ୍ୟବସାୟ କରନ୍ତି। କିଛିଦିନ ତଳେ ରାଜେଶ ତାଙ୍କ ସଂସ୍ପର୍ଶରେ ଆସିଥିଲେ। ରାଜେଶ ନିଜକୁ ଶ୍ରୀରିୟଲକନ୍ ନାମକ ଏକ ସଂସ୍ଥାର ମାଲିକ ବୋଲି ପରିଚୟ ଦେବା ସହ କମ୍ ଟଙ୍କାରେ ଜମି ଯୋଗାଇ ଦେବାକୁ ତାଙ୍କୁ କହିଥିଲେ। ପରେ ସେ ତାଙ୍କୁ ନଖରା, ସଦର ଓ ୪୨ ମୌଜା ଅଞ୍ଚଳରେ କିଛି ଜାଗା ଦେଖାଇଥିଲେ। ଏଥିରେ ବିଶ୍ୱାସ କରି ଲକ୍ଷ୍ମୀନାରାୟଣ ଜାଗା କିଣିବା ବାବଦରେ ତାଙ୍କୁ ୩ଲକ୍ଷ ଟଙ୍କା ଦେଇଥିଲେ। ତେବେ ଟଙ୍କା ନେବା ପରେ ରାଜେଶ ଫୋନ ସୁଇଚ୍ ଅଫ କରି ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୮୭/୧୯) ରୁଜୁ କରିଥିଲା। ପୋଲିସ ରାଜେଶଙ୍କ ଫୋନ କଲ୍ ଟ୍ରାକ୍ କରିବାରୁ ସେ କନ୍ଦରପୁରରେ ଥିବା ଜାଣିବାକୁ ପାଇଥିଲା। ପରେ ବାଦାମବାଡି ଥାନା ଏସ୍‌ଆଇ ପୁଷ୍ପଲତା ରାଉତ ଜମି କିଣିବା ବାହାନାରେ ରାଜେଶଙ୍କୁ ଫୋନ୍ କରିଥିଲେ। ରାଜେଶ କନ୍ଦରପୁରରେ ରହୁଥିବା ଭଡା ଘରକୁ ତାଙ୍କୁ ଡାକିଥିଲେ। ତାଙ୍କ କହିବା ଅନୁସାରେ ପୋଲିସ ସାଦା ପୋଷାକରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

## ତରିକୁନ୍ଦ ହାଇସ୍କୁଲ ସମସ୍ୟା, ଶିକ୍ଷକଙ୍କୁ ଦୁର୍ବ୍ୟବହାର

# ବିଦ୍ୟାଳୟ ସମ୍ମୁଖରେ ପୁରାତନ ଛାତ୍ରଙ୍କ ପ୍ରତିବାଦ



ପୁରାତନ ଛାତ୍ର ଓ ଅଭିଭାବକମାନେ ଗେଟ୍ ଆଗରେ ପ୍ରତିବାଦ କରୁଛନ୍ତି।

**ରଘୁନାଥପୁର, ୬।୧୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦ ହାଇସ୍କୁଲର ବିଭିନ୍ନ ସମସ୍ୟା ଓ ଜନୈକ ଶିକ୍ଷକଙ୍କୁ ଦୁର୍ବ୍ୟବହାର ନେଇ ପୁରାତନ ଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ପ୍ରତିବାଦ କରାଯାଇଛି। ପୁରାତନ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅସହଯୋଗ କରିବା ଏବଂ ବୁଧବାର ଶିକ୍ଷକ ନିରାକାର ପଣ୍ଡାଙ୍କୁ କଡା ଭାଷା ସେ ପ୍ରୟୋଗ କରିଥିଲେ। ଫଳରେ ପଣ୍ଡା ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହେବା ଘଟଣା ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ପୁରାତନ ଛାତ୍ରୀଛାତ୍ର ଉକ୍ତ ଘଟଣାକୁ ନିନ୍ଦା କରିଛନ୍ତି। ବିଦ୍ୟାଳୟରେ ଉପୁଜିଥିବା ଅସନ୍ତୋଷ ଧୀରେ ଧୀରେ ଉଗ୍ରରୂପ ନେବାରେ ଲାଗିଛି। ସରକାରଙ୍କ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ପୁରାତନ ଛାତ୍ରୀଛାତ୍ରଙ୍କୁ ଅଧିକ ମାତ୍ରାରେ ସଂଶ୍ଳିଷ୍ଟ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହି ବିଦ୍ୟାଳୟ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଥିବା ପୁରାତନ ଛାତ୍ର ସଂସଦ ସଭାପତି ଶେଖ କମରୁଦ୍ଦିନ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ସେବା ମୂଳକ କାର୍ଯ୍ୟରେ ପ୍ରଧାନ ଶିକ୍ଷକଙ୍କ ଅସହଯୋଗକୁ ଦାୟୀ କରି ପୁରାତନ ଛାତ୍ରଙ୍କ ପକ୍ଷରୁ ନଭେମ୍ବରରେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ଶିକ୍ଷା ବିଭାଗ ସେକ୍ରେଟାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହାର ପ୍ରତିକାର ପରିବର୍ତ୍ତେ, ପ୍ରଧାନ ଶିକ୍ଷକ ନିଜର କାର୍ଯ୍ୟଧାରାକୁ ଜାହିର କରି ଶିକ୍ଷକ ପଣ୍ଡାଙ୍କୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇଥିଲେ। ପରେ ଶିକ୍ଷକ ପଣ୍ଡା ଜଗତ୍‌ସିଂହପୁର ମେଡିକାଲରେ ଚିକିତ୍ସିତ ହେବା କଥା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୁରାତନ ଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କୁ ଭେଟି ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ସେ ରଖି ନ ଥିବା ରଞ୍ଜନ କୁମାର ସ୍ୱାଇଁ ଓ ଆଲାଉଦ୍ଦିନ ଖାଁ କହିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ଧାରଣ କରି ଗୌରବମୟ ବିଦ୍ୟାଳୟର ମର୍ଯ୍ୟାଦା ଯେପରି ହାନି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ତରିକୁନ୍ଦ ବରିଷ୍ଠ ନାଗରିକ କମିଟିର ସଭାପତି କେଳୁ ଚରଣ ଦାସ ଓ ସ୍ଥାନୀୟ ୱାର୍ଡ ସଭ୍ୟା ଶାରଳା ସେଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ମହାନ୍ତିଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ବୁଧବାର ଶିକ୍ଷକଙ୍କୁ କୌଣସି କଡ଼ା ଭାଷାରେ କହି ନ ଥିବା ସ୍ୱୀକାର କରିଛନ୍ତି। ପୁରାତନ ଛାତ୍ରଙ୍କୁ ଅସହଯୋଗ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିବାକୁ ସେ ମନା କରି ଦେଇଥିଲେ।

## ମୋବାଇଲ ଫାଟି ମୃତ୍ୟୁ ଘଟିଥିବା ଶ୍ରମିକଙ୍କ ପରିବାରକୁ ସହାୟତା

**ପାରାଦୀପ,୬।୧୨(ସ୍ୱ.ପ୍ର.)**

ନଭେମ୍ବର ୧୧ରେ ପାରାଦୀପର ଅଠରବାଙ୍କିସ୍ଥିତ ଜଗନ୍ନାଥ ଟ୍ରକ ମାଲିକ ସଂଘ ପରିସରରେ ଜଣେ ଶ୍ରମିକ ମୋବାଇଲ ଛାତିରେ ରଖି ଶୋଇଥିବା ବେଳେ ତାହା ଫାଟିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ନୟାଗଡ ଜିଲା ରଣପୁର ଥାନା ଅନ୍ତର୍ଗତ ଗୌରୀଙ୍ଗପୁରା ଗ୍ରାମର କୁନା ପ୍ରଧାନ। ସେ ରାଜମିସ୍ତ୍ରୀଭାବେ କାମ କରୁଥିଲେ। ତାଙ୍କ ପରିବାରକୁ ସଂଘ ପକ୍ଷରୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ କର୍ମକର୍ତ୍ତା ଛଇଳ ଚନ୍ଦ୍ର ଜେନା, ପ୍ରକାଶ ଜେନା, ମନୋଜ ସ୍ୱାଇଁ ପ୍ରମୁଖ ସ୍ଥାନୀୟ ଏଡିଏମ୍ କାହ୍ନୁଚରଣ ଧୀରଙ୍କ ଜରିଆରେ ଏହି ଅର୍ଥ ପ୍ରଦାନ କରିଛନ୍ତି। ମୃତକଙ୍କ ବାପା ଅଭିମନ୍ୟୁ ଏହି ଅର୍ଥ ଗ୍ରହଣ କରିଛନ୍ତି। ଏଥିସହ କର୍ମକର୍ତ୍ତା ଅଲଗା ଭାବେ ୧୦ ହଜାର ଟଙ୍କା, ସଂଘ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ମଧ୍ୟ ତାଙ୍କୁ ଦେଇଛନ୍ତି। ପୂର୍ବରୁ ମୃତଦେହ ସତ୍କାର ପାଇଁ ସଂଘ ପକ୍ଷରୁ ୨୦ ହଜାର ଟଙ୍କା ଦିଆଯାଇଥିଲା।



ମୃତ ଯୁବକଙ୍କ ବାପାଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ଗୋରଖନାଥ ଟ୍ରଷ୍ଟବୋର୍ଡ, ପୂଜକମାନଙ୍କ ମିଳିତ ବୈଠକ

# ୫-ଟିର ପ୍ରଭାବ: ଖବରଦାତାଙ୍କୁ ବାରଣ କଲେ ଅଧିକାରୀ

**ରଘୁନାଥପୁର, ୬।୧୨ (ଡି.ଏନ.ଏ.)**

- ପୂଜକଙ୍କ ହାତରେ ରହିଲା ପ୍ରସାଦ ସେବନ ବ୍ୟବସ୍ଥା
- ଜାନୁୟାରୀ ଶେଷରେ ହନୁମାନ ମନ୍ଦିର ପ୍ରତିଷ୍ଠା
- ବାହାଘର ପାଇଁ ବଢ଼ିଲା ରସିଦ୍ ଅର୍ଥ

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥ ପୀଠ ଟ୍ରଷ୍ଟବୋର୍ଡ ଓ ପୂଜକମାନଙ୍କୁ ନେଇ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଓ ରାଜସ୍ୱ ଅଧିକାରୀ ପ୍ରମୋଦ ମହାପାତ୍ରଙ୍କ ସମେତ ଟ୍ରଷ୍ଟବୋର୍ଡ କିରାଣି ସରୋଜ ସାହାଣୀ ଉପସ୍ଥିତ ଥିଲେ। ଏ ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ସେଠାରେ ଉପସ୍ଥିତ ରହିବାକୁ ବାରଣ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଏ ସମ୍ପର୍କିତ ଖବର ଦେବାକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରିଥିଲେ। କେବଳ ଫଟୋ ଉତ୍ତୋଳନ ଛଡା କୌଣସି ତଥ୍ୟ ଦେବାକୁ ଉପଜିଲାପାଳ ମହାନ୍ତି ମନା କରିଦେବାରୁ ଖବରଦାତାଗଣ ବାଧ୍ୟ ହୋଇ ଫେରି ଆସିଥିଲେ। ୫-ଟିର ପ୍ରଭାବ କେଉଁଠି ଦେଖାଯାଉ ବା ନ ଯାଉ ଖବରଦାତାଙ୍କ ଉପରେ ଏହାର ପ୍ରଭାବ ପଡିବାକୁ ନେଇ ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି।



ଟ୍ରଷ୍ଟବୋର୍ଡ ବୈଠକରେ ସଭ୍ୟ ଓ ପୂଜକମାନେ।

ପ୍ରଥମ ପର୍ଯ୍ୟାୟ ବୈଠକ ଟ୍ରଷ୍ଟବୋର୍ଡ ସଭ୍ୟ ସୁରେନ୍ଦ୍ର ନାଥ ସ୍ୱାଇଁ, ପ୍ରଦୀପ ମହାନ୍ତି, ସୁଶାନ୍ତ କୁମାର ଦାଶ, କ୍ଷୀରୋଦ ମହାନ୍ତି ଓ ବାଦଲ ଯୋଗାଣିଆଙ୍କୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା। ୧୫ ଦିନ ତଳେ ପୀଠରେ ଥିବା ଏକ ହୁଣ୍ଡି ଖୋଲାଯାଇ ସେଥିରେ ଥିବା ନୋଟ୍ ଓ କଏନ୍‌କୁ ଗଣତି ପାଇଁ ନିଆଯିବା ଏବଂ ଟ୍ରଷ୍ଟବୋର୍ଡଙ୍କ ଅନୁପସ୍ଥିତିକୁ ନେଇ ପୁନର୍ବାର ଏହାକୁ ହୁଣ୍ଡି ମଧ୍ୟରେ ରଖାଯିବାକୁ ନେଇ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ତେବେ ଏ ସମ୍ପର୍କରେ ଆଲୋଚନା କରାଯାଇ ପରବର୍ତ୍ତୀ ସମୟରେ ସମୟ ଧାର୍ଯ୍ୟ କରାଯାଇ ଉକ୍ତ ଅର୍ଥ ଗଣତି କରାଯିବାର ସ୍ଥିର ହୋଇଥିବା ସଭ୍ୟ ପ୍ରଦୀପ୍ତ ମହାନ୍ତି ସୂଚନା ଦେଇଥିଲେ। ସେହିପରି ଆସନ୍ତା ଜାନୁୟାରୀ ୨୮,୨୯, ଓ ୩୦ରେ ହନୁମାନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପୀଠରେ ଅନୁଷ୍ଠିତ ବାହାଘର ରଶିଦ୍ ଅର୍ଥକୁ ୧ ହଜାର ୫୦ ଟଙ୍କାକୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୀଠରେ ପୂଜକ ନିରଞ୍ଜନ ଦାଶ, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା ଓ ଗୋଲେଖ ବିହାରୀ ଦାଶ ପ୍ରମୁଖଙ୍କୁ ପୂଜାକୁ ନିଆଯାଇ ପୀଠରେ ଭକ୍ତଙ୍କ ପାଇଁ ଥିବା ପ୍ରସାଦ ସେବନର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାନୁୟାରୀ ଆରମ୍ଭରୁ ପୂଜକମାନଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ଟ୍ରଷ୍ଟ ବୋର୍ଡକୁ ପ୍ରଦାନ କରି ପ୍ରସାଦ ସେବନ ବ୍ୟବସ୍ଥାକୁ ନିଜ ହାତକୁ ନେଇଥିବା ପୂଜକ ଦିଲୀପ ପଣ୍ଡା ସୂଚନା ଦେଇଥିଲେ। ତେବେ ପ୍ରସାଦର ମୂଲ୍ୟ ୬୦ ଟଙ୍କା ରଖାଯିବା ଏବଂ ଖିରି ପାଇଁ ଅତିରିକ୍ତ ମୂଲ୍ୟ ଦେବାକୁ ସ୍ଥିର ହେଲା ବୋଲି ପୂଜକ ପଣ୍ଡା ପ୍ରକାଶ କରିଥିଲେ। ଏହାଛଡା ପୂଜକମାନଙ୍କ ପକ୍ଷରୁ ପ୍ରଭୁଙ୍କ ସେବାନୀତି ନିର୍ଘଣ୍ଟ, ମନ୍ଦିରର ଉନ୍ନତି, ନିଶା ସେବନ କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ଖଳ ବ୍ୟକ୍ତିଙ୍କୁ ଦମନ, ସର୍ବପରେ ଯାତ୍ରୀଙ୍କ ସୁରକ୍ଷା ଓ ସେମାନଙ୍କ ପାଇଁ ପୀଠ ମଧ୍ୟରେ ସୁବ୍ୟବସ୍ଥା କରିବାକୁ ମ୍ୟାନେଜିଂ ଟ୍ରଷ୍ଟିଙ୍କୁ କୁହାଯାଇଥିଲା।

## ସଂକ୍ଷେପରେ

### ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ପରିଚାଳନା ପରିଷଦ ସସ୍‌ପେଣ୍ଡ ମାମଲା

## ହାଇକୋର୍ଟଙ୍କ ରହିତାଦେଶ

**କଟକ ଅଫିସ, ୬।୧୨:** ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମର ନିର୍ବାଚିତ ପରିଷଦକୁ ସମବାୟ ରେଜିଷ୍ଟ୍ରାର ଗତ ନଭେମ୍ବର ୨୫ ତାରିଖରେ ସସ୍‌ପେଣ୍ଡ କରିଦେଇଛନ୍ତି। ଓଡ଼ିଶା କୋ-ଅପରେଟିଭ ଆଇନର ଧାରା ୩୨ ଉପଧାରା ୭ ଅନୁଯାୟୀ ରେଜିଷ୍ଟ୍ରାରଙ୍କ ପକ୍ଷରୁ ସସ୍‌ପେଣ୍ଡ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ନିର୍ବାଚିତ ପରିଷଦରେ ସୁବାସ ଚନ୍ଦ୍ର ସାହୁ ନାମକ ଜଣେ ଡାଇରେକ୍ଟର ପିଟିଶନରେ ଦର୍ଶାଇଛନ୍ତି, ଯେଉଁସବୁ ଅଭିଯୋଗ ଅଣାଯାଇ ପରିଷଦକୁ ସସ୍‌ପେଣ୍ଡ କରାଯାଇଛି ତାହା ଭିତ୍ତିହୀନ ଓ ଅଗଣତାନ୍ତ୍ରିକ। ଯଦି ରେଜିଷ୍ଟ୍ରାରଙ୍କ ପାଖରେ ପରିଷଦ ବିରୋଧରେ କୌଣସି ତଥ୍ୟଗତ ପ୍ରମାଣ ଥିଲା ତେବେ ସେ ତାହାର ତଦନ୍ତ କରିବା ସହିତ ପରିଷଦକୁ କାରଣଦର୍ଶାଅ ନୋଟିସ ଜାରି କରିଥାନ୍ତେ। ମାତ୍ର ସେ ସବୁ କାର୍ଯ୍ୟ ନ କରି ହଠାତ୍ ଏକ ନିର୍ବାଚିତ ପରିଷଦକୁ ମନମୁଖି ଭାବେ ସସ୍‌ପେଣ୍ଡ କରିଦେବା ଗଣତାନ୍ତ୍ରିକ ପଦ୍ଧତିର ବିରୁଦ୍ଧାଚରଣ କରୁଛି। ତେଣୁ ରେଜିଷ୍ଟ୍ରାରଙ୍କ ଉକ୍ତ ଆଦେଶକୁ ରଦ୍ଦ କରିବା ପାଇଁ ଆବେଦନକାରୀ ସାହୁ ହାଇକୋର୍ଟରେ ନିବେଦନ କରିଥିଲେ। ମାମଲାର ଶୁଣାଣି କରି ଜଷ୍ଟିସ ବିଶ୍ୱନାଥ ରଥ ରେଜିଷ୍ଟ୍ରାରଙ୍କ ଆଦେଶ ଉପରେ ସ୍ଥିତାବସ୍ଥା ଜାରି କରିବା ସହିତ ପୁନର୍ବାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।


## ଛାତ୍ର କଂଗ୍ରେସ ସୁପରିଚାଳନା ପାଇଁ ନୂଆ କମିଟି

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଛାତ୍ର କଂଗ୍ରେସର ସୁପରିଚାଳନା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିର ଅଧକ୍ଷ ଭାବେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସ୍ୱାଗତିକା ପଟ୍ଟନାୟକ ଓ ଜିନେଶ ଦାସ ସଭ୍ୟରୂପେ କାର୍ଯ୍ୟ କରିବେ। ଛାତ୍ର କଂଗ୍ରେସ ନେତା ମନୋଜ ବିଶ୍ୱାଳଙ୍କୁ କମିଟିର ଆବାହକ କରାଯାଇଛି। ଏହି କମିଟି ପକ୍ଷରୁ ଶୁକ୍ରବାର ଏକ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି।

**ଆଇପିଏସ୍ ପ୍ରଶାସନ**

# ରାଜ୍ୟକୁ ଲୋଡ଼ା ଅଧିକ ଅଫିସର

**ଚିଦାନନ୍ଦ ଜେନା**
**ଭୁବନେଶ୍ୱର, ୬।୧୨**



■ ଖାଲିପଡ଼ିଛି ୭୧ ପଦବୀ
■ କେନ୍ଦ୍ରୀୟ ଡେପୁଟେଶନରେ ୨୯

ରାଜ୍ୟରେ ଆଇନଶୃଙ୍ଖଳା ବ୍ୟାପାର ମୁଖ୍ୟତଃ ପୋଲିସ ଅଧିକାରୀଙ୍କ ଦ୍ୱାରା ପରିଚାଳନା କରାଯାଇଥାଏ। ରାଜ୍ୟରେ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀମାନେ ଶୀର୍ଷସ୍ତରରେ ରହି ଏହାର ତଦାରଖ କରିଥାଆନ୍ତି। ସେହିପରି ମୋଟରଯାନ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ, ଟ୍ରାଫିକ୍ ପରିଚାଳନା, ଅପରାଧ ନିୟନ୍ତ୍ରଣ ଓ ଏହାର ତଦନ୍ତ , ଶିଳ୍ପ ପାଇଁ ଜମି ଅଧିଗ୍ରହଣ, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ମୁଖ୍ୟତଃ ପୋଲିସ ସେବାର ପ୍ରାଥମିକତା। ହେଲେ ଏହି ବ୍ୟବସ୍ଥାକୁ ଶୀର୍ଷସ୍ତରରେ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀଙ୍କ ଅଭାବ ରହୁଥିବା ଜଣାପଡିଛି। ନିକଟରେ ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ଓଡ଼ିଶାରେ ପ୍ରାୟ ୭୧ ଆଇପିଏସ୍ ପଦବୀ ଖାଲିପଡିଛି। ରାଜ୍ୟରେ ଭାରତୀୟ ପୋଲିସ ସେବା(ଆଇପିଏସ୍) କ୍ୟାଡରର ମୋଟ ପଦବୀ ୧୮୮। ତନ୍ମଧ୍ୟରୁ ୧୩୧ ପଦବୀ ସିଧାସଳଖ ପରୀକ୍ଷା ଦ୍ୱାରା ପୂରଣ କରାଯାଇଥାଏ। ଅବଶିଷ୍ଟ ୫୭ ଓଡ଼ିଶା ପୋଲିସ ସେବା(ଓପିଏସ୍)ର ବରିଷ୍ଠ ଏବଂ ଯୋଗ୍ୟ ଅଧିକାରୀଙ୍କ ଦ୍ୱାରା ପୂରଣ ହୋଇଥାଏ। ବର୍ତ୍ତମାନ ଓଡ଼ିଶା କ୍ୟାଡରର ୨୯ ଜଣ ସର୍ବଭାରତୀୟ ବା କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ୧୮୮ ଆଇପିଏସ୍ ଅଧିକାରୀ ଆବଶ୍ୟକ ସ୍ଥଳେ ମାତ୍ର ୮୫ ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଡିଜି ପାହ୍ୟାର ୪, ଅତିରିକ୍ତ ଡିଜି ପାହ୍ୟାର ୮, ଆଇଜି ପାହ୍ୟାର ୧୩ ଏବଂ ଡିଆଇଜି ପାହ୍ୟାର ୧୫ ଅଫିସର କାର୍ଯ୍ୟ କରୁଛନ୍ତି। ସାରା ରାଜ୍ୟରେ ଏସ୍‌ପିସ୍ତରରେ ୫୨ଜଣ ଅଧିକାରୀ ଆବଶ୍ୟକ ଥିବା ସ୍ଥଳେ ମାତ୍ର ୨୨ ଜଣ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ପଦୋନ୍ନତି ଦ୍ୱାରା ପୂରଣ ହେବାକୁ ଥିବା ସମସ୍ତ ୫୭ ପଦବୀ ମୁଖ୍ୟତଃ ଖାଲିପଡିଛି। ଏହି ବର୍ଗରେ ପଦୋନ୍ନତି ସମ୍ପର୍କିତ ବିବାଦ ପ୍ରାୟ ଦୁଇ ଦଶନ୍ଧି ଧରି ଲାଗି ରହିଛି। ଓପିଏସ୍ ବର୍ଗର ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀମାନଙ୍କ ପଦକ୍ରମ ତାଲିକାରେ ସାଧାରଣ ବର୍ଗ ଏବଂ ଅନୁସୂଚିତ ବର୍ଗ ମଧ୍ୟରେ ମାମଲା ଥିବାରୁ ତାହା ପୂରଣ ହୋଇପାରୁନାହିଁ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ୟୁପିଏସ୍‌ସି ପକ୍ଷରୁ ବାରମ୍ବାର ଏହି ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ହେଲେ ସରକାର ଏ ନେଇ କୌଣସି ପ୍ରସ୍ତାବ ଦେଇନାହାନ୍ତି। ସେହିପରି ହାଇକୋର୍ଟରେ ଚାଲୁ ରହିଥିବା ମାମଲାର ତୁରନ୍ତ ସମାଧାନ ପାଇଁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ରାଜ୍ୟରେ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି କନିଷ୍ଠ ବର୍ଗ କ୍ଷେତ୍ରରେ ପ୍ରାୟତଃ ଠିକ୍ ଏବଂ ନିୟମିତ ରହିଛି। ହେଲେ ବରିଷ୍ଠ ଅଧିକାରୀଙ୍କ ପଦୋନ୍ନତି ତାଙ୍କର ପ୍ରଶାସନିକ ପ୍ରତିପକ୍ଷ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ତୁଳନାରେ ଧିମେଇ ଯାଇଛି। ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ଲେଭଲ-୧୭କୁ ପଦୋନ୍ନତି ପାଇଥିବା ବେଳେ ୧୯୮୮ ବ୍ୟାଚ୍‌ର କେତେକ ଆଇପିଏସ୍ ଅଧିକାରୀ ଡିଜି ପାହ୍ୟାକୁ ପଦୋନ୍ନତି ପାଇପାରିନାହାନ୍ତି। ସେହିଭଳି ୧୯୮୯ ବ୍ୟାଚ୍‌ର ଅଧିକାରୀ ଚଳିତ ବର୍ଷ ଜାନୁୟାରୀରୁ ଡିଜି ପାହ୍ୟାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଏଯାବତ୍ ପଦୋନ୍ନତି ପାଇନାହାନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୮ ଫେବୃୟାରୀ ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ସେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ରାଜନାଥ ସିଂଙ୍କ ଦୃଷ୍ଟି ଆକର୍ଷଣ କରି ଚିଠି ଲେଖିଥିଲେ। କେନ୍ଦ୍ର ପକ୍ଷରୁ ସିଏସ୍‌ଇ-୨୦୧୪, ୨୦୧୫ ଏବଂ ୨୦୧୬ ବର୍ଷ ପାଇଁ ଆବଶ୍ୟକ ୩୦ ପଦବୀ ବିପକ୍ଷରେ ମାତ୍ର ୧୪ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ। ଓଡ଼ିଶା ସରକାର ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀଠାରୁ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ପୋଲିସ ବିଭାଗକୁ ମଧ୍ୟ ସାମିଲ କରାଯାଇଛି। ଜନସାଧାରଣଙ୍କ ଅଭିଯୋଗ ଉପରେ କିପରି ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ସରକାର ସିଧାସଳଖ ମତାମତ ନେଉଛନ୍ତି। ପୂର୍ବରୁ ଅନେକ ମାମଲା ମଧ୍ୟ ପଡ଼ିରହିଛି। ସମାଜରେ ବିଭିନ୍ନ ଅପରାଧ ବୃଦ୍ଧି ପାଇବା ସହ ପରିସଂଖ୍ୟାନଗତ ପରିବର୍ତ୍ତନ ଜାରି ରହିଛି। ତେଣୁ ଏ ସବୁର ସୁପରିଚାଳନା ପାଇଁ ଶୀର୍ଷ ପ୍ରଶାସନରେ ଅଧିକ ଅଧିକାରୀଙ୍କ ଆବଶ୍ୟକ ଥିବା କୁହାଯାଉଛି।

## ପିସିସି ସଭାପତି ରହିବେ ନିରଞ୍ଜନ: ରୁଦ୍ର ରାଜୁ

**ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରରେ ଅଙ୍କୁଶ ଲାଗିବା ଦରକାର**

**ପୁରୀ ଅଫିସ, ୬।୧୨**

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ପଦବୀକୁ ନେଇ କଂଗ୍ରେସ ଦଳରେ ଯେଉଁ କନ୍ଦଳ ଚାଲିଛି ସେଥିରେ ନୂଆ ଟୁଇଷ୍ଟ ଆଣିଛନ୍ତି ଏଆଇସିସି ସମ୍ପାଦକ ରୁଦ୍ର ରାଜୁ। ଶୁକ୍ରବାର ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଦଳର ସାଙ୍ଗଠନିକ ସଭାରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ରାଜୁ କହିଛନ୍ତି, ନିରଞ୍ଜନ ପଟ୍ଟନାୟକ ହେଉଛନ୍ତି ପିସିସି ସଭାପତି। ସେ ହିଁ ରହିବେ। ପିସିସି ସଭାପତି ପଦକୁ ନେଇ କୌଣସି କର୍ମୀ କିମ୍ବା ନେତୃବୃନ୍ଦ ବିଭ୍ରାନ୍ତ ହେବାର ଆବଶ୍ୟକତା ନାହିଁ। ଗୋଟିଏ ଗୋଷ୍ଠୀ ପିସିସି ସଭାପତିଙ୍କୁ ବଦଳାଇବା ଲାଗି ବାରମ୍ବାର ଦିଲ୍ଲୀ ଯାଉଥିବା ପ୍ରଶ୍ନରେ ରାଜୁ କହିଛନ୍ତି, ସେମାନଙ୍କ ଉପରେ ମଧ୍ୟ ଫୋକସ ରଖାଯାଇଛି। ଦଳୀୟ ନିଷ୍ପତ୍ତିକୁ ଯେଉଁମାନେ ଅବମାନନା କରିବେ ହାଇକମାଣ୍ଡ ନିଶ୍ଚିତ ରୂପେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜାତୀୟ ନେତୃତ୍ୱ ହେଉଛନ୍ତି ସୋନିଆ ଗାନ୍ଧୀ ଏବଂ ରାଜ୍ୟରେ ନିରଞ୍ଜନ ପଟ୍ଟନାୟକ। ଏଥିରେ କେହି ଦ୍ୱିମତ ହେବାର ନାହିଁ। ଏଠାରେ ଆମେ ନିରଞ୍ଜନଙ୍କ ନେତୃତ୍ୱରେ ହିଁ ସମସ୍ତେ କାମ କରିବା ବୋଲି ରାଜୁ ସ୍ପଷ୍ଟ କରିଛନ୍ତି।

ରାଜ୍ୟରେ ଦଳର ସ୍ଥିତି ଦୁର୍ବଳ ହେଉଥିବା ପ୍ରଶ୍ନରେ ସେ କହିଥିଲେ, ଗତ ସାଧାରଣ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରିଥିଲୁ। କିନ୍ତୁ ତାହା ହେଲା ନାହିଁ। ତେଣୁ ସଙ୍ଗଠନକୁ କିପରି ମଜବୁତ୍ କରାଯିବ ସେଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତି ବିଧାନସଭା କ୍ଷେତ୍ରକୁ ଯାଇ ନୂଆ ପିଢୀକୁ ଆଗକୁ ବଢାଇବା ଲାଗି ବାଟ ପ୍ରସ୍ତୁତ ହେବ। କଂଗ୍ରେସ ବିଚାରାଧାରାର ଲୋକଙ୍କୁ ନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ରାଜୁ କହିଛନ୍ତି। ସେହିପରି ଦେଶରେ ବିଭିନ୍ନ ସ୍ଥାନରେ ମହିଳା ଏବଂ ଯୁବତୀଙ୍କ ପ୍ରତି ଯେଉଁ ଅମାନବୀୟ କାଣ୍ଡ ଘଟୁଛି ତାହାକୁ ସେ ତୀବ୍ର ନିନ୍ଦା କରିଥିଲେ। ଏଭଳି ଘଟଣା ଉପରେ ରୋକ୍ ଲଗାଯିବବା ଦରକାର। କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ନୁହେଁ ଦେଶର ବିଭିନ୍ନ ସ୍ଥାନରେ ଏହି ଘଟଣା ଦେଖିବାକୁ ମିଳୁଛି। ଓଡ଼ିଶାରେ ବି ମହିଳାଙ୍କ ଉପରେ ଅତ୍ୟାଚାର ଅଧିକ ମାତ୍ରାରେ ହେଉଛି। ଏଥିରେ ଅଙ୍କୁଶ ଆଣିବାକୁ କଂଗ୍ରେସ ଦଳ କାମ କରିବ ବୋଲି ରାଜୁ କହିଥିଲେ।

## ଉଡ଼ାନ୍‌ରେ ସାମିଲ ହେବ ଓଡ଼ିଶାର ୩ ବିମାନବନ୍ଦର

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଆଞ୍ଚଳିକ ସ୍ଥାନକୁ ଯୋଗାଯୋଗ ବ୍ୟବସ୍ଥା ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଉଡ଼ାନ୍-୪ରେ ଓଡ଼ିଶାର ୩ ବିମାନବନ୍ଦରକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋରାପୁଟର ଜୟପୁର, ସୁନ୍ଦରଗଡ଼ର ରାଉରକେଲା ଓ କଳାହାଣ୍ଡିର ଉତ୍କେଳା ବିମାନବନ୍ଦର ଉଡ଼ାନ୍ ଯୋଜନାରେ ସାମିଲ ହେବ। ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ସଚିବ ପ୍ରଦୀପ ସିଂ ଖାରୋଲା ଓ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ଉଡ଼ାନ୍-୩ରେ ସାମିଲ ହୋଇଥିଲା।

ଅଦିନିଆ ରଥଯାତ୍ରା

## ନିକୁଞ୍ଜ ଟ୍ରଷ୍ଟ ବିରୋଧରେ ଏତଲା

**ପୁରୀ ଅଫିସ, ୬।୧୨**

ଅଦିନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ତେଣୁ ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଉଛି। ଏହିଭଳି ଏକ ଘଟଣା ଜଣାପଡିବା ପରେ ଶୁକ୍ରବାର ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ଏତଲା ଦେଇଛି। ଏତଲାରେ ଦର୍ଶାଯାଇଛି ଯେ, ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଶ୍ରୀମଦ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୨୯ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଛି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ତେଣୁ ଏଭଳି ବେଆଇନ ଓ ଧର୍ମ ବିରୋଧୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବାକୁ ସେନା ପକ୍ଷରୁ ଦାବି ହୋଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ସଚେତନ ନାଗରିକ ମଞ୍ଚ ସଭାପତି ପ୍ରଶନ୍ନ କୁମାର ଦାଶ ପ୍ରମୁଖ ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଇଛନ୍ତି।

ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀଙ୍କୁ ମିଳିବ ପେନ୍‌ସନ ସୁବିଧା

## ସରକାରଙ୍କୁ ହାଇକୋର୍ଟଙ୍କ ଆଦେଶ

**କଟକ ଅଫିସ, ୬।୧୨**

ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀମାନଙ୍କୁ ଅବସର ପରେ ପେନ୍‌ସନ ସୁବିଧା ଯୋଗାଇଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ମାର୍କଣ୍ଡ ବେହେରାଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଏହି ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ବି.ଆର. ଷଡଙ୍ଗୀ ଏହି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀମାନେ ଅବସର ନେବା ପରେ ସେମାନଙ୍କୁ ଅବସରକାଳୀନ କୌଣସି ସୁବିଧା ମିଳୁନାହିଁ। ଏମାନଙ୍କ ମଧ୍ୟରେ ଶିକ୍ଷକ, ଅଧାପକ ଓ ଅନ୍ୟ କର୍ମଚାରୀ ରହିଛନ୍ତି। ଏହାକୁ ନେଇ ହାଇକୋର୍ଟରେ ପୂର୍ବରୁ ଏକ ମାମଲା ରୁଜୁ ହୋଇଥିଲା। ସୁବିଧାରୁ ବଞ୍ଚିତ ହୋଇଥିବା ଜଣେ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ତାଙ୍କୁ ସମସ୍ତ ପେନ୍‌ସନ ସୁବିଧା ଯୋଗାଇ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟ ଯାଇଥିଲେ। ମାତ୍ର ସୁପ୍ରିମକୋର୍ଟରେ ସରକାର ଝଟ୍‌କା ଖାଇଥିଲେ। କାରଣ ହାଇକୋର୍ଟଙ୍କ ଆଦେଶକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ। ଏବେ ସମାନ ଘଟଣା ଆବେଦନକାରୀ ମାର୍କଣ୍ଡଙ୍କ କ୍ଷେତ୍ରରେ ଘଟିଛି।

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**

**TENDER NOTICE**

No. F-78: Sealed Quotations / tenders are invited from interested reputed Travel agencies / Tour Operators of Private individuals having valid GST Registration and GeM Registration for providing 09 (Nine) Nos. of Non AC/AC vehicles preferably BS-IV/ BS-VI compliant petrol vehicles for official use (will be engaged in phased manner)
The last date of receipt of quotations is 26.12.2019 by 1.00 P.M. For terms & conditions and other details, Please visit website in www.odisha.gov.in & www.revenueodisha.gov.in
24001/11/0312/1920 **Sd./- Under Secretary to Govt.**

**Office of the Chief Construction Engineer**
**Upper Kolab Poject, Bariniput, Dist. Koraput, ODISHA-764006**
email id: ccekolab@yahoo.com, Phone/FAX:06854-242035
No. A-442:-

**e–PROCUREMENT NOTICE No-CCEUKP-03/2019-20**
**No. 4176 / Dated:- 03.12.2019**

1. No. of work :- 02 (Two) Nos.
2. Value of work :- Rs. 499.301 Lakh & Rs. 495.303 Lakh (Excluding GST)
3. Bid Security/EMD :- Rs. 4,99,400/- & Rs. 4,95,400/-
4. Class of contractor :- "A Class" & "Special Class"
5. Period of completion :- 3 (Three) Calendar months
6. Type of contract :- Percentage Rate
7. Cost of Tender paper :- Rs. 10,000/- (Non refundable)
8. Availability of Tender online for bidding :- From 10.00Hrs on 10.12.2019 to 17.30Hrs on 26.12.2019
9. Date & time of online bid submission :- From 10.00Hrs on 10.12.2019 to 17.30Hrs on 26.12.2019
10. Date & time of opening of technical bid :- 11.30Hrs on 27.12.2019, in Office of the Chief Construction Engineer, Upper Kolab Project, Bariniput.
11. Date & time of opening of Financial Bid :- To be intimated to the qualified Bidder(s) after approval of Technical Bid(s).

Further details can be seen from the Govt. website www.tendersorissa.gov.in / www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.
*Sd./- Chief Construction Engineer*
*Upper Kolab Project, Bariniput*
32197/11/0003/1920

**ODISHA POWER TRANSMISSION CORPORATION LIMITED**
OPTCL
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.: Boneikala, Dist: Keonjhar, Pin: 758038 (Odisha), Phone No: 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553

**TENDER CALL NOTICE NO.-09/2019-2020**
Sealed tenders are invited by the undersigned from the eligible reputed travel agencies/ vehicle owners for supply of Diesel run Hired vehicle NON AC Bolero 09 SEATED on pool basis & for AGM GRID SS Joda & Grid s/s Barbil & Bolani on pool basis under EHT (O&M) Division, JODA. Cost of tender paper is Rs.2240/-. EMD is Rs.3200/-. Sale of tender documents is from Dt.11.12.2019 to Dt. 25.12.2019 (during office hours). Last date of submission of tender is Dt. 26.12.2019 upto 01:00 P.M. Date of opening of tender is Dt. 26.12.2019 at 3:00 P.M. For details visit our website **www.optcl.co.in**. Corrigendum if any will be published inthe website only.
**Sd./- Dy. General Manager (Elect), EHT (O&M) Division, Joda**

**GOVERNMENT OF ODISHA**
**OFFICE OF THE CHIEF ARCHITECT**
**NIRMAN SOUDHA : BHUBANESWAR**
Email : caorissa@gmail.com, Ph : 0674-2392444
No. EIIM-16/10 1944/ Dated the 4th December ' 2019

**QUOTATION CALL NOTICE**
No. B-396: The last date of receipt of quotation called vide this Office Letter No. 1792 dated 13.11.2019 (Copy enclosed) for providing one number of Zest/Tigor/Swift Dzire/ Xcent/ Etios (Preferably BS-IV compliant Petrol vehicle) type vehicle sitting capacity not more than five including driver for official use is hereby extened up to date 15.12.2019. The terms and conditions of the quotation will remain unchanged.
34125/11/0007/1920 **Sd./- Chief Architect, Odisha**

**OFFICE OF THE**
**SUPERINTENDING ENGINEER ELECTRICAL CIRCLE (R&B), NIRMAN SOUDHA BHUBANESWAR**
E-mail: seec.bbsr2010@gmail.com
**Bid Identification No.S.E.E.C (R&B) 05/2019-20**
No. 2087 /Date: 03.12.2019/

**No. B-393:-** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Shifting of Electrical works to be received in online bidding, double cover system as detailed in:https://tendersorissa.gov.in. The details of bid documents will be available in the above website from 5.00 P.M. of 09.12.2019 to 5:00 P.M. of 23.12.2019. The bidders must possess compatible Digital Signature Certificate of Class II or III. Bids received online shall be opened at 11:30 A.M. of 24.12.2019 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
*Sd./- (Er. Gauranga Charan Sahu)*
*Superintending Engineer*
*Electrical Circle (R&B) Odisha, BBSR*
34107/11/0005/1920

**THE UNITED PURI-NIMAPARA CENTRAL COOPERATIVE BANK LTD.**
Kacheri Road, Puri- 752001, Dt- Puri- 224553, Odisha
Fax : (06752) 224553, Email : upnccb@rediffmail.com
Ref. No. 1777 Dt. 06.12.2019

**NOTICE INVITING TENDER**
Sealed Tenders are invited from the reputed firms to participate in the Tender / Bid for supply of New Years Diary & Calendars. The intending bidders are requested to submit the sample copy of the Diary & Calendar with specific rates to the undersigned at Puri H.O. through Speed Post/ Regd. Post by 4 pm on 13.12.2019. Tenders received beyond the specified time & date are liable to be rejected.
Any query / clarification, the intending parties may contact to Sri Pratap Kumar Mallick, DGM, H.O. for detailed term & conditions of the Tender in person or over Mobile. (Mob- 9658818602)
**Sj. Amulynanda Mohanty**
**Chief Executive Officer**

**Government of Odisha**
**Tourist Office, Bhubaneswar**
**No. 631/TO, Bhubaneswar, Dated the 06.12.2019**

**Quotation Call Notice**
Quotations in sealed cover are invited from registered firms for interior work and decoration of Odisha Tourism Stall for Toshali National Crafts Mela-2019 at Janata Maidan, Bhubaneswar to be held from 15th to 27th December, 2019. Interested firms are to submit their offer and willingness on or before 12.12.2019 by 2.00 PM for taking up the above work indicating their lowest rates/ prices for decoration and interior work with design of the stall bearing size of 20' x 15'. The quotations shall be opened on 12.12.2019 at 4.00 PM before a Committee for necessary action. The undersigned reserves the right to accept or reject any or all quotations without assigning any reason thereof. For further more details, regarding terms & conditions, contact may also please be made with the undersigned during the office hours.
**Sd./- Tourist Officer, Bhubaneswar**
**(M) 9937043106**

No. 373

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA.**
e-mail:- eephd.rgda.od@nic.in

NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO.EEPHRAYAGADA-12/2019-20 DT.05.12.2019

| | | | |
|---|---|---|---|
| 01 | Name of the work | : | Laying of pipe line in slum and newly developed area of Gunupur and Gudari Town |
| 02 | Estimate cost | : | Rs.40.00 Lakhs |
| 03 | Period of completion | : | 3 (Three) Months |
| 04 | Class of contractor | : | Reputed man power agencies /service providers / experienced C / B Class Contractors to provide the service. |
| 05 | Date & Time of availability of bid document In the portal | : | From 11.00 AM of Dt.16.12.2019 To 5.00 PM of 30.12.2019 |
| 06 | Last date / time of receipt of bids in the portal | : | 5.00 PM of 30.12.2019 |
| 07 | Date & Time of opening of bids | : | At 15.00 PM of 31.12.2019 |
| 08 | Name and Address of the Officer Inviting Bid | : | Executive Engineer, P.H. Division, Rayagada |
| 09 | The bidders have to participate in ONLINE bidding only | | |

Further details can be seen from the e-Procurement portal "https://www.tendersorissa.gov.in"
13052/11/0001/1920 **EXECUTIVE ENGINEER, P.H. DIVISION, RAYAGADA**

**CLASSIFIED DISPLAY**
on Every
Tuesday and Friday

**UTKAL UNIVERSITY**
VANI VIHAR, BHUBANESWAR - 751004
ODISHA, INDIA
NAAC ACCREDITED A+
No. DRS/RUSA-1041-2016 (IX-Equipment) / 33474 /2019 dated 6 December 2019

**CORRIGENDUM**
In partial modification to the Tender Call Notice (i) No. DRS / RUSA-1041-2016 (Equipment) / 25237 / 2019 dated the 11 September 2019 and (ii) No. DRS / RUSA-1041-2016 (Equipment) / 29599 / 2019 dated the 19 October 2019; the following are the critical dates for the Tender Process.

| SN | PARTICULARS | DATE AND TIME |
|---|---|---|
| 1. | Bid Submission Start Date | 06 December 2019, 1000 hours |
| 2. | Last Date of Submission of Tender | 23 December 2019, 1400 hours |
| 3. | Opening of Technical Bids | 23 December 2019, 1500 hours |
| 4. | Opening of Financial Bid | Will be informed on 23 December 2019 |

Further the queries raised by different agencies / firms through e-mail and in the pre-conference / pre-bidding meeting on **23 September 2019** are clarified in Annexure 1 and the revised general terms and conditions are also enclosed as Annexure 2 with this Corrigendum available at Utkal University website **www.utkaluniversity.nic.in/tender.html.**
**Sd/- REGISTRAR**

**ପ୍ରଗତି ପଥେ**
**ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ**

**ନୂଆପଡ଼ା** ଜିଲ୍ଲାର ସଦର ବ୍ଲକ **ଭରୁଆମୁଣ୍ଡା** ଏକ ବଣ ପାହାଡ଼ ଘେରା ଉପାନ୍ତ ଗ୍ରାମ ପଞ୍ଚାୟତ । ଏଠିକାର ଶତ ପ୍ରତିଶତ ପରିବାର ଅନୁସୂଚିତ ଜନଜାତି ବର୍ଗର। ବନବାସୀ ଆଦିବାସୀଙ୍କ ଜୀବନଜୀବିକାର ଉତ୍‌ଥାନ ସକାଶେ ଗ୍ରାମପଞ୍ଚାୟତ ଅହରହ ସମର୍ପିତ । ୨୦୧୮-୧୯ ଆର୍ଥିକ ବର୍ଷର ଉନ୍ନୟନ କାମକୁ ଦୃଷ୍ଟି ଦେଲେ ବହୁ କ୍ଷେତ୍ରରେ ଜନମଙ୍ଗଳ ପଦକ୍ଷେପ ହାତକୁ ନିଆଯାଇଛି। ପ୍ରବଳ ଖରାଦିନେ ଲୋକଙ୍କୁ ଭ୍ୟାନ୍‌ଯୋଗେ ପିଇବା ପାଣି ଯୋଗାଣ, ଲୋଡ୍ରା ଏବଂ କାଶୀପଡ଼ାରେ କୂଅ ଖୋଳାଯାଇଥିଲା। କଟିଙ୍ଗପାଣି, ଝଲପପଡାକୁ ସବୁଦିନିଆ ରାସ୍ତା ନିର୍ମାଣ, କଟିଙ୍ଗପାଣି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଚେରି ନିର୍ମାଣ, ଭରୁଆମୁଣ୍ଡାରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ, କଟିଙ୍ଗପାଣିରେ ଗାଧୁଆଘାଟ, ପାହାଚ ନିର୍ମାଣ କାମ କରାଯାଇଛି। ବର୍ଷକ ଭିତରେ ପିଏମ୍‌ଏୱାଇରେ ୪୪, ଏନ୍‌ଏସ୍‌ପିଜିୱାଇରେ ୦୩, ବିପିଜିୱାଇରେ ୦୩ ଜଣଙ୍କୁ ନୂତନ ଭାବେ ଗୃହ ପ୍ରଦାନ କରାଯାଇଛି। ଏହିଭଳି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୫ ଜଣଙ୍କୁ ଜମି ମରାମତି, ୨ଟି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ୨୬ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ଏବଂ ୧୮ ଜଣଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି।

ସ୍ୱା./- ମନଧର ବଗର୍ତ୍ତୀ
ନିର୍ବାହୀ ଅଧିକାରୀ

ସ୍ୱା./- କାନ୍ତିଲାଲ ସାହୁ
ସରପଞ୍ଚ
ଭରୁଆମୁଣ୍ଡା

See Career Appointment on every Wednesday & Saturday

**ସଂକ୍ଷେପରେ**

## ଅର୍ଥ ଅଭାବରୁ କାଳିଆ-କିଷାନ ମିଶାଇବାକୁ ନିଷ୍ପତ୍ତି: ଭାଜପା

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଓଡ଼ିଶାରେ ବିଜେଡି ଶାସନର ପଞ୍ଚମ ପାଳିର ପ୍ରଥମ ୬ମାସରେ ୬ ମହାବିଫଳତାକୁ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କଠାରୁ ଭାଜପା କୈଫିୟତ ମାଗିଛି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଦଳ ଉପସଭାପତି ସମୀର ମହାନ୍ତି କହିଛନ୍ତି, ସରକାର କାଳିଆକୁ ପିଏମ୍ କିଷାନ ନିଧି ଯୋଜନାରେ ସାମିଲ କରିବାକୁ ଯାଉଛନ୍ତି । ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଯୋଜନା ଲାଗୁ କରାଇଲେ ନାହିଁ। ଏବେ ଅର୍ଥ ଅଭାବ ହେବାରୁ କେନ୍ଦ୍ରୀୟ ଯୋଜନାରେ ସାମିଲ କରି ମିଶାଇବାକୁ ପ୍ରୟାସ କରୁଛନ୍ତି। ପ୍ରସ୍ତାବିତ କୋଷ୍ଟାଲ ହାଇୱେକୁ ଥଣ୍ଡା ବାକ୍ସରେ ବର୍ଷ ବର୍ଷ ଧରି ପକାଇବା ପରେ ଏବେ କ୍ରିୟାନ୍ୱୟନ ପାଇଁ ଅନୁମତି ଦେଉଛନ୍ତି । ଲୋକଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାକୁ ବନ୍ଦ ରଖିବା କ'ଣ ସରକାରଙ୍କ ସଫଳତାର ମାପକାଠି । ଓଡିଶାର ଲୋକଙ୍କ ସ୍ୱାର୍ଥଠାରୁ ଶାସକ ଦଳ ପାଇଁ ଭୋଟ ବଡ ବୋଲି ସମୀର କହିଛନ୍ତି। ସମୀର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଘୋଟାଲା ହୋଇଥିବା ପ୍ରମାଣ ଖୋଦ୍ ବିଭାଗୀୟ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି । ବାତ୍ୟା ଫନୀ ପୂର୍ବରୁ ଓ ପରେ କେନ୍ଦ୍ର ସରକାର ରେକର୍ଡ ପରିମାଣର ଆର୍ଥିକ ସହାୟତା ଯୋଗାଇଲେ । ମାତ୍ର ଫନୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳିବା ପରିବର୍ତ୍ତେ ଧନୀଙ୍କ ପାଖରେ ସୁବିଧା ପହଞ୍ଚିଗଲା। ଲୋକାୟୁକ୍ତଙ୍କ ନିକଟରେ ଭାଜପା ଅଭିଯୋଗ କରିବାପରେ ଏବେ ଦୁର୍ନୀତି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ। ସେହିପରି ନାରୀ ନିର୍ଯାତନା ମଧ ବଢିଚାଲିଛି। ଖୋଦ୍ ରକ୍ଷକ ଥିବା ପୋଲିସ ଏବେ ଭକ୍ଷକ ସାଜିଥିବା ସେ କହିଛନ୍ତି।

## ଭାଜପା, କଂଗ୍ରେସ ପକ୍ଷରୁ ଆମ୍ବେଡକରଙ୍କ ମହାପ୍ରୟାଣ ପାଳିତ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଭୀମରାଓ ଆମ୍ବେଡକରଙ୍କ ମହାପ୍ରୟାଣ ଦିବସରେ ଶୁକ୍ରବାର ଭାଜପା ପକ୍ଷରୁ ସ୍ଥାନୀୟ ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆମ୍ବେଡକରଙ୍କ ପାଇଁ ଦେଶର ଶୋଷିତ, ଦଳିତ, ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହେଉଛନ୍ତି । ଆମ୍ବେଡକର କହିଥିଲେ, ଦେଶର ଭିନ୍ନଭିନ୍ନ ଜାତିର ଲୋକ ଲଢାଇ ସମାପ୍ତ ନ କଲେ ଦେଶ କେବେ ଏକାଠି ହୋଇପାରିବନାହିଁ । ବାବା ସାହେବ ଭେଦଭାବକୁ ଘୋର ବିରୋଧ କରୁଥିଲେ । ଭାରତ ଶାସନ ବ୍ୟବସ୍ଥାର ସମ୍ବିଧାନ ଗୁରୁତ୍ୱ ବହନ କରୁଥିବା ବେଳେ ତା'ର ମୁଖ୍ୟ ପ୍ରଣେତା ଆମ୍ବେଡକରଙ୍କ ପ୍ରତି ଅଧିକରୁ ଅଧିକ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ ବୋଲି ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ ଦାବି କରିଛନ୍ତି। ସେହିପରି ବି.ଆର. ଆମ୍ବେଡକରଙ୍କ ଶ୍ରାଦ୍ଧ ଉତ୍ସବକୁ କଂଗ୍ରେସ ମଧ ପାଳନ କରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ କଂଗ୍ରେସ ଭବନଠାରେ ଏହା ପାଳନ କରାଯାଇଛି। ଏହି ଅବସରରେ ସକାଳେ ନିଖିଳ ଭାରତ କଂଗ୍ରେସ କମିଟି ସଂପାଦକ ରୁଦ୍ର ରାଜୁ ଓ ପିସିସି ପୂର୍ବତନ ସଭାପତି ଜୟଦେବ ଜେନାଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଏ.ଜି. ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି।

### ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ସପ୍ତମ ସମାବର୍ତ୍ତନ ଉତ୍ସବ

# ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ମନୁଷ୍ୟର ପୁନରୁତ୍ଥାନ

**ଜଟଣୀ,୬।୧୨(ଡି.ଏନ୍.ଏ.)**

ଜୀବନର ମାନ ନାଟକୀୟ ଢ଼ଙ୍ଗରେ ପରିବର୍ତ୍ତନ ହେଉଛି। ଆଧ୍ୟାତ୍ମିକ ଚେତନା ହିଁ ଆମକୁ ଏକ ସମ୍ପୂର୍ଣ୍ଣ ଓ ସଫଳ ଜୀବନ ଗଠନ କରିବାରେ ସହାୟକ ହୋଇଥାଏ । ବସ୍ତୁଗତ ଲାଳସାର ଊର୍ଦ୍ଧ୍ୱରେ ରହିଲେ ହିଁ ସତ୍ୟର ଆଲୋକପ୍ରାପ୍ତି ହୋଇଥାଏ । ବିଦ୍ୟାର୍ଥୀମାନେ ଏହାକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ଉଚିତ୍। ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ମନୁଷ୍ୟର ପୁନରୁତ୍ଥାନ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଜଟଣୀସ୍ଥିତ ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସପ୍ତମ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଥିଲେ।

କେବଳ ପ୍ରଯୁକ୍ତି ବିଦ୍ୟା ଯଥେଷ୍ଟ ନୁହେଁ, ବସ୍ତୁ ଓ ଚେତନାର ସମ୍ମିଶ୍ରଣ ନିହାତି ଆବଶ୍ୟକ। ଶିକ୍ଷା ମଣିଷକୁ ଅନ୍ଧାରରୁ ଆଲୋକର ବାଟ ଦେଖାଇଥାଏ । ତା'ର ଅନ୍ତଃଚେତନାକୁ ଜାଗ୍ରତ କରିଥାଏ। ଆଧ୍ୟାତ୍ମିକ ଆହାରର ସୁପରିଚାଳନା ହିଁ ବିଦ୍ୟାର୍ଥୀର ମାନସିକତା ହେବା ଉଚିତ୍। ପ୍ରଯୁକ୍ତି ବା ବିଜ୍ଞାନରୁ ଉପଲବ୍ଧ ଜ୍ଞାନ ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବା ଅଧିକ ଜରୁରୀ । ଆତ୍ମା ଏପରି ଏକ ବୃତ୍ତ ଯାହାର ପରିଧି ନାହିଁ। ଶ୍ରୀମଦ୍ ଭଗବତ ଗୀତାର ଉଦାହରଣ ଦେଇ କହିଥିଲେ, ଅର୍ଜୁନଙ୍କ ପାଖରେ ଯୁଦ୍ଧ ସମ୍ବନ୍ଧୀୟ ବିଦ୍ୟାର ଭରପୂର ଜ୍ଞାନ ରହିଥିଲା। ହେଲେ ମହାଭାରତ ଯୁଦ୍ଧରେ ସେ ଶ୍ରୀକୃଷ୍ଣଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହୋଇ କର୍ତ୍ତବ୍ୟ ବିଷୟରେ ଜାଣିବାକୁ ଚାହିଁଥିଲେ। ଚେତନା ନିର୍ଜୀବ ବସ୍ତୁର ଊର୍ଦ୍ଧ୍ୱରେ। ସେହିପରି ମନ ଓ ବୁଦ୍ଧି ତା'ଠାରୁ ଊର୍ଦ୍ଧ୍ୱରେ। ହେଲେ ଆତ୍ମା ସବୁଠାରୁ ଊର୍ଦ୍ଧ୍ୱରେ ବୋଲି କହିଥିଲେ। ଏହା ମନୁଷ୍ୟର ଚେତନାକୁ ଜାଗ୍ରତ କରିଥାଏ। ସମୟ ଓ ସ୍ଥାନର ଊର୍ଦ୍ଧ୍ୱରେ ରହି ସାର୍ବଜନୀନ ଓ ପୂର୍ଣ୍ଣ ମନୁଷ୍ୟ ଗଢିବା ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ହେବା ଆବଶ୍ୟକ। ଜାତି, ଧର୍ମ, ବର୍ଣ୍ଣ ଓ ବିବାଦର ଊର୍ଦ୍ଧ୍ୱରେ ରହି କେବଳ ଐଶ୍ୱରିକ ପ୍ରେମରେ ବାନ୍ଧି ହୋଇ ରହିବା ଉଚିତ ବୋଲି ସେ କହିଥିଲେ। ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଜ୍ୟୋତିର କୌଣସି ବାସସ୍ଥାନ ନ ଥାଏ। ଯୁଆଡ଼େ ବିଚ୍ଛୁରିତ ହୋଇଥାଏ ସେସବୁ ସ୍ଥାନକୁ ସେ ଆଲୋକିତ କରିଥାଏ।



ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ଉତ୍ସବରେ କେନ୍ଦ୍ର ଦକ୍ଷତା ବିକାଶ ସଚିବ ଡ. କେ.ପି. କ୍ରିଷ୍ଣନ୍, ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖାରୋଲା ଅତିଥି ଭାବେ ଯୋଗଦେଇ କହିଥିଲେ, ଜୀବନର ପ୍ରତିଟି କ୍ଷେତ୍ରରେ ମଣିଷକୁ ଜ୍ଞାନ ଆହରଣ କରିବାକୁ ପଡ଼ିଥାଏ । ଏଣୁ ସାରା ଜୀବନ ବିଦ୍ୟାର୍ଥୀ ଭଳି ରହିବା ଆବଶ୍ୟକ। ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଉଦ୍ୟୋଗପତି ତିଆରି କରୁଥିବାରୁ ଛାତ୍ରୀଛାତ୍ରମାନେ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକରିବା ଉଚିତ୍ ବୋଲି ସେ କହିଥିଲେ। ଉତ୍ସବରେ ୯ ଜଣଙ୍କୁ ସ୍ୱର୍ଣ୍ଣପଦକ ସହ ୧୨ଜଣଙ୍କୁ ପିଏଚ୍‌ଡି, ୪୫ ଜଣ ଏମ୍‌ଫିଲ୍, ୧୭ ଏମ୍‌ଟେକ୍, ୪୯ ଏମ୍‌ବିଏ, ୪୨୩ ଏମ୍‌ଏସ୍‌ସି, ୨ ଏମ୍‌ଏ, ୨୫୨ ବିଏସ୍‌ସି, ୫୦୨ ବି.ଟେକ୍, ୩୨ ବିବିଏ, ୧୦ ବି.କମ୍, ୭ ବି.ସି.ଏ, ୨୭୩ ବିଏସ୍‌ସି, ୨୦୫ ଡିପ୍ଲୋମା ଓ ୫୫ ଜଣ ଡି.ଫାର୍ମାଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡି.ଏନ. ରାଓ, କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୯ରେ ଏସ୍‌ଟିଏସ୍‌ସି ବିଭାଗ ପକ୍ଷରୁ ଅଭିଭାବକ ବୈଠକ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ଆସନ୍ତା ୯ତାରିଖ ପୂର୍ବାହ୍ଣ ୧୧ଟାରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ। ଅଭିଭାବକମାନେ ବୈଠକରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ନିରାପତ୍ତା, ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଶିକ୍ଷକମାନଙ୍କ ସହ ଆଲୋଚନାରେ ଭାଗନେବେ। ଏତଦ୍‌ବ୍ୟତୀତ ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିବିଧ ଯୋଜନାର ସଫଳ ରୂପାୟନ ସମ୍ବନ୍ଧୀୟ ଆଲୋଚନାରେ ଭାଗନେଇ ବିଭାଗ ଅଧୀନ ବିଦ୍ୟାଳୟ ଏବଂ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବାରେ ସହାୟକ ହେବେ। ବୈଠକରେ ଯୋଗଦେବା ଲାଗି ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏହି ଅନୁରୋଧ କରାଯାଇଛି।

# ଭାଙ୍ଗିଲେ ଘର, ଶୀତ କାକରରେ ବାସନ୍ଦ ପରିବାର

**ରଣପୁର, ୬।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ବଜ୍ରକୋଟରେ ଗୁରୁବାର ସନ୍ଧ୍ୟାରେ କଙ୍ଗାରୁ କୋର୍ଟ କରାଯାଇ ଭଗବାନ ଦଳେଇ ନାମକ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଦିଆଯାଇଛି। ଏପରି କି ତାଙ୍କ ଘରୁ ୭ ହଜାର ଟଙ୍କା ସମେତ ଗୃହ ଉପକରଣ ଲୁଟ୍ କରାଯାଇଛି। ଏହି ଘରଭଙ୍ଗା କାର୍ଯ୍ୟରେ ମହିଳା, ପୁରୁଷଙ୍କ ସମେତ ଛୋଟପିଲା ସାମିଲ ଥିବାର ଏକ ଭିଜୁଆଲ ଭାଇରାଲ ହୋଇଛି। ଘଟଣା ସମ୍ପର୍କରେ ଭଗବାନ ରଣପୁର ଥାନା ଆଇଆଇସିଙ୍କୁ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପାଇଁ ଦର୍ପନାରାୟଣପୁର ଫାଣ୍ଡିକୁ ଅଭିଯୋଗକାରୀଙ୍କୁ ପଠାଇ ଦିଆଯାଇଥିଲା । ଅନ୍ୟପକ୍ଷେ ବଜ୍ରକୋଟର ମକଦ୍ଦମା ରଣପୁର ଥାନାରେ ରୁଜୁ ହେଉଥିବାବେଳେ ତାଙ୍କୁ ଦର୍ପନାରାୟଣପୁର ପଠାଯିବା କାରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜ୍ରକୋଟଠାରୁ ରଣପୁର ଦୂରତା ୪କିମି ହୋଇଥିବାବେଳେ ଦର୍ପନାରାୟଣପୁରର ଦୂରତା ୯କିମି। ଅନ୍ୟପକ୍ଷେ ଗାଁରେ ଏକ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ସରକାରୀ ସ୍ତରରେ ମାପଚୁପ କରାଯାଇ ଜାଗା ଚିହ୍ନଟ ଶେଷ ହୋଇଥିଲା । ଏଥିପାଇଁ କିଛି ଘରକୁ ବି ଭଙ୍ଗାଯାଇଥିଲା। ଭଗବାନଙ୍କ ଘର ଏହି ମାପଚୁପରେ ଆସି ନ ଥିଲା । ତେବେ ରାସ୍ତା ଯିବ କହି ତାଙ୍କ ଘର ଭାଙ୍ଗିବାକୁ କୁହାଯାଇଥିଲା । ରାସ୍ତା ନ ଯାଇ କାହିଁକି ଘର ଭାଙ୍ଗିବି ବୋଲି ଭଗବାନ ଗ୍ରାମବାସୀଙ୍କ ସହ ଯୁକ୍ତି ବାଢ଼ିବାରୁ ଏ ନେଇ କଙ୍ଗାରୁ କୋର୍ଟ କରାଗଲା । ତାଙ୍କ ପରିବାରକୁ ଗାଁରୁ ବାସନ୍ଦ କରାଗଲା । ଦଣ୍ଡସ୍ୱରୂପ ତାଙ୍କ ଘର ମଧ ଭଙ୍ଗାଗଲା। ଆଗକୁ ଆଗେଇଲେ ପରିସ୍ଥିତି ଭଲ ହେବ ନାହିଁ ବୋଲି ଧମକ ମିଳିଥିଲା। ପୋଲିସରେ ଅଭିଯୋଗ କଲେ ସୁଫଳ ମିଳିବନି ବୋଲି ସେମାନେ କହିଥିଲେ । ଭଗବାନ ଥାନାକୁ ଯିବା ପରେ ପୋଲିସ ନ ଶୁଣିବା ତା'ର ଏକ ପ୍ରମାଣ ବୋଲି ସେ କହିଛନ୍ତି। ଅନ୍ୟପଟେ ଗାଁ ଲୋକଙ୍କ ସହ ଏକା ସ୍ୱରରେ ପୋଲିସ କହିଛି ଯେ ଭଗବାନ ମଦ ବ୍ୟବସାୟ କରିବା ଯୋଗୁ ଗାଁ ଲୋକେ ତାଙ୍କ ଘର ଭାଙ୍ଗିଦେଇଛନ୍ତି, ଯାହା ତଦନ୍ତସାପେକ୍ଷ। ଏବେ ଭଗବାନଙ୍କ ପରିବାର ଗଛତଳେ ଆଶ୍ରୟ ନେଇଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଘଟଣା ସମ୍ପର୍କରେ ଶରଣକୁଳ ଏସ୍‌ଡିପିଓ ଏସ୍. ଟପୋଙ୍କ ସୂଚନା ଅନୁସାରେ ମଦ ବିକ୍ରି ଯୋଗୁ ଗାଁ ଲୋକ ଘର ଭାଙ୍ଗିଦେଇଛନ୍ତି। ଘଟଣାର ତଦନ୍ତ ଚାଲିଛି। ତେବେ ମାମଲା ରୁଜୁ ହୋଇନି।


ଭଙ୍ଗା ଘର ନିକଟରେ ବାସନ୍ଦ ପରିବାର ସଦସ୍ୟ।

**ବଜ୍ରକୋଟରେ କଙ୍ଗାରୁ କୋର୍ଟ**

## ଟ୍ରାକ୍ଟରକୁ ଧକ୍କା ଦେଲା ବାଇକ୍: ୨ ଭାଇ ମୃତ

**ବଡ଼ଗାଁ,୬।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁମ୍‌ବାହାଲ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଟ୍ରାକ୍ଟର ସହ ଏକ ବାଇକ୍‌ର ଧକ୍କା ହେବା ଫଳରେ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଗେଶ୍ୱର ସୁନ୍ୟାନୀ (୩୨) ଓ ତାଙ୍କ ସାନ ଭାଇ କିରଟ ସୁନ୍ୟାନୀ (୨୭)। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ଘର ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ଯୋଗେଶ୍ୱର ଜରଙ୍ଗଲୋଇଗ୍ରାମସ୍ଥିତ ଗ୍ରୀଡ ସବ୍‌ଷ୍ଟେଶନରେ ଓ କିରଟ ରାଜଗାଙ୍ଗପୁର ଓସିଏଲରେ କାମ କରନ୍ତି। ଉଭୟେ ବରଙ୍ଗାକଛାର ଗ୍ରାମର ରସାନନ୍ଦ ପ୍ରଧାନ (୨୫)ଙ୍କ ବାଇକ୍‌ରେ ନିଜ ଗ୍ରାମକୁ ରାତି ସାଢ଼େ ୮ଟାରେ ଫେରୁଥିଲେ। କୁମବାହାଲ ଗାଁ ରାସ୍ତା ପାର୍ଶ୍ୱରୁ ଏକ ଟ୍ରାକ୍ଟର ହଠାତ୍ ରାସ୍ତା ଉପରକୁ ଚାଲି ଆସିବାରୁ ବାଇକ୍ ସହିତ ଧକ୍କା ହୋଇଥିଲା। ଫଳରେ ରସାନନ୍ଦ, ଯୋଗେଶ୍ୱର ଓ କିରଟ ଗୁରୁତର ହୋଇଥିଲେ । ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୁନ୍ଦରଗଡ ମେଡିକାଲ ପଠାଇଥିଲେ । ସେଠାରେ ଯୋଗେଶ୍ୱର ଓ କିରଟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ରସାନନ୍ଦ ଏବେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜରଙ୍ଗଲୋଇ ଗ୍ରାମର ଅରୁଣ ପୃଷ୍ଟେଠଙ୍କ ବୋଲି ଜଣାପଡିଛି। ପୋଲିସ ଟ୍ରାକ୍ଟର ଓ ବାଇକ୍‌କୁ ଜବତ କରି ତଦନ୍ତ କରୁଛି।

### ପୁରୀ ନାବାଳିକା ଗଣବଳାତ୍କାର ମାମଲା

# ତୃତୀୟ ଅଭିଯୁକ୍ତ ରାମଚନ୍ଦ୍ର ଗିରଫ

**ପୁରୀ ଅଫିସ, ୬।୧୨**

ପୁରୀ ପୋଲିସ କ୍ୱାର୍ଟର୍ସରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ କୁମ୍ଭାରପଡ଼ା ପୋଲିସ ଶୁକ୍ରବାର ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣାନୁଆଗାଁ ଆଳିଆପୁଟୁ ଗ୍ରାମର ରାମଚନ୍ଦ୍ର ପ୍ରଧାନ(୩୨)। କୌଣସି ସୂତ୍ରରୁ ଖବରପାଇ ପୋଲିସ ଶୁକ୍ରବାର ଭୋର ସମୟରେ ଉକ୍ତ ଗ୍ରାମରେ ଚଢ଼ାଉ କରି ତାଙ୍କୁ ଧରିଥିଲା । ବଳାତ୍କାର ଘଟଣାରେ ଜଡ଼ିତ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ କରାଯିବ। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଏନେଇ ଗଠିତ ସ୍ୱତନ୍ତ୍ର ଟିମ୍ ତାର ତଦନ୍ତ ଜାରି ରଖିଛି। ପୀଡିତା ଯେପରି ନ୍ୟାୟ ପାଇବେ ସେଥିଲାଗି ପୁରୀ ପୋଲିସ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ଚାଲିଛି ବୋଲି ଏସ୍‌ପି କହିଥିଲେ।

ଅନ୍ୟପଟେ ଅଭିଯୁକ୍ତମାନେ ବ୍ୟବହାର କରିଥିବା କାରକୁ ନେଇ ସାଧାରଣରେ ଉତ୍କଣ୍ଠା ବଢୁଛି। ପୀଡିତାଙ୍କ ବୟାନଙ୍କ ଅନୁଯାୟୀ ସେ ନିମାପଡାରୁ ପୁରୀ ପୋଲିସ କ୍ୱାର୍ଟର୍ସରକୁ ଆସିଥିବା କାରକ ନେଇ ବିବାଦ ଘେରରେ ରହିଛି ପୁରୀ ପୋଲିସ । ବ୍ୟାବହୃତ କାର ଟି କାହାର ଏବଂ ଏହା କେଉଁଠି ଅଛି, ସେ ସମ୍ପର୍କରେ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ପ୍ରଦାନ କରିନାହିଁ। ଘଟଣା ଦିନ ବିଳମ୍ବିତ ରାତିରେ ଗିରଫ ବହିଷ୍କୃତ କନଷ୍ଟେବଲ ଜିତେନ୍ଦ୍ର ସେଠୀ ଓ ରାଜେଶ ସେଠୀଙ୍କ ଠାରୁ ଗୋଟିଏ ବାଇକ ଓ ସ୍କୁଟି ଜବତ କରାଯାଇଥିବା ନେଇ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି ଆଶିଷ କୁମାର ସିଂ ସୂଚନା ଦେଇଥିଲେ। ତେବେ ପୀଡିତାଙ୍କ ବୟାନ ଏବଂ ପୋଲିସର ସୂଚନାକୁ ନେଇ ସୃଷ୍ଟି ହୋଇଛି ବିବାଦ। ଅନ୍ୟପଟେ ଗିରଫ ବହିଷ୍କୃତ କନଷ୍ଟେବଲଙ୍କ ଦ୍ୱିତୀୟ ସ୍ତ୍ରୀ ଗଣବଳାତ୍କାର ହୋଇଥିବା ସଂପୃକ୍ତ ପୋଲିସ କ୍ୱାର୍ଟର୍ସରେ ଜିତେନ୍ଦ୍ର ସେକ୍ସ ର୍‍ୟାକେଟ ଚଳାଇ ଆସୁଥିଲେ ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏ ନେଇ ଏସ୍‌ପିଙ୍କୁ ପଚାରିବାରେ ସେ ଏହାକୁ ଏଡାଇଦେଇଥିଲେ।

# ୬ ଘରୋଇ ହସ୍ପିଟାଲ ସହ ପୋଲିସ କମିଶନରଙ୍କ ଆଲୋଚନା

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ବିଳମ୍ବ ଯୋଗୁ ଅନେକ ସମୟରେ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଛି। କିପରି ଆହତଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବା ସହ ଚିକିତ୍ସା ଆରମ୍ଭ ହେବ ସେଥିପାଇଁ ଅଣ୍ଟା ଭିଡ଼ିଛି କମିଶନରେଟ ପୋଲିସ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏମ୍‌ସ, ଆମ୍ରି, କେୟାର, ହାଇଟେକ୍, ଅଶ୍ୱିନୀ ଓ ଉତ୍କଳ ହସ୍ପିଟାଲ ଟ୍ରୋମାକେୟାର ସ୍ପେଶାଲିଷ୍ଟଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଏନେଇ ବୈଠକ ବସିଥିଲା। ଦୁର୍ଘଟଣା ସମ୍ପର୍କରେ କିପରି ସୂଚନା ମିଳିବ ଓ ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ପହଞ୍ଚାଇବା ସହ ଚିକିତ୍ସା ଆରମ୍ଭ କରିବା ପର୍ଯ୍ୟନ୍ତ ପୂରା ପ୍ରକ୍ରିୟା ଉପରେ କେତେକ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ କାର୍ଯ୍ୟ କରିବ। ସେଥିରେ ନିକଟସ୍ଥ ହସ୍ପିଟାଲ, ଚିକିତ୍ସା ସେବା, ଦୂରତା ଆଦି ଜଣାପଡିବ। ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଆମ୍ବୁଲାନ୍ସ ଓ ପିସିଆର ଭ୍ୟାନ୍ ରହିବ। ସେଥିରେ ଜିପିଏସ୍ ବ୍ୟବସ୍ଥା ରହିବ। ଏହାଦ୍ୱାରା ପୋଲିସ କିମ୍ବା ଆମ୍ବୁଲାନ୍ସ କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ ସହଜ ହେବ। କଣ୍ଟ୍ରୋଲ ରୁମ୍ କିମ୍ବା ଅନ୍ୟ କୌଣସି ସୂତ୍ରରୁ ଖବର ପାଇବାମାତ୍ରେ ତୁରନ୍ତ ଦୁର୍ଘଟଣାସ୍ଥଳରେ ଗାଡ଼ି ପହଞ୍ଚିବ। ଏଥିରେ ଥିବା କର୍ମଚାରୀ ହ୍ୱାଟ୍ସଆପ୍‌ରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଫଟୋ ଓ ଲୋକେଶନ ଭିଡିଓ କରି ଟ୍ରୋମାକେୟାର ସ୍ପେଶାଲିଷ୍ଟ(ଡାକ୍ତର)ଙ୍କ ନିକଟକୁ ପଠାଇବେ। ତାଙ୍କ ପରାମର୍ଶ ଅନୁସାରେ ଆମ୍ବୁଲାନ୍ସ ବା ପିସିଆର୍ କର୍ମଚାରୀମାନେ ଆହତଙ୍କ ପ୍ରାଥମିକ ଚିକିତ୍ସା କରିବା ସହ ସ୍ୱାସ୍ଥ୍ୟାବସ୍ଥା ଅନୁସାରେ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରିବେ। ଆହତଙ୍କୁ ପ୍ରାଥମିକ ଚିକିତ୍ସା ଓ ତ୍ୱରିତ ଉଦ୍ଧାର କାର୍ଯ୍ୟ ପାଇଁ ସେମାନଙ୍କୁ ଟ୍ରେନିଂ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ରାଜଧାନୀର ଟ୍ରାଫିକ ସମସ୍ୟା ଓ ଭିଡ଼କୁ ଦୃଷ୍ଟିରେ ରଖି ବାଇକ ଆମ୍ବୁଲାନ୍ସ ସେବା କାର୍ଯ୍ୟକ୍ଷମ କରିବା ପାଇଁ ଆଲୋଚନା ହୋଇଥିଲା। ଏହାସହ ଅନେକ ସମୟରେ ଘରୋଇ ହସ୍ପିଟାଲ ଆମ୍ବୁଲାନ୍ସ ଏବଂ ୧୦୮ ଆମ୍ବୁଲାନ୍ସ ଫୋନ୍ କଲେ ଆସିବାରେ ବିଳମ୍ବ ହେଉଛି। ତେଣୁ ଏଥର ଗୋଟିଏ ଫୋନ୍ ନମ୍ବର କାର୍ଯ୍ୟକାରୀ କରାଯାଇଛି। ଲୋକେ ଉକ୍ତ ନମ୍ବରରେ ଯୋଗାଯୋଗ କରି ଆମ୍ବୁଲାନ୍ସ ଓ ପିସିଆର୍ ପୋଲିସର ସହଯୋଗ ନେଇପାରିବେ। ଆହତଙ୍କ ଚିକିତ୍ସା ଖର୍ଚ୍ଚ ଅଶ୍ୱିନୀ, ଆପୋଲୋ, କେୟାର ଓ ଆମ୍ରି ହସ୍ପିଟାଲ କର୍ତ୍ତୃପକ୍ଷ କରୁଥିବାବେଳେ ସରକାର ତାହାକୁ ବହନ କରିବେ ବୋଲି ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅନୁସାରେ ଆହତଙ୍କୁ ଠିକ୍ ଚିକିତ୍ସା କରାଯାଉଛି କି ନାହିଁ ସେନେଇ ପୋଲିସ କମିଶନର ଷଡ଼ଙ୍ଗୀ ଆଲୋଚନା କରିଥିବା କହିଛନ୍ତି।


ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

**ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତ୍ୱରିତ ଚିକିତ୍ସା ପ୍ରସଙ୍ଗ**

- ଦୁର୍ଘଟଣାପ୍ରବଣ ଅଞ୍ଚଳରେ ରହିବ ଆମ୍ବୁଲାନ୍ସ, ପିସିଆର ଭ୍ୟାନ
- ଆରମ୍ଭ ହେବ ସ୍ୱତନ୍ତ୍ର ମୋବାଇଲ୍ ଆପ୍

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385, 7894447169 Email : advt@dharitri.com

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
•CUSTOMER SERVICE
•DATA ENTRY
•RECEPTION (Back/Office)
•SECURITY GUARD
Mob : 9114090108

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary Rs.27,000/-.
Contact: 9938676412

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା
Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT 9938826988, 7064545450, 8338055696
www.demandbazaar.com & www.demandmasala.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

TEACHERS REQUIRED
Teachers Required Male/Female for Odiya/English Medium School
ST. XAVIER HIGH SCHOOL
Plot No.4916, Pandav Nagar, Bhubaneswar.
Contact : 7978084379, 8249088768

Officially Staff
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.20,000/-.
Contact Immediately Mob: 9938699963

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately Mob: 8763257042

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ଏକ ଛୋଟ ପରିସରରୁ କାର୍ଯ୍ୟ ଆରମ୍ଭ କରି ୧୧ ବର୍ଷ ମଧ୍ୟରେ ୫୫୦ ସହରରେ ପହଞ୍ଚି ପାରିଛୁ। ପ୍ରତି ମାସରେ ୪୮ ନିୟୁତ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଛି।"
– ଦୀପିନ୍ଦର ଗୋୟଲ, ଜୋମାଟୋ ପ୍ରତିଷ୍ଠାତା



"କୃଷିଜାତ ସାମଗ୍ରୀରୁ ଉତ୍ପାଦନ ହେଉଥିବା ଇନ୍ଧନ ସହ ଜୈବିକ ଇନ୍ଧନରେ ଚାଲୁଥିବା କାର ନିର୍ମାଣ କ୍ଷେତ୍ରରେ ଯାନ ନିର୍ମାତାମାନେ ମନୋନିବେଶ କରିବା ଆବଶ୍ୟକ।"
– ନୀତିନ ଗଡକରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ଚାହିଦା ପୂରଣ ଲାଗି ପିଆଜ ଆମଦାନୀ କରୁଛି ଏମ୍ଏମ୍ଟିସି

**ନୂଆଦିଲ୍ଲୀ,୬-୧୨:** ରାଷ୍ଟ୍ରାୟତ୍ତ ଟ୍ରେଡିଂ କମ୍ପାନୀ ଏମ୍ଏମ୍ଟିସି ବିଦେଶରୁ ପିଆଜ ଆମଦାନୀ କରୁଛି। ଚାହିଦା ପୂରଣ ଏବଂ ଦରବୃଦ୍ଧିକୁ ରୋକିବା ଲାଗି ଏମଏମ୍ଟିସି ଏଭଳି ପଦକ୍ଷେପ ଗ୍ରହଣ କରୁଥିବା କେନ୍ଦ୍ର ଖାଉଟି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦାନଭେ ରାଓସାହେବ ଦାଦାରାଓ କହିଛନ୍ତି। ଆମଦାନୀ ହେଉଥିବା ପିଆଜ ଭାରତରେ ଜାନୁୟାରୀ ୨୦ ସୁଦ୍ଧା ପହଞ୍ଚିବ। ବର୍ଷା ଯୋଗୁ ପିଆଜ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଉତ୍ପାଦନ ପ୍ରଭାବିତ ହୋଇଥିବା ସେ କହିଛନ୍ତି। ସରକାରଙ୍କ ନିକଟରେ ରହିଥିବା ବଫର ଷ୍ଟକରୁ ପିଆଜ ଯୋଗାଣ ହେଉଛି। ପିଆଜ ଦର ଏବେ ବୃଦ୍ଧି ଘଟୁଥିବା ବେଳେ ଜାତୀୟ ରାଜଧାନୀ ଦିଲ୍ଲୀରେ ୧୧୦ ଟଙ୍କା ଟପିଛି। ଦେଶର ଅନ୍ୟ କେତେକ ପ୍ରାନ୍ତରେ ପିଆଜ ଦର ଏହାଠାରୁ ଢେର ଅଧିକ ରହିଥିବା ଜଣାପଡ଼ିଛି।

### ଡାକବାଲା ବିକିପାରନ୍ତି ବୀମା ପଲିସି

**ନୂଆଦିଲ୍ଲୀ,୬-୧୨:** ଡାକ ବିଭାଗର ଡାକବାଲା ଏବଂ ଗ୍ରାମୀଣ ଡାକସେବକ ଶୀଘ୍ର ବୀମା ପଲିସି ବିକ୍ରି ଶୁଭାରମ୍ଭ କରିପାରନ୍ତି। ଏ ନେଇ ବୀମା ନିୟାମକ ଆଇଆରଡିଏଆଇ ଏକ ଗାଇଡଲାଇନ ଜାରି କରିବାକୁ ଯାଉଛି। ଏହି ଯୋଜନାକୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ପ୍ରୋତ୍ସାହିତ କରିବ ବୋଲି ସୂଚନା ରହିଛି। ଏକ କର୍ପୋରେଟ ଏଜେଣ୍ଟ ଭାବେ ଏ ନେଇ ଆଇପିପିବି ଆଇଆରଡିଏଆଇଠାରୁ ଅନୁମତି ନେଇ ପାରିବ। ଗ୍ରାମୀଣ ଡାକ ସେବକ ଏବଂ ଡାକବାଲା ଡାକ ବିଭାଗର ପଏଣ୍ଟ ଅଫ୍ ସେଲ୍ସ ପର୍ସନ ଭାବେ କାର୍ଯ୍ୟ କରିପାରିବେ ବୋଲି ଆଇଆରଡିଏଆଇ ପକ୍ଷରୁ କୁହାଯାଇଛି।

### ୬୩,୪୯୩ ୟୁନିଟ ଯାନ ପ୍ରତ୍ୟାହାର କଲା ମାରୁତି

**ନୂଆଦିଲ୍ଲୀ,୬-୧୨:** କେତେକ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାରୁତି ସୁଜୁକି ଇଣ୍ଡିଆ ଏହାର ୬୩,୪୯୩ ୟୁନିଟ ଯାନ ପ୍ରତ୍ୟାହାର କରି ନେଇଛି। ଏହି ଯାନଗୁଡ଼ିକ ସିଆଜ, ଏର୍ଟିଗା ଏବଂ ଏକ୍ସଏଲ୍ ୬ ଭଳି ମଡେଲରେ ରହିଛି। ଏହି ଯାନଗୁଡ଼ିକର ପେଟ୍ରୋଲ ସ୍ମାର୍ଟ ହାଇବ୍ରିଡ ଭାରିଆଣ୍ଟରେ ରହିଛି। ଯାନଗୁଡ଼ିକର ମୋଟର ଜେନେରେଟର ୟୁନିଟରେ ରହିଥିବା ତ୍ରୁଟିକୁ ସୁଧାରିବା ଲାଗି ଏଭଳି ନିଷ୍ପତ୍ତି ହୋଇଥିବା ମାରୁତି ସୁଜୁକି ପକ୍ଷରୁ କୁହାଯାଇଛି। ଏହି ଯାନଗୁଡ଼ିକ ଚଳିତ ବର୍ଷ ଜାନୁୟାରୀରୁ ନଭେମ୍ବର ୨୧ ମଧ୍ୟରେ ପ୍ରସ୍ତୁତ ହୋଇଛି।

# ପ୍ରୋତ୍ସାହନ ନ ମିଳିଲେ ବନ୍ଦ ହୋଇଯିବ ଭୋଡାଫୋନ-ଆଇଡିଆ

**ନୂଆଦିଲ୍ଲୀ,୬-୧୨**

ଟେଲିକମ୍ କମ୍ପାନୀଗୁଡ଼ିକ ଏବେ ପ୍ରଭାବିତ ସ୍ଥିତିରେ ରହିଛନ୍ତି। କମ୍ପାନୀଗୁଡ଼ିକ ଉପରେ ଏବେ ବୃହତ୍ ଋଣ ବୋଝ ରହିଥିବାରୁ କାର୍ଯ୍ୟ ପରିଚାଳନା କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ସରକାର ଦେଶର ଟେଲିକମ୍ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ଭୋଡାଫୋନ-ଆଇଡିଆର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଶୁକ୍ରବାର କହିଛନ୍ତି। ସରକାର କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ନ ଦେଲେ ଭୋଡାଫୋନ-ଆଇଡିଆ ବୁଡ଼ିଯିବ ବୋଲି ସେ ମତ ରଖିଛନ୍ତି। ଏହି କମ୍ପାନୀରେ ଅଧିକ ଟଙ୍କା ନିବେଶ କରିବେ ନାହିଁ ବୋଲି ବିର୍ଲା ସ୍ପଷ୍ଟ କରିଛନ୍ତି।

ହିନ୍ଦୁସ୍ତାନ ଟାଇମ୍ସ ଲିଡରଶିପ ସମିଟ୍ ଅବସରରେ ବିର୍ଲା କହିଛନ୍ତି ଯେ, ପ୍ରୋତ୍ସାହନ ବିନା ଭୋଡାଫୋନ-ଆଇଡିଆ ଆଗକୁ କାର୍ଯ୍ୟ ପରିଚାଳନା କରିବା କଷ୍ଟକର ହେବ। ବାଧ୍ୟହୋଇ ଏହାକୁ ବନ୍ଦ କରିବାକୁ ପଡ଼ିବ। ବୁଡ଼ୁଥିବା ଅର୍ଥରେ ଆଉ ଟଙ୍କା ଲଗାଇବା ଯୁକ୍ତିଯୁକ୍ତ ନୁହେଁ। ସରକାରଙ୍କ ରିହାତି ନ ମିଳିଲେ କମ୍ପାନୀର ସ୍ଥିତି ଖରାପ ହେବ। ଫଳରେ ଏହା ଦେବାଳିଆ ସ୍ଥିତିକୁ ଚାଲିଯାଇପାରେ। ଏହା ହେଲେ କମ୍ପାନୀ ଇନ୍ସଲଭେନ୍ସି ପ୍ରକ୍ରିୟାକୁ ଚାଲିଯିବ ବୋଲି ସେ ସୂଚନା ଦେଇଛନ୍ତି। ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ (ଏଜିଆର) ଦେୟ ପ୍ରଦାନ ଲାଗି ସୁପ୍ରିମକୋର୍ଟ ଟେଲିକମ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଭୋଡାଫୋନ-ଆଇଡିଆ ସରକାରଙ୍କୁ ୫୩ ହଜାର କୋଟି ଟଙ୍କା ଦେବାକୁ ପଡ଼ିବ। ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଏହି କମ୍ପାନୀ ୫୧ ହଜାର କୋଟି ଟଙ୍କାର କ୍ଷତି ସହିଛି। ଏହା ଦେଶର ଟେଲିକମ୍ ଶିଳ୍ପ ଇତିହାସରେ ଗୋଟିଏ ତ୍ରୈମାସରେ ସବୁଠାରୁ ବଡ କ୍ଷତି ବୋଲି ଜଣାପଡ଼ିଛି। ଭୋଡାଫୋନ-ଆଇଡିଆ ବାଦ୍ ଏୟାରଟେଲର ସ୍ଥିତି ମଧ୍ୟ ପ୍ରଭାବିତ ରହିଛି। ଦ୍ୱିତୀୟ ତ୍ରୈମାସରେ ଏହା ପ୍ରାୟ ୨୩ ହଜାର କୋଟି ଟଙ୍କାର କ୍ଷତି ସହିଛି। ଗୋଟିଏ ତ୍ରୈମାସରେ ଏହା କମ୍ପାନୀର ସବୁଠାରୁ ବଡ କ୍ଷତି।

**ଟେଲିକମ୍ କମ୍ପାନୀଙ୍କ ଉପରେ ୧.୪ ଲକ୍ଷ କୋଟିର ବୋଝ**

ଦେଶର ଟେଲିକମ କମ୍ପାନୀଙ୍କ ଉପରେ ୧.୪ ଲକ୍ଷ କୋଟି ଟଙ୍କାର ବୋଝ ରହିଛି। ଏହି ଅର୍ଥ ସେମାନେ ସରକାରଙ୍କୁ ପ୍ରଦାନ କରିବେ। ସ୍ପେକ୍ଟ୍ରମ ଚାର୍ଜ, ଲାଇସେନ୍ସ ଫିସ୍, ଏଜିଆର୍ ବାବଦ ଅର୍ଥ ପ୍ରଦାନ ଲାଗି ସୁପ୍ରିମକୋର୍ଟ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ମଧ୍ୟରେ ଏୟାରଟେଲର ପ୍ରାୟ ୬୨ ହଜାର କୋଟି ଏବଂ ଭୋଡାଫୋନ ଆଇଡିଆର ୫୪ ହଜାର କୋଟି ଟଙ୍କାର ବକେୟା ସାମିଲ ରହିଛି। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ ଉପରେ ମଧ୍ୟ କିଛି ବକେୟା ରହିଛି। ଏହି କମ୍ପାନୀଗୁଡ଼ିକୁ ଦେୟ ପ୍ରଦାନ ଲାଗି ୨ ବର୍ଷ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ କମ୍ପାନୀଙ୍କୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ।



- ମନ୍ତବ୍ୟ ରଖିଲେ କୁମାର ମଙ୍ଗଳମ୍ ବିର୍ଲା
- ଦେୟ ପ୍ରଦାନ ଲାଗି କମ୍ପାନୀଙ୍କୁ ୨ ବର୍ଷ ସମୟ ମିଳିଛି
- ଭୋଡାଫୋନ ଆଇଡିଆ ଦେବେ ୫୪ ହଜାର କୋଟି

# ଅଟୋ ଯନ୍ତ୍ରାଂଶ କ୍ଷେତ୍ରରେ ନିଯୁକ୍ତି ହରାଇଲେ ୧ ଲକ୍ଷ

**ନୂଆଦିଲ୍ଲୀ,୬-୧୨**

ଅଟୋ ଯନ୍ତ୍ରାଂଶ କ୍ଷେତ୍ରରେ ଗତ ବର୍ଷେ ମଧ୍ୟରେ ୧ ଲକ୍ଷ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ଅକ୍ଟୋବର ୨୦୧୮ ଠାରୁ ଚଳିତ ବର୍ଷ ଜୁଲାଇ ମଧ୍ୟରେ ଏହି ଲୋକଙ୍କ ନିଯୁକ୍ତି ଯାଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଏହି ଶିଳ୍ପର ମୋଟ କାରବାର ୧୦% ହ୍ରାସ ଘଟିଥିବା ଅଟୋମୋଟିଭ କମ୍ପୋନେଣ୍ଟ ମାନୁଫାକଚରର୍ସ ଆସୋସିଏନ ପକ୍ଷରୁ ସୂଚନା ରହିଛି। ଯାନ ବାହାନ ମାନୁଫାକଚରିଂ ୧୫ରୁ ୨୦% ହ୍ରାସ ହେବା ଯୋଗୁ ଅଟୋ ଯନ୍ତ୍ରାଂଶ ଶିଳ୍ପ ଉପରେ ଏହାର ଗଭୀର ପ୍ରଭାବ ପରିଲକ୍ଷିତ ହୋଇଥିବା ଶିଳ୍ପ ସୂତ୍ରରୁ ଜଣାପଡ଼ିଛି। ଏହି ଶିଳ୍ପର କାରବାର ୧୦.୧% ଖସିବା ଯୋଗୁ ଏହା ମୋଟ ୧.୭୯ ଲକ୍ଷ କୋଟି ଟଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସବୁଠାରୁ ବଡ ଧରଣର ହ୍ରାସ ବୋଲି ଜଣାଯାଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ କାରବାର ୧.୯୯ ଲକ୍ଷ କୋଟି ଟଙ୍କା ରହିଥିଲା।

ସୂଚନା ମୁତାବକ, ମାନ୍ଦାବସ୍ଥା ଯୋଗୁ ଚଳିତ ଆର୍ଥିକ ବର୍ଷ ଗତ ତ୍ରୈମାସରେ ଏହି ଶିଳ୍ପରେ ୨ ବିଲିୟନ ଡଲାରର ନିବେଶ ପ୍ରଭାବିତ ହୋଇଛି। ସଂଘର ସଭାପତି ଦୀପକ ଜୈନ କହିଛନ୍ତି ଯେ, ଗତ ବର୍ଷେ ମଧ୍ୟରେ ସବୁ ସେଗମେଣ୍ଟରେ ଯାନ ବିକ୍ରି କମିଛି। ଯାନ ମାନୁଫାକ୍ଚରିଂ ୧୫ରୁ ୨୦% ହ୍ରାସ ହେବା ଯୋଗୁ ଯନ୍ତ୍ରାଂଶ ସେଗମେଣ୍ଟ ଉପରେ ଏହାର ପ୍ରଭାବ ପଡ଼ିଛି। ଏହି ସମୟରେ ଉକ୍ତ ଶିଳ୍ପର କାର୍ଯ୍ୟକ୍ଷମତା ୮୦%ରୁ ହ୍ରାସ ଘଟି ୫୦%କୁ ଖସିଛି। ଗାଡ଼ି ଚାହିଦା ହ୍ରାସ, ବିଏସ୍ -୬ ଯାନରେ ନିବେଶ, ନଗଦ ସମସ୍ୟା ଏବଂ ଇ-ଯାନକୁ ନେଇ ସରକାରଙ୍କ ନୀତି ସ୍ପଷ୍ଟ ନ ହେବା ଯୋଗୁ ଏହା ଦ୍ୱାରା ଶିଳ୍ପ ଉପରେ ନକରାତ୍ମକ ପ୍ରଭାବ ରହିଛି। ସବୁ ପାର୍ଟସ ଉପରେ ସମାନ ଭାବେ ୧୮% ଜିଏସ୍ଟି ଲାଗୁ କରାଇବାକୁ ଶିଳ୍ପ ପକ୍ଷରୁ ଦାବି କରାଯାଇଛି।

# ଏସ୍ବିଏସ୍ ବାୟୋଟେକ୍ ସିଏମ୍ଡି ସମ୍ମାନିତ

**ଭୁବନେଶ୍ୱର, ୬-୧୨**



ଏସ୍ବିଏସ୍ ବାୟୋଟେକର ସିଏମ୍ଡି ଡ.ସଞ୍ଜୀବ ଜୁନେଜାଙ୍କୁ ମୋଷ୍ଟ ଆଡମାୟାର୍ଡ ଏଣ୍ଟରପ୍ରିନିୟର ଅଫ ଦି ଇୟର ୨୦୧୮-୧୯ ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇର ହୋଟେଲ ତାଜ ଲ୍ୟାଣ୍ଡଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜୁନେଜା ଏହି ପୁରସ୍କାର ଗ୍ରହଣ କରିଥିଲେ। ଗ୍ରାହକଙ୍କ ପସନ୍ଦ ଏବଂ ପ୍ରଡକ୍ଟର ଗୁଣବତ୍ତା ଆଧାରରେ କମ୍ପାନୀଗୁଡ଼ିକର ଲୋକପ୍ରିୟତାକୁ ବିଚାରକମାନେ ଗ୍ରହଣ କରିବା ସହ ମନୋନୀତ କରିଥିଲେ। ଏଥିରେ ଏସ୍ବିଏସ୍ ବାୟୋଟେକ ଜୁରୀଙ୍କ ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲା। ଡ. ଜୁନେଜା ଆୟୁର୍ବେଦିକ କମ୍ପାନୀ ଏସ୍ବିଏସ୍ ବାୟୋଟେକ ୟୁନିଟ-୨ ଏବଂ ଦିଭିସା ହର୍ବାଲ କେୟାରର ସ୍ଥାପନ ସହ ଏହାକୁ ସଫଳ କରାଇବା ଦିଗରେ ଏବେ କାର୍ଯ୍ୟରତ। ଏହି କମ୍ପାନୀ ଅଧୀନରେ ଡ.ଅର୍ଥୋ, ରୂପମନ୍ତ୍ରା, ପେଟ ସଫା, ସଚ୍ଚି ସହେଲୀ ଏବଂ ଆଇ ମନ୍ତ୍ରା ଭଳି ପ୍ରଡକ୍ଟ ଏବେ ଦେଶର କୋଣ ଅନୁକୋଣରେ ଗ୍ରାହକଙ୍କ ନିକଟରେ ପହଞ୍ଚିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପୁରସ୍କାର କମ୍ପାନୀର ଅଗଣିତ ଗ୍ରାହକଙ୍କ ଲାଗି ଉତ୍ସର୍ଗୀକୃତ ବୋଲି ଜୁନେଜା କହିଛନ୍ତି।

# ଆନ୍ଧ୍ର ବ୍ୟାଙ୍କର ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୬-୧୨:** ଆନ୍ଧ୍ର ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୯୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ସମାଜସେବୀ ଡି.ପି. ସୀତାରାମୈୟା ୧୯୨୩ରେ ଏହି ବ୍ୟାଙ୍କକୁ ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସର୍କଲ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ଏବଂ ଆଞ୍ଚଳିକ ପ୍ରବନ୍ଧକ କେ.ଭି.ଭି.ଏନ୍.ଏସ୍. ରାମମୂର୍ତ୍ତି ପରିଚାଳନା କରିଥିଲେ। ଏହି ଅବସରରେ ବରମୁଣ୍ଡା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶାଖାରେ ଗ୍ରାହକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କିଙ୍ଗ ଅମ୍ବୁଡସମ୍ୟାନ, ପିଓ ଡିଆର୍ଟି କଟକ, ସରକାରୀ ଏବଂ କର୍ପୋରେଟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବି-ସ୍କୁଲ ଚୟନ ଲାଗି ଅପ୍ନା ଏମ୍ବିଏର ପଦକ୍ଷେପ

**ଭୁବନେଶ୍ୱର, ୬-୧୨**

ଏମ୍ବିଏ ଶିକ୍ଷା ଗ୍ରହଣ ଲାଗି ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ଠିକ୍ ବିଜନେସ ସ୍କୁଲ ଚୟନ ଲାଗି ଅନ୍ଲାଇନ ଏମ୍ବିଏ ପୋର୍ଟାଲ ଅପ୍ନା ଏମ୍ବିଏ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ପୋର୍ଟାଲକୁ ଏମ୍ବିଏ କାଉନ୍ସେଲରଙ୍କ ପ୍ରଫେଶନାଲ ଟିମ୍ ପରିଚାଳନା କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଏନେଇ ନିକଟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ବିଭିନ୍ନ କଲେଜର ଶୀର୍ଷ ଫାକଲଟି ଏବଂ ପ୍ରଫେଶନାଲମାନେ ଉପସ୍ଥିତ ରହି ଉନ୍ନତ ବି-ସ୍କୁଲ ଚୟନ ନେଇ ବିଭିନ୍ନ ପ୍ରସଙ୍ଗର ଉପରେ ଆଲୋଚନା କରିଥିଲେ। 'ପେ ଆଫ୍ଟର ପ୍ଲେସମେଣ୍ଟ କନ୍ସେପ୍ଟ'ଉପରେ ୨ ବର୍ଷିଆ ଏମ୍ବିଏ କିମ୍ବା ପିଜିଡିଏମ୍ ଉପରେ ସନଷ୍ଟୋନ ଏଡୁଭର୍ସିଟିର ଫାକଲଟି ସୂଚନା ଦେଇଥିଲେ। ଏହିଅବସରରେ ଅପନା ଏମ୍ବିଏ ଏଜୁକେଶନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସିଇଓ ପ୍ରଭୀନ ଅଗ୍ରୱାଲ, ନିର୍ଦ୍ଦେଶକ ସ୍ନେହାଶ୍ରୀ ଦାସ, କର୍ପୋରେଟ ରିଲେସନ ନିର୍ଦ୍ଦେଶକ ମନୋଜିତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।





## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨

**ସଂଖ୍ୟା ୧୩୦୭୫/IND-II-PH-795** **ତାରିଖ: ୦୩.୧୨.୨୦୧୯**

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ମେସର୍ସ ଗ୍ରୀନ୍ଟେକ୍ ଏନ୍ଭାଇରନ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ସମ୍ବଲପୁର ଜିଲ୍ଲା, ମନେଶ୍ୱର ତହସିଲ, ପରମାନପୁର ମୌଜା ଚକ ଖାତା ନଂ. ୨୦୭ ଏବଂ ୫୩୬ ଅନ୍ତର୍ଗତ ପ୍ଲଟ୍ ନଂ. ୪୭୩ ଠାରେ ସର୍ବସାଧାରଣ ଜୈବ-ଔଷଧୀୟ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ସ୍ଥାପନା କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ **(State Environment Impact Assessment Authority)**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. **୧୫୩୩** (ଇ), ତା.୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୮.୦୧.୨୦୨୦ରିଖ ଦିବା ୧୧:୦୦ ଘଟିକା ସମୟରେ ସମ୍ବଲପୁର ଜିଲ୍ଲା, ମନେଶ୍ୱର ତହସିଲ ଅନ୍ତର୍ଗତ ପରମାନପୁର ଗ୍ରାମସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ **(Environmental Impact Assessment)** ଏବଂ ଏହାର ନିର୍ବାହୀ ସାରାଂଶ **(Executive Summary)** ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସମ୍ବଲପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସମ୍ବଲପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସମ୍ବଲପୁର** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, **ସମ୍ବଲପୁର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ **(Executive Summary)** ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବ୍ସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**



**ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ, ସମ୍ବଲପୁର**

ପତ୍ର କ୍ରମାଙ୍କ- ସାମୁଲ/ସାଧାରଣ ସଭା/ ୮୪୮ ତା. ୦୪.୧୨.୨୦୧୯

**ବାର୍ଷିକ ସାଧାରଣ ସଭା ନୋଟିସ**

ଏତଦ୍ୱାରା ସଂଘ ସହ ସହବନ୍ଧିତ ସମସ୍ତ ପଂଜୀକୃତ ଦୁଗ୍ଧ ଉତ୍ପାଦକ ସମବାୟ ସମିତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର **୧୫ତମ ବାର୍ଷିକ ସାଧାରଣ ସଭା** ଆସନ୍ତା ତା. ୨୩.୧୨.୨୦୧୯ରିଖ ସୋମବାର ଦିନ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଚନ୍ଦ୍ରମା ହୋଟେଲ, ବିନିକା, ଜିଲ୍ଲା- ସୋନପୁର ଠାରେ ଅନୁଷ୍ଠିତ ହେବ ।

ଉପରୋକ୍ତ ସଭାରେ ଯୋଗଦାନ କରିବା ପାଇଁ ସମିତିମାନେ ନିଜର ସଭାପତି/ ସଭାନେତ୍ରୀଙ୍କୁ ପ୍ରତିନିଧି ହିସାବରେ ପଠାଇବେ ଏବଂ ସେ ପ୍ରତିନିଧିତ୍ୱ କରିବା ନିମନ୍ତେ ସଂପୃକ୍ତ **ସମିତି ପରିଚାଳନା ପରିଷଦରେ** ଗୃହୀତ ନିଷ୍ପତ୍ତିର ଅବିକଳ ନକଲ ଏବଂ ପରିଚୟ ପତ୍ର ସାଙ୍ଗରେ ଆଣିବେ, ଯାହା ମୂଳ ନିଷ୍ପତ୍ତିର ଅବିକଳ ନକଲ ସଂପୃକ୍ତ ସମିତିର ସମ୍ପାଦକ ସ୍ୱାକ୍ଷର ଓ ମୋହର ଦେଇଥିବେ ।

ସ୍ୱା- ସାଧାରଣ ପରିଚାଳକ



**BHUBANESWAR MUNICIPAL CORPORATION**

**RFP No : 34616** **Dt.6.12.2019**

NOTICE INVITING REQUEST FOR PROPOSAL (RFP)

Sealed Proposal are invited for **"Selection of agency for supply of vehicle with driver under package I/ II in Bhubaneswar Municipal Corporation"** in conformity with the Terms & Conditions of the Detailed RFP from intending bidders fulfilling the terms of eligibility laid down in the RFP document. Please refer to website www.bmc.gov.in for complete details and downloading the Document. The RFP document is available from **08.12.2019** with last date of submission being **27.12.2019 till 3:30 pm.**

For any queries please contact bmcpmu@bmc.gov.in

**Executive engineer - II**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା 27740 /ଭୁ.ଉ.କ.,ଭୁବନେଶ୍ୱର ତା22.11.19ରିଖ
GGP-12/93

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୋଡାଗୋପିନାଥ ପ୍ରସାଦ ଗୃହ ପ୍ରକଳ୍ପ, ଫେଜ୍-୨ର ଗୃହ ନଂ.- **LIG(SS)-234/A**କୁ ଶ୍ରୀ କପିଳ ଚରଣ ରାଉତ, ପିତା-ହାଡିବନ୍ଧୁ ରାଉତ, ଗ୍ରାମ-ସାଇକା, ପୋଅ-କଉଡୁକୋଲ, ଥାନା-ବଡଚଣା, ଜିଲ୍ଲା- କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ କପିଳ ଚରଣ ରାଉତ ତା୦୮.୦୪.୨୦୧୮ରିଖରେ ମୃତ୍ୟୁବରଣ କରି ଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ଯଥା:- (୧) କୁନଲତା ଜେନା (ସ୍ତ୍ରୀ) (୨) ଶ୍ରୀ ଦୀପକ କୁମାର ରାଉତ (ବିବାହିତ ପୁତ୍ର), (୩) ଶ୍ରୀ ଦିଲ୍ଲିପ କୁମାର ରାଉତ (ବିବାହିତ ପୁତ୍ର) ଓ (୪) ଶ୍ରୀ ଚିନ୍ମୟ କୁମାର ରାଉତ (ବିବାହିତ ପୁତ୍ର) ଉକ୍ତ ଆବଣ୍ଟିତ ଗୃହର ମାଲିକାନା ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର**



**State Health Assurance society,**
**Health & Family Welfare Department, Govt. of Odisha**
**Bhubaneswar- 751012, District- Khorda (Odisha)**
**Phone No.- 0674-2560311, Email ID: snaodisha@gmail.com**

**No. E-558**

**Adv. No.: 05/2019** **CONTRACTUAL APPOINTMENT** **Date: 06.12.2019**

Applications are invited from eligible candidates for filling up the following posts under **State Health Assurance Society, Odisha** on contractual basis with monthly remuneration as noted against each and subject to renewal as per **Society** terms and conditions. The position is purely temporary and co-terminus with the scheme.

| Sl. No | Name of the Post | Remuneration | Vacancy |
|---|---|---|---|
| 01 | Claim Head & Pre-Auth Head | Rs. 68,000/- + (PI) Rs.17,000/- | 01 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, selection procedure etc. Online application form will be available from 07.12.2019 to 14.12.2019 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 18.12.2019 (by 5.00 P.M.)

Sd/- Chief Executive Officer
State Health Assurance Society, Odisha

10001/11/0013/1920



**BHUBANESWAR MUNICIPAL CORPORATION**

**No.34582** **NOTICE INVITING TENDER (NIT)** **Dt.06/12/19**


**NATIONAL COMPETITIVE BIDDING THROUGH e-Procurement**
**Bid Reference No. BMC-DD-C.E-03/2019-20**

On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement**. Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer , Drainage Division, Bhubaneswar Municipal Corporation.

1. Total No. of works for which Tenders invited: **01 No.**
2. Place of Execution : Different locations in Bhubaneswar Municipal Corporation area.
3. Estimated Cost of Individual Work : **Rs. 307.74 Lakhs/-** Contractors of **Class – 'A'** to **Class- 'Special Class'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **5 P.M** on **Dt. 07.12.2019 to 5 P.M on Dt. 04.01.2020** for online bidding.
6. Bids received online will be opened at **11 .00 A.M on Dt. 06.01.2020.**
7. The bidder must possess valid and Compatible **Digital Signature Certificate (DSC).**
8. The successful bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
10. Subsequent reserves corrigendum, if required, shall appear in these websites.
11. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**On behalf of Commissioner, BMC, Bhubaneswar**
**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



“ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜରେ ପରାଜୟ ଗ୍ରହଣଯୋଗ୍ୟ ନୁହେଁ। ଏହା ପାକିସ୍ତାନ କ୍ରିକେଟର ଗୌରବରେ ଆଞ୍ଚ ଆଣିଛି।

–ଆଜ୍ହାର ଅଲୀ, ପାକିସ୍ତାନ ଅଧିନାୟକ

“ଭାରତ ବିପକ୍ଷ ଦିନିକିଆ ସିରିଜରେ ବିଜୟ ହାସଲ ସମ୍ଭବ ନହେଲେ ମଧ୍ୟ ଉନ୍ନତ ପ୍ରଦର୍ଶନ ସହ ୱେଷ୍ଟଇଣ୍ଡିଜ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁ।

–ବ୍ରାଏନ ଲାରା, ୱେଷ୍ଟଇଣ୍ଡିଜ ବ୍ୟାଟିଂ ଆଇକନ



## ସଂକ୍ଷେପରେ

### ପଦାର୍ପଣର ୩୮ ବର୍ଷ ପରେ ସ୍ୱର୍ଣ୍ଣ



ମନିଲା, ୬।୧୨- ସିଙ୍ଗାପୁରର ଆଥ୍‌ଲେଟ୍ କ୍ରିଷ୍ଟିନା ଥାମ୍ ସାଉଥେଷ୍ଟ ଏସିଆନ ଗେମ୍ସରେ ପଦାର୍ପଣ କରିବାର ଦୀର୍ଘ ୩୮ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଫିଲିପାଇନ୍ସର ରାଜଧାନୀ ମାନିଲାଠାରେ ଚାଲିଥିବା ସାଉଥେଷ୍ଟ ଏସିଆନ ଗେମ୍ସରେ ସିଙ୍ଗାପୁରର ଜଳକ୍ରୀଡ଼ା ଆଥ୍‌ଲେଟ୍ କ୍ରିଷ୍ଟିନା ଏକାଥରରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଣ୍ଡର ୱାଟର ହକିର ୬ ଗୁଣା ୬ ଓ ୪ ଗୁଣା ୪ ଉଭୟ ଭର୍ସନରେ ସିଙ୍ଗାପୁର ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଥାମ୍ ଏହି ଦଳର ଜଣେ ସଦସ୍ୟା ରହିଥିଲେ। ୫୦ ବର୍ଷୀୟା ଥାମ୍ ୧୯୮୧ରେ ଏହି ସମ୍ମାନଜନକ କ୍ରୀଡ଼ାରେ ପ୍ରଥମେ ପଦାର୍ପଣ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୨ ବର୍ଷ ବୟସ ହୋଇଥିଲା। ପଦାର୍ପଣରେ ସେ ୪ ଗୁଣା ୧୦୦ ମିଟର ମିଡ୍‌ଲେ ରିଲେରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହାର ଦୀର୍ଘ ୪ ଦଶନ୍ଧି ପରେ ପୁଣିଥରେ ଏହି କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ଥାମ୍ କଦାପି ବିଶ୍ୱାସ କରିପାରୁନାହାନ୍ତି। ‘ମୁଁ କେବେ ବି ଭାବି ନ ଥିଲି କି ସାଉଥେଷ୍ଟ ଏସିଆନ ଗେମ୍ସକୁ ପ୍ରତ୍ୟାବର୍ତ୍ତନ କରି ସ୍ୱର୍ଣ୍ଣ ପଦକ ଜିତିବି ଏବଂ ଗୋଲସ୍କୋର କରିବି’ ବୋଲି ଏକ ସାକ୍ଷାତକାର ଅବସରରେ ଥାମ୍ ଏହା କହିଛନ୍ତି।

### କ୍ୱାର୍ଟରରେ ସୋଲାର, ଏସିସି କ୍ଲବ

କଟକ ଅଫିସ,୬।୧୨- ସ୍ଥାନୀୟ ବୋଷ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସୋଲାର କ୍ଲବ ଓ ଏସିସି କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋଲାର କ୍ଲବ ୯୨ରନରେ ରୋଭର୍ସ କ୍ଲବକୁ ହରାଇଥିଲା। ଶ୍ରୀହରି ଦଳାଇଙ୍କ ଧୁଆଁଧାର ୭୩ରନ ବଳରେ ସୋଲାର ପ୍ରଥମେ ବ୍ୟାଟିଂ କରି ୧୮୨ରନ କରିଥିଲା। ଜବାବରେ ରୋଭର୍ସ ୯ ଉଇକେଟ ବିନିମୟରେ ମାତ୍ର ୯୦ରନ କରିଥିଲା। ମନୋରଞ୍ଜନ ମହାନ୍ତି ସର୍ବାଧିକ ୨୯ରନ କରିଥିବା ବେଳେ ସୋଲାର ପକ୍ଷରୁ ପ୍ରତୀକ କୁମାର ଦାସଙ୍କୁ ୩ଟି ଉଇକେଟ ମିଳିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଏସିସି କ୍ଲବ ୩୬ରନରେ ସହୀଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏସିସି ୯ ଉଇକେଟ ହରାଇ ୧୩୯ରନ କରିଥିଲା। ରାଜୀବ ଲୋଚନ ସ୍ୱାଇଁ ସର୍ବାଧିକ ୨୬ରନ କରିଥିଲେ। ସହୀଦ ସ୍ପୋର୍ଟିଂର ସୁଶୀଲ ବାରିକ ଓ ପାର୍ଥ ସାରଥୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୪୦ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ସହୀଦ ସ୍ପୋର୍ଟିଂ ୧୦୩ରନରେ ଅଲଆଉଟ ହୋଇଥିଲା। ଏସିସିର ବିଜେନ୍ଦର ପ୍ରତାପ ଓ ସୌରଭ କନୌଜିଆ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ।

# ‘ପ୍ଲେୟର ଅଫ୍ ଦି ଇୟର’ ଦୌଡ଼ରେ ମନପ୍ରୀତ

## ଏଫଆଇଏଚ୍ ପୁରସ୍କାର



ଲାଉସାନେ, ୬।୧୨(ପି.ଟି.)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ। ଏଫ୍ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ପାଇଁ ତାଙ୍କ ନାମ ଶୁକ୍ରବାର ସୁପାରିସ କରାଯାଇଛି। ଅନ୍ୟ ଦୁଇ ଭାରତୀୟ ବିବେକ ସାଗର ପ୍ରସାଦ ଓ ଲାଲରେମସିଆମି ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗର ଉଦୀୟମାନ ଖେଳାଳି ପୁରସ୍କାର ଦୌଡ଼ରେ ରହିଛନ୍ତି। କ୍ୟାରିୟରରେ ୨୪୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବା ୨୭ ବର୍ଷୀୟ ମନପ୍ରୀତ ଭାରତୀୟ ମିଡ୍‌ଫିଲ୍ଡର ଜଣେ ନିର୍ଭରଯୋଗ୍ୟ ଖେଳାଳି ଭାବେ ପରିଚିତ। ତାଙ୍କ ନେତୃତ୍ୱରେ ଭାରତୀୟ ଦଳ ୨ ମ୍ୟାଚ୍‌ବିଶିଷ୍ଟ ଅଲିମ୍ପିକ୍ କ୍ୱାଲିଫାୟରରେ ରୁଷିଆକୁ ୧୧-୩ ଗୋଲ ବ୍ୟବଧାନରେ ହରାଇ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୧୯ ବର୍ଷୀୟ ମିଡ୍‌ଫିଲ୍ଡର ବିବେକ ଗତବର୍ଷ ୟୁଥ୍ ଅଲିମ୍ପିକ୍ସରେ ଭାରତର ନେତୃତ୍ୱ ନେଇ ଦଳକୁ ରୌପ୍ୟ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଚଳିତ ବର୍ଷ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ସେ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ। ୧୯ ବର୍ଷୀୟା ଲାଲରେମସିଆମି ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟିନୀ ଭାରତୀୟ ମହିଳା ଦଳର ସଦସ୍ୟା ଥିଲେ।

ଏଫ୍ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ଦୌଡ଼ରେ ସାମିଲ ଥିବା ଅନ୍ୟ ଖେଳାଳିମାନେ ହେଲେ ଅଷ୍ଟ୍ରେଲିଆର ଇଡି ଓକେନଡେନ, ଆରନ ଜେଲସ୍କି, ଆର୍ଜେଣ୍ଟିନାର ଲୁକାସ ଭିଲା ଏବଂ ବେଲ୍‌ଜିୟମର ଆର୍ଥର ଭାନ୍ ଡୋରେନ ଓ ଭିକ୍ଟର ୱେଗନେଜ୍। ୩୨ ବର୍ଷୀୟ ଓକେନଡେନ ୩୪୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଛନ୍ତି। ସେହିପରି ଏକାଧିକ ଅଧିନାୟକ ପଲିସି ଅନୁସାରେ ଜେଲସ୍କି ଅଧିନାୟକ ଦାୟିତ୍ୱ ବହନ କରି ଏଫଆଇଏଚ୍ ପ୍ରୋ ଲିଗ୍-୨୦୧୯ରେ ଅଷ୍ଟ୍ରେଲିଆକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇଥିଲେ। ଭିଲ୍ଲା ୨୦୧୬ ରିଓ ଅଲିମ୍ପିକ୍ସ ଓ ୨୦୧୯ ପାନ୍ ଆମେରିକାନ୍ ଗେମ୍ସ ଚାମ୍ପିୟନ ଆର୍ଜେଣ୍ଟିନାର ଦଳର ସଦସ୍ୟ ଥିଲେ। ବେଲ୍‌ଜିୟମର ଦୁଇ ଖେଳାଳି ଭାନ୍ ଡୋରେନ ଓ ୱେଗ୍‌ନେଜ୍ ଦେଶକୁ ୨୦୧୮ ହକି ବିଶ୍ୱକପ୍ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହା ବ୍ୟତୀତ ୨୦୧୯ ଏଫଆଇଏଚ୍ ପ୍ରୋ ଲିଗ୍‌ରେ ରନର୍ସଅପ୍ ବେଲଜିୟମ ଦଳର ସଦସ୍ୟ ଥିଲେ। ବିଶ୍ୱର ବିଭିନ୍ନ ଜାତୀୟ ଆସୋସିଏଶନ, ଖେଳାଳି, ପ୍ରଶଂସକ ଏବଂ ଜର୍ନାଲିଷ୍ଟ ଏହି ପୁରସ୍କାର ପାଇଁ ଭୋଟ ଦେଇ ପୁରସ୍କାର ବିଜେତା ଚୟନ କରିଥାନ୍ତି। ୨୦୨୦ ଜାନୁୟାରୀ ୧୭ ପର୍ଯ୍ୟନ୍ତ ଭୋଟ ପ୍ରକ୍ରିୟା ଖୋଲା ରହିବ। ଏଫଆଇଏଚ୍ କୋଚ୍ ଅଫ୍ ଦ ଇୟରକୁ ମିଶାଇ ୨୦୧୯ର ସମସ୍ତ ଏଫଆଇଏଚ୍ ହକି ଆୱାର୍ଡ ୨୦୨୦ ଫେବୃୟାରୀରେ ଘୋଷଣା ହେବ। ଉଭୟ ମହିଳା ଓ ପୁରୁଷ ବିଭାଗର କୋଚ୍ ଅଫ୍ ଦି ଇୟର ପୁରସ୍କାର ଏଫ୍ଆଇଏଚ୍ ପ୍ୟାନେଲ ନିର୍ଦ୍ଧାରଣ କରିଥାଏ।

### ପୁରସ୍କାର ଦୌଡ଼ରେ ସାମିଲ ଖେଳାଳି

**ପୁରୁଷ**

**ଏଫଆଇଏଚ୍ ପ୍ଲେୟର ଅଫ ଦି ଇୟର:** ମନପ୍ରୀତ ସିଂ(ଭାରତ), ଇଡି ଓକେନଡେନ, ଆରନ ଜେଲସ୍କି (ଉଭୟେ ଅଷ୍ଟ୍ରେଲିଆ), ଲୁକାସ ଭିଲା(ଆର୍ଜେଣ୍ଟିନା), ଆର୍ଥର ଭାନ ଡୋରେନ, ଭିକ୍ଟର ୱେଗନେଜ୍(ଉଭୟେ ବେଲଜିୟମ)।

**ଏଫଆଇଏଚ୍ ଗୋଲକିପର ଅଫ ଦି ଇୟର:** ଟେଲର ଲୋଭେଲ(ଅଷ୍ଟ୍ରେଲିଆ), ଭିନ୍‌ସେଣ୍ଟ ଭାନାସ୍କ(ବେଲଜିୟମ), ଡେଭିଡ କାର୍ଟର(କାନାଡା), କ୍ୱିକୋ କୋର୍ଟେସ(ସ୍ପେନ), ଭିକ୍ଟର ଆଲି(ଜର୍ମାନୀ)।

**ଏଫଆଇଏଚ୍ ରାଇଜିଂ ଷ୍ଟାର ଅଫ ଦି ଇୟର(୨୩ ବର୍ଷରୁ କମ୍):** ବିବେକ ସାଗର ପ୍ରସାଦ (ଭାରତ), ମାଇକୋ କାସେଲା(ଆର୍ଜେଣ୍ଟିନା), ବ୍ଲାକ୍ ଗୋଭର୍ସ(ଅଷ୍ଟ୍ରେଲିଆ), ଜାଚାରି ୱାଲାସ (ଗ୍ରେଟ୍ ବ୍ରିଟେନ), ଜୋନାସ ଡି ଜିଉସ(ନେଦରଲାଣ୍ଡ୍ସ)।

**ମହିଳା**

**ଏଫଆଇଏଚ ପ୍ଲେୟର ଅଫ ଦି ଇୟର:** କାର୍ଲା ରିବେକି(ଆର୍ଜେଣ୍ଟିନା), ଜାନି ମୁଲର ୱିଲାଣ୍ଡ (ଜର୍ମାନୀ), ଉଭା ଡି ଗୋଏଡେ, ଫ୍ରେଡରିକ୍ ମାଟଲା (ଉଭୟେ ନେଦରଲାଣ୍ଡ୍ସ), ଷ୍ଟାସି ମିଚେଲସନ, ଅଲିଭା ମେରୀ(ଉଭୟେ ନ୍ୟୁଜିଲାଣ୍ଡ)।

**ଏଫଆଇଏଚ୍ ଗୋଲକିପର ଅଫ ଦି ଇୟର:** ରାକେଲ ଲିଞ୍ଚ୍(ଅଷ୍ଟ୍ରେଲିଆ), ମାରିଆ ରୁଇଜ୍ (ସ୍ପେନ), ମାଥିଡେ ପେଟ୍ରିକ୍ସ(ଫ୍ରାନ୍ସ), ଆୟେଶା ମ୍ୟାକଫେରାନ(ଆୟର୍ଲାଣ୍ଡ), ମେଗୁମି କାଗିୟାମା (ଜାପାନ)।

**ଏଫଆଇଏଚ୍ ରାଇଜିଂ ଷ୍ଟାର ଅଫ ଦି ଇୟର(୨୩ ବର୍ଷରୁ କମ୍):** ଲାଲରେମସିଆମି (ଭାରତ), ଜୁଲିଟା ଜାଙ୍କୁନାସ(ଆର୍ଜେଣ୍ଟିନା), ଝୋଙ୍ଗ ଜିଆକି(ଚାଇନା), ନାଇକ୍ ଲୋରେଞ୍ଜ (ଜର୍ମାନୀ), ଫ୍ରେଡରିକ୍ ମାଟଲା(ନେଦରଲାଣ୍ଡ୍ସ)।

## ଦେବାଶିଷ, ଅକ୍ଷନ୍ତଙ୍କୁ ଟାଇଟଲ





ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଥିବା ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୭) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଦେବାଶିଷ ସାହୁ ଓ ଅକ୍ଷନ୍ତ ବେଉରିଆ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୧୯୪ ନମ୍ବର ର୍‍ୟାଙ୍କ୍‌ରେ ଥିବା ଦେବାଶିଷ ୬-୧, ୬-୨ ସେଟ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ଯଶରାଜ ନାୟକଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୨୮୭ତମ ସ୍ଥାନରେ ଥିବା ଅକ୍ଷନ୍ତ ୬-୧, ୬-୨ ସେଟ୍‌ରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟଙ୍କୁ ହରାଇ ଦେଇଛନ୍ତି। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୩ ଇଷ୍ଟର୍ନ ଜୋନ୍ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରୁ ୪୫ ପ୍ରତିଯୋଗୀ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୨ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି। ଟେନିସ ଆସୋସିଏଶନ ଅଫ ଭୁବନେଶ୍ୱର ସମ୍ପାଦକ ବିଜୟ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବି.କେ. ଦାସ, ରେଫରି ଯତୀନ ବୈଶ୍ୟ ଓ ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ କୋଚ୍ ଭବାନୀଙ୍କ ପରଲୋକ

ଚଣ୍ଡିଗଡ଼, ୬।୧୨ (ପି.ଟି.)

ପୂର୍ବତନ ଭାରତୀୟ ଟେବୁଲ ଟେନିସ (ଟିଟି) ମୁଖ୍ୟ କୋଚ୍ ଭବାନୀ ମୁଖାର୍ଜୀଙ୍କ ଶୁକ୍ରବାର ପରଲୋକ ଘଟିଛି। ପାକସ୍ଥଳୀଜନିତ ସମସ୍ୟାରେ ସେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିବାବେଳେ ସେ ତାଙ୍କ ପତ୍ନୀ ଓ ଏକମାତ୍ର ପୁତ୍ରଙ୍କ ସହ ରହୁଥିଲେ। ଭବାନୀ ଟେବୁଲ ଟେନିସରେ ପ୍ରଥମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ୨୦୧୨ରେ ଜିତିଥିଲେ। ୧୯୭୦ ଦଶକରେ କୋଚିଂରେ ଡିପ୍ଲୋମାରେ ଉତ୍ତୀର୍ଣ୍ଣ ହେବାପରେ ସେ ପଟିଆଲାସ୍ଥିତ ଜାତୀୟ କ୍ରୀଡ଼ା ସଂସ୍ଥାନ (ଏନ୍ଆଇଏସ୍)ରେ ଯୋଗଦେଇଥିଲେ। ସେଠାରେ ସେ ମୁଖ୍ୟ କୋଚ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ମୁଖାର୍ଜୀ ଭାରତୀୟ ଟେବୁଲ ଟେନିସ ଟିମ୍‌ର ମୁଖ୍ୟ କୋଚ୍ ଭାବେ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପର୍ଯ୍ୟନ୍ତ ରହିଥିଲେ। ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତୀୟ ପ୍ୟାଡ୍‌ଲର ସୌମ୍ୟଜିତ୍ ଘୋଷ ଓ ଅଙ୍କିତା ଦାସଙ୍କ ସହ ଯାଇଥିଲେ।

## କେରଳ-କଟକ ସାଇ ହଷ୍ଟେଲ ସେମି ଆଜି



କେରଳର ଇଲେକ୍ଟ୍ରିସିଟି ବୋର୍ଡ ଓ ସଂଘର୍ଷ ସ୍ପୋର୍ଟିଂ ବାରକୋଟ ମଧ୍ୟରେ ଅନୁଷ୍ଠିତ ଖେଳର ଏକ ଦୃଶ୍ୟ।

### ସର୍ବଭାରତୀୟ ନୟାଗଡ଼ କପ୍

ନୟାଗଡ଼ ଅଫିସ,୬।୧୨

୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ କେରଳର ଇଲେକ୍ଟ୍ରିସିଟି ବୋର୍ଡ ସେମିଫାଇନାଲରେ ପ୍ରବେଶ କରିଛି। ଫଳରେ ଶନିବାର ଖେଳାଯିବାକୁ ଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ କେରଳ ଓ କଟକ ସ୍ପୋର୍ଟ୍ସ ହଷ୍ଟେଲ ପରସ୍ପରକୁ ଭେଟିବେ।

ଟୁର୍ନାମେଣ୍ଟର ଶୁକ୍ରବାର ୫ମ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ କେରଳ ଇଲେକ୍ଟ୍ରିସିଟି ବୋର୍ଡ଼ ୪-୦ ଗୋଲରେ ସଂଘର୍ଷ ସ୍ପୋର୍ଟିଂ ବାରକୋଟ (ଭୁବନେଶ୍ୱର) ଦଳକୁ ଏକପାଖିଆ ଭାବେ ପରାସ୍ତ କରିଥିଲା। ନୟାଗଡ଼ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଖେଳର ପ୍ରଥମାର୍ଦ୍ଧର ୮ ମିନିଟରେ କେରଳର ୧୧ ନମ୍ବର ଖେଳାଳି ସୁଗୁନୁ କୁମାର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ପରେ ଭିକନେସ୍ ଏମ୍‌ଙ୍କ ଗୋଲବଳରେ କେରଳ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କେରଳ ଏଲଡୋଲ ଜେମ୍‌ଫୋର୍ସ ଓ ସୁଦେଶ ଏସ୍ ଗୋଟିଏ ଲେଖାଏ ସ୍କୋର କରି ଦଳକୁ ୪-୦ରେ ବିଜୟୀ କରାଇଥିଲେ। ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ ମୁଖ୍ୟଅତିଥି ଓ ରବୀନ୍ଦ୍ର କୁମାର ଜେନା, ପ୍ରଦୀପ କୁମାର ସାହୁ, ପଦ୍ମଚରଣ ଉଦୟଭାନୁ, ପରିକ୍ଷିତ ମହାପାତ୍ର, କୈଳାସ ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ଭୀମ ଛତ୍ରୀ, କୀର୍ତ୍ତିରଞ୍ଜନ ସ୍ୱାଇଁ, ପ୍ରସନ୍ନ ନାୟକ ଲାଇନ୍‌ରେ ସହାୟତା କରିଥିଲେ। ଶେଖ ଅବଦୁଲ ଖାଲିକ, ଆଶୁତୋଷ ମିଶ୍ର ଓ ଗଣେଶ୍ୱର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ୨୩ ଲକ୍ଷ ଟଙ୍କାରେ ବିକ୍ରି ହେଲା ପେଲେଙ୍କ ଜର୍ସି

ମିଲନ, ୬।୧୨ (ଏଏଫ୍‌ପି)- କିମ୍ବଦନ୍ତୀ ବ୍ରାଜିଲ ଫୁଟ୍‌ବଲ ଖେଳାଳି ପେଲେଙ୍କ ଜର୍ସି ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିଲାମ ହୋଇଛି। ଜାତୀୟ ଦଳ ବ୍ରାଜିଲ ପକ୍ଷରୁ ଖେଳିଲାବେଳେ ପେଲେ ନିଜର ଶେଷ ମ୍ୟାଚ୍‌ରେ ଯେଉଁ ଜର୍ସି ପରିଧାନ କରିଥିଲେ ତାହା ଇଟାଲୀରେ ନିଲାମ ହୋଇଥିଲା। ତୁରିନସ୍ଥିତ ବୋଲାଫି ଅକ୍ସନ ହାଉସ୍‌ରେ ହୋଇଥିବା ଏହି ନିଲାମୀରେ ପେଲେଙ୍କ ଜର୍ସି ୩୦ ହଜାର ୟୁରୋ (ବର୍ତ୍ତମାନ ଭାରତୀୟ ମୁଦ୍ରାରେ ପାଖାପାଖି ୨୩ ଲକ୍ଷ ୭୩ ହଜାର ୨୦୩ ଟଙ୍କା)ରେ ବିକ୍ରି ହୋଇଥିଲା। ତିନିଥର ବିଶ୍ୱକପ୍ ବିଜୟୀ ପେଲେ ୧୯୭୧ରେ ବ୍ରାଜିଲ ଓ ୟୁଗୋସ୍ଲୋଭାକିଆ ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅବସରରେ ଏହି ଜର୍ସି ପରିଧାନ କରିଥିଲେ। ବ୍ରାଜିଲ ପକ୍ଷରୁ ପେଲେଙ୍କ ଏହା ଅନ୍ତିମ ମ୍ୟାଚ୍ ଥିଲା। ରିଓ ଡି ଜେନିରୋର ମାରାକାନା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଇଥିଲା। ୭୯ ବର୍ଷୀୟ ପେଲେ ବ୍ରାଜିଲ ପକ୍ଷରୁ ୯୨ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ୭୭ ଗୋଲସ୍କୋର କରିଥିଲେ। ଏହି ନିଲାମରେ ପେଲେଙ୍କ ଜର୍ସି ବ୍ୟତୀତ ଇଟାଲିଆନ ସାଇକେଲିଂ ଷ୍ଟାର୍ ଫଉଷ୍ଟୋ କୋପିଙ୍କ ହଳଦିଆ ଜର୍ସି ୨୫ ହଜାର ୟୁରୋ (୧୯ ଲକ୍ଷ ୭୭ ହଜାର ୬୬୯ ଟଙ୍କା)ରେ ମଧ୍ୟ କ୍ରୟ ହୋଇଥିଲା। ଏହି ଜର୍ସିକୁ ଫଉଷ୍ଟୋ ୧୯୫୨ ଟୁର୍ ଦି ଫ୍ରାନ୍ସ ଟାଇଟଲ୍ ଜିତିଲା ବେଳେ ପିନ୍ଧିଥିଲେ। ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନା ଏକ ଜର୍ସି, ଆମେରିକାର ମହାନ ବାସ୍କେଟବଲ ଖେଳାଳି ମାଇକେଲ୍ ଜୋର୍ଡାନ ଏକ ବେସବଲ୍ ପ୍ରତିଯୋଗିତାରେ ବ୍ୟବହାର କରିଥିବା ବ୍ୟାଟ୍ ମଧ୍ୟ ଏହି ଅବସରରେ ନିଲାମରେ କ୍ରୟ ହୋଇଥିଲା।

## କ୍ରିକେଟ୍‌କୁ ଫେରିବା ପାଇଁ ମ୍ୟାକ୍ସୱେଲ୍‌ଙ୍କ ପ୍ରସ୍ତୁତି

ମେଲବୋର୍ନ, ୬।୧୨ (ପି.ଟି.)

ଅଷ୍ଟ୍ରେଲିଆ କ୍ରିକେଟ୍ ପାଇଁ ଖୁସି ଖବର। ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ଲାଗି ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଲାଗି ମ୍ୟାକ୍ସୱେଲ ନିକଟରେ ସାମୟିକ ସମୟ ପାଇଁ କ୍ରିକେଟ୍‌ରୁ ବିରତି ନେଇଥିଲେ। ଏବେ ସେ ନିଜର ଘରୋଇ ଦଳ ଭିକ୍ଟୋରିଆରେ ଟ୍ରେନିଂ ଆରମ୍ଭ କରିଥିବା ଜଣାପଡ଼ିଛି। ଭିକ୍ଟୋରିଆ ପ୍ରିମିୟର ଲିଗ୍‌ରେ ସେ ଫିଟଜୋରୀ ଡୋନକାଷ୍ଟର କ୍ଲବ ପକ୍ଷରୁ ୩ଟି ମ୍ୟାଚ୍ ଖେଳିଛନ୍ତି। ୩୧ ବର୍ଷୀୟ ମ୍ୟାକ୍ସୱେଲ ଏଥିସହ ସିଫିଲ୍ଡ ସିଲ୍ଡ ପ୍ରତିଯୋଗିତାରେ ଭିକ୍ଟୋରିଆ ପକ୍ଷରୁ ଖେଳିବେ ବୋଲି ଜଣାପଡ଼ିଛି। ଗୁରୁବାର ସେ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡରେ ନେଟ୍ସରେ ବୋଲିଂ କରିଛନ୍ତି। ଭିକ୍ଟୋରିଆ ଓ ୱେଷ୍ଟର୍ନ ଅଷ୍ଟ୍ରେଲିଆ ମଧ୍ୟରେ ଶନିବାରଠାରୁ ସିଫିଲ୍ଡ ସିଲ୍ଡ ମ୍ୟାଚ୍ ଖେଳାଯିବ। ଅକ୍ଟୋବରରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ମ୍ୟାକ୍ସୱେଲ କ୍ରିକେଟ୍‌ରୁ ସାମୟିକ ବିରତି ନେଇଥିଲେ।







ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ଦିନିକିଆ ମ୍ୟାଚ ଲାଗି କଟକ ବାରବାଟୀ ଷ୍ଟାଡିୟମ ଗ୍ୟାଲେରିରେ ସିଟ ନମ୍ବରିଂ କରାଯାଉଛି। ପଡ଼ିଆ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି।

## ୧୨ ଶତକରେ ୮ ଭାରତୀୟ

### ବାରବାଟୀ ଦିନିକିଆ ଆଉ ୧୫ ଦିନ

କଟକ ଅଫିସ,୬।୧୨

ବାରବାଟୀରେ ମୋଟ୍ ୧୨ଟି ଏକଦିବସୀୟ ଶତକ ଦେଖିବାକୁ ମିଳିଛି। ଏଥି ମଧ୍ୟରେ ୮ଜଣ ଭାରତୀୟ ଖେଳାଳି ରହିଛନ୍ତି। ବାରବାଟୀରେ ଶତକ ହାସଲ କରିବାରେ ରବି ଶାସ୍ତ୍ରୀ ହେଉଛନ୍ତି ପ୍ରଥମ ଖେଳାଳି। ୧୯୮୫ ମସିହାରେ ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ୧୦୨ରନର ଇନିଂସ ଖେଳିଥିଲେ। ଅଜୟ ଜାଡେଜା ଦୁଇଟି ଶତକ ଏଠାରେ ହାସଲ କରିଛନ୍ତି। ୧୯୯୪ ମସିହାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ (୧୦୪ରନ) ଓ ୧୯୯୭ ମସିହାରେ ଜିମ୍ବାୱେ ବିପକ୍ଷରେ(୧୧୬ରନ) ଅଜୟ ଦୁଇଟି ଶତକ ସଂଗ୍ରହ କରିଥିଲେ। ମହମ୍ମଦ ଆଝାରୁଦ୍ଦିନଙ୍କ ୧୫୩ରନର ଅପରାଜିତ ଇନିଂସ ବାରବାଟୀରେ ଅନ୍ତର୍ଜାତୀୟ ଏକଦିବସୀୟ ସର୍ବାଧିକ ସ୍କୋର। ଏହାଛଡ଼ା ଯୁବରାଜ ସିଂ, ମହେନ୍ଦ୍ର ସିଂ ଧୋନୀ, ସଚିନ ତେନ୍ଦୁଲକର, ଶିଖର ଧାୱନ, ଅଜିଙ୍କ୍ୟ ରାହାନେ ମଧ୍ୟ ବାରବାଟୀରେ ଶତକୀୟ ଇନିଂସ ଖେଳିଛନ୍ତି। ବିଦେଶୀ ଖେଳାଳି ଭାବେ ଇଂଲଣ୍ଡର କେଭିନ ପିଟରସନ ଓ ଇଅନ ମୋର୍ଗାନ, ଜିମ୍ବାୱେର ଗ୍ରାଣ୍ଟ ଫ୍ଲାୱାର ବାରବାଟୀରେ ଶତକ ପୂରଣ କରିଛନ୍ତି।

## ସଂକ୍ଷେପରେ

### ଆଝାରୁଦ୍ଦିନ ଷ୍ଟାଣ୍ଡ୍ ଉଦ୍‌ଘାଟିତ

ହାଇଦ୍ରାବାଦ୍, ୬।୧୨ (ପି.ଟି.)-ଭାରତର ପୂର୍ବତନ ଅଧିନାୟକ ତଥା ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ(ଏଚସିଏ))ର ନବ ନିର୍ବାଚିତ ସଭାପତି ମହମ୍ମଦ ଆଝାରୁଦ୍ଦିନଙ୍କୁ ସମ୍ମାନିତ କରାଯାଇଛି। ଭାରତର ଅନ୍ୟତମ ବ୍ୟାଟିଂ କିମ୍ବଦନ୍ତୀ ଭିଭିଏସ୍ ଲକ୍ଷ୍ମଣ ଶୁକ୍ରବାର ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ନର୍ଥ ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଛନ୍ତି, ଯାହାର ନାମ ଆଝାରୁଦ୍ଦିନ ଷ୍ଟାଣ୍ଡ ରଖାଯାଇଛି। ଏହି ଅବସରରେ ଭାରତର ପୂର୍ବତନ ସ୍ପିନର ନୋଏଲ ଡେଭିଡ୍, ଭେଙ୍କଟପତି ରାଜୁ ଏବଂ ଫାଷ୍ଟ ବୋଲର ମହମ୍ମଦ ସିରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ନେରୋକାର ପ୍ରଥମ ବିଜୟ

ଇମ୍ଫାଲ,୬।୧୨ (ପି.ଟି.)-ଚଳିତ ବର୍ଷର ଆଇ-ଲିଗ୍‌ରେ ନେରୋକା ଏଫ୍‌ସି ଏହାର ପ୍ରଥମ ବିଜୟ ହାସଲ କରିଛି। ଖୁମାନ ଲାମ୍ପାକଠାରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଦଳ ୧-୦ଗୋଲରେ ଆଇଜଲ ଏଫ୍‌ସିକୁ ହରାଇ ଦେଇଛି। ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ଗୋଲ୍‌ଟିକୁ ଓସ୍‌ମାନେ ଦିଓ୍ୱାରା ୨୮ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଘରୋଇ ଦଳ ୩ ପଏଣ୍ଟ ହାସଲ କରିପାରିଛି। ନେରୋକା ପ୍ରତିଯୋଗିତାରେ ଏହାର ଓପନିଂ ମ୍ୟାଚରେ ଗୋକୁଲମ କେରଳଠାରୁ ୧-୨ ଗୋଲରେ ହାରିଯାଇଥିଲା। ମ୍ୟାଚରେ ଆଇଜଲ ଏଫ୍‌ସି ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଗୋଲ୍ ପୋଷ୍ଟକୁ ୧୫ଟି ଶଟ୍ ମାରିଥିଲା। କିନ୍ତୁ ତନ୍ମଧ୍ୟରୁ ଗୋଟିଏ ହେଲେ ସ୍କୋର କରିବାରେ ସକ୍ଷମ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ନେରୋକା ଏଫ୍‌ସି ଧୀରେ ଧୀରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ମ୍ୟାଚରେ ବିଜୟସୂଚକ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲା।

### ସ୍ୱର୍ଣ୍ଣ ବିଜୟୀ ଖୋ ଖୋ ଦଳକୁ ଆର୍ଥିକ ପୁରସ୍କାର

କାଠମାଣ୍ଡୁ, ୬।୧୨ (ପି.ଟି.)- ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ଏଠାରେ ଚାଲିଥିବା ଦକ୍ଷିଣ ଏସିଆ କ୍ରୀଡ଼ା (ସାଗ୍)ର ତ୍ରୟୋଦଶ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ଓ ପୁରୁଷ ଖୋ ଖୋ ଦଳ ପାଇଁ ଆର୍ଥିକ ପୁରସ୍କାର ଘୋଷଣା କରିଛି। ସ୍ୱର୍ଣ୍ଣ ପଦକ ବିଜୟୀ ଉଭୟ ମହିଳା ଓ ଓପୁରୁଷ ଦଳର ପ୍ରତ୍ୟେକ ଖେଳାଳି ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପାଇବେ ବୋଲି କେକେଏଫ୍‌ଆଇ ସଭାପତି ସୁଧାଂଶୁ ମିତ୍ତଲ ଶୁକ୍ରବାର ଘୋଷଣା କରିଛନ୍ତି। ଉଭୟ ବର୍ଗର ଫାଇନାଲରେ ବାଂଲାଦେଶକୁ ପରାସ୍ତ କରି ଭାରତ ପୋଡ଼ିୟମର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଏଥିପୂର୍ବରୁ ୨୦୧୬ ସଂସ୍କରଣରେ ମଧ ଭାରତ ସମାନ ସଫଳତା ପାଇଥିଲା। ଭାରତୀୟ ଦଳର ଏହି ସଫଳତା ଲାଗି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ସମସ୍ତ ଖେଳାଳିଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରିଥିଲେ।

# କୋହଲି ଦେଲେ ବିରାଟ ବିଜୟ

**ହାଇଦ୍ରାବାଦ, ୬।୧୨**

ଅଧିନାୟକ ବିରାଟ କୋହଲିଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ଲୋକେଶ ରାହୁଲଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ଶୁକ୍ରବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ହାଇସ୍କୋରିଂ ମ୍ୟାଚରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୦୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୮.୪ ଓଭରରେ ୪ ଉଇକେଟ ହରାଇ ୨୦୯ ରନ ସଂଗ୍ରହ କରି ନେଇଥିଲା। ୫୦ ବଲ୍‌ରୁ ୬ ଚୌକା ଓ ୬ ଛକା ସହାୟତାରେ ୯୪ ରନରେ ଅପରାଜିତ ରହି ଭାରତକୁ ବିରାଟ ବିଜୟ ଦେଇଥିଲେ ଅଧିନାୟକ କୋହଲି। ସେ ମ୍ୟାନ ଅଫ ଦି ମ୍ୟାଚ ମଧ ବିବେଚିତ ହୋଇଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ବୃହତ୍ ୨୦୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ଭଲ ଆରମ୍ଭ କରିଥିଲା। ତେବେ ଦଳୀୟ ସ୍କୋର ୩.୨ ଓଭର ବେଳକୁ ୩୦ ହୋଇଥିବାବେଳେ ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ୍ ଝଟ୍‌କା ଖାଇଥିଲା। ରୋହିତ ୧୦ ବଲ୍‌ରୁ ମାତ୍ର ୮ ରନ କରିପାରିଥିଲେ। ଲୋକେଶ ରାହୁଲଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଅଧିନାୟକ ବିରାଟ କୋହଲି ଇନିଂସ ଆଗେଇ ନେଇଥିଲେ। ଦୁଇ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ସଫଳ ମୁକାବିଲା କରି ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୦୦ ରନ ସଂଗ୍ରହ କରିଥିଲେ। ଇତିମଧ୍ୟରେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ। ଓଭର କମିବା ସହ ଆବଶ୍ୟକ ରନ ହାରର ଚାପ କ୍ରମଶଃ ଭାରତ ଉପରେ ବଢ଼ି ଚାଲିଥିଲା। ୧୩.୩ ଓଭର ବେଳକୁ ଭାରତ ସ୍କୋର ୧୩୦ ହୋଇଥିବାବେଳେ ଲୋକେଶ ବ୍ୟକ୍ତିଗତ ୬୨(୪୦ ବଲ୍, ୫ ଚୌକା, ୪ ଛକା) ରନ କରି ଆଉଟ ହୋଇଥିଲେ। ଆବଶ୍ୟକ ରନ ହାର ଓଭରପିଛା ୧୧ରୁ ଉପରେ ଥିବାବେଳେ ବିରାଟଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ଚର୍ଚ୍ଚାରେ ରହିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ। ୧୫ତମ ଓଭରର ପ୍ରଥମ ବଲ୍‌ରେ ଜାସନ ହୋଲ୍ଡରଙ୍କୁ ଛକା ମାରି ଅର୍ଦ୍ଧଶତକ ହାସଲ କରିବା ସହ କୋହଲି ଦଳର ଭାର ନିଜ ଉପରକୁ ନେଇଥିଲେ। ଚାପରେ



ବିରାଟ କୋହଲି

କିନ୍ତୁ ଅଧିକ ସମୟ ତିଷ୍ଠିପାରି ନ ଥିଲେ ରିଷଭ। ୯ ବଲ୍‌ରୁ ୨ ଛକା ସହ ୧୮ ରନ କରିଥିବାବେଳେ ଶେଲଡନ କଟ୍ରେଲଙ୍କ ବଲ୍‌ରେ ହୋଲ୍ଡରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେତେବେଳକୁ ଭାରତ ୨୨ ବଲ୍‌ରୁ ୩୦ ରନ ଆବଶ୍ୟକ କରୁଥିଲା। ୧୮ତମ ଓଭରରେ କୋହଲିଙ୍କ ସହ ମାଇଣ୍ଡ ଗେମ୍ ଖେଳିଥିଲେ କିରନ ପୋଲାର୍ଡ। ତାଙ୍କ ପ୍ରଥମ ବଲ୍‌ରୁ ଶ୍ରେୟାସ ଆୟାର ଗୋଟିଏ ରନ ନେବାପରେ ଦ୍ୱିତୀୟ ବଲ୍‌କୁ କୋହଲିଙ୍କୁ ବୋଲିଂ କରିବାକୁ ଆସି ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ତୃତୀୟ ବଲ୍‌କୁ ଲେଗ୍ ସାଇଡ ବହୁତ ବାହାରେ ୱାଇଡ ପକାଇଥିଲେ। ପୋଲାର୍ଡଙ୍କ ଆହ୍ୱାନକୁ ଗ୍ରହଣ କରି କୋହଲି ୪ର୍ଥ ବଲ୍‌କୁ ଛକାରେ ପରିଣତ କରିଥିଲେ। ଏହି ଓଭରରେ ଆୟାରଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି ପୋଲାର୍ଡ ମ୍ୟାଚକୁ ରୋମାଞ୍ଚ କରିଥିଲେ। ଆୟାର ୬ ବଲ୍‌ରୁ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। କୋହଲି କିନ୍ତୁ ରହିଥିଲେ ଅପରାଜେୟ। ସେ ୧୯ତମ ଓଭରର ୪ର୍ଥ ବଲ୍‌ରେ ଛକା ମାରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଖାରେ ପିଏରେ ୨ଟି ଏବଂ ଶେଲଡନ କଟ୍ରେଲ ଓ କିରନ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ହେଟମେରଙ୍କ ଅର୍ଦ୍ଧଶତକ**

ଭାରତ ଟସ୍ ଜିତି ପ୍ରଥମେ ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଅଫସ୍ପିନର ୱାଶିଂଟନ ସୁନ୍ଦରଙ୍କୁ ବୋଲିଂ ଆକ୍ରମଣ ଭାର ଦେଇଥିଲେ ହେଁ ତାହା କାମ ଦେଇ ନ ଥିଲା। ୱେଷ୍ଟଇଣ୍ଡିଜ ଓପନରମାନେ ପ୍ରଥମ ଓଭରରେ ୧୩ ରନ ସଂଗ୍ରହ କରି ଦଳର ଅଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲେ। ଦୀପକ ଚହର ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଲେଣ୍ଡଲ ସିମନ୍ସ(୨ ରନ)ଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ ହେଁ ଏହା ୱେଷ୍ଟଇଣ୍ଡିଜର ରନ ହାର ଉପରେ ଅଙ୍କୁଶ ଲଗାଇ ପାରି ନ ଥିଲା। ଇଭିନ ଲିୱିସ ଖେଳିଥିଲେ ବିସ୍ଫୋରକ ଇନିଂସ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ବ୍ରେଣ୍ଡନ କିଙ୍ଗ। ଦୁହେଁ ଦ୍ୱିତୀୟ ଉଇକେଟରେ ୫୧ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ମାତ୍ର ୧୭ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୦ ରନ ସଂଗ୍ରହ କରି ଥିବା ଲିୱିସଙ୍କୁ ଆଉଟ କରି ୱାଶିଂଟନ ସୁନ୍ଦର ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ୩ ନମ୍ବର ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ କିଙ୍ଗ୍ ୨୩ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୩୧ ରନକରିଥିଲେ। ୱେଷ୍ଟଇଣ୍ଡିଜର ୪ର୍ଥ ଉଇକେଟ ଯୋଡ଼ିରେ ସବୁଠାରୁ ବଡ଼ ଭାଗୀଦାରି ହୋଇଥିଲା। ଅର୍ଦ୍ଧଶତକ ହାସଲକାରୀ ଶିମରନ ହେଟମେର ଓ ଅଧିନାୟକ କିରନ ପୋଲାର୍ଡ ୭୧ ରନର ପାର୍ଟନରଶିପ୍ କରି ୱେଷ୍ଟଇଣ୍ଡିଜର ବୃହତ୍ ସ୍କୋର ପାଇଁ ପଥ ପରିଷ୍କାର କରି ଦେଇଥିଲେ। ହେଟମେର ୪୧ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ପୋଲାର୍ଡ ୧୯ ବଲ୍‌ରୁ ଦ୍ରୁତ ୩୭(୧ ଚୌକା, ୪ ଛକା) ରନର ଇନିଂସ ଖେଳିଥିଲେ। ଶେଷ ଭାଗରେ ଜାସନ ହୋଲ୍ଡର ମାତ୍ର ୯ ବଲ୍‌ରୁ ୨୪* ରନ ସଂଗ୍ରହ କରିବାରୁ ୱେଷ୍ଟଇଣ୍ଡିଜ ଇନିଂସ ୨୦୦ ଅତିକ୍ରମ କରିଥିଲା। ତାଙ୍କ ସହ ଉଇକେଟ କିପର ଦୀନେଶ ରାମଦିନ ୭ ବଲ୍‌ରୁ ୧୧ ରନ କରି ଅପରାଜିତ ରହିଥିଲେ। ଭାରତର ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୱାଶିଂଟନ ସୁନ୍ଦର ୩ ଓଭରରେ ୩୪, ଦୀପକ ଚହର ୪ ଓଭରରେ ୫୬, ଭୁବନେଶ୍ୱର କୁମାର ୪ ଓଭରରେ ୩୬, ରବୀନ୍ଦ୍ର ଜାଡେଜା ୪ ଓଭରରେ ୩୦, ଯୁଜବେନ୍ଦ୍ର ଚହଲ ୪ ଓଭରରେ ୩୬ ଓ ଶିଭମ୍ ଦୁବେ ୧ ଓଭରରେ ୧୩ ରନ ବ୍ୟୟ କରିଥିଲେ। ସେମାନଙ୍କ ମଧ୍ୟରୁ ଚହଲଙ୍କୁ ୨ଟି ଏବଂ ସୁନ୍ଦର, ଚହର ଓ ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଭାରତ ମାଟିରେ ଭାରତ ବିପକ୍ଷରେ ସର୍ବାଧିକ ଛକା ମାରିବା ରେକର୍ଡରେ ଉନ୍ନତି ଆଣିଛି ୱେଷ୍ଟଇଣ୍ଡିଜ। ପୂର୍ବରୁ ଏହି ଦଳ ସର୍ବାଧିକ ୧୧ ଛକା ମାରି ରେକର୍ଡର ଅଧିକାରୀ ଥିବାବେଳେ ଏହି ମ୍ୟାଚରେ ୧୪ ଛକା ମାରି ନିଜ ସ୍ଥାନକୁ ସୁଦୃଢ଼ କରିଛି।


**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୨୦୭/୫(ହେଟମେର-୫୬, ଲିୱିସ-୪୦, ପୋଲାର୍ଡ-୩୭, କିଙ୍ଗ୍-୩୧, ହୋଲ୍ଡର-୨୪*, ଚହଲ-୨/୩୬, ସୁନ୍ଦର-୧/୩୪, ଚହର-୧/୫୬, ଜାଡେଜା-୧/୩୦)। ଭାରତ ୧୮.୪ ଓଭରରେ ୨୦୯/୪(କୋହଲି-୯୪*, ଲୋକେଶ-୬୨, ଖାରେ ପିଏରେ-୨/୪୪, କଟ୍ରେଲ-୧/୨୪, ପୋଲାର୍ଡ-୧/୧୦)।

**ଭାରତରେ ଭାରତ ବିପକ୍ଷରେ ସର୍ବାଧିକ ଛକା**

୧୪: ୱେଷ୍ଟଇଣ୍ଡିଜ, ହାଇଦ୍ରାବାଦ, ୨୦୧୯
୧୧: ୱେଷ୍ଟଇଣ୍ଡିଜ, ମୁମ୍ବାଇ, ୨୦୧୬
୧୦: ନ୍ୟୁଜିଲାଣ୍ଡ, ରାଜକୋଟ, ୨୦୧୭
୧୦: ଶ୍ରୀଲଙ୍କା, ଇନ୍ଦୋର, ୨୦୧୭

Marriage Wish



ASHOK & BANISHREE
Wishing you happy, peace & healthy married life.
Happy married Anniversary to Father & Mother.
With compliments from:
Archana, Manas, Aruna, Anil
D-15595

### ଦୃଷ୍ଟିହୀନ ମହିଳା କ୍ରିକେଟ ଝାଡ଼ଖଣ୍ଡ ବିପକ୍ଷରେ ଓଡ଼ିଶାର ସିରିଜ ବିଜୟ

ଭୁବନେଶ୍ୱର, ୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଆମନ୍ତ୍ରଣୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏଥି ସହିତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ୧୦ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ପ୍ରଥମେ ବୋଲିଂ କରିବାକୁ ଯାଇ ଝାଡ଼ଖଣ୍ଡକୁ ୬୩/୫ ସ୍କୋରରେ ସୀମିତ କରିଦେଇଥିଲା। ଜବାବରେ ଓଡ଼ିଶା ବିନା କୌଣସି ଉଇକେଟରେ ୭ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଫୁଲ ସୋରେନ ଓ ଲୀନା ସ୍ୱାଇଁ (ଅଧିନାୟିକା) ଉଭୟେ ପ୍ରଥମ ଉଇକେଟରେ ଅପରାଜିତ ୬୪ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଲୀନା ୨୪ ଏବଂ ଫୁଲ ୨୯ ରନ ସ୍କୋର କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କରିବାକୁ ଯାଇ କୌଣସି ଉଇକେଟ ନ ହରାଇ ନିର୍ଦ୍ଧାରିତ ଓଭରରେ ୧୩୦ରନ କରିଥିଲା। ମୁନି ପୁର୍ତ୍ତି ଦ୍ରୁତ ହାରରେ ୭୯ ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ସେ ୧୫ଟି ଚୌକା ମାରିଥିଲେ। ବାସନ୍ତୀ ହାଁସ୍‌ଦା ୨ ଚୌକା ସହ ୩୬ ରନ କରି ଅପରାଜିତ ରହିଥିଲେ। ଝାଡ଼ଖଣ୍ଡ ନିର୍ଦ୍ଧାରିତ ୧୦ଓଭରରେ ୩ ଉଇକେଟ ବିନିମୟରେ ମାତ୍ର ୫୦ ରନ କରିପାରିଥିଲା।

# ୫ମ ଦିବସରେ ଭାରତକୁ ୪୧ ପଦକ

**କାଠମାଣ୍ଡୁ/ପୋଖାରା, ୬।୧୨ (ପି.ଟି.)**

**ସାଉଥ୍ ଏସିଆନ ଗେମ୍ସ**

ଏଠାରେ ଚାଲିଥିବା ୧୩ତମ ସାଉଥ ଏସିଆନ ଗେମ୍ସର ୫ମ ଦିବସରେ ଶୁକ୍ରବାର ଭାରତୀୟ ପ୍ରତିଯୋଗୀମାନେ ୪୧ଟି ପଦକ ଜିତିବା ସଫଳ ହୋଇଛନ୍ତି। ତନ୍ମଧ୍ୟରେ ୧୯ ସ୍ୱର୍ଣ୍ଣ, ୧୮ ରୌପ୍ୟ ଏବଂ ୪ ବ୍ରୋଞ୍ଜ ରହିଛି। ଭାରତର ପଦକ ସଂଖ୍ୟା ୧୬୫ (୮୧ସ୍ୱର୍ଣ୍ଣ, ୫୯ରୌପ୍ୟ, ୪୮ବ୍ରୋଞ୍ଜ)ରେ ପହଞ୍ଚିଛି। ଦ୍ୱିତୀୟ ସ୍ଥାନରେ ରହିଥିବା ନେପାଳର ପଦକ ସଂଖ୍ୟା ୧୧୬ (୪୧ ସ୍ୱର୍ଣ୍ଣ, ୨୭ ରୌପ୍ୟ, ୪୮ ବ୍ରୋଞ୍ଜ) ରହିଛି। ପଦକ ତାଲିକାରେ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ଅଛି। ଏହି ଦେଶର ମୋଟ ପଦକ ସଂଖ୍ୟା ୧୩୪ (୨୩ ସ୍ୱର୍ଣ୍ଣ, ୪୨ ରୌପ୍ୟ, ୬୯ ବ୍ରୋଞ୍ଜ) ରହିଛି। ଶୁକ୍ରବାର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ବଡ଼ ସଫଳତା ହାସଲ କରିଛନ୍ତି। ସେମାନେ ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ଜିତିପାରିଛନ୍ତି। ଅଲ୍ ଇଣ୍ଡିଆନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ସିରିଲ ବର୍ମା ନିଜ ଦେଶର ଆର୍ଯ୍ୟମାନ ଟଣ୍ଡନଙ୍କୁ ୧୭-୨୧, ୨୩-୨୧, ୨୧-୧୩ରେ ହରାଇ ଦେଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଫାଇନାଲରେ ଭାରତର ଅସ୍ମିତା ଛଲିଆ ନିଜ ଦେଶର ଗାୟତ୍ରୀ ଗୋପୀଚାନ୍ଦଙ୍କ ବିପକ୍ଷରେ ୨୧-୧୮, ୨୫-୨୩ରେ ବିଜୟ ହାସଲ କରିଛନ୍ତି। ଡବଲ୍ସରେ ଧ୍ରୁବ ଡବଲ ସଫଳତା ହାସଲ କରିଛନ୍ତି। ସେ ଉଭୟ ପୁରୁଷ ଏବଂ ମିକ୍ସଡ ଡବଲ୍ସ ଫାଇନାଲ ଜିତିଛନ୍ତି। ସେ କ୍ରିଷ୍ଣ ପ୍ରସାଦ ଗାରାଗାଙ୍କୁ ସାଥୀ କରି ଶ୍ରୀଲଙ୍କାର ସଚିନ ଡାଏସ୍ ଏବଂ ବୁୱାନେକାଙ୍କୁ ୨୧-୧୯, ୧୯-୨୧, ୨୧-୧୮ରେ ପରାସ୍ତ କରି ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ଟପ୍ ସିଡ୍ ଧ୍ରୁବ ଏବଂ ମେଘନା ଜାକାମପୁଡି ଦ୍ୱିତୀୟ ସିଡ୍ ଶ୍ରୀଲଙ୍କାର ସଚିନ ଡାଏସ୍ ଏବଂ ଥିଲାନି ପ୍ରମୋଡିକା ହେଣ୍ଡେୱିଙ୍କୁ ୨୧-୧୬, ୨୧-୧୪ରେ ହରାଇ ଦେଇଥିଲେ। ଦୌଡ଼ କୁଦ ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ମଧ ଭଲ ପ୍ରଦର୍ଶନ କରିଛନ୍ତି। ଭାରତ ଏପର୍ଯ୍ୟନ୍ତ ୧୨ ପଦକ ଜିତିଥିବା ବେଳେ ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ ରହିଛି। ଏହି ଦୁଇଟି ପଦକ ମହିଳା ଓ ପୁରୁଷ ଶଟପୁଟ୍ ଇଭେଣ୍ଟରୁ ମିଳିଛି। ପୁରୁଷ ଶଟପୁଟ୍‌ରେ ଏସିଆନ ଚାମ୍ପିୟନ ତେଜିନ୍ଦର ପାଲ୍ ସିଂ ତୁର୍ ୨୦.୦୩ ମିଟର ଥ୍ରୋ କରି ସାଉଥ ଏସିଆନ ଗେମ୍ସ ରେକର୍ଡ ଭଙ୍ଗ କରିଛନ୍ତି। ସେ ନିଜ ଦେଶର ବାହାଦୂର ସିଂ ସାଗୁଙ୍କ ଦ୍ୱାରା ୧୯୯୯ରେ ପ୍ରତିଷ୍ଠିତ ପୁରୁଣା ରେକର୍ଡ ୧୯.୧୫ ମିଟରକୁ ଭଙ୍ଗ କରିଦେଇଛନ୍ତି। ସେହି ପରି ମହିଳା ଶଟ୍ ପୁଟ୍‌ରେ ୧୫. ୩୨ ମିଟର ଦୂର ଥ୍ରୋ କରି ଆଭା ଖଟୁଆ ସ୍ୱର୍ଣ୍ଣ ଜିତିଛନ୍ତି।

# ଇଣ୍ଡିଆ 'ସି'ରେ ଓଡ଼ିଶାର କାଜଲ



କଟକ ଅଫିସ,୬।୧୨: ପଣ୍ଡିଚେରୀଠାରେ ହେବାକୁ ଥିବା ୨୩ବର୍ଷରୁ କମ୍ ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଓଡ଼ିଶାର ପ୍ରତିଭାବାନ ଖେଳାଳି କାଜଲ ଜେନା ଭାଗ ନେବେ। ପ୍ରତିଯୋଗିତାରେ କାଜଲ ଇଣ୍ଡିଆ-ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। କାଜଲଙ୍କ ଏହି ସଫଳତା ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍

### କିଙ୍ଗ୍ସ, ଭିକ୍ଟର୍ସ, ୱାରିୟର୍ସ, ବିଜ୍ ସେମିରେ

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ) ୩ୟ ସଂସ୍କରଣର ସେମିଫାଇନାଲ ଶୁକ୍ରବାର ସ୍ପଷ୍ଟ ହୋଇଯାଇଛି। ଭଦ୍ରକ ଭିକ୍ଟର୍ସ, କ୍ୟାପିଟାଲ କିଙ୍ଗ୍ସ, ଭୁବନେଶ୍ୱର ୱାରିୟର୍ସ ଓ କିଟ୍ କିଲର ବିଜ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ୨ଟି ସେମିଫାଇନାଲ ଓ ରବିବାର ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅତିଥିଭାବେ ଯୋଗଦେଇଥିଲେ।

# ରାଉରକେଲା, ଦେବଗଡ଼, ବାଲେଶ୍ୱର ବିଜୟୀ



ବରଗଡ଼ର ସୋହେଲାଠାରେ ରାଉରକେଲା ଓ ପାରାଦୀପ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**କଟକ ଅଫିସ, ୬।୧୨**

**ସାହାଣୀ କପ୍ ଫୁଟବଲ**

ବରଗଡ଼ ଓ ଢେଙ୍କାନାଳରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ରେ ଶୁକ୍ରବାର ରାଉରକେଲା, ଦେବଗଡ଼, ଭୁବନେଶ୍ୱର ଓ ବାଲେଶ୍ୱର ବିଜୟୀ ହୋଇଛନ୍ତି। ବରଗଡ଼ର ସୋହେଲାଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ପେନାଲ୍ଟି ଶୁଟଆଉଟ(୪-୩ ଗୋଲ) ଜରିଆରେ ପାରାଦୀପକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ରାଉରକେଲା ପକ୍ଷରୁ ଅର୍ପଣ ଲାକ୍ରା, ସୁଶୀଲ ଟପ୍ପୋ, ପାରାଦୀପ ପକ୍ଷରୁ ପ୍ରିୟରଞ୍ଜନ ଦାସ, ରାଜେଶ କୁମାର ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବରଗଡ଼ର ଭେଡେନ ଗ୍ରାଉଣ୍ଡରେ ଦେବଗଡ଼ ୩-୧ ଗୋଲରେ ଖୋର୍ଦ୍ଧାକୁ ହରାଇଥିଲା। ଦେବଗଡ଼ ପକ୍ଷରୁ ମହେନ୍ଦ୍ର ଖାଲକୋ, ମୀନକେତନ ବେହେରା, ଲିଙ୍ଗରାଜ ଧାରୁଆ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଖୋର୍ଦ୍ଧା ପକ୍ଷରୁ ବିପିନ ନାୟକ ଏକମାତ୍ର ଗୋଲ ସ୍କୋର କରିଥିଲେ। ବରଗଡ଼ର କଦଳିପାଲି ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ୩-୧ ଗୋଲରେ କନ୍ଧମାଳକୁ ପରାସ୍ତ କରିଥିଲା। ଭୁବନେଶ୍ୱର ପକ୍ଷରୁ ରାଜୀବ ଦାସ, ନରଣ ମୁର୍ମୁ, ରାଇସେନ ଟୁଡୁ ଓ କଳାହାଣ୍ଡି ପକ୍ଷରୁ ମନୋଜ କହଁର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଢେଙ୍କାନାଳ ଗ୍ରାଉଣ୍ଡରେ କଟକ ଓ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ଡ୍ର ରହିଥିଲା। କଟକ ପକ୍ଷରୁ ଏସ୍.ଏସ୍ ଆଲାମ ଓ ବାଲେଶ୍ୱର ପକ୍ଷରୁ ବିଜୟ ମୁର୍ମୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରେ ପେନାଲ୍ଟି ଶୁଟଆଉଟରେ ବାଲେଶ୍ୱର ୬-୫ ଗୋଲରେ କଟକକୁ ହରାଇଥିଲା।

# ବାଂଲାଦେଶ ୨୫୫: ମାଳଦ୍ୱୀପ ୬

**ପୋଖାରା, ୬।୧୨**

**ସାଉଥ୍ ଏସିଆନ ଗେମ୍ସ**

ଏଠାରେ ଚାଲିଥିବା ସାଉଥ୍ ଏସିଆନ ଗେମ୍ସ(ସାଗ୍)ର ମହିଳା ଟି୨୦ କ୍ରିକେଟ୍ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ବାଂଲାଦେଶ ୨୪୯ ରନର ବୃହତ୍ ବ୍ୟବଧାନରେ ମାଳଦ୍ୱୀପକୁ ପରାସ୍ତ କରିଛି। ବାଂଲାଦେଶ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ୍‌ରେ ୨୫୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ମାଳଦ୍ୱୀପ ମାତ୍ର ୬ ରନରେ ଅଲ୍‌ଆଉଟ୍ ହୋଇ ଲଜ୍ଜାଜନକ ପରାଜୟବରଣ କରିଥିଲା। ଫାଇନାଲରେ ପ୍ରବେଶ ସହ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ଅନ୍ତର୍ଜାତୀୟ ଟି୨୦ ପ୍ରତିଯୋଗିତାରେ ୨ୟ ବୃହତ୍ ବିଜୟର ରେକର୍ଡ ହାସଲ କରିଛି। ରବିବାର ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ ହେବ। ଅନ୍ୟ ଏକ ମ୍ୟାଚରେ ଶ୍ରୀଲଙ୍କା ୪୧ ରନରେ ନେପାଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ମାଳଦ୍ୱୀପ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ମହିଳା ଦଳ ପ୍ରାରମ୍ଭରୁ ୨ ଓପନରଙ୍କୁ ହରାଇଥିଲା। ତେବେ ୩ୟ ଓ ୪ର୍ଥ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ନିଗାର ସୁଲତାନ ଓ ଫରଗାନ ହକ୍‌ଙ୍କ ଦମ୍‌ଦାର ଶତକ ବଳରେ ବାଂଲାଦେଶ ୨ ଉଇକେଟ୍ ବିନିମୟରେ ୨୦ ଓଭରରେ ୨୫୫ ରନ କରିଥିଲା। ସୁଲତାନ ୬୫ ବଲରୁ ୧୧୩ (୧୪ ଚୌକା, ୩ ଛକା) ଓ ଫରଗାନ ୫୩ ବଲରୁ ୧୧୦ (୨୦ ଚୌକା) ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ୨୩୬ ରନର ଭାଗୀଦାରି ହୋଇଥିଲା। ସେହିଭଳି ବାଂଲାଦେଶର ପ୍ରଥମ ମହିଳା କ୍ରିକେଟର୍ ଭାବେ ଟି୨୦ କ୍ରିକେଟରେ ଶତକ ହାସଲ କରିବାର କୃତିତ୍ୱ ହାସଲ କରିଛନ୍ତି। ଜବାବରେ ମାଳଦ୍ୱୀପ ମହିଳା ଦଳ ୧୨.୧ ଓଭର ଖେଳି ମାତ୍ର ୬ ରନରେ ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ୮ ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଦୁଇଜଣ ୧ ରନ ଲେଖାଏ ଓ ଜଣେ ୨ ରନ କରିଥିଲେ। ସେହିଭଳି ଅତିରିକ୍ତ ଆକାରରେ ୨ ରନ ମିଳିଥିଲା।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ଡା. ପ୍ରତାପ ଚନ୍ଦ୍ର ସ୍ୱାଇଁ
ଆବିର୍ଭାବ: ୦୩।୧୦।୧୯୫୧
ତିରୋଧାନ: ୨୩।୧୨।୨୦୧୨
ଆଜି ସପ୍ତମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ତରୁଲତା, ରାଜ୍, ଚୁମ୍‌କି, କିଶନ୍, ଇଶା, ୟଶ୍ ଓ ପରିବାରବର୍ଗ ।
ଧ-୧୫୫୮୨

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମିଳା ସାହୁ
ପ୍ଲଟ୍ ନଂ-୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ, ଭୁବନେଶ୍ୱର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୨୬୦




### ୧.୫ କେଜି ଗଞ୍ଜେଇ, ୨୦ ଗ୍ରାମ ଅଫିମ ଜବତ

# ଡାଟା ଏଣ୍ଟ୍ରି ଅପରେଟର ଗିରଫ


ଗିରଫ ଅଭିଯୁକ୍ତ ।

ଯାଜପୁର ଟାଉନ,୬।୧୨ (ଡିଏନଏ)

ଚୋରା ଗଞ୍ଜେଇ ବିକ୍ରି ଅଭିଯୋଗରେ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କୁ ଯାଜପୁର ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଯାଜପୁର ସହର ନିକଟସ୍ଥ ଚିତାଲୋ ଛକଠାରେ ଏକ ଜେରକ୍ସ ଦୋକାନ କରିଥିବା ଡାଟା ଏଣ୍ଟ୍ରି ଅପରେଟର ପ୍ରଶାନ୍ତ କର ଦୀର୍ଘଦିନ ଧରି ଚୋରା ଗଞ୍ଜେଇ ଓ ଅଫିମ ଭଳି ମାଦକ ଦ୍ରବ୍ୟ ବିକ୍ରି କରିଆସୁଥିଲେ। ଯାଜପୁର ପୋଲିସ ପାଖରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ୬ତାରିଖ ଯାଜପୁର ଟାଉନ୍ ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଦିଲୀପ କୁମାର କାଣ୍ଡି, ହାବିଲଦାର ଜେ.ଡି ଜେନା, ବି.କେ ବେହେରା, ଏନ୍. ରାଉତ ପ୍ରମୁଖ ରାତିରେ ଚଢ଼ାଉ କରି କରଙ୍କୁ ଗିରଫ କରିଥିଲେ। ଗିରଫ କରିବା ସମୟରେ ତାଙ୍କ ଦୋକାନରୁ ୧ କିଲୋ ୬ ଗ୍ରାମ ଗଞ୍ଜେଇ ଏବଂ ୨୦ ଗ୍ରାମ ଅଫିମ ଜବତ କରାଯାଇଛି। ଡାଟା ଏଣ୍ଟ୍ରି ଅପରେଟର କରଙ୍କୁ ଗିରଫ କରି ଯାଜପୁର ପୋଲିସ କେସ୍ (ନଂ. ୩୭୫/୧୯) ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା, ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁ ଓ ସବ୍‌ଇନ୍ସପେକ୍ଟର ମାନସ ରଞ୍ଜନ ଚକ୍ର ପ୍ରମୁଖ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।







## ଜଳିଗଲା ଆଖୁ କିଆରି, ଚିନ୍ତାରେ ଚାଷୀ

ବରୀ,୬।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ବରୀପାଳରେ ଶୁକ୍ରବାର ଏକ ଆଖୁ କିଆରିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୨ ଏକରରୁ ଊର୍ଦ୍ଧ୍ୱ ଆଖୁ କିଆରି ଜଳିଯାଇଥିବା ଜଣାପଡିଛି। ଏହି ଆଖୁ ବିଲଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ତେବେ ଋଣକରି ଆଖୁଚାଷ କରିଥିବା ଚାଷୀ ବିଲରେ ନିଆଁଲାଗିଯିବା ପରେ ଚିନ୍ତାରେ ପଡିଯାଇଥିବା କହିଛନ୍ତି। ପ୍ରକାଶ ଯେ, ପୂର୍ବାହ୍ଣରେ ଅଚାନକ ଆଖୁକିଆରିରେ ନିଆଁ ଲାଗିଯାଇଥିଲା। ଖବର ପାଇ ବରୀ ଅଗ୍ନିସେବା କେନ୍ଦ୍ରର ହାବିଲଦାର ଜଗନ୍ନାଥ ହେମ୍ବ୍ରମ ଓ ଫାୟାର ମ୍ୟାନ ଦ୍ୱାରିକା ନାଥ ମେକପଙ୍କ ନେତୃତ୍ୱରେ ୨ଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ନିଆଁ ଆୟତ୍ତ କରିବା ସମ୍ଭବ ନ ହେବାରୁ ଯାଜପୁର ଟାଉନରୁ ଅନ୍ୟ ଏକ ଟିମ୍ ପହଞ୍ଚିଥିଲା। ପ୍ରାୟ ୩ ଘଣ୍ଟାପରେ ଅଗ୍ନିଶମ ବାହିନୀ ନିଆଁକୁ ଲିଭାଇବାରେ ସକ୍ଷମ ହୋଇଥିଲା। ହେଲେ ଆଖୁ କିଆରି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ସୁରେନ୍ଦ୍ର ବେହେରା, ବିଷ୍ଣୁପ୍ରିୟା ପଡିଆରୀ, ଜାକିର ହୁସେନ, ମତିନ ମହମ୍ମଦ, ଗଣେଶ ମଲ୍ଲିକ, ଜୋଭେର ମହମ୍ମଦ, ଫିରୋଜ ଇସଲାମ, ଫକିର ହୁସେନ, ରଙ୍ଗଲତା ବେହେରା ପ୍ରମୁଖ ଚାଷୀଙ୍କର ଆଖୁ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ରାହାମା, ୬।୧୨ (ଡି.ଏନ୍.ଏ.)

ତିର୍ତ୍ତୋଲ ଥାନା ଅଧୀନ ତେରମାଣପୁରଠାର ଶୁକ୍ରବାର ରାତି ୮ଟା ୪୦ରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ ଥାନା ଅଧୀନ ବନିପାଟ ଗ୍ରାମର ପ୍ରକାଶ ରାଉତ(୩୦)। ପ୍ରକାଶ କଟକରୁ ପାରାଦୀପ ଅଭିମୁଖେ ଯାଉଥିଲା ବେଳେ ତେରମାଣପୁରଠାରେ ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ପ୍ରକାଶ ଛିଟ୍‌କି ପଡ଼ିଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରକାଶଙ୍କୁ ମଣିଜଙ୍ଗା ମେଡିକାଲକୁ ନେଇଥିବା ଜଣାପଡ଼ିଛି।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଧର୍ମଶାଳା/ଜେନାପୁର,୬।୧୨ (ଡି.ଏନ୍.ଏ.)- ଜେନାପୁର ଥାନା ଅଞ୍ଚଳର ଜଣେ ଅପହୃତ ନାବାଳିକାଙ୍କୁ ପୋଲିସ ଚେନ୍ନାଇରୁ ଉଦ୍ଧାର କରିଛି। ଶୁକ୍ରବାର ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ସୁକୁନ୍ଦା ଥାନା ଅନ୍ତର୍ଗତ ରାଙ୍କିଆ ଗ୍ରାମର ଆକାଶ ଭଦ୍ରା। ଥାନା ଅଞ୍ଚଳର ଉକ୍ତ ଆଦିବାସୀ ନାବାଳିକାଙ୍କୁ ଆକାଶ ଗତ ଜୁଲାଇରେ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଜେନାପୁର ପୋଲିସ ଏକ ମାମଲା (ନଂ.୧୬୭/୧୯) ରୁଜୁକରି ତଦନ୍ତ ଚଳାଇଥିଲା। କିଛିଦିନ ତଳେ ଅକାଶ ଘରକୁ ଫେରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତଦନ୍ତବେଳେ ନାବାଳିକାଙ୍କୁ ଆକାଶ ଚେନ୍ନାଇରେ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଲକ୍ଷ୍ମୀନାରାୟଣ ପୂଜା, ଧର୍ମଶାଳା ମହୋତ୍ସବ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୬।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକସ୍ଥିତ ଧର୍ମଶାଳା ମହୋତ୍ସବ ପୂଜାକମିଟି ଜାରକା ଆନୁକୂଲ୍ୟରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ପୂଜା ଆସନ୍ତା ୨୫ତାରିଖ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହେବ। ଏହି ପୂଜା ଓ ଧର୍ମଶାଳା ମହୋତ୍ସବ ମିଳିତଭାବେ ୨୧ଦିନ ଧରି ଚାଲିବ। ଏଥିପାଇଁ କମିଟି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଆନନ୍ଦ ବିହାରୀ ନାୟକ ଓ କୋଷାଧକ୍ଷ ସୁଦୀପ୍ତ ସ୍ୱାଇଁ ଯୋଗଦେଇ ମହୋତ୍ସବ ଓ ପୂଜାର ଏକ ନୀଳନକ୍ସା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଏଥିରେ ଜନଗହଳିକୁ ଆଖି ଆଗରେ ରଖି ପାନୀୟ ଜଳ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ଓ ପରିବେଶ ପ୍ରତି ଧ୍ୟାନ ଦେବା ସମ୍ପର୍କରେ ସୂଚିତ ରହିଛି। ବରିଷ୍ଠ ସଭ୍ୟ ଜଳଧର ସାହୁ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କିଶୋରଚନ୍ଦ୍ର ନାୟକ, ବିଚିତ୍ର କୁମାର ସ୍ୱାଇଁ, ଅଜୟ କୁମାର ନାୟକ, କ୍ଷୀରୋଦ ମୁଦୁଲୀ, ସବ୍ୟଶାଚୀ ବେହେରା ପ୍ରମୁଖ କମିଟି ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ସଭ୍ୟ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ।

## ଗ୍ରାମ୍ୟ ଆଲୋକୀକରଣରେ ବ୍ୟାପକ ଘୋଟାଲା

# ମିଥ୍ୟା ବିଲ୍ କରି ୩୦ଲକ୍ଷ ଚଳୁ

**ଯାଜପୁର ଅଫିସ,୬।୧୨**

ଯାଜପୁର ଜିଲା କୋରେଇ ବ୍ଲକରେ ଗ୍ରାମ୍ୟ ଆଲୋକୀକରଣ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନା(ଜିଜିୱାଇ)ରେ ନିମ୍ନମାନର ମିନି ମାକ୍ସ ଓ ଷ୍ଟ୍ରିଟ ସାମଗ୍ରୀ ଲଗାଇ ଅନୁଦାନର ସିଂହଭାଗ ଅର୍ଥ ଚଳୁ ହୋଇଥିବା ଅଭିଯୋଗ କରି ଗୁରୁବାର ଗୋଳେଇପୁର ପଞ୍ଚାୟତ ଅଧିବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ କେତେକ ଲୋକ ପ୍ରତିନିଧି ଓ ସମ୍ପୃକ୍ତ ଠିକାଦାର ମିଳିମିଶି ଲକ୍ଷାଧିକ ଟଙ୍କା ହରିଲୁଟ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୬-୧୭, ୨୦୧୭-୧୮, ୨୦୧୮-୧୯ ଓ ୨୦୧୯-୨୦ ବର୍ଷର ବିବରଣୀରେ କେବଳ ଗୋଳେଇପୁର ପଞ୍ଚାୟତରେ ପ୍ରାୟ ୩୦ ଲକ୍ଷ ଟଙ୍କାର ଲାଇଟ ଲାଗିଥିବା ସରକାରୀ ଭାବେ ଦର୍ଶାଯାଇଛି। ହେଲେ ବାସ୍ତବରେ ଲାଇଟ ନ ଲଗାଇ ମିଥ୍ୟା ବିଲ ଭାଉଚର କରି ଆବଣ୍ଟିତ ଅନୁଦାନକୁ ଚଳୁ କରି ନେଇଛନ୍ତି। ଏଥିରେ ମନୋରମା ଇଲେକ୍ଟ୍ରିକାଲ୍ସ ଓ ମା ଏଣ୍ଟରପ୍ରାଇଜେସର ବିଲ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଛି। ୪ର୍ଥ ଓ ଫାଇନାଲ ବିଲ ଫର୍ମରେ ମକୁନ୍ଦପୁର, ତାରିଣୀଛକ, ମଥୁରାପୁର, ଜାଗୁଲାଇଗଡିଆ ପ୍ରଭୃତିସ୍ଥାନରେ ୨,୬୧,୪୧୩ ଟଙ୍କାର ମିନି ମାକ୍ସ ଲାଇଟ ଲଗାଯାଇଥିବା ଦର୍ଶାଯାଇଛି। ଏଥିରେ ବିଡିଓ ଓ ସମିତି ଅଧ୍ୟକ୍ଷାଙ୍କ ସ୍ୱାକ୍ଷର ରହିଛି। ସେହିପରି ୩ୟ ଆର/ଏ ବିଲ ଫର୍ମରେ ଜହ୍ନା ଓ ମୁକୁନ୍ଦପୁର ଗ୍ରାମ ପଞ୍ଚାୟତରେ ସମୁଦାୟ ୨,୮୧,୪୬୪ ଟଙ୍କାର ମିନି ମାକ୍ସ ଲାଇଟ ସାମଗ୍ରୀ ଲଗା ହୋଇଛି। ୪।୮।୨୦୧୮ର ୧ମ ଓ ଫାଇନାଲ ବିଲ ଫର୍ମରେ ଗୋଳେଇପୁର, ଜହ୍ନା, ଧନେଶ୍ୱର, କନ୍ତୋର, ଅସନଝର ଗ୍ରାମ ପଞ୍ଚାୟତରେ ୯,୭୩,୧୦୫ ଟଙ୍କାର ଲାଇଟ ସାମଗ୍ରୀ ଲାଗିଥିବା ଦର୍ଶାଯାଇଛି। ୨୭।୭।୨୦୧୮ର ୧ମ ଓ ଫାଇନାଲ ବିଲ ଫର୍ମରେ କଚରାସାହି, ପାଣିକୋଇଲି, ପଛିକୋଟ, ତଣ୍ଡରା ଗ୍ରାମ ପଞ୍ଚାୟତରେ ୯,୨୧,୨୦୦ ଟଙ୍କାର ଲାଇଟ ସାମଗ୍ରୀ ଲାଗିଛି। କୋରେଇ ବ୍ଲକରେ ଆଲୋକୀକରଣ ନାମରେ ହଡପ ହୋଇଥିବା ଏହି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ସ୍ପଷ୍ଟ ହେଉଛି। ଏଭଳି ଭାବେ ଲାଇଟ ଲଗାଯିବା ଦର୍ଶାଇ ଲକ୍ଷାଧିକ ଟଙ୍କା ଘୋଟାଲା କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗୋଲଖ ବିହାରି ମହାନ୍ତି, ଆଦ୍ୟା ପଟ୍ଟନାୟକ, ମନୋଜ ଖିଲାର, ରମେଶ ଖିଲାର, ଟୁଟୁ ମାଝି, ବିରକିଶୋର ସାହୁ, ଦୀପକ ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପୂର୍ବରୁ ମୂଳାପାଳ ଗ୍ରାମ ପଞ୍ଚାୟତରେ ଆଲୋକୀକରଣ ନାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଞ୍ଚଳବାସୀ ଜିଲାପାଳ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ହେଲେ ତାହାର କୌଣସି ତଦନ୍ତ ଏଯାଏ ହୋଇ ପାରିନାହିଁ। ଏହି ପଞ୍ଚାୟତରେ ବିଭିନ୍ନ ନାମୀଦାମୀ କମ୍ପାନୀର ୧୬ଟି ହାଇପାୱାର ଏଲଇଡି ଲାଇଟକୁ ୧,୦୨,୪୦୦ ଟଙ୍କା, ଜିଆଇ ବ୍ରେକେଟ ସହ କ୍ଲାମ୍ପ ଓ ବୋଲ୍ଟ ବାବଦକୁ ୬୮,୮୦୦ ଟଙ୍କା, ଫଟୋ କଣ୍ଟ୍ରୋଲ ୟୁନିଟ ବାବଦକୁ ୪୬,୪୦୦ ଟଙ୍କା ଓ ଆର୍ଥିଂ କଏଲ ବାବଦକୁ ୨୨,୦୮୦ ଟଙ୍କା ଭାବେ ସମୁଦାୟ ୨,୩୯,୬୮୦ ଟଙ୍କା ବିଲ ହୋଇଛି। ମା ଇଣ୍ଟରପ୍ରାଇଜେସ ନାମରେ ହୋଇଥିବା ଭାଉଚରକୁ ସରପଞ୍ଚ ଅନୁମୋଦନ କରିଛନ୍ତି। ଏନେଇ ବିଭିନ୍ନ ସମୟରେ ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାରେ ଜିଲା ପ୍ରଶାସନ କାହିଁକି ପଛଘୁଞ୍ଚା ଦେଉଛି ତାହା ଜିଲାବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଭାରପ୍ରାପ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି ଗୋଳେଇପୁର ପଞ୍ଚାୟତବାସୀଙ୍କୁ କହିଛନ୍ତି ଯେ, ଅଭିଯୋଗର ଉପଯୁକ୍ତ ଭାବେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

**ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଗୋଳେଇପୁରବାସୀ**



## ରାଧାନାଥ ରଥଙ୍କ ୧୨୩ତମ ଜୟନ୍ତୀ

**ଧର୍ମଶାଳା,୬।୧୨(ଡି.ଏନ୍.ଏ.)**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ଆନୁକୂଲ୍ୟରେ ଶୁକ୍ରବାର ଡ.ରାଧାନାଥ ରଥଙ୍କ ୧୨୩ତମ ଜୟନ୍ତୀ ଉତ୍ସବ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ବକ୍ତା ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ.ଇନ୍ଦୁପ୍ରଭା ସାମଲ, ବିକ୍ରମାଦିତ୍ୟ ଫାଉଣ୍ଡେଶନ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ବିଶ୍ୱାଳ, ଉପସଭାପତି ସଂଗ୍ରାମ କେଶରୀ ଜେନା, ବଟକୃଷ୍ଣ ପରିଡା, ମିନତୀ ସାହୁ, ମାନସ ରଞ୍ଜନ ଜେନା, ଅଧ୍ୟାପକ ଡ.ତୁହିନାଂଶୁ ରଥ, ଗୁଲାମ ଗସ୍, ମିହିର କୁମାର ଖୁଣ୍ଟିଆ, ରୁଦ୍ରନାରାୟଣ ପୃଷ୍ଟି, କଳ୍ପତରୁ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସହ ସମ୍ପାଦକ ପ୍ରତାପ ରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମ୍ବିଧାନ ପ୍ରଣିତା ବାବା ସାହେବ ଆମ୍ବେଦକରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା।

## ଆମ୍ବେଡକରଙ୍କ ୬୩ତମ ଶ୍ରାଦ୍ଧୋତ୍ସବ

**ଧର୍ମଶାଳା,୬।୧୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ପରିସରରେ ଥିବା ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏ ନେଇ ଆୟୋଜିତ ସଭାରେ ସୁରେନ୍ଦ୍ର ମଲିକ ସଭାପତିତ୍ୱ କରିଥିଲେ। ଜିଲା ଏକତା ମଞ୍ଚ ସଭାପତି ଗୟାଧର ମଲିକ, କବିସଂଗ୍ରାମ ଜେନା, ଆଇନଜୀବୀ ନୀଳମାଧବ ସାମଲ, ନାରାୟଣ ମଲିକ, ଏସ୍‌ସି ଓ ଏସ୍‌ଟି ନିର୍ବାଚନମଣ୍ଡଳୀ ସଭାପତି କାର୍ତ୍ତିକ ମଲିକ, ରବୀନ୍ଦ୍ର ଦାସ, ଅନାମ ଚରଣ ମଲିକ, ଅଭିମନ୍ୟୁ ମଲିକ, ଦେବବ୍ରତ ରାଉତ, ଶଙ୍କର୍ଷଣ ମଲିକ, କେଶବ ଚନ୍ଦ୍ର ମଲିକ, ଦୁଷ୍ମନ୍ତ ଜେନା, ଭରତ ମଲିକ, ନିରଞ୍ଜନ ମଲିକ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ୯ରୁ କଳିଙ୍ଗନଗର ମହୋତ୍ସବ

**କଳିଙ୍ଗନଗର,୬।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଦାନଗଦୀ ବ୍ଲକ କଳିଙ୍ଗନଗର ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ତେଲିବାହାଲୀ ଗ୍ରାମ ମା' ମହାପାଟ ପଡ଼ିଆରେ ୩ୟ ବାର୍ଷିକ କଳିଙ୍ଗନଗର ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଡିସେମ୍ବର ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଚାଲବ। ଏ ନେଇ ଶୁକ୍ରବାର ସ୍ଥାନୀୟ ଫେରୋକ୍ରୋମ୍ କାରଖାନା ଗେଷ୍ଟ ହାଉସ୍ ପରିସରରେ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଦ୍ୱାରା ମହୋତ୍ସବ ଲୋଗ ଉନ୍ମୋଚିତ ହୋଇଛି। ଚଳିତ ବର୍ଷ ମହୋତ୍ସବର ସ୍ଲୋଗାନ କ୍ଲିନ୍ ଆଣ୍ଡ ଗ୍ରୀନ୍ କଳିଙ୍ଗନଗର ରହିଛି। ଏହି ମହୋତ୍ସବ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳିତ ବର୍ଷ ବାଲୁକା କଳା ମାଧ୍ୟମରେ ସୁସ୍ଥ ଓ ସବୁଜିମା ପରିବେଶ ସମ୍ପର୍କରେ ସଚେତନ କରାଯିବ, ୫ଦିନ ଧରି ସାଂସ୍କୃତ କାର୍ଯ୍ୟକ୍ରମ, ସ୍ଥାନୀୟ ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରଦର୍ଶନୀ ମଣ୍ଡପ, ବାଲୁକା କଳା, ମୀନାବଜାର, ଏମ୍ଏସ୍ଏମ୍ଇ ବିଭାଗର ପକ୍ଷରୁ ଷ୍ଟଲ, ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଭା ଚୟନ, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଷ୍ଟଲ୍ କରାଯିବ। ଏଥିସହ ଚଳିତ ବର୍ଷର ମହୋତ୍ସବରେ ଦିବ୍ୟାଙ୍ଗଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ନିମନ୍ତେ ସୁଯୋଗ ସୃଷ୍ଟି ଓ ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ଶ୍ରଦ୍ଧା ଓ କର୍ତ୍ତବ୍ୟକୁ ମନେ ପକାଇଦେବା ମହୋତ୍ସବର ଉଦ୍ଦେଶ୍ୟ ରହିଛି। ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ଦଳର ଅନନ୍ୟ ଓଡ଼ିଶା ଶୀର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଦିବ୍ୟାଙ୍ଗ ଶିଳ୍ପୀଙ୍କ ନୃତ୍ୟ ସଂଗୀତ ପରିବେଷଣ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁକିନ୍ଦା ବିଧାୟକ ଘଡ଼ାଇଙ୍କ ମାର୍ଗଦର୍ଶନରେ କଳିଙ୍ଗନଗର ମହୋତ୍ସବର ପରିକଳ୍ପନା କରାଯାଇଛି ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଭାପତି ଭାଗୀରଥି ଜେନା, ଏମ୍‌ପି ପ୍ରତିନିଧି ଲୋକନାଥ ଧୀର, ବିଷ୍ଣୁ ମଲିକ, ଜିଲାପରିଷଦ ସଭ୍ୟ ଶୁସାନ୍ତ ସାମଲଙ୍କ ସହ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ।

## ବେଆଇନ ମାଟି ଉଠାଣ, ୫ ଟ୍ରାକ୍ଟର ଜବତ

**କୋରେଇ,୬।୧୨(ସ୍ୱ.ପ୍ର.)**

ଯାଜପୁର ସଦର ଥାନା ଅନ୍ତର୍ଗତ ବେରୁଦା ଗ୍ରାମରୁ ବେଆଇନ ମାଟି ଉଠାଣ ଓ ଚାଲାଣ ଖବର ପାଇ ବୁଧବାର ରାତିରେ ଯାଜପୁର ତହସିଲ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବେଆଇନଭାବେ ପରିବହନ କରୁଥିବା ୫ ମାଟି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏଥିମଧ୍ୟରୁ ରାଜସ୍ୱ ବିଭାଗ ୩ ଟ୍ରାକ୍ଟରକୁ ପାଣିକୋଇଲି ପୋଲିସ ଜିମା ଦେଇଥିବା ତହସିଲଦାର ନିରୁପମା ବେହେରା ସୂଚନା ଦେଇଛନ୍ତି। ଏହି ଚଢାଉରେ ଯାଜପୁର ତହସିଲଦାର ବେହେରାଙ୍କ ସହ ଅତିରିକ୍ତ ତହସିଲଦାର କ୍ଷୀରୋଦ ଦାସ, ପୁରୁଷୋତ୍ତମପୁର ଆରଆଇ ଉତ୍କଳ ସେଠୀ, କାକୁଡିକୁଦ ରାଜସ୍ୱ ନିରୀକ୍ଷକ ସନ୍ଦୀପ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ସ୍ୱାମୀ, ଶ୍ୱଶୁରଙ୍କ ପରେ ବୋହୂଙ୍କ ଆତ୍ମହତ୍ୟା

**ଦଶରଥପୁର,୬।୧୨(ଡିଏନ୍ଏ)**

ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ଅଧୀନ ଛତିଶା ପଞ୍ଚାୟତ ହୋସେନପୁର ଗ୍ରାମର ଜଣେ ମହିଳା ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ମହିଳା ଜଣକ ହେଲେ ସସ୍ମିତା ସାମଲ (୩୮)। ତେବେ ୭ବର୍ଷ ତଳେ ତାଙ୍କ ସ୍ୱାମୀ ଓ ୪ ବର୍ଷ ତଳେ ତାଙ୍କ ଶ୍ୱଶୁର ମଧ୍ୟ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗୋଟିଏ ପରିବାରରେ ଜଣେ ପରେ ଜଣେ ଆତ୍ମହତ୍ୟା କରିଚାଲିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ସସ୍ମିତା ଗତ କିଛି ବର୍ଷ ତଳେ ଛତିଶା ଗ୍ରାମର ଛତିଶା ନଂ.୨ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ସେ ଶୁକ୍ରବାର ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟଲୋକେ ଏହାଦେଖି ତାଙ୍କୁ ଉଦ୍ଧାର ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଅବସ୍ଥା ସଙ୍କଟାପନ୍ନଥିବାରୁ ଡାକ୍ତର ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ସସ୍ମିତାଙ୍କ ସ୍ୱାମୀ ନୀଳମଣି ୭ ବର୍ଷ ତଳେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାପରେ ୪ବର୍ଷ ତଳେ ନୀଳମଣିଙ୍କ ବାପା ଅର୍ଥାତ୍ ସସ୍ମିତାଙ୍କ ଶ୍ୱଶୁର ମଧୁସୂଦନ ଭୂୟାଁ ଜଣେ ଅବସରପ୍ରାପ୍ତ ସୈନିକ ହୋଇ ବି ଉକ୍ତ ଘରେ ସେ ମଧ୍ୟ ରଶି ଲଗାଇ ଆତ୍ମହତ୍ୟା କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ସସ୍ମିତାଙ୍କର କଲେଜରେ ପଢୁଥିବା ଏକ ପୁଅ ଅଛନ୍ତି।

## କେଡିଏମ କ୍ରିକେଟ : ଅରାବଳ, ପଟୁଣିଆ ବିଜୟୀ

**ଧର୍ମଶାଳା,୬।୧୨(ଡି.ଏନ୍.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ମେମୋରିୟାଲ ପକ୍ଷରୁ ଧର୍ମଶାଳା ବ୍ଲକ କକୋତପୁର ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ କେଡିଏମ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ୍ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଦେଓଦା ଦଳକୁ ୩୫ ରନ୍‌ରେ ପରାସ୍ତ କରି ଅରାବଳ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ବନ୍ଧଡିହକୁ ୭୦ ରନ୍‌ରେ ପରାସ୍ତ କରି ପଟୁଣିଆ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଅରାବଳ ବ୍ୟାଟିଂ କରି ୧୫ ଓଭରରେ ୬ ଉଇକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଦେଓଦା ୧୫ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୧୮ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପଟୁଣିଆ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ ୨୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବନ୍ଧଡିହ ଦଳ ୧୫ ଓଭର୍‌ରେ ୯ ଉଇକେଟ୍ ହରାଇ ୧୪୫ ରନ୍ କରି ପରାସ୍ତ ହୋଇଥିଲା। ଅମରେଶ ପରିଡା, ରଞ୍ଜନ ପାଳ, ସିଦ୍ଧାର୍ଥ ସ୍ୱୟଂସିଦ୍ଧ ମହାନ୍ତି ଖେଳ ପରିଚାଳନା କରିଥିଲେ। ଶନିବାର ବ୍ରହ୍ମବରଦା ସହିତ ଅରାବଳ ଓ କଦମପାଳ ସହିତ ପଟୁଣିଆ ମଧ୍ୟରେ ସେମୀ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି।


**ପୂର୍ବ ତଟ ରେଳପଥ**
ରେଲୱେ ରିକ୍ରୁଟମେଣ୍ଟ ସେଲ୍
ସାଙ୍କେତିକ ବିଜ୍ଞାପନ
ଆପ୍ରେଣ୍ଟିସ୍ ନିୟମ, 1961 ଅନୁଯାୟୀ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି
ଅଧିସୂଚନା ସଂ.ECoR/RRC/Act Appr/2019

ଜାରି ହେବା ତାରିଖ:07.12.2019 ଅନଲାଇନ୍ ଦରଖାସ୍ତ ନିମନ୍ତେ ବନ୍ଦ ହେବା ତାରିଖ: 06.01.2020

ପୂର୍ବ ତଟ ରେଳପଥରେ କାରଖାନା/ୟୁନିଟ୍‌ଗୁଡ଼ିକଠାରେ ନାମିତ ଟ୍ରେଡ୍‌ରେ ଆପ୍ରେଣ୍ଟିସ୍ ଆକ୍ଟ ୧୯୬୧ ଅନୁଯାୟୀ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ରେଲବାଇ ବୋର୍ଡ ଦ୍ୱାରା ଜାରି ପ୍ରଚଳିତ ନିୟମ ଏବଂ ନିର୍ଦ୍ଦେଶାନୁସାର ପ୍ରଶିକ୍ଷଣ ଅବଧି ଏବଂ ପ୍ରଦାନଯୋଗ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । www.rrcbbs.org.in ଅବଲୋକନ କରି ବିଧିବଦ୍ଧ ଭାବେ ତା.06.01.2020ରିଖ 2359 ଘଟିକା ପର୍ଯ୍ୟନ୍ତ କେବଳ ଅନ୍‌ଲାଇନ୍‌ରେ ଦାଖଲ କରାଯିବା ଆବଶ୍ୟକ ।

ପ୍ରଶିକ୍ଷଣ ସ୍ଲଟ୍ ନିମ୍ନରେ ପ୍ରଦାନ କରାଗଲା :

| କ୍ରମ ସଂ. | ୟୁନିଟ୍ ଏବଂ ଟ୍ରେଡ୍ | ଖାଲି ସ୍ଥାନ |
|---|---|---|
| I. | ପୂର୍ବ ତଟ ରେଳପଥ ମୁଖ୍ୟାଳୟ : କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଙ୍ଗ୍ ଆସିଷ୍ଟାଣ୍ଟ | 10 |
| | ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର : ଫିଟର, ସିଟ୍ ମେଟାଲ ୱାର୍କର, ୱେଲ୍ଡର, ମେସିନିଷ୍ଟ, ମେକାନିକ (ଏମ୍.ଭି.), କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ୱାୟରମେନ୍ ଏବଂ ପେଣ୍ଟର । | 250 |
| II. | ଖୋର୍ଦ୍ଧା ରୋଡ୍ ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ମେସିନିଷ୍ଟ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡି/ମ୍ୟାନ୍ (ମେକ୍), ଡ୍ରାଫ୍ଟମ୍ୟାନ୍ (ସିଭିଲ୍),ଇଲେକ୍ଟ୍ରୋନିକ୍ସ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 317 |
| III. | ୱାଲ୍ଟିୟର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ),ମେସିନିଷ୍ଟ, ବଢ଼େଇ, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡି/ମ୍ୟାନ୍ (ମେକ୍), ଡ୍ରାଫ୍ଟମ୍ୟାନ୍ (ସିଭିଲ୍), ଇଲେକ୍ଟ୍ରୋନିକ୍ସ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 553 |
| IV. | ସମ୍ବଲପୁର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ବଢ଼େଇ, ଇଲେକ୍ଟ୍ରିସିଆନ୍, ଡ୍ରାଫ୍ଟମ୍ୟାନ୍ (ସିଭିଲ୍), ଇଲେକ୍ଟ୍ରୋନିକ୍ ମେକ୍, ୱାୟରମେନ୍, ପ୍ଲମ୍ବର ଏବଂ ମେସନ । | 86 |
| | Total | 1216 |

ଦରଖାସ୍ତ ପଞ୍ଜୀକରଣ ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ଚୟନ ପ୍ରକ୍ରିୟା, ଦରଖାସ୍ତ ଶୁଳ୍କ,ମେଡିକାଲ ଫିଟ୍‌ନେସ୍ ଇତ୍ୟାଦି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଅଧିସୂଚନା ନିମନ୍ତେ ରେଲୱେ ରିକ୍ରୁଟମେଣ୍ଟ ସେଲ(RRC), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ୱେବ୍‌ସାଇଟ୍ www.rrcbbs.org.in ଲଗ୍ ଅନ୍ କରନ୍ତୁ ।

PR-566/K/19-20 ଅଧ୍ୟକ୍ଷ, ରେଲୱେ ରିକ୍ରୁଟମେଣ୍ଟ ସେଲ/ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.eTender-optg-kur-05-2019
କାର୍ଯ୍ୟର ନାମ: ପ୍ରକାଶ୍ୟ ଟେଣ୍ଡର ଭିତ୍ତିରେ ପରିଚାଳନା ବିଭାଗର ପୁରୀ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର (ମୋଟ 03 ଗୋଟି ସ୍ଥାନ) ଠାରେ ତିନି ବର୍ଷ ସମୟାବଧି ନିମନ୍ତେ ଦୈନିକ ଭିତ୍ତିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିଭିଜନାଲ କଶନ ଅର୍ଡର(DCO)ର କମ୍ପ୍ୟୁଟରୀକରଣ ଏବଂ ଫଟୋକପି (Xerox) ନିମନ୍ତେ ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 21,82,554/-, EMD (ଟଙ୍କାରେ): 43,700/-,ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.10.12.2019 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.12.2019 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-567/K/19-20

**पंजाब नैशनल बैंक ...भरोसे का प्रतीक !  ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !**
ଆରପିଆରସି ଶାଖା, ଏକାମ୍ର କାନନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ, ଆରପିଆରସି ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ମାଧ୍ୟମରେ ସେମାନଙ୍କର ବକେୟା ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ଯାଏ ସେବାବଦ ଖର୍ଚ୍ଚ ଓ ଦେୟ ନୋଟିସ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ସେମାନଙ୍କର ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ** ନିକଟରେ ନିମ୍ନ ଦର୍ଶିତ ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଶ୍ୟାମ ପ୍ଲାଏ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସମୀର କୁମାର ସାମନ୍ତରାୟ,** ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, **ଠିକଣା-୧:** ପ୍ଲଟ୍ ନଂ.: ଏନ୍୪-୨୪୨, ଗଜାନନ କମ୍ପ୍ଲେକ୍ସ, ଇନ୍ଦ୍ରଧନୁ ମାର୍କେଟ, ନୟାପଲ୍ଲୀ, ଭୁବନେଶ୍ୱର-୭୫୪୦୧୫, **ଠିକଣା-୨:** ପ୍ଲଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁବାଷ ସାମନ୍ତରାୟ,** ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, **୨) ଶ୍ରୀମତୀ ସୁଚିସ୍ମିତା ସାମନ୍ତରାୟ,** ସ୍ୱାମୀ: ଶ୍ରୀ ସୁବାଷ ସାମନ୍ତରାୟ, ଉଭୟଙ୍କ **ଠିକଣା-୧:** ସା.: କୋରକରା, ପୋ.: ବ୍ରହ୍ମାଣ୍ଡ, ଭାୟା: ଗୋବିନ୍ଦପୁର, ଜିଲ୍ଲା: କଟକ, ପିନ୍-୭୫୪୦୦୩, **ଠିକଣା-୨:** ପ୍ଲଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, **ଠିକଣା-୩:** ପ୍ଲଟ୍ ନଂ.: ଏମ୍‌ଆଇଜି-୬୦, କପିଳ ପ୍ରସାଦ, ଫେଜ୍-୨, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୨, **ଠିକଣା-୪:** ପ୍ଲଟ୍ ନଂ.: ୧୬୦୨, ଚିନ୍ତାମଣୀଶ୍ୱର, ପୋ.: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ୦୧.୦୩.୨୦୧୯ / ୦୩.୧୨.୨୦୧୯ | ୦୧.୦୩.୨୦୧୯ ସୁଦ୍ଧା ଟ.୫୨,୮୩,୭୨୨/- ସେବାବଦ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀମତୀ ସୁଚିସ୍ମିତା ମହାନ୍ତି (ସାମନ୍ତରାୟ)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବଡଗଡ, ଥାନା: ବଡଗଡ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୨୩୦୨, ପ୍ଲଟ୍ ନଂ.: ୧୪୬୪/୭୭୯୧, କ୍ଷେତ୍ର: ଏକର୦.୦୫୪ ଡିସିମିଲ |

ତାରିଖ: ୦୬.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ

DADLS-64



**MESSAGE**

On the occasion of Armed Forces Flag Day-2019, I extend my warm felicitations and good wishes to all ranks of the Armed Forces as well as our Ex-servicemen and their families.

Our Armed Forces have exhibited exemplary courage and patriotism in preserving the sovereignty and territorial integrity of the country. The Armed Forces personnel not only resolutely defend the nation's borders but also render valuable service during national calamities and combating the internal insurgencies. Armed Forces Flag Day is an occasion to remember with gratitude the sacrifices made by our gallant soldiers and to pay tribute to their courage and dedication in serving our great nation. It provides us an opportunity to express solidarity and support through generous contribution to the Armed Forces Flag Day Fund so that rehabilitation and welfare of Ex-servicemen and their families could be undertaken in a big way.

I appeal to all the citizens to come forward and contribute spontaneously to the Armed Forces Flag Day Fund.

Jai Hind !

(Prof. Ganeshi Lal)
Governor, Odisha



**MESSAGE**

The 'Armed Forces Flag Day' on 7th December provides an opportunity to all the citizens of India to reaffirm our gratitude and appreciation towards the men in uniform for their valiant services and supreme sacrifices and pledge our sincerity in taking care of those who are left behind.

The contributions would help in wiping out tears and show our solidarity with them. On this occasion, I appeal to all citizens of Odisha to donate generously to the 'Armed Forces Flag Day'as a mark of our regards and respect for their unflinching loyalty and unstinting service to the Nation and make the Armed Forces Flag Day 2019 a great success.

(Naveen Patnaik)
Chief Minister, Odisha

27008/13/0002/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୭ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ପୁସ୍ତକ ମେଳା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୬।୧୨(ଡିଏନଏ):** ଚଳିତ ଡିସେମ୍ବର ଶେଷ ସପ୍ତାହରେ ଯାଜପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପୁସ୍ତକମେଳା ପରିପ୍ରେକ୍ଷୀରେ ୭ଦିନ ବ୍ୟାପୀ ସାନ୍ଧ୍ୟ ସଭାରେ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ପୁସ୍ତକମେଳାର ଆୟୋଜନକାରୀ ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଗଠିତ ସାଂସ୍କୃତିକ କମିଟିର ଏନେଇ ଏକ ବୈଠକ ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିବସରେ କେଉଁ କେଉଁ ସାଂସ୍କୃତିକ ଅନୁଷ୍ଠାନ ସଭା ପରେ ନୃତ୍ୟ, ସଂଗୀତ ଓ ନାଟ୍ୟ ପରିବେଷଣ କରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୫, ୨୬ ଓ ୨୯ରେ ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିଯୋଗୀମାନେ ସ୍ଥିରୀକୃତ ହୋଇଥିବା ଦିବସଗୁଡ଼ିକରେ ଭାଗ ନେବା ପୂର୍ବରୁ ଅନୁଷ୍ଠାନ ସହିତ ଯୋଗାଯୋଗ କରିବେ। ସେହିଭଳି ୩ଟି ସନ୍ଧ୍ୟାରେ ସାମାଜିକ ନାଟକ ପରିବେଷଣ କରାଯିବ ବୋଲି ମଧ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସଭାରେ ଅନନ୍ୟା ସଭାପତି ସନ୍ତୋଷ କୁମାର ନନ୍ଦ ଅଧକ୍ଷତା କରିଥିବାବେଳେ ସମ୍ପାଦକ କାହ୍ନୁ ଚରଣ ମିଶ୍ର, ବିଭୂତି ଭୂଷଣ ମହାପାତ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଉପେନ୍ଦ୍ର ଜେନା, ନବ କିଶୋର ଦାସ, ଉପେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସାଂସ୍କୃତିକ ପ୍ରତିଯୋଗୀ ସାଧାରଣ ସମ୍ପାଦକ କାହ୍ନୁଚରଣ ମିଶ୍ର ଓ ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁଙ୍କ ସହିତ ଯୋଗାଯୋଗ କରିବେ ବୋଲି କୁହାଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଅଭିଯୋଗ

**କୋରେଇ,୬।୧୨(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ତୁଳତୀ ଗ୍ରାମରେ ଶୁକ୍ରବାର ଧାନ କାଟିବାକୁ ନ ଯିବାକୁ କେନ୍ଦ୍ର କରି ମାରପିଟ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଥାନାରେ ୨ଟି ଅଭିଯୋଗ ହୋଇଛି। ତୁଳତୀ ଗ୍ରାମର ବାବୁଲି ସିଂହ ତୁଳତୀ ଛକକୁ ଯାଇଥିଲେ। ଏହି ସମୟରେ ରହେମାନପୁର ଗ୍ରାମର ବିଜୟ ମହାକୁଡ, ଚୁଙ୍ଗୁଆ ମହାକୁଡ, ବିଶ୍ୱନାଥ ସେନାପତି କାହିଁକି ଧାନ କାଟିବାକୁ ଗଲ ନାହିଁ କହିକି ଗାଳିଗୁଲଜ କରିଥିଲେ। ବାବୁଲି ଏହାର ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ମାଡ଼ମାରିଥିଲେ। ଏହି ସମୟରେ ବାବୁଲିଙ୍କ ଶଳା ମହେଶ୍ୱର ସେଠାରେ ପହଞ୍ଚି ଅଟକାଇଥିଲେ। ହେଲେ ସେମାନେ ତାଙ୍କୁ ମଧ ମାଡ଼ମାରିଥିଲେ। ଏ ନେଇ ମହେଶ୍ୱର ଓ ବାବୁଲିଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଥାନାରେ ଅଭିଯୋଗ କରିଛନ୍ତି।

### ହାଇଦ୍ରାବାଦ ପୋଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା

**ଯାଜପୁର ରୋଡ୍,୬।୧୨(ନି.ପ୍ର.):** ହାଇଦ୍ରାବାଦ ପ୍ରାଣୀ ଚିକିତ୍ସିକାଙ୍କ ଗଣ ବଳାତ୍କାର ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ହାଇଦ୍ରାବାଦ ପୋଲିସ ଏନ୍‌କାଉଣ୍ଟର କରିଛି। ଯାଜପୁର ରୋଡ୍‌ସ୍ଥିତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଦ୍ୱାରା ବଳାତ୍କାର କରିବାକୁ କେହି ସାହସ କରିବେ ନାହିଁ ବୋଲି ଛାତ୍ରୀମାନେ ନାରା ଦେଇଥିଲେ।

## ଡିଏମ୍‌ଏଫ ପାଣ୍ଠିର ପୁଣି ଦୁରୁପଯୋଗ

# ଛତିଆ ଡିଟିଆଇ ପାଇଁ ୩.୭୩ କୋଟି ମଞ୍ଜୁର



■ଖଣି ଅଞ୍ଚଳକୁ ଉପେକ୍ଷା, ଅନ୍ୟ ଅଞ୍ଚଳକୁ ଗୁରୁତ୍ୱ

■ତୁମୁଣି, ଗୁହିଆଶାଳକୁ ରାସ୍ତା ପ୍ରସ୍ତାବରେ ସୀମିତ

**ଯାଜପୁର ଅଫିସ,୬।୧୨**

ଯାଜପୁର ଜିଲା ଛତିଆରେ ଥିବା ହେଭି ମୋଟର ଭେଇକିଲ (ଏଚ୍‌ଏମ୍‌ଭି) ଡ୍ରାଇଭିଂ ତାଲିମ କେନ୍ଦ୍ର (ଡିଟିଆଇ) ଉନ୍ନତୀକରଣ ପାଇଁ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ୩କୋଟି ୭୩ଲକ୍ଷ ୩୧ହଜାର ୫୦୦ ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୯କୋଟି ଟଙ୍କା ଖର୍ଚ୍ଚରେ ଜିଲାରେ ୨ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଉଛି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଛତିଆ ଏଚ୍‌ଏମ୍‌ଭି ଡିଟିଆଇର ଉନ୍ନତୀକରଣ ହେଲେ ଅଧିକ ସଂଖ୍ୟାରେ ବିପିଏଲ, ଏସ୍‌ସି, ଏସ୍‌ଟି ବର୍ଗର ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ଏଥିପାଇଁ ସରକାରଙ୍କ ଅନ୍ୟାନ୍ୟ ପାଣ୍ଠି ବିନିଯୋଗ ହୋଇ ପାରନ୍ତା। କିନ୍ତୁ ଖଣି ଅଞ୍ଚଳର ବିକାଶ ପାଇଁ ପ୍ରଣୀତ ଡିଏମ୍‌ଏଫ ପାଣ୍ଠି ସେଠାରେ ଉପଯୁକ୍ତ ଭାବେ ବିନିଯୋଗ ହୋଇପାରୁ ନାହିଁ। ଅନ୍ୟପକ୍ଷେ ଅଣ ଖଣି ଅଞ୍ଚଳରେ କୋଟିକୋଟି ଟଙ୍କା ବ୍ୟୟବରାଦ ଖଣି ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ବହୁ ଚର୍ଚ୍ଚିତ ନଗଡାର ଜୁଆଙ୍ଗ ଆଦିବାସୀଙ୍କ ସମେତ ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ପକ୍ଷରୁ ନିକଟରେ ଏଥିପାଇଁ ଆନ୍ଦୋଳନ ଡାକରା ମଧ ଦିଆଯାଇଛି।

ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ ଆକ୍ଟ ୧୯୫୭କୁ ୨୦୧୫ ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍‌ଏଫ୍ ଗଠିତ ହୋଇଛି। ଗତ ୫ବର୍ଷ ମଧ୍ୟରେ ଡିଏମଏଫ ବାବଦକୁ ୮୬୯.୫୬ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ଖର୍ଚ୍ଚ ମାତ୍ର ୨୦୦ କୋଟି ଟଙ୍କା ହୋଇଛି। ଏହି ପାଣ୍ଠିରୁ ନଗଡ଼ାକୁ ରାସ୍ତା ଖୋଲିଛି ସତ; ହେଲେ ତାହା ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ବିଡମ୍ବନା ଯେ, ନଗଡା ଶିଶୁ ମୃତ୍ୟୁ ଘଟଣାକୁ ୩ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ଏଯାଏ ନାଲିଆଡାବାରୁ ତୁମୁଣି ଓ ନାଲିଆଡାବାରୁ ଗୁହିଆଶାଳକୁ ରାସ୍ତା ସଂଯୋଗ ହୋଇପାରି ନାହିଁ। ଫଳରେ ଏବେବି ତୁମୁଣି ଗ୍ରାମର ୧୧୦ ଓ ଗୁହିଆଶାଳ ଗ୍ରାମର ୧୫୫ ଜଣ ଲୋକ ଉପଯୁକ୍ତ ଗମନାଗମନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ତୁମୁଣିକୁ ୫ କି.ମି. ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ୫୧୫.୦୭ ଲକ୍ଷ ଟଙ୍କା ଓ ଗୁହିଆଶାଳକୁ ୭.୫୦ କିମି ରାସ୍ତା ନିର୍ମାଣ ପାଇଁ ୧୨୬୬.୮୭ ଲକ୍ଷ ଟଙ୍କା ଅଟକଳ କରାଯାଇଛି। ହେଲେ ଏଯାଏ ରାସ୍ତା ନିର୍ମାଣ ଆରମ୍ଭ କରିବାକୁ ବିଭାଗୀୟ ଆନ୍ତରିକତା ପ୍ରକାଶ ପାଇ ନାହିଁ। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ୧୩୩ଟି ଗ୍ରାମକୁ ଏଯାଏ ରାସ୍ତା ସଂଯୋଗ ହୋଇ ନ ଥିବା ସୂଚନା ମିଳିଛି। ଏଥିରେ ସୁକିନ୍ଦା ବ୍ଲକ ସର୍ବାଗ୍ରେ ରହିଛି। ଏହାବାଦ ଖଣି ଅଞ୍ଚଳର ପରିବେଶ ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ଏଥିଯୋଗୁ ଅଞ୍ଚଳବାସୀ ବିଭିନ୍ନ ମାରାତ୍ମକ ରୋଗରେ ପୀଡିତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ରେ କଳରଙ୍ଗି ପଡିଆରେ ଅଞ୍ଚଳବାସୀଙ୍କ ଦାବିକୁ ଗ୍ରହଣ କରି ୩ଟି ବୃହତ ପ୍ରକଳ୍ପ, ଡିଏମ୍‌ଏଫ୍ ହାଉସ, ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଓ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏଯାଏ ଏହିସବୁ ପ୍ରକଳ୍ପ ଆରମ୍ଭ ହୋଇ ପାରିନାହିଁ। ଏଭଳି ଅନେକ ସମସ୍ୟା ଖଣି ଅଞ୍ଚଳରେ ଅସମାହିତ ହୋଇ ରହିଛି। ହେଲେ ଅଶୋକ ଲିଲ୍ୟାଣ୍ଡ ଲିମିଟେଡ ଦ୍ୱାରା ପରିଚାଳିତ ଛତିଆ ଏଚ୍‌ଏମ୍‌ଭି ଡ୍ରାଇଭିଂ ତାଲିମ କେନ୍ଦ୍ରର ଉନ୍ନତୀକରଣ ଚିନ୍ତା ଘାରିଛି। ଏଥିପାଇଁ ଏଚ୍‌ଏମ୍‌ଭି ଡ୍ରାଇଭିଂ ତାଲିମ କେନ୍ଦ୍ରର ହଷ୍ଟେଲ ବିଲ୍ଡିଂ ପାଇଁ ୧କୋଟି ୮୦ ଲକ୍ଷ ୪୦ହଜାର ୫୦୦ ଟଙ୍କା, ବାଉଣ୍ଡ୍ରି ୱାଲ ପାଇଁ ୯୫ଲକ୍ଷ ୩୦ହଜାର ୫୦୦ ଟଙ୍କା ଓ ଟ୍ରାକ ମରାମତି ପାଇଁ ୯୭ ଲକ୍ଷ ୬୦ ହଜାର ୫୦୦ ଟଙ୍କା ଏଭଳି ଭାବେ ସମୁଦାୟ ୩କୋଟି ୭୩ଲକ୍ଷ ୩୧ ହଜାର ୫୦୦ ଟଙ୍କା ମଞ୍ଜୁର ହୋଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ, ଡିଏମ୍‌ଏଫ୍ ପାଣ୍ଠିରୁ ଦୁରୁପଯୋଗ ହେଉଥିବା ଅଭିଯୋଗ କରି ଖଣି ଅଞ୍ଚଳବାସୀ ନିକଟରେ ରାସ୍ତା ଅବରୋଧ କରିବା ସହିତ ଆନ୍ଦୋଳନ କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ପ୍ରାୟ ୬୦ ପ୍ରତିଶତ ଡିଏମ୍‌ଏଫ୍ ପାଣ୍ଠି ଖଣି ଅଞ୍ଚଳରେ ଖର୍ଚ୍ଚ ହେବା କଥା। ଏଥିପାଇଁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଛନ୍ତି।

### ୫୭ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ

**କୋରେଇ,୬।୧୨(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଯାଜପୁର ଜିଲା ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରବାର ଗୃହରକ୍ଷୀ ଓ ବେସାମରିକ ବାହିନୀର ୫୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂହ ମୀନା ଗୃହରକ୍ଷୀ ବାହିନୀଙ୍କଠାରୁ ପ୍ୟାରେଡ ଅଭିବାଦନ ଗ୍ରହଣ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ଯାଜପୁର ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଆଦି ପ୍ରତ୍ୟେକ ସ୍ତରରେ ହୋମଗାର୍ଡଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଏସ୍‌ପି ମୀନା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜ କିଶୋର ଦୋରା, ରିଜର୍ଭ ଇନ୍ସପେକ୍ଟର କାହ୍ନୁ ଚରଣ ମାରାଣ୍ଡି, ଡିଏସ୍‌ପି ବିଜୟ କୁମାର ମଲ୍ଲିକ, ପ୍ରଫୁଲ୍ଲ କୁମାର ମିଶ୍ର, ଏସ୍‌ଡିପିଓ ରବୀନ୍ଦ୍ର ଜେନା, ଇନ୍ସପେକ୍ଟର ଅଜୟ କୁମାର ଜେନା, ଅସିତ କୁମାର ମହାନ୍ତିଙ୍କ ସମେତ ଜିଲାର ବିଭିନ୍ନ ଥାନାଧିକାରୀ ଯୋଗଦେଇଥିଲେ। ହୋମଗାର୍ଡ ବାହିନୀର ପ୍ୟାରେଡ କମାଣ୍ଡର ଉମାକାନ୍ତ ରାଉତ, ସହ କମାଣ୍ଡର ନୃସିଂହ ସ୍ୱାଇଁ, କମ୍ପାନୀ କମାଣ୍ଡର ଗୋବିନ୍ଦ ଚନ୍ଦ୍ର ମଲିକ, ରଞ୍ଜନ କୁମାର ମଲିକ, ପ୍ରକାଶ ଦାସ ପ୍ରମୁଖ ପ୍ୟାରେଡ ପରିଚାଳନା କରିଥିଲେ।

## ■ ମାନସାପୋଲ-ସିନ୍ଦୁରାଇମୁହଁ ରାସ୍ତା ନିର୍ମାଣରେ ବିଳମ୍ବ

# କ୍ଷତିପୂରଣ ପାଇବା ପରେ ବି ଛାଡୁ ନାହାନ୍ତି ଜମି

**ଯାଜପୁର ଟାଉନ,୬।୧୨(ଡିଏନଏ)**



ଅଧିବଗ୍ରହଣ ପରେ ଲୋକେ ଛାଡୁ ନ ଥିବା ଜାଗା।

ଯାଜପୁର ସହରରେ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିକଳ୍ପ ଗମନାଗମନ ବ୍ୟବସ୍ଥା ପାଇଁ ଦୀର୍ଘବର୍ଷ ତଳୁ କିଆନାଳୀ-ସିନ୍ଦୁରାଇମୁହଁ ରାସ୍ତାକୁ ପ୍ରଶସ୍ତ କରି ଗମନାଗମନ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଯାଇଥିଲେ ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି କ୍ଷତିପୂରଣ ପାଇବା ପରେ ବି ହଟୁ ନ ଥିବା ଜଣାପଡ଼ିଛି। ଫଳରେ ଏହି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି। ଯାଜପୁର ସହର ମାନସାପୋଲରୁ ବୈଦ୍ୟରାଜପୁର ଯାଏ ବାମପାର୍ଶ୍ୱ କେନାଲ ବନ୍ଧଟି କଂକ୍ରିଟ କରାଯାଇ ଗମନାଗମନ ଉପଯୋଗୀ କରାଯାଇଛି। ସେହିଭଳି ବୈଦ୍ୟରାଜପୁରରୁ ସୁନ୍ଦରାଇମୁହଁ ଯାଏ କେନାଲ ବନ୍ଧର ଉଭୟପାର୍ଶ୍ୱର ରାସ୍ତା କାମ ସରିବାକୁବସିଲାଣି। କିନ୍ତୁଦକ୍ଷିଣପାର୍ଶ୍ୱ ବନ୍ଧର ମାନସାପୋଲରୁ ବୈଦ୍ୟରାଜପୁର ପର୍ଯ୍ୟନ୍ତ ପ୍ରାୟ ୧ କି.ମି ବନ୍ଧ ରାସ୍ତାର ଉନ୍ନତୀକରଣ କରିବା ପାଇଁ କେବେଠାରୁ ଟେଣ୍ଡର ସରି ଠିକାଦାର କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ସତ୍ତ୍ୱେ ପ୍ରାୟ ୨୦ଟି ପରିବାର ଦୀର୍ଘଦିନ ପୂର୍ବରୁ କ୍ଷତିପୂରଣ ପାଇସାରିଥିଲେ ବି ଜାଗା ଛାଡୁ ନ ଥିବା ଦେଖିବାକୁ ମିଳିଛି। ଯାଜପୁର ତହସିଲ କାର୍ଯ୍ୟାଳୟ ବାରମ୍ବାର ଏମାନଙ୍କୁ ମୌଖିକ ଭାବେ ଜମି ଛାଡିବା ପାଇଁ କହି ଆସୁଥିବାବେଳେ ଗତ ୯ଦିନ ତଳୁ ସାପ୍ତାହିକ ନୋଟିସେ ମଧ ଜାରି କରିଛନ୍ତି। କିନ୍ତୁ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତିମାନେ ଏପର୍ଯ୍ୟନ୍ତ ରାସ୍ତାରୁ ହଟୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ। ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଅତି କମ୍‌ରେ ୬/୭ ମାସ ଲାଗିବ। ପ୍ରଭାବଶାଳୀ ବ୍ୟକ୍ତିମାନେ ଜମି ଛାଡୁ ନ ଥିବାରୁ ବର୍ଷାଋତୁ ପୂର୍ବରୁ ରାସ୍ତା କାମ ସରିବା ସମ୍ଭବ ହେବ ନାହିଁ ବୋଲି କୁହାଯାଉଛି। ପୂର୍ତ୍ତ ବିଭାଗ ଏ ସମ୍ପର୍କରେ ବହୁବାର ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଓ ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ବି ଅବରୋଧକାରୀମାନେ ହଟୁ ନ ଥିବାରୁ ନିର୍ମାଣ କାର୍ଯ୍ୟ କରାଯାଇ ପାରୁ ନ ଥିବା କୁହାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

### ଆମ୍ବେଡକରଙ୍କ ପରିନିର୍ବାଣ ଦିବସ

**ଯାଜପୁର ଟାଉନ,୬।୧୨(ଡିଏନଏ)**

ଭାରତୀୟ ସମ୍ବିଧାନର ପ୍ରଣେତା ଡଃ ଭୀମରାଓ ଆମ୍ବେଡକରଙ୍କ ମହାପରିନିର୍ବାଣ ଅବସରରେ ଯାଜପୁର ଜିଲା ପ୍ରଶାସନ ଓ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶୁକ୍ରବାର ପ୍ରତ୍ୟୁଷରୁ ସ୍ଥାନୀୟ ଗୌତମ ବୁଦ୍ଧ ପରିସରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିଭଳି ପତଞ୍ଜଳି ଯୋଗ ସମିତିର କର୍ମକର୍ତ୍ତା ଯୋଗ ଗୁରୁ ମନ୍ମଥ କୁମାର ସାମଲ, ସୁବାସ ଚନ୍ଦ୍ର ତ୍ରିପାଠୀ, ଗୋପୀନାଥ ସେଠୀ, ସାମାଜିକ କର୍ମୀ ସତ୍ୟବ୍ରତ ମହାନ୍ତି, ନିଶିଥ ଦାସ, ସରୋଜ କୁମାର ଜେନା, ପରମାନନ୍ଦ ତ୍ରିପାଠୀ, ସୁରେଶ ଧଳ, ତିଳକ କୁମାର ଦେ, ଅକ୍ଷୟ କୁମାର ଦାସ, ଶ୍ରୀନିବାସ ସାହୁ, ଦେବେନ୍ଦ୍ର ସେଠୀ, ସୁଶାନ୍ତ କୁମାର ଗୋଛାୟତ ପ୍ରମୁଖ ମଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ଆମ୍ବେଡକରଙ୍କର ଦେଶ ପ୍ରତି ରହିଥିବା ଅମୂଲ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।



## ବିଦ୍ୟାଳୟ ହତାରୁ କାଟିଦେଲେ ଗଛ

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ

**ରସୁଲପୁର,୬।୧୨(ଡିଏନଏ)**

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି-କରଜଙ୍ଗା ନୋଡାଲ ଉ.ପ୍ରା. ବିଦ୍ୟାଳୟ ହତାରୁ ଗଛ କଟା ଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାରାୟଣ ସାହୁଙ୍କ ନିକଟରେ କୌଣସି ଆଇନଗତ ଅନୁମତି ନ ଥାଇ ମଧ ସେ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ହାତକରି ଗଛ କାଟି ଦେଇଛନ୍ତି।

ପ୍ରକାଶ ଯେ, ବିଦ୍ୟାଳୟ ହତା ଭିତରେ ଏକ ଢାଉ ରଙ୍ଗର ବିଶାଳକାୟ ଗଛ ଥିଲା। ଯାହାର ଆନୁମାନିକ ମୂଲ୍ୟ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଗତ ୩ ତାରିଖରେ ପ୍ରଧାନ ଶିକ୍ଷକ କାଠ ମାଫିଆଙ୍କୁ ଡାକି ଗଛଟିକୁ କାଟି ଦେଇଛନ୍ତି। ଏହାଜାଣି ହାଟସାହି, କରଜଂଗ, ଦିଆଲଖଣ୍ଡି, ଗଙ୍ଗାଧରପୁର, ରାଜେନ୍ଦ୍ରପୁର ଆଦି ଗ୍ରାମର ଲୋକେ କଟକ ବନାଞ୍ଚଳ ଡିଭିଜନ୍ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ଥିବା ନିୟମାନୁଯାୟୀ, ଯେକୌଣି ବ୍ୟକ୍ତି ନିଜସ୍ୱ ଜମି ହେଉ ଅବା ସରକାରୀ ସ୍ଥାନରୁ ଗଛ କାଟିବାକୁ ହେଲେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ଅନୁମତି ପତ୍ର ଆଣିବ। ନଚେତ ଏହା ଯଦି ପଞ୍ଚାୟତର ନିଲାମ ଜମିରେ ଅବସ୍ଥିତ ଥିବ। ତେବେ ପଞ୍ଚାୟତ ନିଲାମ ଦେବା ସହ ଗଛ କାଟିବାର କାରଣକୁ ଦର୍ଶାଇ ଗଛ କାଟିବା ପାଇଁ ଅନୁମତି ଦେଇପାରିବେ। ହେଲେ ଏଠାରେ ସେଭଳି କିଛି ହୋଇନାହିଁ। ପ୍ରଧାନ ଶିକ୍ଷକ ସାହୁ ବିଦ୍ୟାଳୟ ପରିଚାଳନା କମିଟିକୁ ସର୍ବେସର୍ବା ଭାବି ସେମାନଙ୍କ ଅନୁମତିରେ ଗଛ କାଟିଦେବାକୁ ନିଷ୍ପତି ନେଇଛନ୍ତି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବେଆଇନ ଭାବରେ କଟାଯାଇଥିବା ଗଛର କାଠକୁ ଜବତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସାହୁଙ୍କୁ ପଚାରିବାରୁ, ସେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ପରିଚାଳନା କମିଟିର ଅନୁମତି ନେଇ ଗଛ କାଟିବାକୁ ଅନୁମତି ଦେଇଛନ୍ତି ବୋଲି ସ୍ୱୀକାର କରିଛନ୍ତି।

## ଜଳିଗଲା ଘର, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ

**ଚଣ୍ଡିଖୋଲ,୬।୧୨(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ସୁଗୁଡ଼ା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ୩ ବଖରା ପୋଡ଼ି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏହି ଗ୍ରାମର ସେକ୍ ସରିଫ, ସେକ୍ କରିମ ବକ୍ସ ଓ ସେକ୍ ନସିରଉଦ୍ଦିନଙ୍କ ଘର ପୋଡ଼ିବା ସହ ଘରର ସମସ୍ତ ଆସବାବପତ୍ର ପୋଡ଼ି ଧ୍ୱଂସ ହୋଇଯାଇଛି। ଘର ପୋଡ଼ିର କୌଣସି କାରଣ ଜଣାପଡ଼ି ନାହିଁ। ତେବେ ବିଦ୍ୟୁତ ସଟସର୍କିଟ୍‌ରୁ ନିଆଁ ଲାଗିଥାଇ ପାରେ ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି। ଚଣ୍ଡିଖୋଲ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନମାନେ ଗରିବ ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଆର୍ଥିକ ସରକାରୀ ସହାୟତା ଦେବାକୁ ପଲ୍ଲିମଙ୍ଗଳ ସେବା ସମବାୟ ସମିତିର ସଭାପତି ସଞ୍ଜୟ ସ୍ୱାଇଁ ଓ ନାଏବ ସରପଞ୍ଚ ମସିର ଆଲାମ ଦାବି କରିଛନ୍ତି।

## ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ

**ଯାଜପୁର ରୋଡ୍,୬।୧୨(ନି.ପ୍ର.)**

ଯାଜପୁର ରୋଡ୍‌ସ୍ଥିତ ନୂଆଗଡ ମହିମା ଆଶ୍ରମ ନିକଟରେ ଶୁକ୍ରବାର ବି.ଆର୍ ଆମ୍ବେଡ଼କର ପରିଷଦ କଳିଙ୍ଗନଗର, ଯାଜପୁର ରୋଡ ଆନୁକୂଲ୍ୟରେ ଆମ୍ବେଦକରଙ୍କ ୬୩ତମ ମହାପରିନିର୍ବାଣ ଦିବସ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ପ୍ରଶାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ବାବୁଲାଲ ଗୁରୁ ବିବରଣୀ ପାଠ କରିଥିଲେ। ସିପିଆଇଏମ୍ ନେତା ପ୍ରଫୁଲ୍ଲ ନାୟକ ମଦନ ମୋହନ ଜେନା, ତୁଷାର କୁମାର ଭୂୟାଁ, କୁମାରୀ ରୁପାଲୀ ଗୁରୁ, ଦୁଷ୍ମନ୍ତ ପାତ୍ର, ବୁଲୁ ନାୟକ. ପରିସାମଲ, ପିତାମ୍ବର ଭୂୟାଁ ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣୟତା ଆମ୍ବେଡକରଙ୍କ ସ୍ମୃତି ଚାରଣ କରିଥିଲେ।

# ଲକ୍ଷ୍ମୀ ନାରାୟଣଙ୍କୁ ମେଲାଣି ଦେଲେ କୁମ୍ଭକାର ପରିବାର

**ରସୁଲପୁର,୬।୧୨(ଡିଏନଏ)**



ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତିକୁ ଭସାଣି ପାଇଁ ନିଆଯାଉଛି।

ରସୁଲପୁର ବ୍ଲକ ଇଚ୍ଛାପୁର ଗ୍ରାମର କୁମ୍ଭକାର ସାହିରେ ଅନୁଷ୍ଠିତ କୁରାଳ ପଞ୍ଚମୀ ଉଦ୍‌ଯାପିତ ହୋଇଯାଇଛି। କୁମ୍ଭକାର ପରିବାରଙ୍କ ଆରାଧ ଦେବତା ପ୍ରଭୁ ଲକ୍ଷ୍ମୀ ନାରାୟଣଙ୍କୁ ମେଲାଣି ଦେଇଛନ୍ତି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି ପର୍ବକୁ ପାରମ୍ପରିକ ରୀତିନୀତି ସହ ପାଳନ କରିବା ସହ ଭସାଣି ଉତ୍ସବରେ ସାହିର ଆବଳ, ବୃଦ୍ଧ, ବନିତା ସଭିଏଁ ଯୋଗଦେଇ ମଜା ଉଠାଇଛନ୍ତି। ପ୍ରଭୁଙ୍କୁ ପୂର୍ଣ୍ଣାହୂତି କରିବା ପରେ ଶେଷ ଭୋଗ ଲାଗି କରାଯାଇଥିଲା। ଯଜ୍ଞ କୁଣ୍ଡରେ ମାନସିକଧାରୀମାନେ ସେମାନଙ୍କ ସାନସିକ ସାମଗ୍ରୀ ଅର୍ପଣ କରିଥିଲେ। ମୁଖ୍ୟ ପୁରୋହିତ କୁନା ପଣ୍ଡା ଠାକୁରଙ୍କୁ ବିସର୍ଜନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଠାକୁରଙ୍କୁ ମଣ୍ଡପରୁ ତଳକୁ ଓହ୍ଲାଇବା ସହ ଭସାଣି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା। ଶଙ୍ଖ, ହୁଳହୁଳି, ଘଣ୍ଟ, ବାଦ୍ୟ ଭଜନକୀର୍ତ୍ତନର ତାଳେ ମୂର୍ତ୍ତିକୁ ବସର୍ଜନ ଘାଟକୁ ନିଆଯାଇ ଥିଲା। ଏକ ରୋଷଣୀ ଶୋଭାଯାତ୍ରାର ସହ ପ୍ରଭୁଙ୍କୁ ବିଭିନ୍ନ ଗାଁ ଭୋଟକା ପଞ୍ଚାୟତର ଭୋଟକା, ଇଚ୍ଛାପୁର, ବଡରମ୍ପେଇ, ସାନରମ୍ପେଇ, ବଣ୍ଟରା ଆଦି ପରିକ୍ରମା କରାଯାଇଥିଲା। ଛିଣ୍ଡା ଖରସ୍ରୋତା ନଦୀରେ ପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା।

### ଭାରସାମ୍ୟ ହରାଇ ପୋଖରୀରେ ପଡିଲା ଆମ୍ବୁଲାନ୍ସ

**କୋରେଇ,୬।୧୨(ସ୍ୱ.ପ୍ର.)**

କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଶୁକ୍ରବାର ଏକ ପୋଖରୀ ମଧ୍ୟରେ ଗଳି ପଡିଛି। ଏଥିରେ ଗାଡି ଚାଳକ ଏବଂ ତାଙ୍କ ପୁଅ ଅଳ୍ପକେ ବର୍ତ୍ତିଥିବା ଜଣାପଡିଛି। ପ୍ରକାଶ ଯେ, ମହୁରିଆ ସାହିର ଭାଗିରଥୀ ଜେନା କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଡ୍ରାଇଭରଭାବେ କାମ କରନ୍ତି। ସକାଳେ ଗ୍ରମା ନିକଟସ୍ଥ ପଡ଼ିଆରେ ପୁଅକୁ ଆମ୍ବୁଲାନ୍ସ ଚଳାଇବା ଶିଖାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇବାରୁ ଗାଡିଟି ନିକଟସ୍ଥ ହଜାରୀ ପୋଖରୀରେ ପଡିଯାଇଥିଲା। ଫଳରେ ଗାଡିଟି ପୋଖରୀ ଭିତରେ ବୁଡି ଯାଇଥିଲା। ଗ୍ରାମବସୀ ତୁରନ୍ତ ଅମ୍ବୁଲାନ୍ସ ମଧ୍ୟରୁ ବାପ ପୁଅଙ୍କୁ ଉଦ୍ଧାରକରି ସ୍ଥାନୀୟ ମେଡିକାଲକୁ ନେଇଥିଲେ। ପରେ ଟ୍ରାକ୍ଟର ସହାୟତାରେ ଆମ୍ବୁଲାନ୍ସକୁ ପୋଖରୀରୁ କଢାଯାଇଥିଲା।

# ଡାଟା ଏଣ୍ଟ୍ରି ଅପରେଟର ସାଜିଛନ୍ତି ଦଲାଲ

**ଯାଜପୁର ଟାଉନ,୬।୧୨(ଡିଏନଏ)**

**ଯାଜପୁର ଆର୍‌ଟିଓ ଅଫିସ**

■ଲୋକଙ୍କଠାରୁ ଶହ ଶହ ଟଙ୍କା ନେଇ ବିକ୍ରି କରୁଛନ୍ତି ସ୍ଲଟ

■ ସାଧାରଣ ଲୋକେ ସ୍ଲଟ୍ ବୁକିଂରୁ ବଞ୍ଚିତ ହେଉଛନ୍ତି

ଯାଜପୁର ଆରଟିଓ ଅଫିସରେ ଦଲାଲ ହଟିବା ପରେ ଏବେ ସେହି କାର୍ଯ୍ୟାଳୟରେ କାମ କରୁଥିବା ଡାଟା ଏଣ୍ଟ୍ରି ଅପରେଟରମାନେ ବିଭିନ୍ନ ଅନୈତିକ କାର୍ଯ୍ୟ ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ୫-ଟି ଲାଗୁ ହେବାପରେ କେତେକ ଦଲାଲକୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲେ ମଧ ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରମାନେ ବ୍ୟାପକ ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ୭ଜଣ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଛନ୍ତି। ସେମାନେ ବିଭିନ୍ନ ଲୋକଙ୍କଠାରୁ ଶହ ଶହ ଟଙ୍କା ନେଇ ଡ୍ରାଇଭିଂ ଲାଇସେନ୍ସ ପାଇଁ ହେଉଥିବା ସ୍ଲଟ୍‌କୁ ବିକ୍ରି କରିଦେଉଥିବା ଜଣାପଡିଛି। ଡ୍ରାଇଭିଂ ଲାଇସେନ୍ସ ପାଇଁ ଅନ୍‌ଲାଇନ୍‌ରେ ବୁକିଂ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ସପ୍ତାହର ସୋମବାର, ବୁଧବାର, ଗୁରୁବାର ଓ ଶନିବାର ରାତି ୧ଟା ୪୫ରେ ନୂତନ ଡ୍ରାଇଭିଂ ଲାଇସେନସ ପାଇଁ ପ୍ରତ୍ୟେକ ଦିନ ୨୩୦ଟି ସ୍ଲଟ୍ ଆବେଦନ କରିବାକୁ ନିୟମ ରହିଛି। ଏଥିପାଇଁ ସାଧାରଣ ଲୋକାମାନେ ବିଭିନ୍ନ ଜନସେବା କେନ୍ଦ୍ର, ସାଇବର କେଫ୍ ଏବଂ ନିଜସ୍ୱ ଆଇ.ଡିରେ ସ୍ଲଟ୍ ପାଇଁ ବୁକିଂ କରୁଥିଲେ ମଧ ସ୍ଲଟ୍ ବୁକ୍ ବୋଲି ମେସେଜ୍ ଆସୁଛି। ଏହି ବୁକିଂ କରିବା ସମୟରେ ହିତାଧିକାରୀଙ୍କ ପାଖକୁ ଗୋଟିଏ ଓଟିପି ନମ୍ବର ଆସିଥାଏ ଏଥିପାଇଁ ୩ରୁ ୫ ମିନିଟ୍ ସମୟ ମଧ୍ୟରେ ବୁକିଂ କରାଯାଇଥାଏ। ମାତ୍ର ଅନେକ ସମୟରେ ସ୍ଲଟ ବୁକ୍ ବୋଲି ହିତାଧିକାରୀ ପାଖକୁ ମେସେଜ୍ ଆସିଥାଏ। ଅପରପକ୍ଷେ ଆରଟିଓ ଓ ଏମଭିଆଇଙ୍କ ଅଜାଣତରେ ଏହି ୭ଜଣ ଡାଟା ଏଣ୍ଟ୍ରି ଅପରେଟର ରାତିରେ ପୂର୍ବରୁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ କରି ସ୍ଲଟ ବୁକିଂ କରିଥାନ୍ତି। ସୂଚନା ଥାଉକି, ଆରଟିଓ ଓ ଏମ୍‌ଭିଆଇଙ୍କ ଆଇଡିରୁ ସ୍ଲଟ୍ ବୁକିଂ କରାଗଲେ କୌଣସି ଓଟିପି ନ ଆସି ସିଧା ସଳଖ ସ୍ଲଟ୍ ବୁକ୍ ହୋଇଥାଏ। ଏହାର ସୁଯୋଗ ନେଇ ଏହି ୭ଜଣ ଅପରେଟର ପ୍ରାୟ ଜଣକା ୧୫ରୁ ୨୦ ସ୍ଲଟ୍ ବୁକିଂ କରିଥାନ୍ତି। ଫଳରେ ସାଧାରଣ ଲୋକେ ସ୍ଲଟ୍ ବୁକିଂରୁ ବଞ୍ଚିତ ହୋଇଥାନ୍ତି। ଏହି ପ୍ରକାର ଅଭିନବ ଉପାୟକୁ ହାତ କରି ଡାଟାଏଣ୍ଟ୍ରି ଅପରଟେର ଏବଂ ଆରଟିଓ ଅଫିସରେ କିଛି ଅସାଧୁ କର୍ମଚାରୀ ମିଳିତ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏମଭିଆଇ ଦୀପକ୍ କୁମାର ସେଠୀଙ୍କୁ ପଚାରିବାରେ ଜନସେବା କେନ୍ଦ୍ରରୁ ସାଧାରଣ ହିତାଧିକାରୀ ସ୍ଲଟ୍ ବୁକିଂ କରୁଛନ୍ତି। ଅଳ୍ପ ସମୟ ପାଇଁ ଏହି ସ୍ଲଟ୍ ବୁକିଂ ଥିବାରୁ ଅନେକ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଆରଟିଓ ସଚ୍ଚିତ୍ର ନାଥ ପଣ୍ଡାଙ୍କୁ ପଚାରିବାରେ, ଏଭଳି କୌଣସି ଅଭିଯୋଗ ତାଙ୍କ ପାଖରେ ନାହିଁ, ତଥାପି ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ବିପଦପୂର୍ଣ୍ଣ ବାରଣ୍ଡାରେ ମଧ୍ୟାହ୍ନଭୋଜନ

ନୂଆଗାଁ, ୬।୧୨(ଡି.ଏନ.ଏ.)

- ଭଙ୍ଗାଯାଉନି ପରିତ୍ୟକ୍ତ ଶ୍ରେଣୀଗୃହ
- ପ୍ରଧାନଶିକ୍ଷକଙ୍କୁ ଦାୟୀ କଲେ କନିଷ୍ଠଯନ୍ତ୍ରୀ

ନୟାଗଡ ଜିଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା କାପ୍ତାପଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭଙ୍ଗା ଘର ତଳେ ବିପଦପୂର୍ଣ୍ଣ ଅବସ୍ଥାରେ ମଧ୍ୟାହ୍ନଭୋଜନ ଖାଉଥିବା ଦେଖିବାକୁ ମିଳିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ।

ଗୁମି କ୍ଲଷ୍ଟରରେ ଥିବା ୧୩ ଗୋଟି ସ୍କୁଲ ମଧ୍ୟରୁ କାପ୍ତାପଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଜଣ ପିଲା ପଢୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ପୂର୍ବରୁ ଆଜବେଷ୍ଟସ ଗୃହ ରହିଥିବା ବେଳେ କାଳକ୍ରମେ ସେଗୁଡିକ ନଷ୍ଟ ହୋଇଯିବାରୁ ସ୍କୁଲ ପରିସର ମଧ୍ୟରେ ପକ୍କା ଶ୍ରେଣୀଗୃହ ନିର୍ମାଣ କରାଯାଇ ପୁରାତନ ଗୃହକୁ ପରିତ୍ୟକ୍ତ ଘର ଭାବେ ଘୋଷଣା କରାଯାଇଛି। କିନ୍ତୁ ନୂତନ ଗୃହ ନିର୍ମାଣର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ପୁରାତନ ଗୃହକୁ ଭଙ୍ଗାଯାଇ ନାହିଁ। ଦିନକୁ ଦିନ ଘରଗୁଡିକ ଅଧିକ ନଷ୍ଟ ହୋଇଯିବାରୁ ସ୍କୁଲ ପରିସରରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଛାତ୍ରୀଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ପୁରୁଣା ଘରକୁ ଭାଙ୍ଗିବା ପାଇଁ ଶିକ୍ଷା ବିଭାଗ ଅଧିକାରୀମାନେ ଦୃଷ୍ଟି ଦେଉ ନାହାନ୍ତି। ଏପରିକି ମଧ୍ୟାହ୍ନଭୋଜନ ରୋଷେଇ ପରେ ସେହି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଅଧା ଭଙ୍ଗା ବାରଣ୍ଡାରେ ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଛି। କେବଳ କାପ୍ତାପଲୀ ପ୍ରାଥମିକ ବିଦ୍ୟାଳୟ ନୁହେଁ ସେହିଭଳି କଇଥପଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ବାପୁଜୀ ପ୍ରାଥମିକ ବିଦ୍ୟାଳୟ, ମକରାପଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ସୂତାକଟା ପ୍ରାଥମିକ ବିଦ୍ୟାଳୟ ଆଦି ଅନେକ ସ୍କୁଲରେ ନୂତନ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ପୁରାତନ ଗୃହଗୁଡିକ ନ ଭାଙ୍ଗିବା ଫଳରେ ସେସବୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପରିତ୍ୟକ୍ତ ଗୃହଗୁଡିକ ଭଙ୍ଗା ନ ଯିବା ବିଷୟରେ ସର୍ବଶିକ୍ଷା ଅଭିଯାନ କନିଷ୍ଠ ଯନ୍ତ୍ରୀ ଜୟଶ୍ରୀ ଜେନାଙ୍କୁ ପଚାରିବାରେ ପରିତ୍ୟକ୍ତ ପୁରୁଣା ଶ୍ରେଣୀଗୃହକୁ ଭାଙ୍ଗିଦେବା ପାଇଁ ମୁଁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛି। କିନ୍ତୁ ସେମାନେ ନ ଶୁଣି ଭାଙ୍ଗିବା ପାଇଁ ଟଙ୍କା ଦିଆଗଲେ ଭାଙ୍ଗିବେ ବୋଲି କହୁଛନ୍ତି। ଯାହାକି ଆମ ପକ୍ଷେ ସମ୍ଭବ ନୁହେଁ। ସେହିପରି ବିପଦପୂର୍ଣ୍ଣ ଅବସ୍ଥାରେ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଦେବା ବିଷୟରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ପଣ୍ଡାଙ୍କୁ ପଚାରିବାରେ ଏ ବିଷୟରେ ବୁଝି କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଛନ୍ତି।



ବିପଦପୂର୍ଣ୍ଣ ବାରଣ୍ଡାରେ ଛାତ୍ରୀଛାତ୍ର ଖାଉଛନ୍ତି



ଭୁବନେଶ୍ୱର ଅଭିମୁଖେ ସାଇକେଲ ଯାତ୍ରୀ

## ମାଲକାନଗିରିରୁ ଭୁବନେଶ୍ୱର ସାଇକେଲ ଯାତ୍ରା
# ନୂଆଗାଁରେ ପହଞ୍ଚିଲେ ୩୫ ଯାତ୍ରୀ

ନୂଆଗାଁ,୬।୧୨ (ଡି.ଏନ.ଏ.)

ଶିକ୍ଷା ଓ ସ୍ୱାସ୍ଥ୍ୟ ଦୁଇ ପ୍ରମୁଖ ମୌଳିକ ଆବଶ୍ୟକତାର ଗୁରୁତ୍ୱ ଉପଲବ୍ଧି କରି ସେଥିନିମନ୍ତେ ବିଭିନ୍ନ ଦାବି ନେଇ ମାଲକାନଗିରିରୁ ଭୁବନେଶ୍ୱର ବାହାରିଥିବା ୩୫ ଜଣ ସାଇକେଲ ଯାତ୍ରୀ ଶୁକ୍ରବାର ନୂଆଗାଁଠାରେ ପହଞ୍ଚିଛନ୍ତି। ସ୍ୱାସ୍ଥ୍ୟ ବିଭାଗକୁ ମୋ ସରକାର ଯୋଜନାରେ ସାମିଲ କରିବା ଭଳି ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ମୋ ସରକାର ଯୋଜନାରେ ସାମିଲ କରାଯିବାକୁ ଦାବି କରିଛନ୍ତି। ଦୁଇଟି ଯାକ ବିଭାଗକୁ ସୁପରିଚାଳନା କରିବା ପାଇଁ ଓଡିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ସମେତ ଓଡିଶାର ୧୭ ଗୋଟି ଜିଲାରେ କାର୍ଯ୍ୟରତ ୨୧ ଗୋଟି ସଦସ୍ୟ ସଂଗଠନ ତରଫରୁ ସ୍ୱର ଉଠାଇବା ସହ ଅନେକ ଦାବି ଉପସ୍ଥାପନା କରିବା ପାଇଁ ସେମାନେ ଲିଫଲେଟରେ ଦର୍ଶାଇଛନ୍ତି। ସମ୍ବିଧାନର ଧାରା ୧୪ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ସୁଯୋଗରେ ବାଛ ବିଚାର ନ କରି ସମସ୍ତ ଶିଶୁକୁ ସମାନ ସୁରକ୍ଷା ଦେବା ସହ ଶିକ୍ଷା ଅଧିକାର ଆଇନର ୧୦ ଗୋଟି ନୀତି ଆଧାରରେ ସମସ୍ତ ଆବଶ୍ୟକ ଭିତ୍ତିଭୂମିକୁ ସୁନିଶ୍ଚିତ କରିବା ଦାବି କରିଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ସ୍ତରରୁ କୌଶଳ ଭିତ୍ତିକ ଶିକ୍ଷାର ପ୍ରଚଳନ କରିବା ସହ ବିଦ୍ୟାଳୟ ପରିଚାଳନା କମିଟିକୁ ସକ୍ରିୟ କରିବା କହିଛନ୍ତି। ସ୍ୱାସ୍ଥ୍ୟ ଅଧିକାରକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା କରିବା ସମେତ ଅନ୍ୟାନ୍ୟ ୧୦ ଗୋଟି ଦାବି ରଖିଛନ୍ତି। ଏହି ସାଇକେଲ ଯାତ୍ରାରେ ଦଶପଲ୍ଲା ମହିଳା ଜୀବିକା ସୁରକ୍ଷା ମଞ୍ଚ ସମ୍ପାଦକ ବିଳାସ ଜାନି ନେତୃତ୍ୱ ନେଇଛନ୍ତି।

**୫୭ତମ ଗୃହରକ୍ଷୀ ଦିବସ**

# ଗୃହରକ୍ଷୀ ହେଉଛନ୍ତି ପୋଲିସର ବଳ

ନୟାଗଡ଼ ଅଫିସ,୬।୧୨

ନୟାଗଡ଼ ରିଜର୍ଭ ପଡ଼ିଆଠାରେ ଶୁକ୍ରବାର ୫୭ତମ ଗୃହରକ୍ଷୀ (ହୋମଗାର୍ଡ଼) ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହରକ୍ଷୀଙ୍କ ସମୂହ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀମାନେ ପୋଲିସର ବଳ ବୋଲି ଅତିରିକ୍ତ ଏସ୍‌ପି ପ୍ରକାଶ କରିବା ସହ ସେମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପଠନ କରିଥିଲେ। ପରେ ଗୃହରକ୍ଷୀମାନଙ୍କ ଦ୍ୱାରା ଅସ୍ଥାୟୀ ଚାଳ ଘରେ ନିଆଁ ଲଗାଯାଇ ଲୋକଙ୍କୁ ଉଦ୍ଧାର କରାଯିବାର ଦୃଶ୍ୟ ରୋମାଞ୍ଚକର ଥିଲା। ଉନ୍ନତମାନର କାର୍ଯ୍ୟ ପାଇଁ ୭ ଗୃହରକ୍ଷୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସେମାନେ ହେଲେ ଖଣ୍ଡପଡ଼ା ଥାନାର କୃଷ୍ଣଚନ୍ଦ୍ର ସାହୁ, ଶରଣକୁଳ ଥାନାର ପ୍ରସନ୍ନ କୁମାର ମହାପାତ୍ର, ନୂଆଗାଁ ଥାନାର ରାଜକିଶୋର ପ୍ରଧାନ, ସଦର ଥାନାର ଦୀପକ କୁମାର ସାହୁ, ଟାଉନ ଥାନାର ରଶ୍ମିରାଣୀ ରଥ, ବାଲ୍ମିକୀ ସାହୁ ଓ ମାନସ ରଞ୍ଜନ ସ୍ୱାଇଁ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ଡ଼ିପିଓ ନିରଞ୍ଜନ ପାଢ଼ୀଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଗୃହରକ୍ଷୀଙ୍କ ସମୂହ ପରେଡ଼।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

ଖୋର୍ଦ୍ଧା ଅଫିସ, ୬।୧୨

ବାବା ସାହେବ ଆମ୍ବେଦକର ଆଦର୍ଶବାଦୀ ପରିଷଦ ପକ୍ଷରୁ ବାବା ସାହେବଙ୍କର ମହାପରିନିର୍ବାଣ ଦିବସ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଶୁକ୍ରବାର ପାଳିତ ହୋଇଛି। ଏଥିରେ ସାମାଜିକ କର୍ମୀ ରାମଶଙ୍କର ଅଧକ୍ଷତା କରି କହିଥିଲେ ବାବା ସାହେବଙ୍କ ସମସ୍ତଙ୍କ ପାଇଁ ଶିକ୍ଷା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ଅନ୍ୟମାନଙ୍କ ମଧ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ନରୋତ୍ତମ ନାୟକ, ସାଗର ବେହେରା, ଆଦିତ୍ୟ ବେହେରା, ପ୍ରଭୁପାଦ ପ୍ରଧାନ, ଆଦିତ୍ୟ ବିଶ୍ୱାଳ ଓ କଲେଜ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ।

# ଭାପୁର ବ୍ଲକ ଆଗରେ ଆମରଣ ଅନଶନ ୪ର୍ଥ ଦିନରେ

ଭାପୁର,୬।୧୨(ଡି.ଏନ.ଏ.)

ଭାପୁର ବ୍ଲକରେ ହେଉଥିବା ଦୁର୍ନୀତିର ତଦନ୍ତ ଓ ଏବିଡିଓଙ୍କ ବଦଳି ଦାବିରେ ଚାଲିଥିବା ଆମରଣ ଅନଶନ ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ଅନଶନରେ ୪୧ଜଣ ବିଜେଡିର ସକ୍ରିୟ କର୍ମୀଙ୍କ ସହ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ସାମିଲ ହୋଇଛନ୍ତି। ଏଥି ମଧ୍ୟରେ ୭୦ରୁ ଊର୍ଦ୍ଧ୍ୱ ବୟସର ୮ଜଣ ରାଜନେତା ସାମିଲ ହୋଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଇତିମଧ୍ୟରେ କେତେଜଣ ଡାକ୍ତରଖାନାରେ ଚିକିତ୍ସିତ ହୋଇ ପୁନର୍ବାର ଆସି ଆନ୍ଦୋଳନରେ ଯୋଗଦେଉଥିବାରୁ ଅନ୍ୟାୟ ବିରୋଧରେ ସେମାନଙ୍କ ମାନସିକତା ସମସ୍ତଙ୍କୁ ଚକିତ କରିଛି। ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଅସଦାଚରଣ କରି ନାବାଳିକାଙ୍କୁ ଅପହରଣ

ରଣପୁର,୬।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ଲୋଧାଚୁଆ ଅଞ୍ଚଳରେ ଜଣେ ୧୬ ବର୍ଷିୟା ନାବାଳିକା ୪ଦିନ ହେଲା ନିଖୋଜ ଅଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ବଜ୍ରକୋଟ ଅଞ୍ଚଳର ୩ଜଣ ଅସଦାଚରଣ ପରେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ୨୬୪/୧୯ରେ ମାମଲା ରୁଜୁ କରି ଶୁକ୍ରବାର ବଜ୍ରକୋଟ ଅଞ୍ଚଳର ଦିବ୍ୟାଙ୍ଗ ଶିକ୍ଷକ ପ୍ରକାଶ କୁମାର ମାନସିଂ, ଢ଼ାବା ମାଲିକ ପ୍ରକାଶ ରାଉତରାୟ, ବସନ୍ତ କୁମାର ମାନସିଂଙ୍କୁ ଅଟକ ରଖି ଚୁପ୍ ହୋଇ ବସି ରହିଛି। ସେପଟେ ନାବାଳିକା କେଉଁ ପରିସ୍ଥିତିରେ ଅଛନ୍ତି ସେ ନେଇ ପରିବାର ଲୋକେ ଆଶଙ୍କା ମଧ୍ୟରେ ରହିଛନ୍ତି। ପିଡିତାଙ୍କର ବାପାମା ଥାନାକୁ ଦୌଡି ଦୌଡି ନୟାନ୍ତ ହେଉଥିଲେ ମଧ ପୋଲିସ ସହଯୋଗ କରୁନଥିବା ଅଭିଯୋଗ ହେଉଛି। ହାଇଦ୍ରାବାଦ, ଉନ୍ନାଓ, ପୁରୀ ବଳାତ୍କାର ଘଟଣା ପରେ ଝିଅ ନିଖୋଜ ଘଟଣା ନେଇ ପୀଡିତାଙ୍କର ବାପା ଭୟଭୀତ ହୋଇ ପଡିଛନ୍ତି। ଘଟଣା ସମ୍ପର୍କରେ ରଣପୁର ଆଇଆଇସି ରଶ୍ମୀ ରଞ୍ଜନ ଦାଶଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିବାବେଳେ ସେ ଫୋନ ଉଠାଇ ନଥିଲେ। ନୟାଗଡ ଏସପି ଶଶି ଭୂଷଣ ଶତପଥୀଙ୍କୁ ପଚାରିବାରୁ ଆଇଆଇସି ଅଥବା ଏସଡିପିଓଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଶରଣକୁଳ ଏସଡିପିଓ ଏସ.ଟପୋଙ୍କୁ ପଚାରିବାରୁ ୨୬୪/୧୯ ରେ ମାମଲା ରୁଜୁ କରାଯାଇ ୩ଜଣଙ୍କୁ ଅଟକ ରଖାଯାଇଥିବା ସେ କହିଥିଲେ।



ଦୁଇ ଦଳର ଖେଳାଳିଙ୍କ ସହ ଅତିଥି।

# ପ୍ରଶାନ୍ତ ମେମୋରିଆଲ ଟି ୨୦: ଜଟଣୀ ସେମିରେ

ଭାପୁର,୬।୧୨(ଡି.ଏନ.ଏ.)

ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମର ପ୍ରଗତି କ୍ଲବ ଅନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମେମୋରିଆଲ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ୟ ଲିଗ୍‌ମ୍ୟାଚରେ ଜଟଣୀ ଦଳ ୭୩ରନରେ ଦଶପଲ୍ଲାକୁ ହରାଇ ସେମିରେ ପ୍ରବେଶ କରିଛି। ଟସ୍ ଜିତି ଦଶପଲ୍ଲା ଆରସିସି ଦଳ ଜଟଣୀକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା। ଜଟଣୀ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରିଥିଲା। ଜବାବରେ ଦଶପଲ୍ଲା ଦଳ ୨୦ ଓଭରରେ ୧୯୨ ରନ କରି ମ୍ୟାଚଟି ହାରିଯାଇଥିଲା। ବିଜୟୀ ଦଳର ଅଞ୍ଜନ ସିଂହ ୫୭ବଲରୁ ୧୦୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନ କରିଥିଲେ ପ୍ରଭାତ ରାଉତ ଓ ରତନ କୁମାର ସୁସୀଲ। ପ୍ରସନ୍ନ କୁମାର ଲେଙ୍କା ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ରଣପୁର ଓ ଭୁବନେଶ୍ୱରର ହାପି ହରିକେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


## ପୂର୍ବ ତଟ ରେଳପଥ
ରେଲୱେ ରିକ୍ରୁଟମେଣ୍ଟ୍ ସେଲ୍
ସାଙ୍କେତିକ ବିଜ୍ଞାପନ
ଆପ୍ରେଣ୍ଟିସ୍ ନିୟମ, 1961 ଅନୁଯାୟୀ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି
ଅଧିସୂଚନା ସଂ.ECoR/RRC/Act Appr/2019

ଜାରି ହେବା ତାରିଖ:07.12.2019 ଅନ୍‌ଲାଇନ୍ ଦରଖାସ୍ତ ନିମନ୍ତେ ବନ୍ଦ ହେବା ତାରିଖ: 06.01.2020

ପୂର୍ବ ତଟ ରେଳପଥରେ କାରଖାନା/ୟୁନିଟ୍‌ଗୁଡ଼ିକଠାରେ ନାମିତ ଟ୍ରେଡ୍‌ରେ ଆପ୍ରେଣ୍ଟିସ୍ ଆକ୍ଟ ୧୯୬୧ ଅନୁଯାୟୀ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି। ରେଳବାଇ ବୋର୍ଡ ଦ୍ୱାରା ଜାରି ପ୍ରଚଳିତ ନିୟମ ଏବଂ ନିର୍ଦ୍ଦେଶାନୁସାର ପ୍ରଶିକ୍ଷଣ ଅବଧି ଏବଂ ପ୍ରଦାନଯୋଗ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। www.rrcbbs.org.in ଅବଲୋକନ କରି ବିଧିବଦ୍ଧ ଭାବେ ତା.06.01.2020ରିଖ 2359 ଘଟିକା ପର୍ଯ୍ୟନ୍ତ କେବଳ ଅନ୍‌ଲାଇନ୍‌ରେ ଦାଖଲ କରାଯିବା ଆବଶ୍ୟକ।

ପ୍ରଶିକ୍ଷଣ ସ୍ଲଟ୍ ନିମ୍ନରେ ପ୍ରଦାନ କରାଗଲା :

| କ୍ରମ ସଂ. | ୟୁନିଟ୍ ଏବଂ ଟ୍ରେଡ୍ | ଖାଲି ସ୍ଥାନ |
|---|---|---|
| I. | ପୂର୍ବ ତଟ ରେଳପଥ ମୁଖ୍ୟାଳୟ : କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଙ୍ଗ୍ ଆସିଷ୍ଟାଣ୍ଟ | 10 |
| | ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର : ଫିଟର, ସିଟ୍ ମେଟାଲ ୱାର୍କର, ୱେଲ୍ଡର, ମେସିନିଷ୍ଟ, ମେକାନିକ (ଏମ୍.ଭି.), କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ୱାୟରମେନ୍ ଏବଂ ପେଣ୍ଟର। | 250 |
| II. | ଖୋର୍ଦ୍ଧା ରୋଡ଼ ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ମେସିନିଷ୍ଟ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡି/ମ୍ୟାନ୍ (ମେକ୍), ଡ୍ରାଫ୍ଟମ୍ୟାନ୍ (ସିଭିଲ),ଇଲେକ୍ଟ୍ରୋନିକ୍ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ। | 317 |
| III. | ୱାଲ୍ଟିୟର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ),ମେସିନିଷ୍ଟ, ବଢ଼େଇ, ଇଲେକ୍ଟ୍ରିସିଆନ୍, ରେଫ୍ରିଜେରେସନ ଏବଂ ଏସି ମେକ୍, ଡି/ମ୍ୟାନ୍ (ମେକ୍), ଡ୍ରାଫ୍ଟମ୍ୟାନ୍ (ସିଭିଲ), ଇଲେକ୍ଟ୍ରୋନିକ୍ସ ମେକ୍, ଟର୍ଣ୍ଣର, ୱାୟରମେନ୍, ପ୍ଲମ୍ବର ଏବଂ ମେସନ। | 553 |
| IV. | ସମ୍ବଲପୁର ମଣ୍ଡଳ : ଫିଟର, ୱେଲ୍ଡର (ଜି ଆଣ୍ଡ ଇ), ବଢ଼େଇ, ଇଲେକ୍ଟ୍ରିସିଆନ୍, ଡ୍ରାଫ୍ଟମ୍ୟାନ୍ (ସିଭିଲ), ଇଲେକ୍ଟ୍ରୋନିକ୍ ମେକ୍, ୱାୟରମେନ୍, ପ୍ଲମ୍ବର ଏବଂ ମେସନ। | 86 |
| | Total | 1216 |

ଦରଖାସ୍ତ ପଞ୍ଜୀକରଣ ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ଚୟନ ପ୍ରକ୍ରିୟା, ଦରଖାସ୍ତ ଶୁଳ୍କ,ମେଡିକାଲ ଫିଟ୍‌ନେସ୍ ଇତ୍ୟାଦି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ଅଧିସୂଚନା ନିମନ୍ତେ ରେଲୱେ ରିକ୍ରୁଟମେଣ୍ଟ ସେଲ(RRC), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ୱେବ୍‌ସାଇଟ୍ www.rrcbbs.org.in ଲଗ୍ ଅନ୍ କରନ୍ତୁ।

PR-566/K/19-20 ଅଧକ୍ଷ, ରେଲୱେ ରିକ୍ରୁଟମେଣ୍ଟ ସେଲ/ଭୁବନେଶ୍ୱର



## ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.eTender-optg-kur-05-2019

**କାର୍ଯ୍ୟର ନାମ:** ପ୍ରକାଶ୍ୟ ଟେଣ୍ଡର ଭିତ୍ତିରେ ପରିଚାଳନା ବିଭାଗର ପୁରୀ, ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର (ମୋଟ 03 ଗୋଟି ସ୍ଥାନ) ଠାରେ ତିନି ବର୍ଷ ସମୟାବଧି ନିମନ୍ତେ ଦୈନିକ ଭିତ୍ତିରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଡିଭିଜନାଲ କଶନ ଅର୍ଡର(DCO)ର କମ୍ପ୍ୟୁଟରୀକରଣ ଏବଂ ଫଟୋକପି (Xerox) ନିମନ୍ତେ ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 21,82,554/-, EMD (ଟଙ୍କାରେ): 43,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.12.2019 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.12.2019 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-567/K/19-20



## पंजाब नैशनल बैंक ...भरोसे का प्रतीक ! ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !
ଆର୍‌ପିଆର୍‌ସି ଶାଖା, ଏକାମ୍ର କାନନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ, ଆର୍‌ପିଆର୍‌ସି ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ମାଧମରେ ସେମାନଙ୍କର ବକେୟା ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ଯାଏ ସେବାବଦ ଖର୍ଚ୍ଚ ଓ ଦେୟ ନୋଟିସ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ସେମାନଙ୍କର ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ** ନିକଟରେ ନିମ୍ନ ଦର୍ଶିତ ଦେୟ ସହିତ ସମ୍ପୂର୍ଣ୍ଣ ପରିଶୋଧ ପର୍ଯ୍ୟନ୍ତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

| କ୍ର. ନଂ | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍‌ର ତାରିଖ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଶ୍ୟାମ ପ୍ଲାଏ, ସ୍ୱତ୍ୱାଧିକାରୀ: ଶ୍ରୀ ସମୀର କୁମାର ସାମନ୍ତରାୟ, ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, ଠିକଣା-୧: ପ୍ଲଟ୍ ନଂ.: ଏନ୍/୪-୨୪୨, ଗଜାନନ କମ୍ପ୍ଲେକ୍ସ, ଇନ୍ଦ୍ରଧନୁ ମାର୍କେଟ, ନୟାପଲ୍ଲୀ, ଭୁବନେଶ୍ୱର-୭୫୪୦୧୫, ଠିକଣା-୨: ପ୍ଲଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁବାଷ ସାମନ୍ତରାୟ, ପିତା: ଶ୍ରୀ ଚନ୍ଦ୍ରମଣୀ ସାମନ୍ତରାୟ, ୨) ଶ୍ରୀମତୀ ସୁଚିସ୍ମିତା ସାମନ୍ତରାୟ, ସ୍ୱାମୀ: ଶ୍ରୀ ସୁବାଷ ସାମନ୍ତରାୟ, ଉଭୟଙ୍କ ଠିକଣା-୧: ସା.: କୋରକରା, ପୋ.: ବ୍ରହ୍ମାଣ୍ଡ, ଭାୟା: ଗୋବିନ୍ଦପୁର, ଜିଲ୍ଲା: କଟକ, ପିନ୍-୭୫୪୦୦୩, ଠିକଣା-୨: ପ୍ଲଟ୍ ନଂ.: ଏ/୩୯, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଠିକଣା-୩: ପ୍ଲଟ୍ ନଂ.: ଏମ୍‌ଆଇଜି-୬୦, କପିଳ ପ୍ରସାଦ, ଫେଜ୍-୨, ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୨, ଠିକଣା-୪: ପ୍ଲଟ୍ ନଂ.: ୧୬୦୨, ଚିନ୍ତାମଣୀଶ୍ୱର, ପୋ.: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ୦୧.୦୩.୨୦୧୯ / ୦୩.୧୨.୨୦୧୯ | ୦୧.୦୩.୨୦୧୯ ସୁଦ୍ଧା ଟ.୫୨,୮୩,୭୨୨/- ସେବାବଦ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀମତୀ ସୁଚିସ୍ମିତା ମହାନ୍ତି (ସାମନ୍ତରାୟ)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବଡଗଡ, ଥାନା: ବଡଗଡ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୨୩୦୨, ପ୍ଲଟ୍ ନଂ.: ୧୪୬୪/ ୭୭୯୧, କ୍ଷେତ୍ର: ଏକର୦.୦୫୪ ଡିସିମିଲି |

ତାରିଖ: ୦୬.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ୍ ବ୍ୟାଙ୍କ



DADLS-64




On the occasion of Armed Forces Flag Day-2019, I extend my warm felicitations and good wishes to all ranks of the Armed Forces as well as our Ex-servicemen and their families.

Our Armed Forces have exhibited exemplary courage and patriotism in preserving the sovereignty and territorial integrity of the country. The Armed Forces personnel not only resolutely defend the nation's borders but also render valuable service during national calamities and combating the internal insurgencies. Armed Forces Flag Day is an occasion to remember with gratitude the sacrifices made by our gallant soldiers and to pay tribute to their courage and dedication in serving our great nation. It provides us an opportunity to express solidarity and support through generous contribution to the Armed Forces Flag Day Fund so that rehabilitation and welfare of Ex-servicemen and their families could be undertaken in a big way.

I appeal to all the citizens to come forward and contribute spontaneously to the Armed Forces Flag Day Fund.

Jai Hind !

(Prof. Ganeshi Lal)
Governor, Odisha




The 'Armed Forces Flag Day' on 7th December provides an opportunity to all the citizens of India to reaffirm our gratitude and appreciation towards the men in uniform for their valiant services and supreme sacrifices and pledge our sincerity in taking care of those who are left behind.

The contributions would help in wiping out tears and show our solidarity with them. On this occasion, I appeal to all citizens of Odisha to donate generously to the 'Armed Forces Flag Day'as a mark of our regards and respect for their unflinching loyalty and unstinting service to the Nation and make the Armed Forces Flag Day 2019 a great success.

(Naveen Patnaik)
Chief Minister, Odisha

27008/13/0002/1920

## ସଂକ୍ଷେପରେ

### ଉତ୍ତମ ବ୍ୟବହାର, ସେବା ମନୋଭାବ ରଖ

**ପୁରୀ ଅଫିସ, ୬।୧୨:** ଗୃହରକ୍ଷୀ ହେଉଛନ୍ତି ଓଡ଼ିଶା ପୋଲିସର ଅବିଚ୍ଛେଦ୍ୟ ଅଙ୍ଗ। ପୁରୀରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ରଥଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଗୃହରକ୍ଷୀଙ୍କ କାର୍ଯ୍ୟ ପ୍ରଶଂସନୀୟ। ଉତ୍ତମ ବ୍ୟବହାର ଏବଂ ସେବା ମନୋଭାବ ନେଇ କାର୍ଯ୍ୟକରି ଜନତାଙ୍କ ପ୍ରଶଂସାଭାଜନ ହେବା ଲାଗି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଶୁକ୍ରବାର ଜିଲା ପୋଲିସ ରିଜର୍ଭ ପଡ଼ିଆରେ ୫୭ତମ ଗୃହରକ୍ଷୀ ଦିବସ ପାଳନ ହୋଇଥିଲା। ଏହି ଅବସରରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ସେବାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଗୃହରକ୍ଷୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି(ହେଡ୍‌କ୍ୱାର୍ଟର୍ସ) ପି.କେ. ସ୍ୱାଇଁ, ଏଏସ୍‌ପି(ଆଇନଶୃଙ୍ଖଳା)ଅରୁଣ କୁମାର ଜେନା, ସିଟି ଡିଏସ୍‌ପି କ୍ଷୀରସାଗର ମଲ୍ଲିକ, ସଦର ଡିଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି ଉମାଶଙ୍କର ମଲ୍ଲିକଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସେବାନିବୃତ ସେନା ଓ ପୋଲିସ ଅଧିକାରୀ ଯୋଗଦେଇଥିଲେ।

### କୃଷକ ମଞ୍ଚର ବିଶାଳ ଶୋଭାଯାତ୍ରା

**ପୁରୀ ଅଫିସ, ୬।୧୨:** ଅଖିଳ ଭାରତ କୃଷକ ସଂଘ ସମନ୍ୱୟ ସମିତି ନେତୃତ୍ୱରେ ଅଖିଳ ଭାରତ କୃଷକ ସଭା, ଓଡ଼ିଶା କୃଷକ ସଭା, କୃଷକ ମହାସଭା, ନଡ଼ିଆ ଚାଷୀ ସଂଘ, ଚାଷୀ ମୂଲିଆ ସଂଘ ଓ ପରିବେଶ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ବିଶାଳ କୃଷକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମୀ ପୁରୀ ରେଳ ଷ୍ଟେଶନଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫନୀ ବାତ୍ୟାରେ ଜିଲାର ଦଳିତ, ଭୂମିହୀନ ଓ ବିପିଏଲ ପରିବାର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଧିକାଂଶ ଚାଷୀଙ୍କ ଚାଷଜମି ଓ ଫସଲ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୦ହଜାର ଟଙ୍କା ଲେଖାଏ ଓ ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା ବାବଦକୁ ଏକଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ଦାବି କରିଛନ୍ତି। ସିଟି ସମ୍ପାଦକ ଜଗନ୍ନାଥ ଦେଓ, ଅଶୋକ ପ୍ରଧାନ, ତପନ ଉପାଧ୍ୟାୟ, ମୋହନ ନାଇଡୁ, ଜନ୍ମେଶ୍ୱର ସାମନ୍ତରା, ଯୁଧିଷ୍ଠିର ମହାପାତ୍ର, ଜିତେନ୍ଦ୍ରୀୟ ବେହେରା, କିଷାନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ୫୭ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୬।୧୨:** ଜୟୀ ରାଜଗୁରୁ ୟୁଥ୍ କ୍ଲବ ଓ ସମର୍ପଣ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବୀରହରେକୃଷ୍ଣପୁରସ୍ଥିତ ଗଦାଧର ପାଠାଗାର ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଡିଏମ୍ ପ୍ରଦୀପ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଶକ୍ତିପ୍ରସାଦ ମିଶ୍ର, ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏଫ୍‌ଓ ଦୁର୍ଗାମାଧବ ପାଣିଗ୍ରାହୀ, ରକ୍ତଭଣ୍ଡାର ଅଧିକାରୀ ଡା. ଦୀପକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟଜିତ୍ ତ୍ରିପାଠୀ, ଅଜୟ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ରଶ୍ମିତା ସାହୁ, ଓମ୍‌ପ୍ରସାଦ ମହାନ୍ତି, ସତ୍ୟ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ। ପୁରୀ ରକ୍ତଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲା।

### ଦମ୍ପତିଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ପୁରୀ ଅଫିସ, ୬।୧୨:** ଆନ୍ତଃଜାତି ବିବାହ କରିଥିବା ଦମ୍ପତିମାନଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୋଟ ୪୪ ଦମ୍ପତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆନ୍ତଃଜାତି ବିବାହକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ଅବସରରେ ସମ୍ପୃକ୍ତ ଦମ୍ପତିମାନେ ଖୁସିବ୍ୟକ୍ତ କରିବା ସହ ଜିଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗାଁ ରାସ୍ତା ମରାମତି କଲେ କୁନି ପିଲା

**ଗଣିଆ,୬।୧୨(ଡି.ଏନ.ଏ.)**

ଗମନାଗମନର ସୁବିଧା ହେଲେ ବିକାଶର ବାଟ ଖୋଲେ ବୋଲି କୁହାଯାଏ । ରାସ୍ତା ନିର୍ମାଣ ପାଇଁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ନୟାଗଡ ଜିଲା ଗଣିଆ ବ୍ଲକରେ ଏବେବି ଅନେକ ଗାଁ ରାସ୍ତା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି । ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମସ୍କାଖୋଲା ଗାଁର କେତେକ କୁନି ପିଲା ଗାଁ ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଛନ୍ତି । ବିଦ୍ୟାଳୟ ଛୁଟି ସମୟରେ ଏହି ପିଲାମାନେ ହାତରେ କୋଡିକୋଦାଳ ଧରି ରାସ୍ତାରେ ମାଟି ପକାଇ ସମତୁଲ କରିଛନ୍ତି । ରାସ୍ତାକୁ ମଧ୍ୟ ସଫା କରିଛନ୍ତି ।

ପିଲାଙ୍କ କହିବା ଅନୁଯାୟୀ ସେମାନେ ବିଦ୍ୟାଳୟକୁ ଯିବାଆସିବା କରିବା ବେଳେ



ପିଲାମାନେ ରାସ୍ତା ମରାମତି କରୁଛନ୍ତି ।

ଏବଂ ସନ୍ଧ୍ୟାରେ ଟିୟୁସନ ଯିବା ବେଳେ ଅଣଓସାରିଆ ଖାଲଖମା ରାସ୍ତାରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେଣୁ ସେମାନଙ୍କର ସୁବିଧା ପାଇଁ ପିଲାମାନେ ଏକାଠି ହୋଇ ରାସ୍ତା ମରାମତି କରୁଥିବା କହିଛନ୍ତି । ପିଲାମାନଙ୍କର ଏଭଳି ମହତ୍ କାର୍ଯ୍ୟକୁ ଦେଖି ମଧୁବାବୁଙ୍କ ଜିବନାଦର୍ଶକୁ ନେଇ 'ତୁମ ପରି ଛୋଟ ପିଲାଟିଏ' କବିତା କଥା ଲୋକେ ମନେ ପକାଉଛନ୍ତି । ପ୍ରକାଶ ଥାଉକି, ଈଶ୍ୱରପୁର ଗ୍ରାମ ମୁଖ୍ୟ ରାସ୍ତାଠାରୁ ମସ୍କାଖୋଲା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଟି ବହୁଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ପରେ ମଧ୍ୟ ଏହି ରାସ୍ତା ପ୍ରତି ପ୍ରଶାସନିକ ଦୃଷ୍ଟି ପଡିନାହିଁ । ଉକ୍ତ ରାସ୍ତା ଆଉ ୧୫୦ମିଟର କଂକ୍ରିଟ କରାଗଲେ ଏଭଳି ପରିସ୍ଥିତିର ସମାଧାନ ହୋଇପାରନ୍ତା ବୋଲି ଗ୍ରାମର ବୃନ୍ଦାବନ ନାୟକଙ୍କ ସମେତ ଗ୍ରାମବାସୀ କୁହନ୍ତି । ତେବେ ଗାଁର ଏଭଳି ସମସ୍ୟା ସମାଧାନ ଦିଗରେ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକପ୍ରତିନିଧିମାନେ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଖଣ୍ଡପଡା, ୬।୧୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର-୨୦୧୯ ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବିଡିଓ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ବିଏସ ରାଓ, ଡ. ଶତ୍ରୁଘ୍ନ ନାୟକ, ଚକ୍ଷୁ ରୋଗ ବିଶେଷଜ୍ଞ ଡ.ପିପି ସାହୁ, ନାସା, ଗଳା ଓ କର୍ଣ୍ଣ ବିଶେଷଜ୍ଞ ଡ. ପୀତବାସ ନାୟକ ପ୍ରମଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରିଥିଲେ । ଆୟୋଜିତ ଶିବିରରେ ମସ୍ତିଷ୍କ ବିକୃତ ବର୍ଗର ୫୨ ଜଣ, ଦୃଷ୍ଟିଶକ୍ତି ହୀନ ବର୍ଗର ୬୨ ଜଣ, ଶାରୀରିକ ବିକଳାଙ୍କ ବର୍ଗର ୧୭୨ ଜଣ ଓ ଶ୍ରବଣ ଶକ୍ତି ହରାଇଥିବା ୮୮ ଜଣ ବ୍ୟକ୍ତିଙ୍କର ନାମ ପଞ୍ଜିକରଣ କରାଯାଇଥିଲା । ତେବେ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର ପ୍ରସାର ଅଭାବରୁ ପଞ୍ଚାୟତ ସ୍ତରରୁ ବହୁ ଦିବ୍ୟାଙ୍ଗ ଶିବିରକୁ ଆସିପାରି ନଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ସହରାଞ୍ଚଳ ସମେତ ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ବିଭିନ୍ନ ବର୍ଗର ଭିନ୍ନକ୍ଷମମାନେ ଶିବିରରେ ଉପସ୍ଥିତ ରହି ଅଭିଜ୍ଞ ଡ଼ାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନାମ ପଞ୍ଜିକରଣ କରିଥିଲେ । ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ୬ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ବିଡିଓ ନାୟକଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିବା ବେଳେ ଖଣ୍ଡପଡା ପଠାଣି ସାମନ୍ତ ଦିବ୍ୟାଙ୍ଗ ସଂଘର ସଭାପତି ନୀଳମଣି ମହାନ୍ତିଙ୍କ ନେତୃତ୍ୱରେ ସଂଘର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ଶିବିର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

# ଶେଷହେଲା ଶ୍ରୀ ରଘୁନାଥଜୀଉଙ୍କ ଯଜ୍ଞ



ପ୍ରବଚନ ଶୁଣୁଛନ୍ତି ଶ୍ରଦ୍ଧାଳୁ।

**ରଣପୁର, ୬।୧୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଏନଏସି ଅନ୍ତର୍ଗତ ହରଚଣ୍ଡୀ ସାହିସ୍ଥିତ ଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ଅନୁଷ୍ଠିତ ହୋଇଥିବା ଯଜ୍ଞ ରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ଦିଆଯାଇ ଉଦ୍‌ଯାପିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଆଳତୀ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ପୁରୀ ମନ୍ଦାରବସ୍ତର ଅମୂଲ୍ୟରତ୍ନ ତ୍ରିପାଠୀ ବ୍ୟାସ ରୂପେ ଯୋଗ ଦେଇ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଥିଲେ । ଜଗତର ନାଥ ଜଗନ୍ନାଥଙ୍କ ଦଶ ବେଶ ଓ ପଞ୍ଚ ମୁଖୀ ହନୁମାନଙ୍କ ପ୍ରକଳ୍ପକୁ ଦେଖିବା ପାଇଁ ଶେଷ ଦିନ ପ୍ରାୟ ହଜାରରୁ ଅଧିକ ଭକ୍ତଙ୍କ ଭିଡ ଲାଗି ରହିଥିଲା । ସନ୍ଧ୍ୟାରେ ନୟାଗଡର ପଣ୍ଡିତ ଗୋପାଳ ଚନ୍ଦ୍ର ରାଜଗୁରୁ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ଯୋଗ ଦେଇ ଶ୍ରୀ ରାମଙ୍କ ଗୁଣ ଗାନ କରିଥିଲେ । ଏହି ପ୍ରବଚନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏହାପରେ ବ୍ୟାସ ପୂଜନ କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟ ପ୍ରସ୍ତୁତ କରିଥିବା ସମସ୍ତ ଶିଳ୍ପୀ ଓ ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିଥିବା ସହଯୋଗକାରୀଙ୍କୁ ମନ୍ଦିର କମିଟି ତରଫରୁ ସମ୍ମାନୀତ କରାଯାଇଥିଲା । ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି ଯଜ୍ଞ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସମାଜର ହିତ ପାଇଁ ସାହିତ୍ୟର ସୃଷ୍ଟି

**ପୁରୀ ଅଫିସ, ୬।୧୨**

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଐଶ୍ୱରୀୟ ପତ୍ରିକା ବିଶ୍ୱନୟନର ପ୍ରଥମ ଶୁଭ ଲୋକାର୍ପଣ ଉତ୍ସବ ଏବଂ ରାଜ୍ୟସ୍ତରୀୟ କବି ଲେଖକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଯୋଗଦେଇଥିଲେ। ସମାଜର ହିତ ପାଇଁ ସାହିତ୍ୟର ସୃଷ୍ଟି। ସାହିତ୍ୟ ରୁଦ୍ଧିମନ୍ତ ହେଲେ ସମାଜରେ ବୈପ୍ଲବିକ ପରିବର୍ତ୍ତନ ଆସିବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ ଯୋଗଦେଇ କହିଥିଲେ ଆଧ୍ୟାତ୍ମିକତା ହିଁ ଶ୍ରେଷ୍ଠ ସାହିତ୍ୟ। ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଶକୁନ୍ତଳା ବଳିୟାରସିଂ ସାହିତ୍ୟରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ସାମାଜିକ କର୍ମୀ ତନୁଜା ରଥ, ଅଧ୍ୟାପକ ଡ. ବଳରାମ ଦାଶ, ଗୀତିକବି ବିପିନ ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟରେ ଆଧ୍ୟାତ୍ମିକତାର ଆବଶ୍ୟକତା ରହିଛି ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଶ୍ୱନୟନ ପତ୍ରିକାର ପ୍ରଥମ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଜଗନ୍ନାଥ ମନ୍ଦିର ନିମନ୍ତେ ରତ୍ନମୁଦ ଓ ଦାରୁ ବରଣୀ ଉତ୍ସବ

**ଦଶପଲ୍ଲା, ୬।୧୨(ଡି.ଏନ.ଏ.)**

ଦଶପଲ୍ଲା ଏନ୍‌ଏସିର ସାତପାଟଣାଠାରେ ଜଗନ୍ନାଥ ମନ୍ଦିର ନିମନ୍ତେ ଶୁକ୍ରବାର ରତ୍ନମୁଦ ଓ ଦାରୁବରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରତ୍ନମୁଦ ନିମନ୍ତେ ସାତପାଟଣାଠାରେ ଚିହ୍ନଟ ହୋଇଥିବା ସ୍ଥାନରେ ଦିନତମାମ ହୋମ ଚାଲୁ ରହିଥିଲା। ସେହିପରି ଦାରୁ ବରଣୀ ପାଇଁ ଶତାଧିକ ଭକ୍ତ ଶୋଭାଯାତ୍ରାରେ ଗୋହରିଆପଡ଼ା ଗ୍ରାମକୁ ଯାଇଥିଲେ। ସେଠାରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହ ନିମନ୍ତେ ଦାରୁ ବରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଖୋଳ ଓ କୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥିଲା। ସେହିପରି ଜଗନ୍ନାଥଙ୍କ ବିଗ୍ରହ ନିମନ୍ତେ ଗୋବର୍ଦ୍ଧନପୁର ଗ୍ରାମରେ ଦାରୁ ବରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶତାଧିକ ଭକ୍ତ କୀର୍ତ୍ତନ କରି ଉତ୍ସବରେ ସାମିଲ ହୋଇଥିଲେ। ହୋମରେ କର୍ତ୍ତା ରୂପେ ପ୍ରଫୁଲ୍ଲ କୁମାର ସାହୁ ଓ ତାଙ୍କ



ସଂକୀର୍ତ୍ତନ କରାଯାଇ ଦାରୁ ବରଣୀ କରାଯାଉଛି।

ସ୍ତ୍ରୀ ଏବଂ ବରଣୀ ଉତ୍ସବରେ ମୁଖ୍ୟ କର୍ତ୍ତା ରୂପେ ସଜନ କୁମାର ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ସଜନ କୁମାର ରାୟ, ବିଜୟ କୁମାର ଅଗ୍ରୱାଲ ଓ ପ୍ରାଣକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

# ଅନଗ୍ରସର ପିଲାଙ୍କ ପାଇଁ ନୂତନ ଆବାସିକ ଥଇଥାନ କେନ୍ଦ୍ର

**ପୁରୀ ଅଫିସ, ୬।୧୨**

ସ୍ଥାନୀୟ ସର୍କିଟ ହାଉସରେ ଶୁକ୍ରବାର ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ସୁରକ୍ଷା ପାଇଁ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଏବଂ କିଶୋର ନ୍ୟାୟ ଅଧିନିୟମ ଅନ୍ତର୍ଗତ ସମସ୍ତ ସୁବିଧା ଏବଂ ସୁରକ୍ଷା ନିୟମାବଳୀ ଉପରେ ଆଲୋଚନା ହୋଇଥିଲା। ଜିଲାର ସବୁ ବ୍ଲକ ଅନ୍ତର୍ଗତ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପିତୃମାତୃହୀନ ଶିଶୁ ଏବଂ ଏକକ ପରିବାର ସଦସ୍ୟ ଥିବା ଶିଶୁଙ୍କ ଆକଳନ କରାଯାଇଛି। ଏମାନଙ୍କ ଯତ୍ନ, ସୁରକ୍ଷା ତଥା ସାବାଳକ ହେବା ପର୍ଯ୍ୟନ୍ତ ଶିକ୍ଷା ଏବଂ ବୈଷୟିକ ତାଲିମ ପ୍ରଦାନ ମାଧ୍ୟମରେ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସୁଦୃଢ ଖସଡ଼ା ପ୍ରସ୍ତୁତି ଲାଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯତ୍ନବାନ ହେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ବିଭିନ୍ନ ଯାନିଯାତ୍ରା ସମୟରେ ବିପଦସଂକୁଳ କର୍ମକ୍ଷେତ୍ରରେ ନିୟୋଜିତ ଥିବା ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ଉଦ୍ଧାର କରିବା ସହିତ ମାନସିକ ଅନଗ୍ରସର ପିଲାଙ୍କୁ ଥଇଥାନ ପାଇଁ ଏକ ନୂତନ ଆବାସିକ ଥଇଥାନ କେନ୍ଦ୍ର ଖୋଲାଯିବାକୁ ଆଲୋଚନା ହୋଇଛି। ଅବହେଳିତ ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବ ଲାଗି ଶିଶୁ ସୁରକ୍ଷା କମିଟି ସଦସ୍ୟାସଦସ୍ୟଙ୍କ ତାଲିମକୁ ତ୍ୱରାନ୍ୱିତ କରିବା ଲାଗି ପରାମର୍ଶ ଦିଆଯାଇଥିଲା।

ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲା କିଶୋର ନ୍ୟାୟ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ସମେତ ୧୧ ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀମନ୍ଦିର ସୁରକ୍ଷା ଜୋନ

# ଘରୋଇ ପ୍ଲଟରୁ ବାସଗୃହ ଉଚ୍ଛେଦ ଆରମ୍ଭ

**ପୁରୀ ଅଫିସ, ୬।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜୋର ଧରିଲା ଉଚ୍ଛେଦ ଅଭିଯାନ। ପ୍ରଥମ କରି ଘରୋଇ ପ୍ଲଟରୁ ବାସଗୃହ ଉଚ୍ଛେଦ କରାଯାଇଛି। ସୁରକ୍ଷା ଜୋନରୁ ଯଦିଓ ଗତ ବୁଧବାର ବିଧିବଦ୍ଧ ଭାବେ ଉଚ୍ଛେଦ ଆରମ୍ଭ ହୋଇଥିଲା କିନ୍ତୁ ତାହା ଥିଲା ସରକରୀ ପ୍ଲଟ। ହେଲେ ଶୁକ୍ରବାର ମଣିକର୍ଣ୍ଣିକାସାହି ମୌଜାର ୨ଟି ଘର ଭଙ୍ଗାଯାଇଛି। ଅନ୍ୟପକ୍ଷରେ ସରକାରଙ୍କୁ ଜମି ବିକ୍ରି କରିସାରିଥିବା ପରିବାର ମଧ୍ୟରୁ ପ୍ରାୟ ୧୦ଟି ପରିବାର ଘର ଖାଲି କରିସାରିଛନ୍ତି। ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ମେଘନାଦ ପାଚେରୀଠାରୁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଦୋଳବେଦି କୋଣସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯିବା ପରେ ଉଚ୍ଛେଦକାରୀ ଟିମ୍ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ବରାହୀ ଲେନ୍‌କୁ ଯାଇଥିଲେ। ପୂର୍ବରୁ ଏହି ଲେନ୍‌ର ୪ଟି ପରିବାର ସେମାନଙ୍କ ଘରର ଆସବାବପତ୍ର ଖାଲି କରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୧ଟା ସୁଦ୍ଧା ଘରଗୁଡ଼ିକ ଖାଲି ହେବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ପ୍ଲାଟୁନ ଫୋର୍ସ, ୨ଜଣ ମାଜିଷ୍ଟ୍ରେଟଙ୍କ ସହ ଉପଜିଲାପାଳ ଭବତାରଣ ସାହୁ ଏବଂ ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଥିଲା। ଅଣଓସାରିଆ ରାସ୍ତା ଏବଂ ଅନ୍ୟ ତିନିପାର୍ଶ୍ୱରେ ଘର ଥିବାରୁ ଭଙ୍ଗା କାର୍ଯ୍ୟରେ ନିୟୋଜିତ ଜେସିବି ଚାଳକଙ୍କୁ ବେଶ୍ ନାକେଦମ୍ ହେବାକୁ ପଡିଥିଲା। ଭଙ୍ଗାଯାଇଥିବା ଘର ଦ୍ୱୟର ସମ୍ମୁଖ ଭାଗ ବି କମ୍ ଓସାର ଥିଲା। ତେବେ ସନ୍ଧ୍ୟା ପୂର୍ବରୁ ଗୋଟିଏ ୨ ମହଲା ବିଶିଷ୍ଟ ଏବଂ ଅନ୍ୟଟି ଏକ ମହଲା ବିଶିଷ୍ଟ ଘର ଭଙ୍ଗାଯାଇ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଶନିବାର ପୁନଶ୍ଚ ଖାଲି ହୋଇଥିବା ବାସଗୃହ ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତ୍ୟକ୍ଷ ଜମିକିଣା ସମୟ ଅବଧି ଆଉ ମାତ୍ର ୩ ଦିନ ରହିଲା। ବର୍ତ୍ତମାନ ସୁଦ୍ଧା ପାଖାପାଖି ୮୫ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଛି। ତେବେ ୯ ତାରିଖ ମଧ୍ୟରେ ସବୁ ଘରୋଇ ଜମିର କବଲା ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି।



ଜେସିବି ଦ୍ୱାରା ଗୃହ ଉଚ୍ଛେଦ କରାଯାଉଛି।

# ରାଜମିସ୍ତ୍ରିଙ୍କ ପରଲୋକ

**ଖଣ୍ଡପଡା, ୬।୧୨(ସ୍ୱ.ପ୍ର.)**

ଖଣ୍ଡପଡା ସହର ୨ନଂ ୱାର୍ଡ ତଳସାହିର ବର୍ଷିୟାନ ବ୍ୟକ୍ତି ତଥା ରାଜମିସ୍ତ୍ରି ପ୍ରଫୁଲ୍ଲ କୁମାର ରାଉତ(୮୬)ଙ୍କର ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଦୀର୍ଘମାସ ଧରି ସେ ଅସୁସ୍ଥଥିଲେ । ତାଙ୍କ ବିୟୋଗରେ ଖଣ୍ଡପଡା ନିର୍ମାଣ ଶ୍ରମିକ ସଂଘର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି । ସେ ଜଣେ ପରୋପକାରୀ, ମେଳାପୀ ଓ କର୍ମନିଷ୍ଠ ବ୍ୟକ୍ତି ଥିଲେ ।

### ରାଧାମୋହନ ଜୀଉ ମଠ ବଗିଚାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ମସୁଧା

# ଗଛ କାଟିବାବେଳେ ଗ୍ରାମବାସୀଙ୍କ ବିରୋଧ

**ଖଣ୍ଡପଡା,୬।୧୨ (ସ୍ୱ.ପ୍ର)**

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ପାହାଡ ତଳ ଦକ୍ଷିଣ ପାର୍ଶ୍ୱ ପାହଚକୁ ଲାଗି ରହିଛି ଶ୍ରୀରାଧାମୋହନ ଜୀଉଙ୍କ ମନ୍ଦିର। ଏହାର ପଛ ପାର୍ଶ୍ୱରେ ରହିଛି ରାଧାମୋହନ ଜୀଉଙ୍କ ମଠ । କେଉଁ ଆବାହମାନ କାଳରୁ ଏହି ବଗିଚାରେ ଠାକୁରଙ୍କ କେତେକ ପାରମ୍ପରିକ ନୀତି ସମ୍ପନ୍ନ ହୋଇଥାଏ । ରାଧାମୋହନ ଜୀଉ ମଠର ପୂଜକ ସ୍ୱର୍ଗତ ପଦ୍ମନାଭ ଦାଶ ଉକ୍ତ ବଗିଚାରେ ୫୦ରୁ ଉର୍ଦ୍ଧ୍ୱ ନଡିଆ ଗଛ ଲଗାଇଥିଲେ । ସଂପ୍ରତି ଖୋଲାମେଲା ଅବସ୍ଥାରେ ଏହି ବଗିଚା ପଡି ରହିଥିବାରୁ ଗାଈ ଗୋରୁଙ୍କ ଅବାଧ ପ୍ରବେଶ ହେଉଛି । ଅପରପକ୍ଷେ ଉକ୍ତ ବଗିଚା ମଧ୍ୟରେ ଥିବା ଏକ କୂଅର ଜଳକୁ ଶ୍ରୀ ନୀଳମାଧବ ଜୀଉ ଓ ରାଧାମୋହନ ଜୀଉ ମଠ ମନ୍ଦିର ରୋଶ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଶ୍ରୀ ଜୀଉଙ୍କ ଅଁଳା ନବମୀ ସହ ଅନ୍ୟାନ୍ୟ ପର୍ବ ଏହି ବଗିଚା ମଧ୍ୟରେ ସମ୍ପନ୍ନ କରାଯାଇଥାଏ । ଏବେ ବଗିଚା ପାଖକୁ ଲାଗିଥିବା ବାଳିକା ପ୍ରାଥମିକ ବିଦ୍ୟାଳୟ ନାମରେ ରେକର୍ଡ



ରାଧାମୋହନ ଜୀଉ ମଠର ପ୍ରବେଶ ପଥ।

ଥିବା ଦର୍ଶାଯାଇ ଏହି ବଗିଚା ମଧ୍ୟରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଏଠାରେ ଥିବା ମୂଲ୍ୟବାନ ନଡିଆ ଗଛଗୁଡିକୁ କାଟାଯିବାର ଯୋଜନା ରହିଛି । ଏହି କ୍ରମରେ ଶୁକ୍ରବାର ପୂର୍ବାହ୍ନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀଙ୍କ ଦ୍ୱାରା ନଡିଆଗଛ କଟାଯାଉଥିବା ବେଳେ ସ୍ଥାନୀୟ ହାଟମୁଣ୍ଡ ପାଟଣା ଓ ସ୍ଥାନୀୟ ମଝିସାହିପାଟଣା ଗ୍ରାମବାସୀଙ୍କ ସମେତ ଅନେକ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଗଛ କଟା ବନ୍ଦ କରି ଦିଆଯିବା ସହ ମଠ ବଗିଚାରେ ଅଙ୍ଗନୱାଡି କେନ୍ଦ୍ର ନକରିବା ପାଇଁ ଖଣ୍ଡପଡା ତହସିଲଦାର ଓ ବିଡିଓଙ୍କୁ ଜଣାଇ ଦିଆଯାଇଛି। ଉକ୍ତ ବଗିଚାଟି ଶ୍ରୀରାଧାମୋହନ ଜୀଉଙ୍କ ମଠର ଦଖଲରେ ଦୀର୍ଘ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିଲେ ମଧ୍ୟ କାହା ପ୍ରରୋଚନାରେ ମଠ ସମ୍ପତ୍ତିକୁ ଅନ୍ୟକୁ ହସ୍ତାନ୍ତର କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ କଣ୍ଟିଲୋ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କ ସହ ଯୋଗାଯୋଗ କରିବାରେ ସାବକ ରେକର୍ଡରେ ଉକ୍ତ ବଗିଚାଟି ରାଧାମୋହନ ମଠ ଅଧୀନରେ ରହିଥିବା ବେଳେ ତହସିଲ କାର୍ଯ୍ୟାଳୟରୁ ରେକର୍ଡ ଦେଖିବା ପରେ ଉକ୍ତ ଜାଗା କାହା ନାମରେ ରହିଛି ଜଣା ପଡିବ । ତେବେ ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରେ ବିଦ୍ୟାଳୟ ପଛରେ ଥିବା ବଗିଚାଟି ସ୍କୁଲ ନାମରେ ରେକର୍ଡ ରହିଛି । ଯଦିଓ ଏଠାରେ କରିବାରେ କିଛି ପ୍ରତିକ୍ରୀୟା ସୃଷ୍ଟି ହେଉଛି ତେବେ ଯଦି ଅନ୍ୟ କେଉଁଠି ଆବଶ୍ୟକ ଜାଗା ମିଳେ ସେଠାରେ ଏହି ଅଙ୍ଗନୱାଡି କେନ୍ଦ୍ର କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ତହସିଲଦାର ପାର୍ଥ ସାରଥି ହାସଁଦାଙ୍କ ସହ ଯୋଗାଯୋଗ କରିବାରେ ସେ ବିଡିଓଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ସମୁହ ସ୍ୱାର୍ଥ ଦୃଷ୍ଟିରୁ ଜନସାଧାରଣଙ୍କ ସହମତି କ୍ରମେ ଯଦି ସେହି ପାଖାପାଖି କେଉଁଠି ଆବଶ୍ୟକ ଜାଗା ଥିବ ତେବେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସୂଚନା ଦେଇଥିଲେ।